# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏବେ ରାଜ୍ୟରେ ପ୍ରଚଣ୍ଡ ଖରା ଜାରି ରହିଥିବା ବେଳେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ବଲାଙ୍ଗିରରେ ୪୩.୭ ଡିଗ୍ରୀ ରେକର୍ଡ ହୋଇଛି । ଏହା ସହିତ ସୋନପୁରରେ ମଧ୍ୟ ୪୩ ଡିଗ୍ରୀ ରେକର୍ଡ କରାଯାଇଛି । ସେହି ପରି ଭାବରେ ୪୩ ଡିଗ୍ରି ତାପମାତ୍ରା ଉପରେ ଥିବା ସହର ଗୁଡିକ ମଧ୍ୟରେ ଅଛି ସମ୍ବଲପୁର । ଏହା ସହିତ ୪୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ସହର ଗୁଡିକ ମଧ୍ୟରେ ଅଛନ୍ତି ସୁନ୍ଦରଗଡ, ବୌଦ୍ଧ, ଝାରସୁଗୁଡା, ରାଉରକେଲା, ନୂଆପଡା ଓ ବରଗଡ ଅଛି । ୪୧ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ସହର ଗୁଡିକ ହେଉଛି ବାରିପଦା , ଦେଓଗଡ ଥିବାବେଳେ ୪୦ ଡିଗ୍ରୀ ଉପରେ ଥିବା ସହର ଗୁଡୁକ ହେଉଛି ହିରାକୁଦ, ତାଳଚେର, ଟିଟିଲାଗଡ, ଭବାନିପାଟଣା, ଫୁଲବାଣି, ଅନଗୁଳ, ଓ ଭଦ୍ରକ।



## ସାବିତ୍ରୀ ବ୍ରତ ପାଳିତ

# ସତ୍ୟବାନଙ୍କ ଦୀର୍ଘାୟୁ କାମନା





କଟକ/ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଥିଲା ପବିତ୍ର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ଚଳଚଞ୍ଚଳ ହୋଇପଡିଥିଲା ଟ୍ୱିନ୍ ସିଟି। ପ୍ରତ୍ୟେକ ସାଧବା ମହିଳା ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ବ୍ରତ ରଖିଥିଲେ। ଏଥିପାଇଁ ଟ୍ୱିନ୍ ସିଟିରେ ଥିବା ମଠ, ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସକାଳ ସମୟରେ ମହିଳାମାନେ ଏକାଠି ହୋଇ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ପୌରାଣିକ ଶାସ୍ତ୍ର ଅନୁଯାୟୀ ଯମ ରାଜାଙ୍କ ଠାରୁ ସାବିତ୍ରୀ ନିଜ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିବା ଉଲ୍ଲେଖ ରହିଛି। ଏହାକୁ ପାଥେୟ କରି ମହିଳାମାନେ ନିଜ ସ୍ୱାମୀଙ୍କର ଦୀର୍ଘାୟୁ ଜୀବନ କାମନା କରି ଏହି ପର୍ବ ପାଳନ କରିଥାନ୍ତି। ଏଥିପାଇଁ ବଜାରରେ ପନି ପରିବା ଓ ଫଳର ଚାହିଦା ଅଧିକ ରହିଥିବାରୁ ଏହାର ଦର ମଧ୍ୟ ଆକାଶଛୁଆଁ ହୋଇ ପଡିଥିଲା। ସେହିପରି ନବବିବାହିତା ମହିଳାମାନଙ୍କ ପାଇଁ ନିଜ ବାପ ଘରୁ ଭାର ଆସିଥିବା ବେଳେ ସେମାନେ ଫଳ ଓ ପନିପରିବାର ଆକାଶଛୁଆଁ ଦର ସେମାନଙ୍କୁ ଅତିଷ୍ଠ କରିଛି। ଏହିପରି ଭାବେ ଶୁକ୍ରବାର ଟ୍ୱିନ ସିଟିରେ ସାବିତ୍ରୀ ବ୍ରତ ପାଳନ କରାଯାଇଥିବା ଦେଖିବାକୁ ମିଳିଛି।

## ଓପିଏସସି ଏଏସ୍ଓ ମେରିଟ ଲିଷ୍ଟ

# ଖାରଜ କଲେ ହାଇକୋର୍ଟ

କଟକ (ଭାସ୍କର ନ୍ୟୁଜ୍) : ଗତବର୍ଷ ଅଗଷ୍ଟ ମାସରେ ୭୯୬ଟି ଏଏସଓ ପଦବୀ ପାଇଁ ଲିଖିତ ପରୀକ୍ଷା କରାଯାଇ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଯେଉଁ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା ତାହାକୁ ଶୁକ୍ରବାର ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହା ସହିତ ୨ ମାସ ମଧ୍ୟରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବା ପାଇଁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଖିତ ପରୀକ୍ଷାରେ ନିଯୁକ୍ତି ଆଶାୟୀମାନେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ହାଇକୋର୍ଟର ଏହି ରାୟକୁ ଆବେଦନକାରୀ ସ୍ୱାଗତ କରିଥିବା ବେଳେ ଓପିଏସସି ଏହା ବିରୋଧରେ ପୁନଃ ଆବେଦନ କରିମ୍ବ ସମ୍ଭାବନା ରହିଛି କିମ୍ବା ଉପରକୋର୍ଟକୁ ଯିବାର ସମ୍ଭାବନା ମଧ୍ୟ ରହିଛି। ଆବେଦନକାରୀଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀ କହିଛନ୍ତି ଯେ ସେକ୍ସନ ଅଫିସର ନିଯୁକ୍ତି ପାଇଁ ଯେଉଁ ନିୟମ ରହିଛି ତାହା ଅନୁଯାୟୀ ଓପିଏସସି କେବଳ ସର୍ଟ ଲିଷ୍ଟ କରିପାରିବ କିନ୍ତୁ ଏପିଏସସି ନିଜେ ତାଙ୍କ ଆଡୁ ପ୍ରତି ବିଷୟରେ ୪୦ ପ୍ରତିଶତ କଟଅଫ୍ ମାର୍କ ରଖିବାର କୌଣସି ନିୟମ ନାହିଁ। ଏପରିକି ଓପିଏସସିର ଏଭଳି କ୍ଷମତା ନଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଓପିଏସସି ପକ୍ଷରୁ ମାମଲା ଲଢୁଥିବା ସରକାରୀ ଓକିଲ କହିଛନ୍ତି ଯେ ଅଦାଲତ କହିଥିଲେ ଯେ ପ୍ରତି ବିଷୟ ପାଇଁ ଯେଉଁ କ୍ୱାଲିଫାଇଂ ମାର୍କ ଚୂଡ଼ାନ୍ତ କରାଯାଇଛି ଓ ସେହି ଅନୁସାରେ ମେରିଟଲିଷ୍ଟ ପ୍ରକାଶ କରାଯାଇଛି ତାହା ଠିକ୍ ନୁହେଁ। କାରଣ କ୍ୱାଲିଫାଇନ ମାର୍କ କେତେ ରହିବ ତାହା ଓଡ଼ିଶା ସେକ୍ରେଟେରିଏଟ ସର୍ଭିସ ରିକ୍ରୁଟମେଣ୍ଟ ରୁଲ୍ସରେ ନାହିଁ। ପୁରା ଜଜମେଣ୍ଟ ରିପୋର୍ଟ ଆସିଲେ ଏନେଇ ସ୍ୱଷ୍ଟ ସୂଚନା ମିଳିପାରିବ। ସୂଚନାଯୋଗ୍ୟ ଯେ ଗତବର୍ଷ ଏଏସଓ ନିଯୁକ୍ତି ପାଇଁ ୧ ଲକ୍ଷ ୪୮ ହଜାର ୮୮୮ ପ୍ରାର୍ଥୀ ଲିଖିତ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ ମେରିଟ ଲିଷ୍ଟରେ ସ୍ଥାନ ପାଇଥିଲେ। ଯାହାକି ମୋଟ ବିଜ୍ଞାପିତ ହୋଇଥିବା ପଦବୀର ଦେଢଗୁଣ। ଗତ ନଭେମ୍ବର ମାସରେ ଏହି ମେରିଟ ଲିଷ୍ଟ ପ୍ରକାଶ ପାଇବା ପରେ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ଓ ଏନେଇ କେତେକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଉତ୍କଳ ହସ୍ପିଟାଲରେ ବ୍ଲଡ୍ ସେଣ୍ଟର ୟୁନିଟ୍ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନିଳାଦ୍ରିବିହାର ସ୍ଥିତ ମଲ୍ଟି ସ୍ପେଶାଲିଟ୍ ଉତ୍କଳ ହସ୍ପିଟାଲରେ ବ୍ଲଡ୍ ସେଣ୍ଟର ୟୁନିଟ୍ ଉଦ୍‌ଘାଟନ ହୋଇଯାଇଅଛି। ବର୍ତ୍ତମାନ ଉତ୍କଳ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ରକ୍ତ ଦେବା ଏବଂ ଏହାକୁ ସରକ୍ଷିତ କିମ୍ବା ସଂଗ୍ରହ କରିବାରେ ସୁବିଧା ହେବ। ଏହି ଅବସରରେ ଉତ୍କଳ ହସ୍ପିଟାଲର ଏମ୍‌ଡି ଡ. ପ୍ରଜ୍ଞା ରଞ୍ଜନ ଘଡେଇ, ବୋର୍ଡ ଅଫ୍ ଡାଇରେକ୍ଟର ସଳେନ୍ଦ୍ର ନାରାୟଣ ପଣ୍ଡା, ସୁବ୍ରତ ଦାସ, ମେଡିକାଲ ଡାଇରେକ୍ଟର ଡ. ରଞ୍ଜନ ମହାପାତ୍ର, ସିଇଓ ଡ. ଆସିସ୍ ଚନ୍ଦ୍ର, ଡ. ଆର୍‌କେ ମହାପାତ୍ର, ଡ. ପ୍ରତିଭା ମିଶ୍ର, ଡ. ପ୍ରଫୁଲ କୁମାର ଦାସ ଓ କର୍ମଚାରି ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସିଇଓ ଡ. ଆଶିଷ ଚନ୍ଦ୍ର ହସ୍ପିଟାଲର ଚେୟାରମ୍ୟାନ୍ ଡ. ଆଦିତ୍ୟ ସାମଲ, ଏମ୍‌ଡି ଏବଂ ବୋର୍ଡ ଅଫ୍ ଡାଇରେକ୍ଟରର୍ସ ଏହି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସରିଲା ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜୟନ୍ତୀ ସମାରୋହ

# ପ୍ରଣବ ପଟ୍ଟନାୟକଙ୍କୁ ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍) : ତିନିଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ଓ ଫାଉଣ୍ଡେସନ୍‌ର ୩୧ ତମ ବାର୍ଷିକୋତ୍ସବ ଚଳିତ ବର୍ଷ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ସବୁଥର ପରି ଏଥର ମଧ୍ୟ ଶେଷ ସନ୍ଧ୍ୟାରେ ଅର୍ଥାତ୍ ପବିତ୍ର ସାବିତ୍ରୀ ଅମାବାସ୍ୟାରେ ସଙ୍ଗୀତ ସୁଧାକରଙ୍କ ଜନ୍ମତିଥି ସାଙ୍ଗକୁ ଫାଉଣ୍ଡେସନ୍ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଛି। ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପି ସାଧନା ନିମନ୍ତେ ଡ. ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୩' ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ଦିଆଯାଇଛି। ଏଥିସହ ଗୁରୁ ଅଖିଳ କୁମାର ଲେଙ୍କାଙ୍କୁ 'ସଙ୍ଗୀତ ସରସ୍ୱତୀ' ଓ ଡ. ରଞ୍ଜନ କୁମାର ଦାସଙ୍କୁ 'ଗୀତ ସରସ୍ୱତୀ', ଗୁରୁ ଶରତ ପାଣିଙ୍କୁ 'ବାଦ୍ୟ ସରସ୍ୱତୀ' ସମ୍ମାନରେ ବିଭୂଷିତ କରାଯାଇଛି। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ପ୍ରଦାନ କରାଯାଇଛି। ଏହାସହ ଯୁବ ପ୍ରତିଭା ସନ୍ଧ୍ୟାରାଣୀ ରାଉତଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି' ସ୍ୱରୂପ ୫ ହଜାର ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ପ୍ରଦାନ କରାଯାଇଛି। ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ଦେଓ ଓ ବିଶ୍ୱଜିତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ମୁମ୍ବାଇସ୍ଥିତ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବେହେରା ଯୋଗଦେଇଥିଲେ। ଆବାହକ ଅରକ୍ଷିତ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ଲୋବାଲ୍ ବିଜିନେସ କାର୍ନିଭାଲ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜନତା ମଇଦାନଠାରେ ଗୁପ୍ତା ଇଭେନ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'ଗ୍ଲୋବାଲ୍ ବିଜିନେସ କାର୍ନିଭାଲ୍-୨୦୨୩'ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ସମ୍ମାନିତ ଅତିଥି ବିଏମ୍‌ସି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପବନ ଗୁପ୍ତା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର(ଭୁବନେଶ୍ୱର ଉତ୍ତର), ବିପିସିଏଲ୍ ଇନ୍‌ପେଣ୍ଡେଣ୍ଟ ନିର୍ଦ୍ଦେଶକ ଐଶ୍ୱର୍ଯ୍ୟା ବିଶ୍ୱାଳ, ଉପାଧ୍ୟକ୍ଷ ରାଜୀବ ଶେଖର ସାହୁ (ଆଇସିସି-ଓଡିଶା ରାଜ୍ୟ ପରିଷଦ), ବିଶିଷ୍ଟ ସାମ୍ବାଦିକ କିଶୋର ଦିବ୍ୱେଦି (ଚେୟାରମ୍ୟାନ୍ ବିଶ୍ୱ ଓଡିଶା ସମିତି ନୂଆଦିଲ୍ଲୀ), ଗୁପ୍ତା ଇଭେନ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିପକ ମହାନ୍ତି, ପ୍ରପର୍ଟି ବ୍ରାଣ୍ଡ ନିର୍ଦ୍ଦେଶକ ସଚିନ ସିଂ ଏବଂ ମ୍ୟାନେଜିଙ୍ଗ୍ ଡାଇରେକ୍ଟର ସୁଜିତ କୁମାର ଗୁପ୍ତା, ଡାଇରେକ୍ଟର ପାୟଲ ଆଚାର୍ଯ୍ୟ ଗୁପ୍ତା ଉପସ୍ଥିତି ଥିଲେ ।

## ରାଜ୍ୟ ଖବର



ବାଲିପାଟଣା (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବନମାଳୀପୁର ସ୍ଥିତ ବାଘବରାହୀ ପାଟଣା ରେ ମହାବୀର ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସ୍ୱ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ଆଜକୁ ପ୍ରାୟ ୨୧ ବର୍ଷ ହେବ ମହାବୀର ହନୁମାନଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମବାସୀଙ୍କ ଚେଷ୍ଟାରେ ଏକ ନୂତନ ମନ୍ଦିର ନିର୍ମାଣ କରାଯିବା ସହିତ ଆଜି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ କରାଯାଇ ଦଧିନଉତି ସ୍ଥାପନ କରାଯାଇଛି । ଏହି ଯଜ୍ଞ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା ଏବଂ ମହନ୍ତ ସୁଦର୍ଶନ ମହାରାଜଙ୍କ ଦ୍ୱାରା ପୂର୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ତିନି ଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରଥମ ଦିନ ଲହୁଡ଼ି ଖେଳ ସହିତ ଘୋଡ଼ା ନାଚ, ଦ୍ୱିତୀୟ ଦିନ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ବାଘ ବାରାହୀ ପାଟଣା ଗ୍ରାମବାସୀଙ୍କ ସମ୍ପୂର୍ଣ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ବିଶ୍ୱଶାନ୍ତି ମହା ଯଜ୍ଞରେ ପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଯୋଗ ଦେଇ ବିଭୁକୃପା ହାସଲ କରିଥିଲେ ।

## ୧୫୧ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ






ଜୟପୁର, (ଭାସ୍କର ନ୍ୟୁଜ୍): ଗାଡ଼ିରେ ପ୍ରେସ୍ ଲେଖି ଗଞ୍ଜେଇ ଚୋରାଚାଲାଣ କରୁଥିଲେ ଗଂଜେଇ ମାଫିଆ । ବାହାର ରାଜ୍ୟକୁ ଚାଲାଣ ବେଳେ ଚଢ଼ାଉ କଲା ପାଡୁଆ ପୁଲିସ । ସୂଚନା ଅନୁସାରେ କୋରାପୁଟ ଜ଼ିଲ୍ଲା ପାଡୁଆ ଥାନା ଅନ୍ତର୍ଗତ ବଡ ଦେବତା ଛକ ନିକଟରେ ପୋଲିସ ଗାଡି ଗୁଡିକ ଅଟକାଇ ଯାଞ୍ଚ କରୁଥିବା ସମୟରେ ମହାରାଷ୍ଟ୍ର ନମ୍ବର ଥିବା କାର୍‌ରୁ ସାତ ବସ୍ତା ଗଞ୍ଜେଇ ବାହାରିଥିଲା । ପାଡୁଆ ପୋଲିସ ଗଞ୍ଜେଇ ବସ୍ତା ଜବତ କରିବା ସହିତ ଗାଡ଼ିରେ ଥିବା ମହାରାଷ୍ଟ୍ରର ଦୁଇ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ୍ କରିଛି । ସାତଟି ବସ୍ତାରୁ ୧୫୧ କେଜି ଗଞ୍ଜେଇ ବାହାରିଥିଲା। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଗଞ୍ଜେଇ କୋରାପୁଟ ଜ଼ିଲ୍ଲାରୁ ବାହାର ରାଜ୍ୟକୁ ଚୋରା ଚାଲାଣ ହେଉଥିଲା।

## ଧର୍ମପରାୟଣ ମହିଳାଙ୍କ ପରଲୋକ

କଣିହାଁ,(ଭାସ୍କର ନ୍ୟୁଜ୍): ଅନଗୁଳ ଜିଲ୍ଲା କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ଜମାନିଆଁ ଗ୍ରାମର ପୂର୍ବତନ ସ୍ୱାସ୍ଥ୍ୟ ନିରୀକ୍ଷକ ସ୍ୱର୍ଗତ ମନ୍ତ୍ରୀବର ସାମଲଙ୍କ ଧର୍ମପତ୍ନୀ ସ୍ୱର୍ଗତ ରୁଣୁବାଳା ସାମଲଙ୍କ ୭୦ ବର୍ଷ ବୟସରେ ପରଲୋକ ହୋଇଛି। ବହୁଦିନ ହବ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ମିଷ୍ଟ ଭାଷି, ପରୋପକାରୀ, ଧର୍ମପରାୟଣ ମହିଳା ଥିଲେ। ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା ତାଙ୍କ କଣିହାଁ ବାସ ଭବନରେ ଅପେକ୍ଷାରତ ବନ୍ଧୁ, ପରିଜନ ଓ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ସାରିବା ପରେ ନିଜ ଗ୍ରାମ ଜମାନିଆଁ ରେ ଶେଷକୃତ କରାଯାଇଛି।

## ଧାନମଣ୍ଡିରେ ଜମି କ୍ରମିକ ନମ୍ବର ହେରଫେର, ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଚାଷୀ





ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଧାନମଣ୍ଡିର ସଫଳ ପରିଚାଳନା ନିମନ୍ତେ ସମ୍ପୃକ୍ତ କୃଷି ସମବାୟ ସମିତି ପକ୍ଷରୁ ଚାଷଜମି ର ପଞ୍ଜିକରଣ କରା ଯାଇଥାଏ। କିନ୍ତୁ ଚାଷଜମି ର ପଞ୍ଜିକରଣ କ୍ରମିକ ନମ୍ବରକୁ ହେରଫେର କରି ଜଗତସିଂହପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଳାଶୋଳ କୃଷି ସେବା ସମବାୟ ସମିତିର ସମ୍ପାଦକ ମାଲେମାଲ,ଏଭଳି ସଙ୍ଗିନ ଅଭିଯୋଗ ଆଣିବା ସହିତ ସମ୍ପୃକ୍ତ ସମ୍ପାଦକଙ୍କ ବଦଳି ପାଇଁ ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ କୃଷି ସେବା ସମବାୟ ସମିତିର ଚାଷୀ। ସୂଚନା ମୁତାବକ ଜଗତସିଂହପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଳାଶୋଳ କୃଷି ସେବା ସମବାୟ ସମିତିର ସମ୍ପାଦକ ବିଭିନ୍ନ ସମୟରେ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ ରହିଥିବା ସୁବିଧା ସୁଯୋଗକୁ ଚାଷୀଙ୍କୁ ନ ଜଣାଇ, ଚଞ୍ଚକତା କରି ନିଜ ପକେଟ ଗରମ କରି ଚାଷୀମାନଙ୍କୁ ହଇରାଣ ହରକତ କରିଥାନ୍ତି। ଯେପରିକି, ଚାଷୀଙ୍କ ଧାନ ସଂଗ୍ରହ ପାଇଁ ମଣ୍ଡି ବ୍ୟବସ୍ଥାର ପ୍ରାଥମିକ ପର୍ଯ୍ୟାୟରେ ପଞ୍ଜିକରଣ ସମୟରେ କୃଷି ସେବା ସମିତି ପକ୍ଷରୁ କ୍ରମିକ ନମ୍ବର ଅନୁସାରେ ଚାଷୀଙ୍କ ଠାରୁ ରେଜିଷ୍ଟରରେ ସ୍ୱାକ୍ଷର ଏବଂ ଚାଷୀଙ୍କ ମୋବାଇଲ ନମ୍ବର ସଂଗ୍ରହ କରା ଯାଇଥାଏ। ପରବର୍ତ୍ତୀ ସମୟରେ ସେହି କ୍ରମିକ ନମ୍ବର ଅନୁଯାୟୀ ଚାଷୀ ମାନଙ୍କୁ ସୁବିଧା ତଥା ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ଗ୍ରହଣ କରିଥାଏ କୃଷି ସେବା ସମିତି। କିନ୍ତୁ ପରିତାପର ବିଷୟ ଯେ, ପଳାଶୋଳ କୃଷି ସେବା ସମିତିର ସମ୍ପାଦକ ଧାନ ବେପାରୀ ମାନଙ୍କ ଠାରୁ ମୋଟା ଅଙ୍କର ଉକ୍ରୋଚ ନେଇ ପଞ୍ଜିକରଣ କ୍ରମିକ ନମ୍ବରକୁ ବେଆଇନ ଭାବେ ପରିବର୍ତ୍ତନ କରି ଏହି ନିରୀହ ଚାଷୀ ମାନଙ୍କୁ ହଇରାଣ କରାଉଥିବାର ଅଭିଯୋଗ ହେଉଛି। ତେବେ ଏଭଳି ସମ୍ବେଦନଶୀଳ ଘଟଣା ଉପରେ ଜଗତସିଂହପୁର କୋ-ଅପରେଟିଭ ସୋସାଇଟି ସର୍କଲର ଆସିଷ୍ଟାଣ୍ଟ ରେଜିଷ୍ଟର କିମ୍ବା କୌଣସି ବିଭାଗୀୟ ଅଧିକାରୀ କାହିଁକି ଉଦାସୀନ ତାହା ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ କୃଷି ସମବାୟ ସେବା ସମିତିର ସଭାପତି ବସନ୍ତ ସ୍ୱାଇଁ ଙ୍କୁ ପଚାରିବାରେ, ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ, କେବଳ ଧାନ ମଣ୍ଡିର ଧାର୍ଯ୍ୟଲକ୍ଷ୍ୟ ତଥା ଟାର୍ଗେଟ ପାଇଁ ସମ୍ପାଦକ ସଭାପତି ଙ୍କୁ ଡକାଇ ଆଲୋଚନା କରନ୍ତି। ପରେ ଟାର୍ଗେଟ ଆସିସାରିବା ପରେ କେତେବେଳେ ମଣ୍ଡି ଆରମ୍ଭ ହୁଏ ତାହା ଅବଗତ କରାନ୍ତି ନାହିଁ। ଏପରିକି ବେପାରୀ ମାନଙ୍କ ଧାନ ଉଠାଇବା ପାଇଁ ସେମାନଙ୍କୁ ପ୍ରାଧାନ୍ୟ ଦେଇ ଗରିବ ଚାଷୀମାନଙ୍କୁ ବାରମ୍ବାର ଦଉଡାଇ ଥାଆନ୍ତି ସମ୍ପାଦକ। ତେବେ ଆଜି ସମ୍ପୃକ୍ତ କୃଷି ସେବା ସମିତିର ସମୀର ପଟ୍ଟନାୟକ, ଅଧୀର ଜେନା, ଜଗନ୍ନାଥ ଜେନା, କେଦାର ରାଉତରାୟ, ମୁରଲୀ ରାଉତରାୟ ପ୍ରମୁଖ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଲିଖିତ ଅବଗତ କରାଇବା ସହିତ ଅଭିଯୋଗର ଏକକିତା ନକଲ ରାଜ୍ୟର ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ସମବାୟ ମନ୍ତ୍ରୀ, ୫ଟି ସଚିବ, ଡେପୁଟି ରେଜିଷ୍ଟର କଟକ, ସମବାୟ ବିଭାଗ ଆସିଷ୍ଟାଣ୍ଟ ରେଜିଷ୍ଟର ଜଗତସିଂହପୁର ଏବଂ ଡ୍ରାଇରେକ୍ଟର କୋ-ଅପରେଟିଭ ଭୁବନେଶ୍ୱର ଙ୍କ ଅବଗତ ନିମନ୍ତେ ପ୍ରଦାନ କରିଥିବା ଜଣାପଡ଼ିଛି। ତେବେ ଖୁବଶୀଘ୍ର ଜିଲ୍ଲା ପ୍ରଶାସନ ତଥା ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇବା ସହିତ ସମ୍ପୃକ୍ତ ସମ୍ପାଦକ ଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ମରଣାନ୍ତକ ଆକ୍ରମଣରେ ଯୁବକ ଆହତ



ବାଲିପାଟଣା,(ଭାସ୍କର ନ୍ୟୁଜ୍): ଦା' ଦ୍ୱାରା ମାରଣନ୍ତକ ଆକ୍ରମଣ କରି ଯୁବକ ଆହତ ହୋଇଥିବା ବାଲିପାଟଣା ଥାନା ରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ବାଲିପାଟଣା ଥାନା ଅନ୍ତର୍ଗତ ସୁମୁଦି ଗ୍ରାମର ରମାକାନ୍ତ ମହାନ୍ତି ସକାଳ ପ୍ରାୟ ୫.୩୦ ସମୟରେ ନିଜ ପୋଟଳ ବିଲରେ ପହଞ୍ଚି କି ଦେଖିଥିଲେ କାଶିନାଥ ସେନାପତି ପୋଟଳ ବିଲରେ ବିଛାଯାଇଥିବା ଜାଲକୁ କାଟୁଛନ୍ତି। ଏହାକୁ ବିରୋଧ କରିବାରୁ କାଶିନାଥ ଏକ ଠେଙ୍ଗାରେ ରମାକାନ୍ତଙ୍କୁ ଆକ୍ରମଣ କରିବା ସହିତ ଦା'ଦ୍ୱାରା ମୁଣ୍ଡରେ ଆଘାତ କରିଥିଲେ। ଆକ୍ରମଣରେ ଗୁରୁତର ରମାକାନ୍ତକୁ ତାଙ୍କ ପରିବାର ଲୋକେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## ୯୮.୩୯ ନମ୍ବର ରଖି ଆୟେସା ରାଜନଗର ବ୍ଲକ ଟପ୍ପର











ରାଜନଗର (ଭାସ୍କର ନ୍ୟୁଜ୍): ରାଜ୍ୟରେ ଗତକାଲି ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବା ପରେ ପାସ୍ ହାର ୯୬.୪ ପ୍ରତିଶତ ହୋଇ ଛାତ୍ରଛାତ୍ରୀଙ୍କ ପରିଶ୍ରମର ଉଚିତ୍ ଫଳ ମିଳିଥିବା ନେଇ ଖୁସିର ମାହଲ ବିତାଉଛନ୍ତି ପାସ୍ କରିଥିବା ଛାତ୍ରଛାତ୍ରୀମାନେ। ସେହିପରି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ୪ଟି ସଂସ୍କୃତ ବିଦ୍ୟାପୀଠ ସମେତ ମୋଟ ୨୬ଟି ହାଇସ୍କୁଲରେ ୨୩୬୩ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ପରୀକ୍ଷା ଦେଇଥିବା ବେଳେ ୨୩୨୫ଜଣ ଛାତ୍ରଛାତ୍ରୀ ପାସ୍ କରି ଛନ୍ତି, ଯାହାକି ପାସ୍ ହାର ୯୮.୩୯ ପ୍ରତିଶତ ହୋଇ ବ୍ଲକକୁ ଗୌରବାନ୍ୱିତ କରିଛନ୍ତି। ସଂସ୍କୃତ ବିଦ୍ୟାପୀଠରେ ୧୧୭ଜଣ ପରୀକ୍ଷାର୍ଥୀ ସମସ୍ତେ ପାସ୍ କରି ଅନୁଷ୍ଠାନ ମାନଙ୍କର ସୁନାମ ଅର୍ଜନ କରିଛନ୍ତି। ବ୍ଲକର ଚାନ୍ଦିବାଉଁଶମୂଳର ସରକାରୀ ହାଇସ୍କୁଲର ଛାତ୍ରୀ ଆୟେସା ମିଶ୍ର ୫୪୫ନମ୍ବରୀ ରଖି ବ୍ଲକସ୍ତରୀୟ ଟପ୍ପର ହୋଇଛନ୍ତି। ବାଘମାରୀ ବିବେକାନନ୍ଦ ହାଇସ୍କୁଲର ଧନଞ୍ଜୟ ସେଠୀ ୫୪୪ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ରାଜନଗର ହାଇସ୍କୁଲର ପ୍ରୀତିମୟୀ ରାଉତ ତୃତୀୟ ସ୍ଥାନ ଏବଂ ରଙ୍ଗଣୀ ହାଇସ୍କୁଲର ଶିବାନୀ ମାଇତି ୫୪୧ନମ୍ବର ରଖି ଚତୁର୍ଥ ସ୍ଥାନ, ରାଜନଗର ହାଇସ୍କୁଲର ଶୁଭ୍ରାଂଶୁ ମହାପାତ୍ର ୫୪୦ନମ୍ବର ରଖି ପଞ୍ଚମ ସ୍ଥାନ ଅଧିକାର କରି ସମ୍ପୃକ୍ତ ସରକାରୀ ବିଦ୍ୟାଳୟ ଓ ବ୍ଲକର ସୁନାମ ଅର୍ଜନ କରିପାରିଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଯାଉଛି।

## ନୂତନ ବିଡ଼ିଓ ନିଯୁକ୍ତି ଦାବି

ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଏକ ସମ୍ବେଦନଶୀଳ ବ୍ଲକ ଭାବେ ଲୋକମାନଙ୍କ ଚର୍ଚ୍ଚାରୁ ଜଣାପଡିଛି। ଏଠାରେ ଯଦି କଲମକୁ ହାଲକା କରି ମୋଟାରେ ଗାରେଇଲେ ଭଲ. ନହେଲେ କାଳି ସରିଗଲେ ବର୍ଷେ ନ ପୁରୁଣୁ ଭେଲ ହୋଇ ବେଡିଂ ବାନ୍ଧିବାକୁ ବ୍ୱେସି ସମୟ ଲାଗିବ ନାହିଁ।ଯଦି ଗାଇର ୬ ଟା ଗୋଡ କହିଲେ ମଧ୍ୟ ହଁ ମାରିବାକୁ ବାଧ ହେବାକୁ ପଡିବ। ହେଲେ ଏପରି ବିଡିଓଙ୍କୁ ଖୋଜିବାକୁ ସମୟ ସାପେକ୍ଷ ଅଟେ। ତେଣୁ 'ମଲୁ ଖୋଜୁଥିଲା ଯାହା ଦେିବ ବତାଇଲେ ତାହା' ଏହି ପରିପ୍ରେକ୍ଷୀରେ ବର୍ଷେ ନ ପୁରୁଣୁ କଲମ ଚଳାଉ ନଥିବା ରାଜନଗର ବିଡିଓ ସମିର କୁମାର ବେହେରାଙ୍କର ଏପ୍ରିଲ ୧୯ ତାରିଖରୁ ପଟ୍ଟାମୁଣ୍ଡାଇ ତହସିଲଦାର ଭାବେ ବଦଳୀ କରାଯାଇଥିଲା । ସେବେଠାରୁ ନୂତନ ବିଡିଓ ଖୋଜିବା ପ୍ରକ୍ରିୟା ଚାଲିଥିଲା। ଏବେ ରାଜ୍ୟସରକାର ଓଏଏସ୍ ସ୍ତରରେ ୨୧ଜଣଙ୍କର ଅଦଳବଦଳ କରୁଥିବା ବେଳେ ରାଜନଗର ପାଇଁ ଖୋଜା ଚାଲିଥିବା ମନ ପସନ୍ଦର ବିଡିଓ ଭାବେ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକର କାର୍ଯ୍ୟରତ ବିଡିଓ ନିଶାନ ମିଶ୍ରଙ୍କୁ ରାଜନଗର ବିଡିଓ ଭାବେ ନିଯୁକ୍ତି ହୋଇଥିବା ସରକାରୀ ଚିଠିରୁ ଜଣାପଡିଛି।



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ସିଦ୍ଦରମେୟାଙ୍କ ଶପଥ ଉତ୍ସବରେ ଯୋଗଦେବେନି | ୧୦

‘କାନ୍ସ-୨୦୨୩’ରେ ଐଶ୍ୱର୍ଯ୍ୟାଙ୍କ ଜଲୱା | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୫୮ Vol. 20 No-58 20 MAY 2023 SATURDAY BHUBANESWAR ଶନିବାର, ୨୦ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ନିକୋବର ଦ୍ୱୀପପୁଞ୍ଜ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୧୯।୫: ନିକୋବର ଦ୍ୱୀପପୁଞ୍ଜ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଏ ନେଇ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ । ଦକ୍ଷିଣ-ପୂର୍ବ ବଙ୍ଗୋପସାଗର, ନିକୋବର ଦ୍ୱୀପ ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ମୌସୁମୀ ପ୍ରବେଶ କରିଥିବାବେଳେ ଆଗାମୀ ୩-୪ ଦିନ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ଥିବା ବିଭାଗ ପକ୍ଷରୁ କୁହାଯାଇଛି । ଜୁନ୍ ୪ ତାରିଖରେ ମୌସୁମୀ କେରଳ ଉପକୂଳ ଛୁଇଁବା ନେଇ ପୂର୍ବରୁ ସୂଚନା ଦିଆଯାଇଛି ।

### ସରକାରୀ ବସ୍ ଉପରକୁ ଗୁଳିମାଡ଼

ଜୟପୁର,୧୯।୫(ଭାସ୍କର ନ୍ୟୁଜ): ବାଲିମେଳାରୁ ବ୍ରହ୍ମପୁର ଯାଉଥିବା ଏକ ସରକାରୀ ବସ୍ ଉପରକୁ ଗୁଳିମାଡ଼ ହୋଇଛି । ବୈପାରୀଗୁଡ଼ା ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଏହି ଗୁଳିମାଡ଼ ହୋଇଥିବାବେଳେ ଦୁର୍ବୃତ୍ତ ଫେରାର ହୋଇଯାଇଛି । ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ତେବେ କଣ ପାଇଁ ଏହି ଗୁଳିମାଡ଼ କରାଯାଇଛି ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

### ଆଜି ଶପଥ ନେବେ ସିଦ୍ଦରମେୟା

ବେଙ୍ଗାଲୁରୁ,୧୯।୫: କର୍ଣ୍ଣାଟକର ନୂତନ ମୁଖ୍ୟମନ୍ତ୍ରୀ ଭାବେ ସିଦ୍ଦରମେୟା ଶନିବାର ଶପଥଗ୍ରହଣ କରିବେ । ଏଥିନେଇ କର୍ଣ୍ଣାଟକର କାନ୍ତେରବା ଷ୍ଟାଡିୟମରେ ପ୍ରସ୍ତୁତି ଜୋରଦାର ଚାଲିଛି । ଅନୁରୂପ ଭାବେ ଡି.କେ.ଶିବକୁମାର ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି ।

ସେନ୍ସେକ୍ସ: ୬୧,୭୨୯.୬୮

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୭ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୧୯।୫ର ମତାମତ

ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଫଳରେ ଓଡ଼ିଶାର ବିକାଶର ମାର୍ଗ ଉନ୍ମୋଚନ ହେବ କି ?




### ଆଜିର ପ୍ରସଙ୍ଗ

ପୁଣିଥରେ ନୋଟ୍‌ବନ୍ଦୀ କରାଯିବା ଯଥାର୍ଥ କି ?

ମତାମତ ଦେବା ପାଇଁ ଲଗ୍‌ଇନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଦି’ହଜାର ଟଙ୍କା ଦେବ ବଡ ଚେଙ୍କା
ଯା’ ପାଖରେ ଥିବ ବଣ୍ଡଲ,
ବ୍ୟାଙ୍କକୁ ଏବେ ଦଉଡି ଦଉଡି
ଛିଡିବ ଚପଲ, ସେଣ୍ଡେଲ ।
ବିମୁଦ୍ରୀକରଣ କ୍ୟାଣ୍ଡେଲ,
ଏତେ ଶୀଘ୍ର ଜଳି ଯିବାର କାରଣ
ଠିକ୍‌ରେ ହେଲାନି ହ୍ୟାଣ୍ଡେଲ !

## ରିଜର୍ଭ ବ୍ୟାଙ୍କର ବଡ଼ ନିଷ୍ପତ୍ତି

# ବନ୍ଦ ହେବ ୨ହଜାର ଟଙ୍କିଆ ନୋଟ୍






- ଗ୍ରାହକଙ୍କୁ ନ ଦେବାପାଇଁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ
- ବଦଳାଇବା ପାଇଁ ୨୩ରୁ ସେପ୍ଟେମ୍ବର ୩୦ ଅବଧି ଧାର୍ଯ୍ୟ
- ଥରକେ ସର୍ବାଧିକ ୨୦ ହଜାର ବଦଳାଇ ହେବ
- ବଦଳାଇବା ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

ନୂଆଦିଲ୍ଲୀ/ମୁମ୍ବାଇ,୧୯।୫: ବଜାରରୁ ପ୍ରତ୍ୟାହାର ହେବ ୨ ହଜାର ଟଙ୍କିଆ ନୋଟ୍ । ଶୁକ୍ରବାର ଏପରି ଏକ ବଡ଼ ଧରଣର ନିଷ୍ପତ୍ତି ନେଇଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ । ବଜାରରୁ ଧିରେ ଧିରେ ଏହି ଦୁଇ ହଜାର ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରାଯିବ । ତେବେ ଏବେ ବଜାରରେ ଉପଲବ୍ଧ ହେଉଥିବା ୨ ହଜାର ଟଙ୍କିଆ ନୋଟ୍ ବୈଧ ରହିବ । ଗ୍ରାହକମାନେ ଚଳିତମାସ ୨୩ ତାରିଖରୁ ସେପ୍ଟେମ୍ବର ମାସ ୩୦ ତାରିଖ ମଧ୍ୟରେ ବ୍ୟାଙ୍କ ଶାଖା ଓ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ଶାଖାଗୁଡ଼ିକରେ ଏହି ନୋଟ୍‌କୁ ବଦଳାଇ ପାରିବେ । ଏଥିନେଇ ସ୍ୱତନ୍ତ୍ର କାଉଣ୍ଟରମାନ ଖୋଲାଯିବାର ବ୍ୟବସ୍ଥା କରାଯିବ । ଏଣୁ ଗ୍ରାହକମାନେ ବ୍ୟସ୍ତ ନ ହୋଇ ସୁବିଧା ଅନୁସାରେ ଏହି ଅବଧି ମଧ୍ୟରେ ୨ ହଜାର ଟଙ୍କିଆ ନୋଟ ବଦଳାଇ ତା ପରିବର୍ତ୍ତେ ୫ଶହ କିମ୍ବା ଅନ୍ୟ ନୋଟ୍ ନେଇପାରିବେ । ଗ୍ରାହକମାନେ ଥରକେ ୨୦ ହଜାର ଟଙ୍କା ମୂଲ୍ୟର ୨ ହଜାର ଟଙ୍କିଆ ନୋଟ୍ ବଦଳାଇ ପାରିବେ । ତେବେ ଗ୍ରାହକମାନେ କେତେଥର ବଦଳାଇପାରିବେ ସେ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ । ୨୦୧୮-୧୯ରୁ ୨ ହଜାର ଟଙ୍କିଆ ନୋଟ୍ ଛପା ରିଜର୍ଭ ବ୍ୟାଙ୍କ ବନ୍ଦ କରି ଦେଇଥିଲା । ସେପ୍ଟେମ୍ବର ୩୦ ପରେ ଏହି ନୋଟ୍ ଆଉ ବଦଳାଯାଇ ପାରିବ ନାହିଁ । ତେବେ ଗ୍ରାହକମାନେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ବୈଧ ଜାରି ରହିବ । ତେବେ ରିଜର୍ଭ ବ୍ୟାଙ୍କର ଏହି ନିଷ୍ପତ୍ତି ଲାଗୁ ହେବା ପରେ ବ୍ୟାଙ୍କ କିମ୍ବା ଏଟିଏମ୍‌ରୁ ୨ ହଜାର ଟଙ୍କିଆ ନୋଟ୍ ଉଠାଇ ହେବନାହିଁ । ଏହାସହ ଆପଣଙ୍କ ପାଖରେ ଥିବା ପୁରୁଣା ୨ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କରେ ମଧ୍ୟ ବଦଳାଇ ପାରିବେ । ସୂଚନାଯୋଗ୍ୟ ଯେ ୨୦୧୬ ନଭେମ୍ବର ୮ ତାରିଖ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିମୁଦ୍ରୀକରଣ ନେଇ ଘୋଷଣା କରିଥିଲେ । ଏହାପରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ବ୍ୟାନ୍ କରି ନିଆଯାଇଥିଲା । ଏହାପରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କରାଯାଇଥିଲା । ଅବଶ୍ୟ କିଛିବର୍ଷ ପରେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ କମ୍ ରହିଥିଲା । ଏପରିକି ବଜାରରେ ୨ ହଜାର ଟଙ୍କିଆ ନୋଟର ବିଶେଷ ନେଣଦେଣ ଦେଖିବାକୁ ମିଳୁନଥିଲା । ତେବେ ଏବେ ରିଜର୍ଭ ବ୍ୟାଙ୍କ ଏହାକୁ ପ୍ରତ୍ୟାହାର କରି ନେବାପାଇଁ ଘୋଷଣା କରିଛି । ଆରବିଆଇର ଏହି ନିଷ୍ପତ୍ତି ପରେ ଗ୍ରାହକ ଓ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି । ତେବେ ଯେଉଁ ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କ ନାହିଁ, ସେଠାରେ ଲୋକମାନେ କିପରି ଏହି ଟଙ୍କା ବଦଳାଇବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି । • ପୃଷ୍ଠା ୮ ଦେଖନ୍ତୁ

## କଳାହାଣ୍ଡିରେ ୫-ଟି ସଚିବ

# ବିକାଶର ମାରାଥନ୍ ସମୀକ୍ଷା



- ମାର୍ଚ୍ଚ ସୁଦ୍ଧା ସରିବ ସାନ୍ଦୁଲ ଜଳସେଚନ ପ୍ରକଳ୍ପ
- ବେଲଖଣ୍ଡି ଶିବ ମନ୍ଦିରର ଉନ୍ନତି ପାଇଁ ପ୍ରତିଶ୍ରୁତି
- ମିଶନଶକ୍ତି ମା’ଙ୍କ ସହ କଥା ହେଲେ
- ବିମାନଘାଟି ବିକାଶ କାମର ଅନୁଧ୍ୟାନ

ଭବାନୀପାଟଣା,୧୯।୫(ଭାସ୍କର ନ୍ୟୁଜ): ମାର୍ଚ୍ଚ ସୁଦ୍ଧା ସରିବ କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ଜଳସେଚନ ପ୍ରକଳ୍ପ କାମ । ଶୁକ୍ରବାର କଳାହାଣ୍ଡି ଗସ୍ତରେ ଯାଇ ୫-ଟି ସଚିବ ଭି କେ ପାଣ୍ଡିଆନ ଏହି ପ୍ରକଳ୍ପ ନିର୍ମାଣ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଏଥିସହ ସାଇଟ ବୁଲି ଦେଖିବା ସହ କାମର ତଦାରଖ କରିଛନ୍ତି । ଆସନ୍ତା ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାମ ଶେଷ ହେବ ବୋଲି ସେ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ସାନ୍ଦୁଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୫ ହଜାରରୁ ଅଧିକ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ । ନର୍ଲା, କେଶିଙ୍ଗା ଓ କର୍ଲାମୁଣ୍ଡା ଅଞ୍ଚଳର ବହୁ ଚାଷୀ ଉପକୃତ ହେବେ । ୧୨୫ କୋଟି ଟଙ୍କାର ବ୍ୟୟରେ ଏହି କାମ ଚାଲୁ ରହିଥିବା ବେଳେ ୧୩୦ କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ କାମ କରାଯିବ । ଫଳରେ ଜନସାଧାରଣ ସହଜ ଓ ସୁବିଧାରେ ପାଣି ପାଇପାରିବେ । ଏଥିସହ ଶ୍ରୀ ପାଣ୍ଡିଆନ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି । ମିଶନଶକ୍ତି ମା’ମାନଙ୍କ ସହ • ପୃଷ୍ଠା ୮ ଦେଖନ୍ତୁ

## ହିରୋସୀମାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

# ‘ଆତଙ୍କବାଦ ଉପରେ ଲାଗୁ ଲଗାମ’



ନୂଆଦିଲ୍ଲୀ,୧୯।୫: ଜାପାନର ହିରୋସୀମାରେ ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଜି-୭ ସମ୍ମିଳନୀରେ ଯୋଗ ଦେବାପାଇଁ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ହିରୋସୀମାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ତେବେ ସେଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ସ୍ଥାନୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ କହିଥିଲେ ଯେ ଆତଙ୍କବାଦ ଉପରେ ଲଗାମ ଲାଗିବା ଜରୁରି । ଏକ ଆତଙ୍କବାଦୀ ମୁକ୍ତ ବାତାବରଣ ସୃଷ୍ଟି ହେବାର ଆବଶ୍ୟକତା ରହିଛି । ଏ ନେଇ ପାକିସ୍ତାନ ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି ସେ ମତ ରଖିଥିଲେ । ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଖାଦ୍ୟ, ସାର, ଶକ୍ତି ସୁରକ୍ଷା ଓ ବୈଶ୍ୱିକ ଚାଲେଞ୍ଜ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହ ଚୀନ୍ ସହିତ ସଂଲଗ୍ନ ସୀମାକୁ ନେଇ ମୋଦୀ ପ୍ରତିକ୍ରିୟା ରଖିଥିଲେ । ସେ କହିଥିଲେ ଯେ ଚୀନ୍ ସହ ଦ୍ୱିପାକ୍ଷିକ ସଂପର୍କ ବଜାୟ ରଖିବା ପାଇଁ ସୀମାରେ ଶାନ୍ତି ଆବଶ୍ୟକ । ଉଭୟ ଦେଶର ଭବିଷ୍ୟତର ବିକାଶ କେବଳ ପରସ୍ପର ସମ୍ମାନ, ସମ୍ବେଦନଶୀଳତା ଏବଂ ପରସ୍ପରର ହିତ ଉପରେ ଆଧାରିତ ହେବା ଜରୁରି । ସେହିଭଳି ରୁଷ ଓ ୟୁକ୍ରେନ ଯୁଦ୍ଧ ଉପରେ ସେ ଭାରତର ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ କରିଥିଲେ । ଭାରତ ଶାନ୍ତି ସହ ରହିଛି ବୋଲି ସେ କହିଥିଲେ । ଏହା ସଂଘର୍ଷର ସମୟ ନୁହେଁ, ବରଂ ସହଯୋଗର ସମୟ ବୋଲି ସେ କହିବା ସହ ବିବାଦ ନୁହେଁ, ସହଯୋଗ ସହିତ ଆଗାମୀ ସମୟ ନିର୍ଦ୍ଧାରିତ ହେବ । ଜାପାନ ପରେ ମୋଦୀ ପାପୁଆ ନ୍ୟୁଗିନି ଯିବେ ଓ ଶେଷରେ ସିଡନୀ ଯାଇ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି ।

## ପୂର୍ଣ୍ଣ କ୍ଷମତା ସହ କାର୍ଯ୍ୟ କରିବେ ସୁପ୍ରିମକୋର୍ଟ

# ଶପଥ ନେଲେ ୨ ନୂଆ ବିଚାରପତି



ନୂଆଦିଲ୍ଲୀ,୧୯।୫: ସୁପ୍ରିମକୋର୍ଟଙ୍କୁ ମିଳିଲେ ଆଉ ୨ ନୂଆ ବିଚାରପତି । ଶୁକ୍ରବାର ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ବରିଷ୍ଠ ଆଇନଜୀବୀ ଭେଙ୍କଟରମଣ ବିଶ୍ୱନାଥନ୍ ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଜଷ୍ଟିସ ମିଶ୍ର ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବାବେଳେ ଜଷ୍ଟିସ ବିଶ୍ୱନାଥନ ଆଇନଜୀବୀରୁ ସିଧାସଳଖ ବିଚାରପତି ହୋଇଛନ୍ତି । ସର୍ବୋଚ୍ଚ ଅଦାଲତରେ ସର୍ବାଧିକ ୩୪ ଜଣ ବିଚାରପତି ରହିବାର ନିୟମ ରହିଥିବା ବେଳେ ଏହି ଦୁଇ ନୂଆ ବିଚାରପତିଙ୍କୁ ମିଶାଇ ସଂଖ୍ୟା ୩୪ ଛୁଇଁଛି । ଅର୍ଥାତ ସବୁ ପଦବୀ ପୂରଣ ହୋଇ ସାରିଛି । ସୂଚନାଯୋଗ୍ୟ ଯେ ଗତ ୧୬ ତାରିଖରେ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ବସିଥିବା ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ମିଶ୍ର ଓ ଜଷ୍ଟିସ ବିଶ୍ୱନାଥନଙ୍କ ନାମ ବିଚାରପତି ପଦବୀ ପାଇଁ ସୁପାରିଶ କରିଥିଲେ । ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଦୁଇ ନୂଆ ବିଚାରପତିଙ୍କ ନାମ ଉପରେ ମୋହର ମାରିଥିଲେ । ଆଇନଜୀବୀରୁ ବିଚାରପତି ହୋଇଥିବା ବିଶ୍ୱନାଥନ ଜଷ୍ଟିସ ଜେ ବି ପାରଡ଼ିୱାଲାଙ୍କ ଅବସର ପରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ହେବେ । ଜଷ୍ଟିସ ପାରଡ଼ିୱାଲା ୨୦୩୦ ଅଗଷ୍ଟ ୧୧ ତାରିଖରେ ଅବସର ନେବେ । ସେତେବେଳେ ବରିଷ୍ଠତା ଦୃଷ୍ଟିରୁ ବିଶ୍ୱନାଥନ୍ ହିଁ ପ୍ରଧାନ ବିଚାରପତି ପଦ ଅଳଙ୍କୃତ କରିବେ । ସେହିପରି ବିଶ୍ୱନାଥନ ଦଶମ ବ୍ୟକ୍ତି ଭାବେ ଓକିଲରୁ ସିଧାସଳଖ ସୁପ୍ରିମକୋର୍ଟର ବିଚାରପତି ହୋଇ ପାରିଛନ୍ତି । ସୂଚନାଯୋଗ୍ୟ ଯେ ଜଷ୍ଟିସ ଦୀନେଶ ମାହେଶ୍ୱରୀ ଓ ଜଷ୍ଟିସ ଏମ ଆର ଶାହ ଅବସର ନେବା ପରେ ବିଚାରପତି ସଂଖ୍ୟା ୩୨କୁ ଖସି ଆସିଥିଲା ।






କରଞ୍ଜିଆ, (ଭାସ୍କର ନ୍ୟୁଜ୍): ରାତିପାହିଲେ ସାବିତ୍ରୀ ବ୍ରତ। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ଲୋକପ୍ରିୟ ହୋଇ ଉଠିଛି ପ୍ରତି ଘରେ ଘରେ ଗୃହିଣୀମାନେ ଏହି ବ୍ରତ ପାଳନ କରୁଥିବାରୁ ଫଳର ଚାହିଦା ଅଧିକ। ତେଣୁ କରଞ୍ଜିଆର ବିଭିନ୍ନ ଫଳ ଦୋକାନଗୁଡ଼ିକରେ ଅଭାବନୀୟ ଭିଡ଼ ପରିଲକ୍ଷିତ ହେଉଛି। ଲୋକମାନେ ଟ୍ରାଫିକ ନିୟମକୁ ଅବମାନନା କରି ନିଜ ନିଜର ଗାଡ଼ି ରାସ୍ତା ଉପରେ ଥୋଇ ଫଳମୂଳ କିଣିବା ପାଇଁ ଫଳ ଦୋକାନ ଗଲେ ଫଳର ଦର ଶୁଣି ଗୋଡ଼ ଟିକେ ପଛ ଘୁଞ୍ଚା ଦେଉଛି ଆମ୍ବ କିଲୋ ଗ୍ରାମ ପ୍ରୋତି ୧୦୦ରୁ ୨୦୦ ଟଙ୍କା କଦଳୀ ଡଜନ ପ୍ରତି ୬୦ରୁ ୧୦୦ ସପୁରୀ ଗୋଟିଏକୁ ୪୦, କମଳା କିଲୋ ପ୍ରତି ବିକ୍ରି ନୋହେଇ ଗୋଟିଏକୁ ୩୦ ଟଙ୍କା ତାହା ପୁଣି ୫୦ ଗ୍ରାମ ହେବ ଆଖିକୁ ରୁଚିଲା ଭଳି ସେଓ ଦର ୩୦୦ ଅନ୍ୟାନ୍ୟ ଆନୁଷଙ୍ଗିକ ଫଳ କଥା ଯଦି ଦେଖାଯାଏ। ତେବେ ସବୁ ଗୋଟେ ଗୋଟେ କରି ହିସାବରେ ତେଣୁ ସାବିତ୍ରୀ ଅମାବାସ୍ୟା ପାଳନ କରୁଥିବା ମହିଳାମାନେ ଫଳର ଅଭାବନୀୟ ଦରବୃଦ୍ଧି ଯୋଗୁଁ ଚିନ୍ତାରେ ପଡ଼ିଛନ୍ତି। ନେବେତ କେତେ ନେବେ ଏହା ଯୋଗୁଁ ପକେଟର ଅବସ୍ଥା ଯାହା ସତ୍ୟାବନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ତେବେ ଏସବୁର କାରଣ ଆନ୍ତର୍ଜାତିକ ବଜାରରେ ତୈଳଦର ବୃଦ୍ଧି ଏବଂ ପରିବହନ ବ୍ୟବସ୍ଥା ଦାୟୀ ବୋଲି ଫଳ ବିକ୍ରେତାମାନେ କହିଛନ୍ତି ଏଥିରେ ସେମାନଙ୍କର କୌଣସି ଭୂମିକା ନାହିଁ।

## ଦାଦନ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ବିଫଳ

# ଶ୍ରମିକ ବଦଳରେ ମେସିନ କରୁଛି କାର୍ଯ୍ୟ



ସଇଁତଲା, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଏକ ଦାଦନ ପ୍ରବଣ ଅଞ୍ଚଳ। ଏହି ଜିଲ୍ଲାରେ ପ୍ରତ୍ୟେକ ବର୍ଷ ୨ ଲକ୍ଷରୁ ଅଧିକ ଲୋକେ ବାହାର ରାଜ୍ୟକୁ କାମ ଧନ୍ଦା ପାଇଁ ଯାଉଛନ୍ତି। ଜିଲ୍ଲାରେ ଦାଦନ ଶ୍ରମିକ ସମସ୍ୟାର ସମାଧାନ ପାଇଁ ସରକାର ମନରେଗା ଯୋଜନାରେ କାର୍ଯ୍ୟକାରୀ କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଶ୍ଚିତ ଯୋଜନା ତଥା ମନରେଗାରେ ଶ୍ରମିକଙ୍କୁ ମିଳୁନି କାମ। ମେସିନ୍ ସାହାଯ୍ୟରେ କାର୍ଯ୍ୟ ହେଉଥିବା ବେଳେ ଶ୍ରମିକ କାମ ନ ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କେତକ କ୍ଷେତ୍ରରେ ମନରେଗାରେ ଶ୍ରମିକଙ୍କୁ ଜବ୍ କାର୍ଡ ଦିଆନଯାଇ ଦିନ ମଜୁରିଆ ଭାବେ ପାରିଶ୍ରମିକ ଦିଆଯାଇଛି। ଏପରିକି ଜବ୍ କାର୍ଡ ପାଇଁ ଶ୍ରମିକଙ୍କଠାରୁ ସରକାରୀ ଅଧିକାରୀମାନେ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏହି ଯୋଜନା ବାବଦକୁ ଜିଲ୍ଲାରେ ପ୍ରତିବର୍ଷ ୩୫୦ କୋଟି ଟଙ୍କାରୁ ଅଧିକ ଅନୁଦାନ ଆସୁଛି। ପ୍ରଶାସନିକ ଉଦାସୀନତା ଓ ଠିକାଦାରଙ୍କ ଚଞ୍ଚକତା ଯୋଗୁଁ ଶ୍ରମିକମାନେ କାମ ନ ପାଇ ପୂର୍ବଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବଲାଙ୍ଗିର ଜିଲ୍ଲା ୧୪ଟି ବ୍ଲକ ମଧ୍ୟରୁ ୬ଟି ବ୍ଲକକୁ ଅତ୍ୟଧିକ ଦାଦନ ପ୍ରବଣ ଅଞ୍ଚଳ ଭାବ ଚିହ୍ନଟ କରାଯାଇଛି। ତଥାପି ଏହି ଯୋଜନା ସମସ୍ୟାର ସମାଧାନ କରି ପାରୁନାହିଁ ଜିଲ୍ଲା ପ୍ରଶାସନ। ଜିଲ୍ଲା ଡିଆରଡିଏର ମନରେଗା ସେଲରୁ ମିଳିଥିବା ରିପୋର୍ଟ ତଥ୍ୟରୁ ଗତ ୩ ବର୍ଷ ହେଲା ବଲାଙ୍ଗୀର ଜିଲ୍ଲାକୁ ମନରେଗା ଯୋଜନାରେ ପ୍ରଚୁର ଅର୍ଥ ମିଳିଛି। ଗତ ୩ ବର୍ଷ ତଥ୍ୟରୁ ଜଣାପଡିଛି ଯେ,୨୦୧୯-୨୦ ଆର୍ଥିକ ବର୍ଷ ରେ ଜିଲ୍ଲାରେ ୧୪୯.୬୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ସର୍ବାଧିକ ୩୭୬.୨୫ କୋଟି,୨୦୨୧-୨୨ରେ ୩୪୫ କୋଟି ଟଙ୍କାର ଅନୁଦାନ ଆସି ଖର୍ଚ୍ଚ ହୋଇଥିଲା। ଚଳିତ ବର୍ଷ ୨୦୨୨-୨୩ ଆର୍ଥିକ ବର୍ଷ ପ୍ରଥମ ମାସରେ ୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ବଲାଙ୍ଗୀର ଜିଲ୍ଲାରେ ୩,୫୭,୮୮୮ ପରିବାରର ୭,୫୮,୪୩୫ଜଣ ଶ୍ରମିକ ମନରେଗା ଯୋଜନାରେ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨,୦୩,୧୭୨ଟି ପରିବାର ଜବ କାର୍ଡ ପାଇଛନ୍ତି। ତେବେ ଏଭଳି ପ୍ରତ୍ୟେକ ବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଲୋକେ ଦାଦନ ଖଟିବା ପାଇଁ କିଭଳି ଯାଉଥିବା ତାହା ଏବେ ବଡ଼ ପ୍ରଶ୍ନ ଉଠୁଛି। ପ୍ରତ୍ୟେକ ଉନ୍ନତି କରଣ କାର୍ଯ୍ୟରେ ମେସିନ ଭରଷାରେ କିଛି ସରପଞ୍ଚ, ଜିଆର୍ଏସ୍ ବାବୁମାନେ ମିଳିମିଶି କାମ କରୁ ଥିବା ଭଳି ଅଭିଯୋଗ ଆସିଛି। ଅନ୍ୟପଟେ ବ୍ଲକର କିଛି ପଞ୍ଚାୟତରେ ଜମି ଉନ୍ନତି କରଣ ନାଁ ରେ ଫାଇଲ ଖୋଲିବା ନାଁରେ ଏକ ହଜାର ଟଙ୍କା ନେଉ ଥିବା ବେଳେ କିଛି ସରପଞ୍ଚ ୫ରୁ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ନେଉ ଥିବା ଆଲୋଚନା ହେଉଛି। ବ୍ଲକର କିଛି ଜିଆର୍ଏସ୍ମାନେ ପ୍ରତ୍ୟେକ ବର୍ଷ ମେସିନ ସାହାଯ୍ୟରେ କାମ କରି କୋଟି ପତି ହୋଇଥିବା ଆଲୋଚନା ହେଉଛି। ବ୍ଲକ କିଛି ଜିଆର୍ଏସ୍ ମାଲେମାଲ ହେଉଥିବା ବେଳେ ଜବ କାର୍ଡ଼ ଗୁଡ଼ିକ ନିଜ ପାଖରେ ରଖି ଶ୍ରମିକମାନେ କାମ କରୁଥିବା ଦର୍ଶାଇ ଟଙ୍କା ମଧ ଉଠାଇଛନ୍ତି ବୋଲି ଅଭିଯୋଗ ଆସିଛି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଅଭିନବ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ମାଟ୍ରିକ୍ ଟପ୍ପର



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶ ପାଇଛି ପରୀକ୍ଷା ଫଳ। ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ପାସ୍ ହାର ଭଲ ହୋଇଥିବାରୁ ଅଭିଭାବକ ମହଲରେ ଖୁସି ଲହରୀ ଦେଖିବାକୁ ମିଳିଛି। ଚଳିତ ବର୍ଷ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ସମୁଦାୟ ୨୦ ଗୋଟି ହାଇସ୍କୁଲ ମଧ୍ୟରେ ୧୨୯୯ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୧୨୪୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୨୨୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକ୍‌ର ୩ ଜଣ ଏ-୧ ଗ୍ରେଡ୍, ୧୩୯ ଜଣ ଏ-୨, ୪୩୮ ଜଣ ବି-୧, ୩୯୪ ଜଣ ବି-୨, ୧୮୦ ଜଣ ସି ଗ୍ରେଡ୍, ୪୭ ଜଣ ଡି-ଏବଂ ୨୩ ଜଣ ଗ୍ରେଡ୍-ଇ ଗ୍ରେଡରେ ପାସ୍ ହୋଇଥିବା ବେଳେ ୨୦ ଫେଲ୍ ହୋଇଛନ୍ତି। ଖାତିଗୁଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ମନୋଜ କୁମାର ବେହେରାଙ୍କ ପୁଅ ଅଭିନବ କୁମାର ୫୬୦ ନମ୍ବର ୯୩.୩% ରଖି ବିଦ୍ୟାଳୟ ସମେତ ତେନ୍ତୁଳିଖୁଣ୍ଟି ବ୍ଲକର ଟପ୍ପର ହୋଇଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ର କୁଞ୍ଜ ବିହାରୀ ପଣ୍ଡାଙ୍କ ପୁଅ ତନ୍ମୟ ପଣ୍ଡା ୫୪୦ ନମ୍ବର ୯୦.୨୧% ରଖି ବିଦ୍ୟାଳୟର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଖାତିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୁଜିତ କୁମାର ନାୟକଙ୍କ ପୁଅ ଶାଶ୍ୱତ ନାୟକ ୫୪୦ ନମ୍ବର ୯୦.୦୩% ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ୨୦ ଗୋଟି ହାଇସ୍କୁଲ୍‌ରେ କେବଳ ଏହି ତିନି ଜଣ କୃତି ଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ୍ ପାଇଁ ଗର୍ବ ଆଣିଛନ୍ତି। ତେନ୍ତୁଳିଖୁଣ୍ଟି ବାପୁଜୀ ହାଇସ୍କୁଲ୍‌ରେ ୧୧୩ରୁ ୧୧୩, ଅଞ୍ଚଳ ଗୁମ୍ମା ହାଇସ୍କୁଲ୍‌ରେ ୮୨ରୁ ୬୯, ଝରୀଗୁମ୍ମା ହାଇସ୍କୁଲରେ ୫୪ରୁ ୫୪, ଶୁଭ ପ୍ରସାଦ ହାଇ ସ୍କୁଲ ଦିଗିସଲପାରେ ୩୪ରୁ ୩୪, କୁକୁଡ଼ାବାଇ ହାଇସ୍କୁଲରେ ୫୫ରୁ ୫୫, ବିରିଗୁଡା ହାଇସ୍କୁଲ୍‌ରେ ୧୬ରୁ ୧୫, ପୁଜାରୀଗୁଡା ହାଇସ୍କୁଲରେ ୨୩ରୁ ୨୩, ପରଜାଦେଓପାଲି ହାଇସ୍କୁଲରେ ୩୫ରୁ ୩୫, ଲମତାଗୁଡା ହାଇସ୍କୁଲରେ ୫୫ରୁ ୫୫, କାମତା ହାଇସ୍କୁଲରେ ୨୪ରୁ ୨୪, କଂଗ୍ରା ହାଇସ୍କୁଲରେ ୧୧୫ରୁ ୧୧୩, କଣ୍ଟା ଗାଁ ହାଇସ୍କୁଲ୍‌ରେ ୬୨ରୁ ୫୮, ଖାତିଗୁଡା ହାଇସ୍କୁଲ୍‌ରେ ୭୪ରୁ ୭୪, ଦିବ୍ୟ ହୃଦୟ ହାଇସ୍କୁଲ ତେନ୍ତୁଳିଖୁଣ୍ଟିରେ ୨୬ରୁ ୨୬, ଅମଳାଭଟ୍ଟା ହାଇସ୍କୁଲରେ ୬୬ରୁ ୬୬, ପାତ୍ରପୁଟ ହାଇସ୍କୁଲରେ ୧୩୦ରୁ ୧୩୦, ବିଜ୍ରାଗୁଡା ହାଇସ୍କୁଲରେ ୧୧୧ରୁ ୧୧୧, କୁଜାଜାନୀଗୁଡା ହାଇସ୍କୁଲରେ ୬୭ରୁ ୬୭, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ୫୨ରୁ ୫୨, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖାତିଗୁଡ଼ାରେ ୫୦ରୁ ୫୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ଉନ୍ନତି ପାଇଁ ସରକାର ବହୁତ ଗୁଡ଼ିଏ ଯୋଜନା କରୁଥିଲେ ସୁଦ୍ଧା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ଲକରେ ଟପ୍ପର ହୋଇଛନ୍ତି। ଟପ୍ପରହୋଇ ଥିବା ତିନି ଜଣ ଛାତ୍ର ତାଙ୍କ ସଫଳତାର ଶ୍ରେୟ ନିଜ ବାପା ମା, ଶିକ୍ଷକ ଶିକ୍ଷୟିତ୍ରୀ, ଗୁରୁଜୀ ଗୁରୁମା, ଅପା ଭାଇ, ଓ ଗୁରୁଜନମାନଙ୍କୁ ଦେଇଛନ୍ତି। ତେବେ ଦୁଇ ଘରୋଇ ବିଦ୍ୟାଳୟ ଛାତ୍ର ନିଜ ବିଦ୍ୟାଳୟ ତଥା ତେନ୍ତୁଳିଖୁଣ୍ଟି ବ୍ଲକ୍ ଟେକ ରଖିଛନ୍ତି।

## ଟ୍ରକ୍ ଚାଳକ ମୃତ୍ୟୁ ଅଭିଯୋଗରେ ୩ ଅଟକ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଥାନା ଅନ୍ତର୍ଗତ ଓରିଏଣ୍ଟ କାଗଜ କଳର କଲୋନୀରେ ରହୁଥିବା ଇନ୍ଦ୍ରଜିତ ପାସୱାନ (୪୦)ର ସନ୍ଦେହ ଜନକ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଓରିଏଣ୍ଟ କାଗଜ କଳର କଲୋନୀ ସି ଟାଇପ୍‌ରେ ରହୁଥିବା ଇନ୍ଦ୍ରଜିତ ପାସୱାନ ଇ ଟାଇପ୍‌ରେ ରହୁଥିବା ବିରେନ୍ଦ୍ର ଯାଦବ (୫୦)ଙ୍କର ଟ୍ରକ୍ ଚାଳକ ଭାବେ କାର୍ଯ୍ୟରତ ଥିଲା। ଗତକାଲି ସକାଳ ସମୟରେ ଇନ୍ଦ୍ରଜିତ ଫୋନ କରି ବିରେନ୍ଦ୍ରକୁ ଆଜି ଗାଡି ଲୋଡ ହୋଇପାରିବ ନାହିଁ ବୋଲି ଜଣାଇଥିଲେ। ମାଲିକ ବିରେନ୍ଦ୍ର ଗାଡିକୁ ପାର୍କିଂରେ ରଖିବାକୁ କହିଥିଲେ। ଏହାପରେ ଦିନ ୧୧ଟା ସମୟରେ ବନ୍ଧ ବାହାଲ ଫାଣ୍ଡି ଅନ୍ତର୍ଗତ ସୁଖ ପଟ୍ଟନାୟକ ଛକ ନିକଟରୁ ଏକ ଫୋନ ବିରେନ୍ଦ୍ରକୁ ଆସିଥିଲା କି ଇନ୍ଦ୍ରଜିତ ମଦ ପିଇ ରାସ୍ତାରେ ପଡ଼ିଛି। ଏହି ଖବର ପାଇ ବିରେନ୍ଦ୍ର ତାର ପୁତୁରା ଦୀପକ ଯାଦବକୁ ଡ୍ରାଇଭରକୁ ଆଣି ତାର ଘରେ ଛାଡିବା ପାଇଁ କହିଥିଲେ। ଦୀପକ ତାର ଜଣେ ସାଙ୍ଗ ଆଶିଷ ଜଗତକୁ ନେଇ ମଦ୍ୟପାନ କରିଥିବା ଡ୍ରାଇଭର ଇନ୍ଦ୍ରଜିତକୁ ଆଣି ତାର ଘରେ ଚେତାଶୁନ୍ୟ ଅବସ୍ଥାରେ ଛାଡି ଦେଇଥିଲା। ଇନ୍ଦ୍ରଜିତର କକା ରାମଚନ୍ଦ୍ର ପାସୱାନ ଦ୍ୱିପ୍ରହରରେ ଉଠାଇଲା ବେଳେ ଇନ୍ଦ୍ରଜିତ ଆଉ ଉଠିନଥିଲା। ଏହି ଖବର ରାମଚନ୍ଦ୍ର ପାସୱାନ ବ୍ରଜରାଜନଗର ଥାନାକୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଇନ୍ଦ୍ରଜିତକୁ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏହାପରେ ପୋଲିସ ପଚରାଉଚରା କରିବା ପାଇଁ ଆଶିଷ ଜଗତ, ବିରେନ୍ଦ୍ର ଯାଦବ, ଦୀପକ ଯାଦବକୁ ଅଟକ ରଖିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଜଣାପଡିନଥିବା ବେଳେ ଗୁରୁବାର ଦିନ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲେ।

## ପିତୃମାତୃ ହୀନ ଶିଶୁଙ୍କ ଦଶମ ପରୀକ୍ଷାରେ ଶତ ପ୍ରତିଶତ ସଫଳତା



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ପ୍ରାକୃତିକ ଦୁର୍ବିପାକ ଏବଂ କୋଭିଡ଼ ମହାମାରୀ ସିନା ପିଲାମାନଙ୍କ ଠାରୁ ବାପା ଓ ମାଙ୍କୁ ନେଇଗଲା କିନ୍ତୁ ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ କିନ୍ତୁ ପିଲାମାନଙ୍କୁ ବାପା ମା'ର ସ୍ନେହ, ମମତା, ଯତ୍ନ ଏବଂ ସୁରକ୍ଷାରେ ଏପରି ବାନ୍ଧି ରଖିଛି ଯେ ପିଲାମାନେ ଆଜି ପ୍ରକାଶ ପାଇଥିବା ଓଡ଼ିଶା ସରକାର ଦଶମ ଶ୍ରେଣୀ ପରୀକ୍ଷାରେ ଶତକଡ଼ା ୭୦ ରୁ ୯୦ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତେଣୁ ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର କୁମାର ଦାସ ଆଜି ପ୍ରାଉଡ୍ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନକୁ ଯାଇ ଏହି ଖୁସି ମୁହୂର୍ତ୍ତରେ ପିଲାମାନଙ୍କ ସହ କିଛି ସମୟ କଟାଇବା ସହ ମିଠା ଖୁଆଇ ପିଲାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଶ୍ରୀ ଦାସ ପିଲାମାନଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ ଯେ ପିଲାମାନେ ଆଗକୁ କିପରି ଆହୁରି ଭଲ କରିବେ ସେଥିପ୍ରତି ଧ୍ୟାନ ଦେବେ ଏବଂ ଜିଲ୍ଲା ପ୍ରଶାସନ ସେମାନଙ୍କ ପାଖରେ ପ୍ରତି ମୂହୁର୍ତ୍ତରେ ଛିଡ଼ା ହୋଇଥିବା କଥା କହି ଉତ୍ସାହିତ କରିଥିଲେ। ଯେଉଁ ଶିଶୁମାନେ ଆଜିର ଦିନରେ ଦଶମ ପରୀକ୍ଷାରେ ଭଲ କରିଛନ୍ତି ସେମାନେ ହେଉଛନ୍ତି ତିତିଲି ମହାବାତ୍ୟା ଏବଂ କୋଭିଡ଼ ମହାମାରୀରେ ନିଜର ପିତାମାତାଙ୍କୁ ହରାଇ ସରକାର ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ରହିଆସୁଥିବା ଶିଶୁମାନେ। ଗଜପତି ଜିଲ୍ଲାର ପିତୃମାତୃ ହରାଇ ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନମାନଙ୍କରେ ରହିଆସୁଥିବା ଶିଶୁମାନଙ୍କ ଭିତରୁ ୨୦ ଜଣ ଶିଶୁ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ସମସ୍ତ ଶିଶୁ କୃତକାର୍ଯ୍ୟ ହୋଇଥିଲାବେଳେ ଜଣେ ଶିଶୁ ଶତକଡ଼ା ୮୦ରୁ ଉର୍ଦ୍ଧ୍ୱ ମାର୍କ ରଖି ଏ୨ ରେ ସ୍ଥାନ ପାଇଥିବା ବେଳେ ସେମାନଙ୍କ ଭିତରୁ ୧୦ ଜଣ ଶିଶୁ ଶତକଡ଼ା ୭୫ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ତିତିଲି ମହାବାତ୍ୟାରେ ଅନାଥ ହୋଇଥିଲା ବେଳେ ଅନ୍ୟ ଦୁଇଜଣ କୋଭିଡ଼ ମହାମାରୀରେ ନିଜର ପିତା ମାତାଙ୍କୁ ହରାଇ ଜିଲ୍ଲା ପ୍ରଶାସନ ଏବଂ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ସହାୟତାରେ ବଢ଼ିଚାଲିଛନ୍ତି। ପ୍ରକାଶ ଥାଉକି ଯେ କୋଭିଡ଼ ମହାମାରୀରେ କୋଭିଡ଼ ଯୋଗୁଁ ନିଜ ମାତା ପିତାଙ୍କୁ ହରାଇ ସ୍ଥାନ ପାଇଥିବା ୮ ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଶିଶୁ ଶତକଡ଼ା ୯୩ ମାର୍କ ରଖିଛନ୍ତି। ଆଜି ଦିନରେ କୃତକାର୍ଯ୍ୟ ହୋଇଥିବା ୨୦ ଜଣଙ୍କ ମଧ୍ୟରୁ ଚାରିଜଣ ଶିଶୁ ବିବେକାନନ୍ଦ ରେସିଡ଼ନ୍ସିଆଲ୍ ସ୍କୁଲ, ଏସ୍.ଉରୁଡ଼ା, ଚାରି ଜଣ ଶିଶୁ ଶ୍ରୀଜଗନ୍ନାଥ ନିକେତନ, ଆର.ସୀତାପୁର, ଚାରି ଜଣ ଶିଶୁ ପ୍ରାଉଡ଼, ବି.ସୀତାପୁର, ତିନି ଜଣ ଶିଶୁ ନିସାନ ସାଲୋମ ଚିଲଡ୍ରେନ୍ ହୋମ୍, ଗୁମ୍ମା ଏବଂ ଅନ୍ୟ ପାଞ୍ଚଜଣ ଶିଶୁ ଡ଼େଷ୍ଟାର ହୋମ୍, ଜରାଉ, ମୋହନା ଶିଶୁଯତ୍ନ ଓ ସୁରକ୍ଷା ଅନୁଷ୍ଠାନରେ ରହି ଆସୁଛନ୍ତି। ଆଗାମୀ ଦିନରେ ଶିଶୁମାନଙ୍କ ଉଚ୍ଚଶିକ୍ଷା ପାଇଁ ଶିଶୁମାନଙ୍କ ଇଚ୍ଛା ମୁତାବକ ଅନୁଷ୍ଠାନରେ ନାମ ଲେଖାଇ ସମସ୍ତ ସହଯୋଗ ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛି। ଏହି ଅବସରରେ ପ୍ରାଉଡ୍ ଏବଂ ଶ୍ରୀ ଜଗନ୍ନାଥ ଶିଶୁ ଯତ୍ନ ଅନୁଷ୍ଠାନରେ ଖରାଛୁଟି ସମୟରେ ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ଅଭିବୃଦ୍ଧି ପାଇଁ ଅତିରିକ୍ତ ଜିଲ୍ଲାପାଳ କମ୍ପ୍ୟୁଟର ଶିକ୍ଷା ସହ ରଚନା ଲେଖିବା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାରେ ଥିବା ପ୍ରତ୍ୟେକ ଶିଶୁ ଯତ୍ନ ଅନୁଷ୍ଠାନରେ ଆସନ୍ତା ଏକ ମାସ ପାଇଁ କାର୍ଯ୍ୟକାରୀ ହେବ ଯେଉଁଥିରେ କି ୭୫ରୁ ଉର୍ଦ୍ଧ୍ୱ ମାତୃପିତୃହୀନ ଶିଶୁ ଉପକୃତ ହେବେ।

## ସଇଁତଲା ବ୍ଲକ୍ ପାଲିଟିଛି ଦୁର୍ନୀତିର ଗନ୍ତାଘର !

ସଇଁତଲା, (ଭାସ୍କର ନ୍ୟୁଜ୍): ସଇଁତଲା ବ୍ଲକ୍ ହେଉଛି ବଲାଙ୍ଗୀର ଜିଲ୍ଲାର ଏକ ମୁଖ୍ୟ ବ୍ଲକ୍। କିନ୍ତୁ ସଇଁତଲା ବ୍ଲକ୍‌ରେ ଚାଲିଥିବା ମନରେଗା କାମଗୁଡିକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସରକାର ଦାଦନ ଚାଲାଣ ରୋକିବା ପାଇଁ ବିଭିନ୍ନ ପ୍ରୟାଶ ଜାରି ରଖିଛନ୍ତି ସେ ମଧ୍ୟରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏକ ସ୍ୱତନ୍ତ୍ର ପରିଚୟ ପାଇଛି ହେଲେ ସଇଁତଲା ବ୍ଲକ୍‌ର କେତେଟି ପଞ୍ଚାୟତରେ ତାହା ଠିକ ଭାବରେ କାର୍ଯ୍ୟ କରୁ ନାହିଁ। ଏଠି କାମ ଅନ୍ୟ ଲୋକ କରୁଥିବା ବେଳେ ପଇସା ଅନ୍ୟ ଲୋକଙ୍କ ଖାତାରେ ପଡ଼ିଥିବା ନଜରକୁ ଆସିଛି। କେତେଟି କ୍ଷେତ୍ରରେ ମେସିନ ଲଗାଇ ମାଟି କାମ ଚାଲୁଥିବା ବେଳେ ଚଞ୍ଚକତା କରି ନିରୀହ ଶ୍ରମିକମାନଙ୍କ ଖାତାରେ ପଇସା ପକାଇ ହରିଲୁଟ କରାଯାଉଛି ଯାହା ଫଳରେ ଶ୍ରମିକମାନେ ଦାଦନ ଯିବା ପାଇଁ ବାଧ୍ୟ ହେଉଛନ୍ତି। ସଇଁତଲା ବ୍ଲକ୍‌ର କେତେଟି ପଞ୍ଚାୟତରେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, କଲେଜ ଛାତ୍ର, କଲେଜ ଛାତ୍ରୀମାନଙ୍କ ଖାତାରେ ପଇସା ପଡୁଥିବା ନଜରକୁ ଆସିଛି। ଏଥିରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସନ୍ତୋଷ ଜନକ ଉତ୍ତର ଦେଉନ ଥିବା ବେଳେ ଉପରିସ୍ଥ ଅଧିକାରୀଙ୍କୁ ସବୁ ଜଣା ଅଛି ବୋଲି କହୁଛନ୍ତି।

## ଶିଶୁମନ୍ଦିରର ୬ ଛାତ୍ରଛାତ୍ରୀ 'ଏ-୧' ଗ୍ରେଡରେ ଉତ୍ତୀର୍ଣ୍ଣ

କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ। କୁକୁଡାଖଣ୍ଡି ବ୍ଲକ୍‌ର ନିମଖଣ୍ଡି ଶିଶୁମନ୍ଦିର ଚଳିତ ବର୍ଷ ଭଲ ପ୍ରଦର୍ଶନ କରିଛି। ଏଠାରେ ୬୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏ-୧ରେ ୬ଜଣ, ଏ-୨ରେ ୧୮ଜଣ, ବି-୧ ରେ ୨୮, ବି-୨ ରେ ୯ଜଣ, ସି-ରେ ୪ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ସେହିପରି ବ୍ଲକ୍‌ରେ ୮ଜଣ ଏ-୧ ରହିଥିବା ବେଳେ ନିମଖଣ୍ଡି ଶିଶୁମନ୍ଦିରର ଛାତ୍ର ସ୍ୱସ୍ତିକ କୁମାର ଦାସ, ମନସ୍ମିତା ପଟ୍ଟନାୟକ, ଅପର୍ଣ୍ଣା ବରାଡ଼ ସାହୁ, ଜ୍ୟୋତିର୍ମୟୀ ମହାନ୍ତି, ମହେଶ କୁମାର ସାହୁ, ଅନିଶା ରାଣୀ ମହାରଣା, ବନ୍ଥପଲି ହାଇସ୍କୁଲର ବିଶ୍ୱନାଥ ଗୌଡ଼, ଗୁରୁଣ୍ଡି ହାଇସ୍କୁଲର ଅଙ୍କିତା କୁମାରୀ ନାୟକ ରହିଛନ୍ତି। ବ୍ଲକ୍‌ର ୨୨ଟି ସରକାରୀ ହାଇସ୍କୁଲର ୧୫୪୪ ଜଣ ଛାତ୍ରଛାତ୍ରୀ ଓ ବେସରକାରୀ ୩ଟି ବିଦ୍ୟାଳୟର ୧୭୦ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ଏବିଇଓ ତ୍ରିନାଥ ମଳିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ୨୦ଟି ସରକାରୀ ବିଦ୍ୟାଳୟରେ କୌଣସି ଛାତ୍ର ଛାତ୍ରୀ ଏ-୧ ରେ ସ୍ଥାନ ପାଇନଥିବା ବେଳେ କିଛି ହାତଗଣତି ଛାତ୍ରଛାତ୍ରୀ ଏ-୨ରେ ସ୍ଥାନ ପାଇଛନ୍ତି। ଯାହାକି ଅତ୍ୟନ୍ତ ନୈରାସ୍ୟ ଜନକ ପ୍ରଦର୍ଶନ ହେଉଥିବା ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

## ଯାଦବ ସମାଜ ତରଫରୁ ପଛୁଆବର୍ଗର ଜନଗଣନା ପ୍ରଶିକ୍ଷଣ

ଝରୀଗାଁ, (ଭାସ୍କର ନ୍ୟୁଜ୍): ଝରୀଗାଁ ବ୍ଲକର ଓ ଉମରକୋଟ ବ୍ଲକର ମିଳିତ ଭାବରେ ଜିଲ୍ଲା ଉତ୍କଳ ଯାଦବ ସମାଜ ତର୍ଫରୁ ପଛୁଆବର୍ଗର ଝରୀଗାଁ ବ୍ଲକ ବେଲଗାଁ ପଞ୍ଚୟତର ଛତାଆମ୍ବଟାରେ ନଜଗଣନା ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ଜିଲ୍ଲା ଉତ୍କଳ ଯାଦବ ସମାଜର ପର୍ଶୁରାମ ନାୟକ, ଶ୍ରୀ ତ୍ରିନାଥ ମୁଦୁଲି, ପ୍ରଶିକ୍ଷେଣ ଶିକ୍ଷାବିତ ରୂପେ ଦାୟିତ୍ୱ ନେଇଥିଲେ। ଏଥିରେ ଯାଦବ ସମାଜର ପ୍ରାୟ ୫୦ ଜଣ ଶିକ୍ଷିତ ଯୁବକମାନଙ୍କୁ ଶିକ୍ଷାଦିଆ ଯାଇ ଥିଲା। ଝରିଗାଁ ବ୍ଲକର ଓ ଉମରକୋଟ ବ୍ଲକର ବଣ ଜଙ୍ଗଲ ଘେରାରେ ବସବାସ କରୁଥିବା ଯେଉଁ ଗ୍ରାମମାନଙ୍କରେ ରାସ୍ତା ଘାଟର ସୁବିଧା ନାହିଁ କିମ୍ବା ଅଙ୍ଗଓ୍ୱାଡି କେନ୍ଦ୍ରନାହି। ସେହିସବୁ ସ୍ଥାନମାନଙ୍କରେ ସବୁ ଯାଦବ ତଥା ପଛୁଆ ବର୍ଗର ଲୋକମାନେ କିପରି ଠିକ୍ ସମୟରେ ଅଙ୍ଗନଓ୍ୱାଡି କେନ୍ଦ୍ରରେ ଯାଇ ନିଜନିଜ ନାମରେ ସଂଜଗ କରି କେଉଁ ଅନୁଷ୍ଠାନ ଶିକ୍ଷା ଅଧ୍ୟୟନ କରୁଥିଲେ ତାର ବିବରଣୀ ସଂପୁର୍ଣ୍ଣ ଦେଇ ଜନଗଣନା କରାଇବା। ସରକାରଙ୍କ ସର୍ଭେ ଅନୁସାରେ ଗତ ୧ତାରିଖ ଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ବଣଜଙ୍ଗଲ ଘେରା ଅଞ୍ଚଳରେ ରାସ୍ତା ଘାଟ ନାହିଁ କି ଅଙ୍ଗନଓ୍ୱାଡି କେନ୍ଦ୍ର ନାହିଁ। କିମ୍ବା ସରକାରଙ୍କର ଡାକବାଜି ଯନ୍ତ୍ର ଗାଡ଼ି ପହଞ୍ଚିପାରି ନାହିଁ ସେହି ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଏହି ସର୍ଭେକୁ ଜାଣି ପାରିନାହାନ୍ତି। ଏଥିପାଇଁ ଆମ୍ଭେ ନବରଙ୍ଗପୁର ଜିଲ୍ଲା ଉତ୍କଳ ଯାଦବ ସମାଜ ତରଫରୁ ଦାବି କରୁଛୁ କି ଅଙ୍ଗନଓ୍ୱାଡି କର୍ମୀ ଘରକୁ ଘରଯାଇ ସେବା କରନ୍ତୁ ଓ ପୁନର୍ବାର ତାରିଖ ଅଧିକ ବଢ଼ାଇ ଦିଆ ଯାଉ ବୋଲି ଆମର ଦାବି। ଏହି ପ୍ରଶିକ୍ଷଣ ଶିବିରରେ ଉମରକୋଟ ଓ ଝରିଗାଁ ବ୍ଲକର ପ୍ରାୟ ୫୦ଜଣ ଶିକ୍ଷିତ ଯୁବ ଯାଦବ ଭାଗନେଇ ଥିଲେ। ଏହି ଶିବିରରେ ସହଯୋଗ କରିଥିଲେ। ସେମାନେ ହେଲେ ଶ୍ରୀ ଡମ୍ବରୁଧର ଗୌଡ, ଭୁବନ ଗୌଡ, ସନ୍ନ୍ୟା ଗୌଡ, ଭିମ ଗୌଡ, ପଦୁଗୌଡ, ଗୋପାଳ ଗୌଡ, ସିଂଙ୍ଗ ଗୌଡ, ଗୋଙ୍ଗାରାମ ଗୌଡ, ଭଗବାନ ଗୌଡ, ନିତ୍ୟାନନ୍ଦ ଗୌଡ, ଟଙ୍କଧର ଗୌଡ, ଚୈତନ୍ୟ ଗୌଡ, ନରହରି ଗୌଡ, କର୍ଣ୍ଣ ଗୌଡ।

## ମାଟ୍ରିକ ପରୀକ୍ଷାରେ ଚିକିଟି ବ୍ଲକ୍‌ରେ 'ଏ-୧'ରେ ୩ ଜଣ କଲେ ପାସ୍

ଚିକିଟି, (ଭାସ୍କର ନ୍ୟୁଜ୍): ସଦ୍ୟ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳାଫଳ ଚିକିଟି ବ୍ଲକ୍‌ର ଛାତ୍ରଛାତ୍ରୀମାନଙ୍କ ସନ୍ତୋଷ ଜନକ ହୋଇଛି। ବ୍ଲକ୍‌ର ୨୨ ଗୋଟି ହାଇସ୍କୁଲ୍‌ର ମିଳିଥିବା ଫଳାଫଳ ଅନୁଯାୟୀ ସୁନ୍ଦରଡା ଯୁଜି ହାଇସ୍କୁଲ୍‌ର ଏମ. ପବିତ୍ର ୫୪୬ ନମ୍ବର ରଖି 'ଏ-୧' ଗ୍ରେଡ ପ୍ରଥମ ସ୍ଥାନ ସହ ବ୍ଲକ ଟପ୍ପର ହୋଇଥିବା ବେଳେ ନୂଆପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଇପ୍ସିତା ପାଣିଗ୍ରାହୀ ୫୪୦ ଓ ବାରାହୀ ବିଦ୍ୟାପୀଠର ଓମପ୍ରିୟ ଦାଶ ୫୪୦ ନମ୍ବର ରଖି 'ଏ-୧' ସ୍ଥାନରେ ଅଛନ୍ତି। ମିଳିଥିବା ସୂଚନା ପ୍ରକାରେ ବ୍ଲକ୍‌ରେ ୨୨ ହାଇସ୍କୁଲରେ ୧୨୭୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ୧୨୫୭ ଜଣ ପରୀକ୍ଷାର୍ଥି ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାର ହାର ୯୮.୮୯ ପ୍ରତିଶତ। ଚଳିତ ବର୍ଷ ପରୀକ୍ଷା ହାର ଭଲ ଥିବାରୁ ଅଭିଭାବକ ମହଲରେ ଖୁସି ଅନୁଭବ କରିଛନ୍ତି।

## ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇ ସାଇକେଲରେ ସଚେତନତା ବାର୍ତ୍ତା



ଛତ୍ରପୁର, (ଭାସ୍କର ନ୍ୟୁଜ୍): ନିଶା ସେବନର ମାୟା ଜାଲରେ ଆଜିକାର ଯୁବପିଢି। ନିଶା ଉଜାଡୁଛି ଅନେକ ପରିବାର ଆଉ ଏହି ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇ ସାଇକେଲରେ ଭାରତ ଭ୍ରମଣ କରୁଛନ୍ତି ଛତିଶଗଡ଼ର ଦୁଇ ଯୁବକ। ମେ ୯ରୁ ରାଇଘରରୁ ବାହାରି ଆଜି ଗଞ୍ଜାମରେ ପହଞ୍ଚିଛନ୍ତି। ବିଭିନ୍ନ ସ୍କୁଲ କଲେଜ ଯାଇ ଯୁବପିଢିଙ୍କୁ ନିଶା ନିବାରଣ ସଚେତନତା କରିବା ସହ ସ୍ଲୋଗାନ ଦେଇ ସହର ପରିଭ୍ରମଣ କରୁଛନ୍ତି। ଆଗାମୀ ଦିନରେ ପୁରା ଭାରତ ଭ୍ରମଣ କରି ସଚେତନତା ମାଧ୍ୟମରେ ନିଶା ମୁକ୍ତ ସମାଜ ଗଠନର ଲକ୍ଷ୍ୟ ରଖିଥିବା କହିଛନ୍ତି ଏହି ଦୁଇଜଣ ଯୁବକ। ନିଜସ୍ୱ ଖର୍ଚ୍ଚରେ ପ୍ରଥମେ ସେ ରାଇଘରରୁ ଏହି କାର୍ଯ୍ୟକ୍ରମ କରିବା ପରେ ଓଡିଶାର ସମ୍ବଲପୁର, ଝାରସୁଗୁଡ଼ା, ରେଙ୍ଗାଲି ପ୍ରଭୁତି ସ୍ଥାନରେ ଯୁବ ବର୍ଗ ବସ୍ତି ପିଲା ସ୍କୁଲ ପିଲାଙ୍କୁ ନିଶାମୁକ୍ତି ସଚେତନତା ବାର୍ତ୍ତା ଦେବା ପରେ କଟକ ଭୁବନେଶ୍ୱର ଖୋର୍ଦ୍ଧା ଦେଇ ଗଞ୍ଜାମରେ ପହଞ୍ଚିଛନ୍ତି। ଦୁଇ ବନ୍ଧୁ ହେମ କୁମାର ଏବଂ ଅମରଙ୍କ କହିବା କଥା ନିଶା ଦ୍ୱାରା କିଭଳି ପରିବାର ଛାରଖାର ହେଉଛି ତାହା ଆମେ ଆଖିରେ ଦେଖିଛୁ। ଆମର ଜଣେ ବନ୍ଧୁ ଏହି ନିଶା କବଳରେ ପଡି ପ୍ରାଣ ହରାଇଛନ୍ତି। ତେଣୁ ସେବେଠୁ ଚିନ୍ତା କଲୁ ନିଶା ସେବନ ନ କରିବା ପାଇଁ ଆମେ ଯୁବପିଢିଙ୍କ ମଧ୍ୟରେ ସଚେତନତା କରାଇବୁ ଯଦି ଏହି ସଚେତନ ମାଧ୍ୟମରେ ଯୁବକମାନେ ନିଶା କବଳରୁ ମୁକ୍ତ ହେଉଛନ୍ତି ତାହା ଆପ ପାଇଁ ବଡ଼ ଉପହାର ହେବ। ନିଶା ମୁକ୍ତି ନ ହେବା ପର୍ଯ୍ୟନ୍ତ ଆମର ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ଦୁଇ ବନ୍ଧୁ। ଗଞ୍ଜାମ ପରେ ଭାୟା ଆନ୍ଧ୍ର ଦେଇ ଆଗକୁ ହାଇଦ୍ରାବାଦ ଯିବାକୁ ଲକ୍ଷ୍ୟ ରଖିଛନ୍ତି ଏହି ଦୁଇ ଯୁବକ।

## ସିବିଏସଇ ପରୀକ୍ଷାରେ ଡିଏଭି ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା




ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ବେଦାନ୍ତ ଲିମିଟେଡ, ଲାଞ୍ଜିଗଡ ଭାରତର ଅଗ୍ରଣୀ ମେଟାର୍ଲଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ ଏହାର ଦାୟିତ୍ୱରେ ଥିବା ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତାକୁ ଗର୍ବର ସହ ଘୋଷଣା କରିଛି। ଉଲ୍ଲେଖନୀୟ ଯେ ଉଭୟ ସିନିୟର ସେକେଣ୍ଡାରୀ ଓ ମାଧ୍ୟମିକସ୍ତରରେ ସବୁ ଛାତ୍ରଛାତ୍ରୀ ପ୍ରଥମ ଡିଭିଜନରେ ଉତୀର୍ଣ୍ଣ ହୋଇଛନ୍ତି ଓ ପାସ ହାର ୧୦୦% ରହିଛି। ଯାହା ଏହି ଅଂଚଳ ପାଇଁ ଏକ ସୁନାମ ଅଟେ। ବେଦାନ୍ତର ଲାଞ୍ଜିଗଡ ୟୁନିଟ କଳାହାଣ୍ଡିର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଭାବରେ ୨୦୦୬ରେ ଡିଏଭି ବେଦାନ୍ତ ଆର୍ନ୍ତାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲା। ଏଠାରେ ୧୨୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ସ୍ଥାନୀୟ ଗୋଷ୍ଠୀର ଛାତ୍ରମାନଙ୍କୁ ଶ୍ରେଷ୍ଠ ଓ ଗୁଣମାନର ଶିକ୍ଷା ପ୍ରଦାନ କରିଥାଏ। ଏହି ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା କଳାହାଣ୍ଡିର ସାକ୍ଷରତା ହାର ୨୦୦୧ରେ ୩୮.୪%ରୁ ୨୦୧୧ରେ ୫୦.୯%କୁ ବୃଦ୍ଧି ହୋଇଛି। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦଶମ ଶ୍ରେଣୀର ସୌଭାଗ୍ୟ ନାୟକ ସର୍ବାଧିକ ୯୭% ନମ୍ବର ରଖିଛନ୍ତି, ପ୍ରତୀଭା ନାଏକ ୯୬.୮୦% ଓ ଅମ୍ରିନ ବାନୁ ୯୫.୪୦% ନମ୍ବର ରଖିଛନ୍ତି। ଉଚ୍ଚ ମାଧ୍ୟମିକସ୍ତରରେ ହିମାଂଶୁ ସିଂ ସର୍ବାଧିକ ସ୍କୋର ୯୨.୬୦% ଓ ବିଦ୍ୟାଶ୍ରୀ ଗାଜିବିଲି ୮୯.୮୦% ତଥା ଆର୍ଯ୍ୟାନ ହୋତା ୮୯% ସ୍କୋର ଓ ଶ୍ରୀମାନ ପ୍ରଧାନ ୮୯% ରଖିଛନ୍ତି। ବେଦାନ୍ତ ଲିମିଟେଡର ଡେପୁଟି ସିଇଓ-ଆଲୁମିନା ବିଜିନେସ, ଶ୍ରୀ ଜିଜି ପାଲ କହିଛନ୍ତି ଯେ ବେଦାନ୍ତ ପରିବାର ପକ୍ଷରୁ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ବୋର୍ଡ ପରୀକ୍ଷାରେ ପିଲାମାନଙ୍କର ଏହି ସଫଳତା ଆମ ଶିକ୍ଷା ପଦକ୍ଷେପ ଗୁଡ଼ିକର ସକାରାତ୍ମକ ପ୍ରଭାବର ପ୍ରମାଣ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶ୍ରୀ ସଦାନନ୍ଦ ହୋତାଙ୍କ ପ୍ରଚେଷ୍ଟା, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମର୍ଥନକୁ ମୁଁ ପ୍ରଶଂସା କରୁଛି। ଏକ ସଂସ୍ଥା ଭାବରେ ଆମେ ଜିଲ୍ଲାରେ ଶିକ୍ଷାର ପ୍ରୋତ୍ସାହନ ଦିଗରେ ନିରନ୍ତର କାର୍ଯ୍ୟ କରୁଛୁ। ଲାଞ୍ଜିଗଡରେ ଶିକ୍ଷାର ପ୍ରସାର ଦିଗରେ ଆମର ପ୍ରଚେଷ୍ଟା ଜାରୀ ରହିବ କାରଣ ଶିକ୍ଷା ପରିବର୍ତନଶୀଳ ଅଭିବୃଦ୍ଧି ତଥା ସାମାଜିକ ଅର୍ଥନୈତିକ ବିକାଶର ଚାବିକାଠି ଅଟେ। ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ସଦାନନ୍ଦ ହୋତା କହିଛନ୍ତି ଯେ, ସିବିଏସଇ ବୋର୍ଡ ପରୀକ୍ଷାରେ ଆମ ଛାତ୍ରଛାତ୍ରୀମାନଙ୍କ ସଫଳତାକୁ ଆମେ ଅତ୍ୟନ୍ତ ଗର୍ବର ସହ ପାଳନ କରୁଛୁ। ଡିଏଭି ବେଦାନ୍ତ ଲାଂଜିଗଡ଼ର ଛାତ୍ର ଛାତ୍ରୀମାନଙ୍କ ଏହି ସଫଳତା ସେମାନଙ୍କ ପରିଶ୍ରମ ଓ ନିଷ୍ଠାର ପ୍ରମାଣ। ମୁଁ ମଧ୍ୟ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କ ଅବଦାନକୁ ଧନ୍ୟବାଦ ଜଣାଉଛି। ଦ୍ୟାଳୟର ଭିତଭୂମି ବୃଦ୍ଧି ପାଇଁ ବେଦାନ୍ତ ଲାଞ୍ଜିଗଡ଼ର ଉତ୍ସର୍ଗୀକୃତ ଅବଦାନ ରହିଆସିଛି। ଏହା ନିଶ୍ଚିତ କରେ ଯେ, ପିଲାମାନେ ଉପଯୁକ୍ତ ପୋଷଣ ଓ ପରିବେଶରେ ଶିକ୍ଷାଲାଭ କରିପାରିବେ। ସୁଦୂର ଅଂଚଳରୁ ଶିକ୍ଷା ଲାଭ କରିବାକୁ ଆସୁଥିବା ପିଲାମାନଙ୍କ ପାଇଁ ଏହି ଶିକ୍ଷାନୁଷ୍ଠାନ ଗୁଣମାନର ଶିକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ। ବେଦାନ୍ତର ୧୩୦ରୁ ଅଧିକ ଆଧୁନିକ ଅଙ୍ଗନବାଡ଼ି ନନ୍ଦଘର ପ୍ରକଳ୍ପ, କଳାହାଣ୍ଡି ଓ ନିକଟବର୍ତ୍ତି ଅଂଚଳରେ ବାଲ୍ୟ ଶିକ୍ଷାକୁ ପରିବର୍ତ୍ତନ କରିବା ଲାଗି କାର୍ଯ୍ୟ କରୁଛି। ଏହି ପଦକ୍ଷେପ ଦ୍ୱାରା ପିଲାମାନଙ୍କର ଶିକ୍ଷା ଭିତିଭୂମିକୁ ସଶକ୍ତ କରାଯାଇପାରୁଛି। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୩ ରେ ୨.୨୯ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମର ର୍ୟାଙ୍କ ଡାଓ ଜୋନସ ସସଟାନବିଲିଟି ଇଣ୍ଡେକ୍ସ ୨୦୨୨ରେ ୨ୟ ର୍ୟାଙ୍କ ଧାରୀ ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା। ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍‌ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଫାଇନାରୀ କାର୍ଯ୍ୟ କରୁଛି। ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

# ରାଜ୍ୟ ଖବର



ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ଠାରେ ମହିଳାମାନେ ଆଜି ଘରେ ଘରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏଇ କ୍ଷେତ୍ରରେ ଆଜି ବ୍ଲକରେ ଥିବା ସମସ୍ତ ଦେବ ଦେବିଙ୍କ ମନ୍ଦିର ଆଗରେ ଭୋଗରାଗ ଧରି ମହିଳାଙ୍କ ଭିଡ ଦେଖିବାକୁ ମିଳିଥିଲା ବେଳେ କିଛି ମହିଳା ମାନେ ଏକତ୍ରୀତ ହୋଇ ଘରେ ଘରେ ସାବିତ୍ରୀ ପୂଜାରେ ବ୍ୟସ୍ତ ଥିବା ନଜରକୁ ଆସିଥିଲା।ହୁଳହୁଳି ସବ୍ଦରେ ଅଞ୍ଚଳ କମ୍ପି ଉଠିଥିବା ବେଳେ ଏକ ଆଧାତ୍ମିକ ପରିବେଶ ଶୃଷ୍ଟି ହୋଇଥିଲା।ଓଡିଆ ପରମ୍ପରା ମୁତାବିକ ବିଭିନ୍ନ ବ୍ରତ ମଧ୍ୟରୁ ସାବିତ୍ରୀ ବ୍ରତ ଅନ୍ୟତମ। ଏହି ବ୍ରତ ପୁରାଣ କିମ୍ବଦନ୍ତୀରୁ ଆସିଥିବା ବେଳେ ଏହାକୁ ହିନ୍ଦୁ ଧର୍ମର ସଧବା ମହିଳ ମାନେ ନିଜ ନିଜ ସ୍ୱାମୀଙ୍କ ଦିର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ସଧବା ମହିଳା ମାନେ ଉପବାସ ରହିବା ସହ ସବୁ ରକମର ଫଳ,ଫୁଲ ନୂତନ ବସ୍ତ୍ରକୁ ନେଇ ସାବିତ୍ରୀଙ୍କ ଆଗରେ ରଖି ପୁଜା କରନ୍ତି। ସାବିତ୍ରୀଙ୍କ ସ୍ୱାମୀ ସତ୍ୟବାନଙ୍କ ଆୟୁ ଅତି କମ୍ ଥିଲା। ମୃତ୍ୟୁ ବେଳେ ଯମରାଜ ଯେତେ ବେଳେ ସତ୍ୟବାନଙ୍କ ପ୍ରାଣ ନେବାକୁ ଆସିଲେ ସେହି ସମୟରେ ସାବିତ୍ରୀଙ୍କ ନିଷ୍ଠା ଓ ଭକ୍ତି ଆଗରେ ଯମରାଜ ନରମି ଯାଇ ସତ୍ୟବାନଙ୍କ ପ୍ରାଣ ଫେରାଇ ଦେଇଥିଲେ। ସେହି ଦିନ ଠାରୁ ପ୍ରତ୍ୟେକ ବର୍ଷ ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ଏହି ବ୍ରତ ପାଳନ କରାଯାଇ ଥାଏ।



## ବେଆଇନ ପିଡିଏସ୍ କାରବାର, ବିଭାଗ ଜାଣି ଅଜଣା



ପାଟଣାଗଡ,(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଗରୀବ ଲୋକେ କିଭଳି ଭୋକ ଉପାସରେ ନରହି ଠିକ ଭାବରେ ଖାଦ୍ୟ ପାଇ ପାରିବେ ସେଥିପାଇଁ ପିଡିଏସ ଚାଉଳର ବ୍ୟବସ୍ଥା କରିଛନ୍ତି। ହେଲେ କିଛି ଅସାଧୁ ବ୍ୟବସାୟୀ ଏବଂ ଅସାଧୁ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ଯୋଜନା ବାଟବଣା ହୋଇଥିବା ଦେଖିବାକୁ ମିଳୁଛି। ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ କେନ୍ଦୁମୁଣ୍ଡି ପଞ୍ଚାୟତର କେନ୍ଦୁମୁଣ୍ଡି ଗ୍ରାମର ଭୋଲାନାଥ ମେହେର ଅନେକ ଦିନ ହେବ ପଞ୍ଚାୟତର ଗରିବ ଲୋକଙ୍କଠାରୁ ପିଡିଏସ ଚାଉଳ ସଂଗ୍ରହ କରି କଣ୍ଟାବାଞ୍ଜିର ଟୋନି ଅଗ୍ରୱାଲ ନାମକ ଏକ ବ୍ୟବସାୟୀଙ୍କ ପାଖକୁ ରପ୍ତାନୀ କରୁଥିବା ସ୍ଥାନୀୟ ଲୋକେ ବହୁ ଦିନରୁ ନଜର ରଖି ଆସୁଥିଲେ। ତେବେ ଗତକାଲି ଅପରାହ୍ନ ୫ ଘଣ୍ଟା ସମୟରେ କେନ୍ଦୁମୁଣ୍ଡି ଗ୍ରାମରୁ ପିଡିଏସ୍ ଚାଉଳ ବୋଝେଇ ଏକ ୪୦୭ ଗାଡି (ଓଡି ୨୬ - ୨୪୫୪) ଚୋରାଚାଲାଣ ହେଉଥିବା ବେଳେ କୌଣସି ସୁତ୍ରରୁ ସ୍ଥାନୀୟ ଲୋକେ ଖବର ପାଇ ଅଟକାଇଥିଲେ। ପରେ ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ୪୦୭ ଡ୍ରାଇଭରଙ୍କୁ ପଚାରିବାରୁ ଡ୍ରାଇଭର ପିଡିଏସ୍ ଚାଉଳ ୬୦ ବସ୍ତା କେନ୍ଦୁମୁଣ୍ଡି ଭୋଲା ମେହେରଙ୍କ ଠାରୁ କଣ୍ଟାବାଞ୍ଜି ଟୋନି ଅଗ୍ରୱାଲଙ୍କ ନିକଟକୁ ଯାଉଥିବା ସ୍ୱୀକାର କରିଥିଲେ। ଏ ନେଇ ପାଟଣାଗଡ ଯୋଗାଣ ଅଧିକାରୀ ମାୟାଧର ସାହୁଙ୍କୁ ଫୋନ ମାଧ୍ୟମରେ ଅବଗତ କରାଯାଇଥିଲା ହେଲେ, ସେ ମୁଁ ବାହାରେ ଅଛି ମୋର କେହି ଷ୍ଟାଫ ନାହାନ୍ତି, ଯୋଗାଣ ଇନ୍ସପେକ୍ଟରକୁ ଦେଖୁଛି କହି ବାହାନା ମାରିଥିଲେ। ପରେ ମୋର ଅସୁବିଧା ଅଛି ଏବଂ ଆପଣମାନେ ପୋଲିସକୁ କହି ଗାଡି ରଖି ଦିଅନ୍ତୁ ବୋଲି କହି ଫୋନ ସ୍ୱିଚ ଅଫ କରି ଦେଇଥିଲେ। ପରେ ପାଟଣାଗଡ ଉପଜିଲ୍ଲାପାଳଙ୍କୁ ଫୋନରେ ଅଭିଯୋଗ କରାଯାଇଥିଲା। ସେ ଫୋଟୋ ପଠାନ୍ତୁ ଦେଖିବା ବୋଲି କହିଥିଲେ। ହେଲେ ଫୋଟୋ ଦେଖିବା ତ ଦୂରର କଥା ରାତି ୮ ଟା ପର୍ଯ୍ୟନ୍ତ କୌଣସି ପ୍ରତ୍ୟୁତର ନଥିଲା ଯାହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ସନ୍ଦେହ ସୃଷ୍ଟି କରିଛି। ଗରିବଙ୍କ ଠାରୁ କମ୍ ଦରରେ ଚାଉଳ ସଂଗ୍ରହ କରି ଚଢା ଦରରେ ମିଲରମାନଙ୍କୁ ବିକ୍ରି ହେଉଛି, ହେଲେ ଏଭଳି ବେଆଇନ କାରବାରର ସୂଚନା ଦେଲେ ମଧ ପ୍ରଶାସନ ନୀରବ ରହୁଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶାସନ ଏବଂ ଅସାଧୁ ବେପାରୀଙ୍କ ମଧୁଚନ୍ଦିକା ସ୍ପଷ୍ଟ ହୋଇଛି ବୋଲି ଆଲୋଚନା ହେଉଛି। ବଲାଙ୍ଗିର ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଜିଲ୍ଲାପାଳ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଦାବି ହୋଇଛି।

### ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

## ରାୟ ଶୁଣାଇଲେ ଅତିରିକ୍ତ ଜିଲ୍ଲା ଦୌରାଜଜ୍



କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁରେ ଗତ ୨୦୧୭ ମସିହାରେ କେଦାର ମେହେର ନାମକ ଯୁବକକୁ ହତ୍ୟା କରାଯାଇଥିଲା। ଆଜି ଗୁରୁବାର ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କଣ୍ଟାବାଞ୍ଜି ହିଂମାଶୁ ଶେଖର ମଲ୍ଲିକ ତା'ର ଶୁଣାଣି କରି ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ସୂଚନା ଅନୁସାରେ ଲର୍କି ଗ୍ରାମର କେଦାର ମେହେରକୁ ତୁରେକେଲା ଥାନା ବର୍ଲା ଯୁବାମାଲ ଗ୍ରାମର ମୁକେଶ ଛତ୍ରିଆ ଓରଫ ମିର୍ଦ୍ଧା ଓରଫ ଦିନେଶ(୩୦) ପିତା -ନିରନ ଛତ୍ରିଆ କୌଣସି କାରଣକୁ ନେଇ ଟାଙ୍ଗିଆ ସାହାର୍ଯ୍ୟରେ ଆକ୍ରମଣ କରି ନିର୍ମମ ଭାବେ ହତ୍ୟା କରିଥିଲା। ପ୍ରକାଶ ଥାଉକି ଅଭିଯୁକ୍ତ ମୁକେଶର ସ୍ଥାୟୀ ଠିକଣା ନୂଆପଡା ଜିଲ୍ଲା କୋମନା ଥାନା ମାନିଗୁଡାର ବାସିନ୍ଦା ହୋଇଥିବା ବେଳେ ସେଠାରୁ ଚାଲି ଆସି ବର୍ଲା ଯୁବାମାଲରେ ରହିଆସୁଥିଲା। ତୁରେକେଲା ଥାନା କେସ ନଂ. ୩୯୫/୨୦୧୭ ମୁତାବକ ତୁରେକେଲା ପୋଲିସ ଅଭିଯୁକ୍ତ ମୁକେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିଦିନଠାରୁ ଅଭିଯୁକ୍ତ କଣ୍ଟାବାଞ୍ଜି ଉପକାରାଗାରରେ ବିଚାରାଧିନ କଏଦି ଭାବେ ଥିବା ବେଳେ ଗତ ମାନ୍ୟବର କୋର୍ଟ ଅଭିଯୁକ୍ତ ମୁକେଶକୁ ଦଫା ୩୯୪ ଅନୁଯାୟୀ ୧୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଯୋରିମାନା ଓ ଦଫା ୩୦୨ରେ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା ଦେବା ପାଇଁ ନିର୍ଦ୍ଦେଶ କରିଛନ୍ତି। ଉଭୟ ଜୋରିମାନା ଅନାଦେୟ ହେଲେ ଆହୁରି ୫ବର୍ଷ ଅଧିକ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ। ଏହି ଯୋରିମାନା ଯଦି ଅଭିଯୁକ୍ତ ଦିଅନ୍ତି ତେବେ ଉକ୍ତ ଟଙ୍କା ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା କ୍ଷତି ପୁରଣ ବାବଦକୁ ଦିଆଯିବ ବୋଲି କୋର୍ଟ ନିର୍ଦ୍ଦେଶ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ କାନନ କିଶୋର ପଣ୍ଡା ଆଗରୁ ପରିଚାଳନା କରୁଥିବା ବେଳେ ଆଜି କୋର୍ଟରେ ଅନୁପସ୍ଥିତ ଥିବାରୁ ସରକାରୀ ଓକିଲ ପ୍ରମୋଦ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ମଙ୍ଗଳ ବିଭାଗ ବିଦ୍ୟାଳୟରେ ୯୯,୭୧ ପାସ୍

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ମଙ୍ଗଳ ବିଭାଗ ବିଦ୍ୟାଳୟରେ ୯୯, ୭୧ପତିଶତ ପାସ୍ ହୋଇଥିବା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି। ଜିଲ୍ଲା ର ୩୬ ଟିଏସ ଏସ୍ ଡି ହାଇ ସ୍କୁଲ ମଧ୍ୟରୁ ୩୧୪୨ଛାତ୍ର ଛାତ୍ରୀ ପରୀକ୍ଷା ଦେବା ନିମନ୍ତେ ଫ୍ରମ୍ ଫିଲପ୍ କରିଥଲେ। ସେଥି ମଧ୍ୟରେ୩୦୮୫ ପରୀକ୍ଷା ଦେଇ ୩୦୭୬ଜଣ ଛାତ୍ର ଛାତ୍ରୀ ପାସ୍ ହୋଇଥିବା ବେଳେ ମାତ୍ର ୯ ଜଣ ଫେଲ ହୋଇଥିବା ଜଣା ଯାଇଛି। ସେଥିମଧ୍ୟରୁ ଏ ୨ ଗ୍ରେଡ ରେ ୨୦୨ ଜଣ ଛାତ୍ର ଛାତ୍ରୀ ଉତ୍ତିର୍ଣ୍ଣ ହୋଇଥିବା ବେଳେ ବି ୧ରେ ୧୧୮୪ ଜଣ ବି ୨ ରେ ୧୨୮୯ସି ରେ୩୪୫ ଗ୍ରେଡ ଡିରେ ୬୧ଇ ଗ୍ରେଡରେ ୨୫ ଜଣ ପାସ୍ ହୋଇଥିବା ଦେଖିବାକୁ ମିଳିଛି। ରାଇଘର ବ୍ଲକର ଯୋଡ଼ିଙ୍ଗା କନ୍ୟାଶ୍ରମ ସ୍କୁଲ୍‌ରେ ଶତପ୍ରତିଶତ ପାସ୍ ହୋଇଛନ୍ତି। ପ୍ରକାଶ ଥାଉ କି ଏହି ସ୍କୁଲ୍‌ରେ ଦୀର୍ଘ ୧୨ ବର୍ଷ ହେବ ଶତପ୍ରତିଶତ ପାସ୍ ହାର ରହି ଆସୁଅଛି। ତାସହ ଏହି ବିଦ୍ୟାଳୟ ଜିଲ୍ଲା ଓ ରାଜ୍ୟ ସ୍ତରରେ ୫ ଥର ପୁରସ୍କୃତ ହୋଇଆସୁ ଥିବା ଦେଖିବାକୁ ମିଳିଛି।

## କୋଷାଗୁମୁଡ଼ା ବ୍ଲକରେ ୯୮.୬୯ ପ୍ରତିଶତ ଫଳାଫଳ

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍): ଗୁରୁବର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ୨୭ ଟି ବିଦ୍ୟାଳୟ ମଧ୍ୟରୁ ମୋଟ ୧୭୬୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେଥିରୁ ମୋଟ ଛାତ୍ରଛାତ୍ରୀ ୧୭୩୯ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । କୋଷାଗୁମୁଡ଼ା ବ୍ଲକର ପାସ ହାର ୯୮.୬୯ ପ୍ରତିଶତ ରହିଥିବା ସୂଚନା ମିଳିଛି । ସେଥି ମଧ୍ୟରୁ ୮୪ ଜଣ ଛାତ୍ରଛାତ୍ରୀ ୮୦% ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ୨୩ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ଜଣା ପଡ଼ିଛି ।

## ଲେଣ୍ଡା ଗ୍ରାମରେ ଆର ଏମ୍ ସି ଗୋଦାମ ଗୃହ ଲୋକାର୍ପିତ



ବରପାଲି (ଭାସ୍କର ନ୍ୟୁଜ୍): ବ୍ଲକ ଲେଣ୍ଡା ଗ୍ରାମରେ ଆର ଏମୟ ସି ଆନୁକୂଲ୍ୟ ନବ ନିର୍ମିତ ଗୋଦାମ ଗୃହ ଲୋକାର୍ପିତ ହୋଇଯାଇଛି । ବରପାଲି ଆର ସି ଏମ୍ ଏସ୍ ସଭାପତି ତଥା ବରପାଲି ସମବାୟ ସମିତିର ନିର୍ଦ୍ଦେଶକ ରବି ସାହୁଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର ଜିଲ୍ଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ ସରସରା ସେବା ସମବାୟ ସମିତି ଅଧକ୍ଷ ଜୟଦେବ ଗଡ଼ତିଆ, ବରପାଲି ସେବା ସମବାୟ ସମିତି ଅଧକ୍ଷ ଗୁରୁ ମେହେର, ଆଗଲପୁର ସମବାୟ ସମିତି ଅଧକ୍ଷ ବିରୋସେନ ସାହୁ, କଟାପାଲି ସେବା ସମବାୟ ସମିତି ଅଧକ୍ଷ ଧ୍ରୁବ ସାହୁ କୁମ୍ଭାରୀ ସେବା ସମବାୟ ସମିତି ଅଧକ୍ଷ ପ୍ରଫୁଲ୍ଲ ପ୍ରଧାନ ପୂର୍ବତନ ସରପଞ୍ଚ ଭକ୍ତ ଷଣ୍ଢ, ସମ୍ପାଦକ ଗୋବର୍ଦ୍ଧନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ସନ୍ତୋଷ ପ୍ରଧାନ ଓ ବିପିନ ପ୍ରଧାନଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ତପନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୨ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ବରଗାଁ ଗ୍ରାମର ତୁଳାରାମ କୁମ୍ଭାର(୨୦) ଏକ ନମ୍ବର ବିହୀନ ବଜାଜ ପଲସର ମଟର ସାଇକେଲରେ ଗୁରୁବାର ଭୋର ସକାଳୁ ସତୀଗୁଡା ନଦୀ ନିକଟରେ କୋଷାଗୁମୁଡ଼ା ପୋଲିସଙ୍କ ଦ୍ୱାରା ଧରାପଡ଼ିଥିଲା। ପ୍ରାୟ ୨୨ କିଲୋ ୫୦୦ଗ୍ରାମର ଗଞ୍ଜେଇ ବସ୍ତା ସହ ତାଙ୍କୁ ଗିରଫ କରି କୋଷାଗୁମୁଡ଼ା ଥାନା କେସ ନମ୍ବର ୭୮/୨୩ ରେ ମାମଲା ରୁଜୁ କରି ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରେମାନନ୍ଦ ସୁନାନୀ ସୂଚନା ଦେଇଛନ୍ତି। ଏହି ଚଢଉରେ ଏଏସଆଇ ସୁଧାଂଶୁ ବାରିକ, ଏଏସଆଇ ଲଳିତ କୁମାର ପଣ୍ଡା ଓ ତାଙ୍କ ଟିମ ସହଯୋଗ କରିଥିଲେ ।

### ଭାତ ଓ ଛାତ ମାଗୁଛି ହେମଲତା

## ଭିକ ମାଗିଲେ ଖାଇବାକୁ ମିଳେ ୩ ଶିଶୁଙ୍କୁ



ନୂଆପଡ଼ା,(ଭାସ୍କର ନ୍ୟୁଜ୍):ନାରୀ ସୁରକ୍ଷା ପାଇଁ ସରକାର ସରକାରଙ୍କ ମାଳମାଳ ଯୋଜନା । ବିଧବା ମହିଳାଙ୍କୁ ସାମାଜିକ ସୁରକ୍ଷା ପାଇଁ ଯୋଜନା ରହିଛି ହେଲେ ସବୁ ଯୋଜନା ସଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରୁ ନାହିଁ । ଅସହାୟ ବିଧବା ହେମଲତା ମାଝୀଙ୍କ ପାଖକୁ ପହଞ୍ଚି ପାରିନାହିଁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା। ଫଳରେ ବିଧବା ହେମଲତା ଭଙ୍ଗା ଦଦରା କୁଡ଼ିଆ ଘରେ ଅସୁରକ୍ଷିତ ଅବସ୍ଥାରେ ପଡି ରହିଥିବାବେଳେ, ତିନି ନାବାଳକ ସନ୍ତାନ ସହ ଭୋକ ଉପାସରେ ଦିନ କାଟୁଛି। ନୂଆପଡା ଜିଲ୍ଲା ସଦର ମହୁକମା ଠାରୁ ୧୨୦ କିଲୋମିଟର ଦୂରତା ନୂଆପଡା ଜିଲ୍ଲା ଛତିଶଗଡ଼ ସୀମାନ୍ତ ସିନାପାଲି ବ୍ଲକ ପିଠାପଡା ଗାଁ। ଗାଁରେ ବାସକରନ୍ତି ବିଧବା ଅସହାୟ ହେମଲତା ମାଝୀ, ତିନି ନାବାଳକ ସନ୍ତାନ ଗୋପାଳ ମାଝୀ, ଭୁପେଶ ମାଝୀ, କୁନି ଶିଶୁକନ୍ୟା କିଞ୍ଜଲ ମାଝୀ। ଭଙ୍ଗା ଦଦରା କୁଡ଼ିଆ ଘରେ ଦିନରେ ସୂର୍ଯ୍ୟ ରାତ୍ରିରେ ଚନ୍ଦ୍ର ଦେଖାଦେଉଛି । ତେବେ ପୂର୍ବରୁ ହେମଲତା ମାଝୀ ଓ ତାଙ୍କ ପତି କୁଶଧ୍ୱଜ ମାଝୀ ଚେନ୍ନଇରେ ବିଲ୍ଡିଂ ତିଆରି କାମ କରୁଥିଲେ। କାମ କରିବା ସମୟରେ ସ୍ୱାମୀ କୁଶଧ୍ୱଜର ଡାହାଣ ଗୋଡ଼ ଭାଙ୍ଗି ଯାଇଥିଲା । ପରେ ସ୍ୱାମୀ ସ୍ତ୍ରୀ ୩ ନାବାଳକ ଶିଶୁମାନଙ୍କୁ ଧରି ଗାଁକୁ ଚାଲି ଆସିଥିଲେ । ଗାଁରେ ଚିକିତ୍ସା ଅଭାବରୁ କୁଶଧ୍ୱଜଙ୍କ ମୃତ୍ୟୁ ଘଟିଥିଲା। ପରିବାରର ଏକମାତ୍ର ରୋଜଗାରିଆ ସ୍ୱାମୀଙ୍କ ଦେହାନ୍ତ ପରେ ପରିବାରର ଉପରେ ଦୁଃଖର ପାହାଡ ଭାଙ୍ଗି ପଡିଛି। ଅସୁରକ୍ଷିତ ଅବସ୍ଥାରେ ଖରା, ବର୍ଷା, ଶୀତକୁ ସହି ଭାଗ୍ୟକୁ ଆଦରି ଭଙ୍ଗାଘରେ ପଡିରହିଛି ପରିବାର। ରୋଜଗାର କହିଲେ କିଛି ନାହିଁ, ଗାଁ ଦାଣ୍ଡରେ ଭିକ ମାଗି ତିନି ନାବାଳକ ପେଟରେ ଦାନା ଦେଉଛନ୍ତି ହେମଲତା। ତାଙ୍କ ପାଖରେ ନାଅଛି ରାସନକାର୍ଡ, ଆବାସ ଗୃହ,ନା ବିଧବା ଭତ୍ତା। ବେଳେ ଖାଇଲେ ବେଳେ ଉପବାସ ଭୋକିଲା ପେଟରେ ଓଦାକନା ଦେଇ ଅର୍ଦ୍ଧହାରରେ ଦିନକାଟୁଛି ଏହି ଅସହାୟ ପରିବାର। ହେମଲତା ପାଖରେ ନାଁ ଅଛି ରାସନକାର୍ଡ, ଆବାସ ଗୃହ, ନା ବିଧବା ଭତ୍ତା। ସବୁକିଛି ସରକାରୀ ଯୋଜନା ଅପହଞ୍ଚ ହୋଇପଡିଛି । ଜମିବାଡ଼ି ଘରଦ୍ୱାର କିଛି ବି ନାହିଁ, ଗାଁର ଅନ୍ୟଜଣେ କୋକଙ୍କ ଘର ପଛପଟେ କୁଡ଼ିଆ ଘର ତିଆରି ଆଶ୍ରୟ ନେଇଛନ୍ତି ହେମଲତା। ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଏହି ପରିବାର ପାଇଁ ସାତ ସପନ ପାଲଟିଛି ।

## ବନ୍ଦେ ଭାରତ ଟ୍ରେନ୍ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



କୋରାପୁଟ, (ଭାସ୍କର ନ୍ୟୁଜ) ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଉଦ୍‌ଘାଟନ ଅବସରରେ କୋରାପୁଟ ରେଲୱେ ଷ୍ଟେସନଠାରେ ଏକେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସଦ ସପ୍ତଗିରି ଉଲାକା, ବ୍ଲକ ଅଧ୍ୟକ୍ଷା ନମିତି ମାଝି, ବିଜେପି ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ବିଜେପି ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟା ପୂର୍ଣ୍ଣିମା ନାୟକଙ୍କ ସମେତ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରୀରୁ ହାୱଡା ବନ୍ଦେ ଭାରତ ଅକ୍ସପ୍ରେସ ଚାଲିବା ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ କହିଛନ୍ତି। କୋରାପୁଟରେ ରେଳଲାଇନ ଦୋହରୀକରଣ କରାଯାଉଛି । କୋରାପୁଟରୁ ରାୟଗଡା ସମେତ ଅନ୍ୟାନ ଷ୍ଟେସନକୁ ଡବଲ ଲାଇନ ହେବ ପରେ କୋରାପୁଟରୁ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଇବା ପାଇଁ ସାଂସଦ ଶ୍ରୀ ଉଲ୍ଲାକା ଏହି ଅବସରରେ ଦାବି କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଶତାଧିକ ଲୋକ ପ୍ରତିଦିନ ପ୍ରାୟ ୧୨ଘଣ୍ଟା ପର୍ଯ୍ୟନ୍ତ ଟ୍ରେନରେ ବସି କଟକ, ଭୁବନେଶ୍ୱର ଯାଉଥିବାବେଳେ ଏହି ଅଞ୍ଚଳ ପାଇଁ ବନ୍ଦେ ଭାରତ ଏକ୍ସପ୍ରେସ ଦରକାର ବୋଲି ସାଂସଦ କହିଛନ୍ତି । କୋରାପୁଟରୁ ଏହି ଏକ୍ସପ୍ରେସ ଚାଲିଲେ ଅନେକ ରୋଗୀଙ୍କ ସମେତ ସାଧାରଣ ଲୋକ ଉପକୃତ ହେବେ ବୋଲି ସେ କହିଛନ୍ତି । ଏହାକୁ ସଂସଦରେ ଉପସ୍ଥାପନ କରିବେ ବୋଲି ସାଂସଦ କହିଛନ୍ତି।

## ନୂଆପଡ଼ା ଜିଲ୍ଲା ପାସ୍‌ହାର ୯୫.୬୭% ; ଜୟଶ୍ରୀ ପ୍ରଥମ, ରୋଷନ ଦ୍ୱିତୀୟ



ନୂଆପଡ଼ା (ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସମେଟିଭ -୨ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି । ଗତବର୍ଷ ତୁଳନାରେ ଚଳିତବର୍ଷ ଭଲ ରହିଛି। ଗତ ବର୍ଷ ଜିଲ୍ଲାରେ ୮୮.୮୩ % ରହିଥିବା ବେଳେ ଚଳିତବର୍ଷ ୯୫.୬୭ % ରହିଛି। ସୂଚନା ମୁତାବକ ଜିଲାରେ ମୋଟ ୧୦ ହଜାର ୧୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯ ହଜାର ୬୮୭ଜଣ ପାସ ହୋଇଛନ୍ତି। ସେଥି ମଧ୍ୟରୁ ଏ୧ ରେ ୫ ଜଣ,ଏ୨ ରେ ୨୮୨ ଜଣ, ବି୧ରେ ୧ ହଜାର ୫୮୧ଜଣ, ବି୨ରେ ୩ ହଜାର ୩୧୬ ଜଣ, ସିରେ୨ ହଜାର ୮୮୭ ଜଣ, ଡିରେ ୧ ହଜାର ୨୧୫ ଜଣ, ଇରେ ୪୦୧ଜଣ ଓ ଏଫରେ ୨୧୫ ଜଣ ପାସ୍? ହୋଇଥିବା ଜିଲାଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ ସୂଚନା ଦେଇଛନ୍ତି। ବୋଡେନ ବ୍ଲକ ମହୁଲପଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜୟଶ୍ରୀ ହଂସ ମୋଟ ୬ଶହରୁ ୫୪୮ (୯୧.୩୩ %) ରଖି ଜିଲ୍ଲାରେ ପ୍ରଥମ ହୋଇଥିବା ବେଳେ କୋମନା ବ୍ଲକ ସିଆଳଲଟି ଉଚ୍ଚ ବିଦ୍ୟାଳୟ ସିଆଳଲଟିର ଛାତ୍ର ରୋସନ ସାହୁ ୬ ଶହ ମାର୍କରୁ ୫୪୪ (୯୦.୬୬%) ମାର୍କ ରଖି ଦ୍ୱିତୀୟ ହୋଇଛନ୍ତି। ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଫଳ ଭଲ ହୋଇଥିବାରୁ ଶିକ୍ଷକ, ଅଭିଭାବକମାନଙ୍କୁ ଜିଲା ଶିକ୍ଷା ଅଧିକାରୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ରାଜ୍ୟ ଆଇନସେବା ପ୍ରାଧିକରଣ ଆଦେଶ କ୍ରମେ ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଦିବ୍ୟାଙ୍ଗ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚଳିତ ମାସ ୨୨ତାରିଖରୁ ଆରମ୍ଭ ହୋଇ୨୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅଭିଯାନ ପାଇଁ ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ,ନବରଙ୍ଗପୁରର ଅଧକ୍ଷ ସଞ୍ଜୀବ ଦୁବେଙ୍କ ଅଧକ୍ଷତାରେ ନୂତନ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦିବ୍ୟାଙ୍ଗ ମାନେ କିପରି ସେମାନଙ୍କର ନାର୍ଯ୍ୟ ଅଧିକାରରୁ ବଞ୍ଚିତ ନ ହବେ ସେ ନେଇ ବିଶେଷଭାବେ ଧ୍ୟାନଦେବାକୁ ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ମତ ରଖିଥିଲେ । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ,ଡାକ୍ତର ନବକିଶୋର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁଧାଂଶୁ ପାତ୍ର ଜିଲ୍ଲା ଶ୍ରମ ଅଧରକାରୀ, ରଞ୍ଜନ କିଶୋର ବେହେରା ଜିଲ୍ଲା ଶିଶୁସୁରକ୍ଷା ଅଧରକାରୀ, ଆଶା କିରଣର ଅଧ୍ୟକ୍ଷ ଜଗନ୍ନାଥ ବେହେରା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧରକରଣ ତରଫରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଜିଲ୍ଲାର ଦିବ୍ୟାଙ୍ଗମାନେ ଏହି ଅଭିଯାନର ସୁଯୋଗ ନେବାପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ,ଡି.ଡି.ଆର.ଓ ନବରଙ୍ଗପୁର (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ),ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ନବରଙ୍ଗପୁର ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ନବରଙ୍ଗପୁର ସଚିବ ଜନକ ରାଉତ କହିଛନ୍ତି। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ୦୬୮୫୮-୨୨୨୪୪୫ ଯୋଗାଯୋଗ କରନ୍ତୁ।

## ମକାର ଅଭାବୀ ବିକ୍ରିକୁ ରୋକିବାକୁ ପଦକ୍ଷେପ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍):ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆରଏମସି ଏବଂ ଓରମାସର ମିଳିତ ପ୍ରୟାସରେ ମକାଚାଷୀ ଏବଂ ମକାବିକ୍ରେତାଙ୍କୁ ନେଇ ଜିଲ୍ଲାରେ ମକାର ଅଭାବୀ ବିକ୍ରିକୁ ରୋକିବାକୁ ପ୍ରଥମ ଥର ପାଇଁ ସାକ୍ଷାତ ଆଧାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର, ଓରସମା ବୋର୍ଡ ଜେନେରାଲ ମ୍ୟାନେଜର ଧରିତ୍ରୀ ମିଶ୍ର, ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ଗୋକୁଳ ବେହେରା, ଡିଆରସିଏସ୍ ସି.ଏଚ୍ ଭବାନୀ ପ୍ରସାଦ.ଓରମାସ ଜିଲ୍ଲା କାର୍ଯ୍ୟନିର୍ବାହୀ ସି.ଏଚ୍.ଉମାମହେଶ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀ ଯେପରି ସର୍ବନିମ୍ନ ସହାୟକ ମୂଲ୍ୟରେ ମକା ବିକ୍ରି କରିପାରିବେ ସେହି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ୍ ତାପସ କୁମାର କହିଥିଲେ। ଜିଲ୍ଲାରେ ୪ଲକ୍ଷ ୫୦ହଜାର ମେଟ୍ରିକ ଟନ୍ ପର୍ଯ୍ୟନ୍ତ ମକା ଉତ୍ପାଦନ ହେଉଛି । ଉତ୍ପାଦନ ହେଉଥିବା ମକାର ଗୁଣାତ୍ମକମାନ ଭଲ ରହିଛି । ତେଣୁ ଓରମାସ ଏବଂ ଆରଏମ୍‌ସି ପକ୍ଷରୁ ମକା ମିଶନ ଆରମ୍ଭ ହୋଇଛି। ଜିଲ୍ଲାରେ ଚାଷୀଙ୍କୁ ଚାଷ ଉପକରଣ ଏଫ୍‌ପିଓ ମାଧ୍ୟମରେ ଦିଆଯିବ । ଚାଷୀଙ୍କୁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ଉପଲବ୍ଧ କରାଯିବ । ଏଫ୍‌ପିଓଙ୍କ ଜରିଆରେ ମକା ଉତ୍ପାଦନ ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ବ୍ୟବସ୍ଥା କରାଗଲେ ଉପଯୁକ୍ତ ମୂଲ୍ୟ ଚାଷୀଙ୍କୁ ମିଳିବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ୪୦ଜଣ ଚାଷୀ,୩୩ଟି ଏଫ୍‌ପିଓ,୧୭ଟି ମହିଳା ସ୍ୱୟଂ ସହାୟକ ଦଳ,୧୮ଜଣ ବ୍ୟବସାୟୀ ଓ ୩ଟି ବ୍ୟବସାୟିକ ସଂସ୍ଥା ଯୋଗଦେଇ ଜିଲ୍ଲାର ମକା ଉତ୍ପାଦନ ଓ ବିକ୍ରି ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଜିଲ୍ଲାର ମକା ବିକ୍ରିରେ ଆରଏମସିର ଭୂମିକା,ଇ-ନାମ ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା ହେବା ସହ ମକା ମହଜୁଦ କରି ରଖିବା ପାଇଁ ଏଫପିଓ ଏବଂ ମହିଳା ସ୍ୱୟଂ ସହାୟକ ଦଳକୁ ଗୋଦାମ ୫୦ପ୍ରତିଶତ ରିହାତିରେ ଭଡାରେ ଦେବାକୁ ସ୍ଥିର ହୋଇଥିଲା । ସେହିପରି ସର୍ବନିମ୍ନ ସହାୟକ ମୂଲ୍ୟରେ ମକା ବିକ୍ରି ନିମନ୍ତେ ୧୦ଟି ଏଫପିଓ ଏବଂ ବ୍ୟବସାୟୀଙ୍କ ସହ ଚୁକ୍ତି ହୋଇଥିଲା । କାର୍ଯ୍ୟକ୍ରମକୁ ଆରଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମଲ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



### କର୍ଣ୍ଣାଟକ ନାଟକର ଯବନିକା

# ନୂଆ ସରକାର ଆଗରେ ଆହ୍ୱାନ

ମୁଖ୍ୟମନ୍ତ୍ରୀ ଗାଦି ଦଖଲ କରିବାକୁ ନେଇ କର୍ଣ୍ଣାଟକ କଂଗ୍ରେସ ରାଜନୀତିରେ ପାଞ୍ଚଦିନ ଧରି ଲାଗି ରହିଥିବା ନାଟକର ଶେଷରେ ଯବନିକା ପଡିଛି। ଏହି ପଦବୀ ହାତେଇବାକୁ ଦୁଇ ପ୍ରମୁଖ ଦାବିଦାର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରାମେୟା ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଡି.କେ ଶିବକୁମାରଙ୍କ ମଧ୍ୟରେ ବଳ କଷାକଷି ଏଭଳି ଚରମସୀମାରେ ପହଞ୍ଚିଥିଲା ଯେ ଦଳୀୟ ହାଇକମାଣ୍ଡ ଉଭୟଙ୍କୁ ବୁଝାଇସୁଝାଇ ଏକ ସର୍ବସମ୍ମତ ନିଷ୍ପତ୍ତି ନେବା ଅସମ୍ଭବ ହୋଇପଡିଥିଲା। କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ଏ ସଂପର୍କରେ ନିଷ୍ପତ୍ତି ନେବା ସମ୍ଭବ ନହେବାରୁ ଦୁଇ ଦାବିଦାର ଦିଲ୍ଲୀରେ ପହଞ୍ଚି ଦଳର ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଘନ ଘନ ଆଲୋଚନା ଚଳାଇଥିଲେ। ଉଭୟେ ନିଜ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ସମାଧାନର କୌଣସି ବାଟ ବାହାରିପାରିନଥିଲା। ମୁଖ୍ୟମନ୍ତ୍ରୀ ଚୟନ ଓ ମନ୍ତ୍ରିମଣ୍ଡଳ ଗଠନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଯୋଗୁଁ କଂଗ୍ରେସ ଦଳର ଭାବମୂର୍ତ୍ତି କ୍ରମଶଃ କ୍ଷୁର୍ଣ୍ଣ ହେବାରେ ଲାଗିଲା ଏବଂ ଅଳ୍ପ ଦିନ ପୂର୍ବେ ନିର୍ବାଚନରେ ବିପୁଳ ବିଜୟ ପାଇଁ ଯେଉଁ ଉଲ୍ଲାସ ଓ ଉନ୍ମାଦନା ସୃଷ୍ଟି ହୋଇଥିଲା, ତାହା ମଳିନ ପଡିଗଲା। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ନିଜେ କର୍ଣ୍ଣାଟକର ଅଧିବାସୀ ହୋଇଥିବାରୁ ଦଳର ଦୁଇ ପ୍ରମୁଖ ଖେଳୁଆଡଙ୍କୁ ମନାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ସମାଧାନ ପାଇଁ ଯେଉଁ ସବୁ ସର୍ତ୍ତ ରଖାଯାଇଥିଲା, ଦୁଇ ଦାବିଦାରଙ୍କ ପାଇଁ କୌଣସିଟି ଗ୍ରହଣୀୟ ହେଲାନାହିଁ। ଗାନ୍ଧି ପରିବାର ମୂଳରୁ ଏହି ବ୍ୟାପାରରେ ହସ୍ତକ୍ଷେପ କରିବେ ନାହିଁ ବୋଲି ସ୍ଥିର କରି ଚୁପ୍ ବସିଯାଇଥିଲେ। ମାତ୍ର ଅଚଳାବସ୍ଥା ଜାରି ରହିବାରୁ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ହସ୍ତକ୍ଷେପ କରିବାକୁ ପଡିଲା ଏବଂ ସେ ଶିବ କୁମାରଙ୍କ ସହ ଆଲୋଚନା କରି ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବା ପାଇଁ ତାଙ୍କୁ ରାଜି କରାଇଲେ। ହାଇକମାଣ୍ଡଙ୍କ ନିଷ୍ପତ୍ତି ଅନୁଯାୟୀ ବରିଷ୍ଠ ନେତା ସିଦ୍ଦରାମେୟା ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଓ ଡି.କେ ଶିବ କୁମାର ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ରାଜ୍ୟରେ କେବଳ ଗୋଟିଏ ଉପମୁଖ୍ୟମନ୍ତ୍ରୀ ପଦ ରହିବ। ଉପମୁଖ୍ୟମନ୍ତ୍ରୀ ରହିବା ସହିତ ଶିବ କୁମାର ୨୦୨୪ ମସିହା ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ତୁଲାଇବେ। ଗୁରୁବାର ସନ୍ଧ୍ୟାରେ ବେଙ୍ଗାଲୁରୁ ଠାରେ କଂଗ୍ରେସ ବିଧାୟକ ଦଳର ବୈଠକ ବସି ସିଦ୍ଦରାମେୟାଙ୍କୁ ବିଧିବଦ୍ଧ ଭାବେ ବିଧାୟକ ଦଳର ନେତା ରୂପେ ନିର୍ବାଚିତ କରାଯାଇଥିଲା। ନିଜେ ଶିବ କୁମାର ନେତା ପଦ ପାଇଁ ସିଦ୍ଦରାମେୟାଙ୍କ ନାମ ପ୍ରସ୍ତାବ କରିବା ଦ୍ୱାରା ଦଳରେ ଏକତା ବଜାୟ ରହିଥିବାର ବାର୍ତ୍ତା ଦିଆଯାଇଛି। ରାଜ୍ୟର ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଶନିବାର ଅନୁଷ୍ଠିତ ହେବ ଏବଂ ଏଥିରେ ଜାତୀୟ ସ୍ତରର ଅନେକ ବରିଷ୍ଠ ନେତା ଓ ଅଣବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର ସମ୍ଭାବନା ରହିଛି। କର୍ଣ୍ଣାଟକର ନୂତନ କଂଗ୍ରେସ ସରକାର ଆଗରେ ଅନେକ ଆହ୍ୱାନ ରହିଛି। ନିର୍ବାଚନ ଇସ୍ତାହାରରେ ଯେଉଁସବୁ ପ୍ରତିଶ୍ରୁତି ଦେଇ ଏହି ଦଳ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସକୁ ଜିଣିପାରିଛି, ତାହାକୁ ପାଳନ କରିବା ଦିଗରେ ଧ୍ୟାନ ଦେବାକୁ ପଡିବ। ଏଥର ବିଧାନସଭା ନିର୍ବାଚନରେ ଦଳକୁ ଯେଉଁ ବିପୁଳ ସଫଳତା ମିଳିଛି, ଆଗାମୀ ଲୋକସଭା ନିର୍ବାଚନରେ ତାହା ଅତୁଟ ନରହିଲେ ସରକାରର ସ୍ଥିରତା ନେଇ ପ୍ରଶ୍ନ ଉଠିପାରେ। ରାଜ୍ୟର ଦଳିତ, ସଂଖ୍ୟାଲଘୁ, ଲିଙ୍ଗାୟତ ଓ ଭୋକାଲିଙ୍ଗ ଆଦି ସବୁବର୍ଗର ସମର୍ଥନ ହାସଲ କରି କଂଗ୍ରେସ ବିଜୟୀ ହୋଇଥିବାରୁ ମନ୍ତ୍ରିମଣ୍ଡଳରେ ସେମାନଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେବା ସହିତ ସାମଗ୍ରିକ ଭାବରେ ସେମାନଙ୍କ କଲ୍ୟାଣ ନିମନ୍ତେ ବହୁବିଧ ପଦକ୍ଷେପ ଗ୍ରହଣ କରିବାକୁ ପଡିବ।

# ବାଟ ହୁଡ଼ିଲାଣି ଡି.ବି.ଟି.



ରଘୁନାଥ ବାବୁ
ବଲାଙ୍ଗିର
ମୋ- ୯୪୩୭୦୯୩୨୪୮

ଏକଦା ଭାରତର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଭାରତରେ ସରକାରୀ ଯୋଜନାରେ ଦୁର୍ନୀତିକୁ ଇଙ୍ଗିତ କରି କହିଥିଲେ ଯେ ସରକାର ଏକ ଟଙ୍କା ପଠାଇଲେ ହିତାଧିକାରୀ ପାଖରେ ମାତ୍ର ୧୫ ପଇସା ପହଞ୍ଚୁଛି । ଅର୍ଥାତ ସରକାରୀ ଯୋଜନାରେ ୮୫ ଭାଗ ବାଟମାରଣା ହେଉଛି । ସେତେବେଳେ ଜଣେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଯୋଜନା ଉପରେ ଏଭଳି ମନ୍ତବ୍ୟ ସାରା ଦେଶରେ ହଇଚଇ ସୃଷ୍ଟି କରିବା ସ୍ୱାଭାବିକ । ଫଳରେ ଯୋଜନା କମିଶନ ଠାରୁ ଆରମ୍ଭ କରି ଉଚ୍ଚ ଅମଲାତନ୍ତ୍ର ଚଳଚଞ୍ଚଳ ହୋଇଉଠିଲା । ସରକାରୀ ଯୋଜନାରୁ ବାଟମାରଣାକୁ କିପରି ରୋକାଯାଇପାରିବ ସେ ବିଷୟରେ ଅନେକ ପଦକ୍ଷେପ ନିଆଗଲା । କିନ୍ତୁ ସେସବୁ ପ୍ରୟାସକୁ ଫୁ ମାରି ଦୁର୍ନୀତିଗ୍ରସ୍ତ ଅଧିକାରୀ, ଅସାଧୁ ରାଜନେତା ଓ ଦଲାଲଗଣ ସରକାରୀ ଯୋଜନାର ଅର୍ଥ ଲୁଟିବାରେ ଲାଗିଲେ । ଶେଷକୁ ସରକାର ଚିନ୍ତାକଲେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଇବେ । ଫଳରେ ମଧ୍ୟସ୍ଥି ବା ଦଲାଲ ତଥା ସରକାରୀ ବାବୁଙ୍କ ଦ୍ୱାରା ହେଉଥିବା ବାଟମାରଣାକୁ ରୋକାଯାଇପାରିବ । ବ୍ୟାଙ୍କିଂ ସେବାର ଦ୍ରୁତ ସଂପ୍ରସାରଣ, ଇଣ୍ଟରନେଟ ସେବାର ସଘନ ଉପଲବ୍ଧତା ଓ ଆଧୁନିକ ଜ୍ଞାନକୌଶଳକୁ ପାଥେୟ କରି ସରକାର ଏ ଦିଗରେ ପାଦ ବଢ଼ାଇଲେ । ସରକାରୀ ଯୋଜନାର ଅର୍ଥ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କଖାତାରେ ଜମା କରାଯିବାକୁ ସରକାର ନିଷ୍ପତ୍ତି ନେଲେ । ଏହାକୁ କୁହାଗଲା ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର ବା ଡି.ବି.ଟି । ପରୀକ୍ଷାମୂଳକଭାବେ ଦେଶର ବଛାବଛା ୪୩ଟି ଜିଲ୍ଲା ଓ ୨୭ଟି ଯୋଜନାକୁ ଏଥିରେ ସାମିଲ କରାଗଲା । ୨୦୧୩ ଜାନୁଆରୀ ୧ ତାରିଖରେ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦ୍ୱାରା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଯୋଜନା ବାବଦ ଅର୍ଥ ପଠାଇବା କାମ ଆରମ୍ଭ କରାଗଲା । ଏହି ଯୋଜନା ନିଶ୍ଚିତଭାବେ ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଯୋଜନା ଥିଲା । ସଭିଏଁ ଧରି ନେଲେ ଏଥର ଆଉ ବାଟମାରଣାର ସୁଯୋଗ ରହିବ ନାହିଁ । ୨୦୧୪ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସରକାର ଗଠିତ ହେବା ପରେ ୧୨.୧୨.୨୦୧୪ ରୁ ଏହାକୁ ସମଗ୍ର ଦେଶର ୩୦୦ ଜିଲ୍ଲାରେ ଲାଗୁ କରାଗଲା । ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ ଦିଆଯାଉଥିବା ଶ୍ରମିକଙ୍କ ମଜୁରି ସମେତ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଯୋଜନାର ଟଙ୍କା ଡି.ବି.ଟି. ମାଧ୍ୟମରେ ପ୍ରେରଣ କରାଗଲା । ପ୍ରଧାନମନ୍ତ୍ରୀ ମୋଦି ଏହାକୁ ତାଙ୍କ ସରକାରର ଏକ ପ୍ରମୁଖ ଉପଲବ୍ଧି ଓ ଦୁର୍ନୀତି ବିରୁଦ୍ଧରେ ଏକ ଅମୋଘ ଅସ୍ତ୍ର




ବୋଲି ଦେଶସାରା କହି ବୁଲିଲେ । ଯେହେତୁ ହିତାଧିକାରୀଙ୍କ ବ୍ୟାଙ୍କ ଜମା ଖାତାରେ ସିଧାସଳଖ ସରକାର ଟଙ୍କା ପଠାଉଛନ୍ତି, ଏଣୁ ବାଟମାରଣା ହେଉନାହିଁ ବୋଲି ଏକ ଅବଧାରଣା ଜନସାଧାରଣରେ ରହିବା ସ୍ୱାଭାବିକ ମଧ୍ୟ । ହଜାର ହଜାର ସଂଖ୍ୟାରେ ଭୂତ ହିତାଧିକାରୀ (ଯେଉଁମାନେ ଜାଲ ଦସ୍ତାବିଜ୍ ଦେଇ ସରକାରୀ ଯୋଜନାର ଲାଭ ଉଠାଉଥିଲେ) ଧରାପଡିଲେ । ଆଧାର ସହିତ ବ୍ୟାଙ୍କ ଖାତାସବୁ ସଂଯୁକ୍ତ ହେବା ଦ୍ୱାରା ଏଭଳି ଭୂତ ହିତାଧିକାରୀଙ୍କୁ ସହଜରେ ଚିହ୍ନଟ କରାଯାଇପାରିଲା ଓ ସରକାରୀ ଯୋଜନାରୁ ସେମାନଙ୍କୁ ବାଦ୍ ଦିଆଗଲା । ଫଳରେ ସରକାରୀ ଅର୍ଥର ଦୁରୁପଯୋଗକୁ ରୋକାଯାଇପାରିଲା ।

ଇତିମଧ୍ୟରେ ଡି.ବି.ଟି. ଲାଗୁ ହେବାର ଦଶବର୍ଷ ବିତିଗଲାଣି । ମାର୍ଚ୍ଚ ୨୦୨୩ ସୁଦ୍ଧା ମୋଟ ୨୯,୩୬,୭୬୨ କୋଟି ଟଙ୍କା ଡି.ବି.ଟି ମାଧ୍ୟମରେ ଜମା କରାଯାଇଛି । ଏକ ସରକାରୀ ଆକଳନରୁ ଜଣାଯାଏ ଯେ ଏହି ଦଶବର୍ଷ ମଧ୍ୟରେ ମୋଟ ୨,୭୩,୦୯୩ କୋଟି ଟଙ୍କାର ବାଟମାରଣାକୁ ରୋକାଯାଇପାରିଛି । ଚାରି କୋଟିର ଅଧିକ ନକଲି ଘରୋଇ ରନ୍ଧନ ଗ୍ୟାସ ବ୍ୟବହାରକାରୀ ଓ ସମପରିମାଣର ନକଲି ପଡିକାର୍ଡଧାରୀ ବାଦ୍ ପଡିଛନ୍ତି । ଅଠେଇଶ ଲକ୍ଷ ନକଲି ଛାତ୍ରବୃତ୍ତିଧାରୀ ବାଦ୍ ପଡିଛନ୍ତି । ସରକାରୀ ତଥ୍ୟରୁ ଆହୁରି ଜଣାଯାଏ ଯେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ସରକାର ୫୩ଟି ବିଭାଗର ୩୧୨ଟି ଯୋଜନାରୁ ମୋଟ ୬,୬୭,୦୧୧ କୋଟି ଟଙ୍କା ଡି.ବି.ଟି. ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ସିଧାସଳଖ ପ୍ରେରଣ କରିଛନ୍ତି । ଉପରୋକ୍ତ ପରିସଂଖ୍ୟାନରୁ ବେଶ ବୁଝିହେଉଛି ଯେ ଡି.ବି.ଟି ଲାଗୁ ହେବାଦ୍ୱାରା ଦେଶର ରାଜକୋଷରୁ ହେଉଥିବା ବାଟମାରଣାକୁ ରୋକାଯାଇପାରିଛି ଓ ଯୋଜନାରେ ସ୍ୱଚ୍ଛତା ଆସିଛି । ଜନଧନ ଆକାଉଣ୍ଟର ପ୍ରଚଳନ, ଆଧାର ସଂଯୋଗୀକରଣ ଓ ମୋବାଇଲ ସେବାର ସଂପ୍ରସାରଣ ବା ସଂକ୍ଷେପରେ 'ଜାମ (ଜେ.ଏ.ଏମ୍.)' , ଡି.ବି.ଟି.କୁ ସଫଳତାର ସହ କ୍ରିୟାନ୍ୱୟନ କରିବାରେ ବେଶ ସହାୟକ ହୋଇଛି ।

କିନ୍ତୁ ଦେଶରେ ଦୁର୍ନୀତିଖୋର ଓ ସେମାନଙ୍କ ଦ୍ୱାରା ସରକାରୀ ଯୋଜନାର ଗଳାବାଟ ଖୋଜିବାର ପ୍ରଚେଷ୍ଟା କମ୍ ହୋଇନାହିଁ । ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ବିହାର ରାଜ୍ୟରେ ଏକ ଜନସୁରାଜ ଯାତ୍ରା ଆରମ୍ଭ କରିଛନ୍ତି । ସେ ପାଦରେ ଚାଲି ଚାଲି ଗାଁ କୁ ଗାଁ ଯାଇ ଲୋକଙ୍କୁ ଭେଟୁଛନ୍ତି । ବିଭିନ୍ନ ସରକାରୀ ଯୋଜନା ତୃଣମୂଳସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି ତାହା ଜାଣିବାକୁ ଚେଷ୍ଟା କରୁଛନ୍ତି । କିଛିଦିନ ତଳେ ପ୍ରଶାନ୍ତ କିଶୋର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଡି.ବି.ଟି. କିଭଳି ବାଟ ହୁଡିଛି, ତାର ଏକ ଚିତ୍ର ପ୍ରଦାନ କରିଛନ୍ତି । ଏହି ଯୋଜନାରେ ଗ୍ରାମାଞ୍ଚଳର ଗୃହହୀନ ବ୍ୟକ୍ତିଙ୍କୁ ପକ୍କା ଘରଟିଏ କରିବାପାଇଁ ଏକ ଲକ୍ଷ କୋଡିଏ ହଜାର ଟଙ୍କାର ସହାୟତା ସରକାର ଦିଅନ୍ତି । ତିନୋଟି କିସ୍ତିରେ ଏହି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କଖାତାରେ ସରକାର ଜମା କରନ୍ତି । ପ୍ରଶାନ୍ତ କିଶୋରଙ୍କ କହିବାନୁସାରେ ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କରେ ଜମାହେବାପରେ ହିତାଧିକାରୀଙ୍କୁ ଲାଞ୍ଚ ବାବଦକୁ ୩୫ ରୁ ୪୦ ହଜାର ଟଙ୍କା ଦେବାକୁ କୁହାଯାଏ । ଏହି ପ୍ରକ୍ରିୟାରେ ଗ୍ରାମପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଓ କିଛି ମଧ୍ୟସ୍ଥି ଦଲାଲ ସାମିଲ ଥାନ୍ତି । ହିତାଧିକାରୀ ବ୍ୟାଙ୍କରୁ ଟଙ୍କା ଉଠାଇଲା ପରେ ଦାବି ମୁତାବକ ଲାଞ୍ଚ ଟଙ୍କା ନ ଦେଲେ ଦ୍ୱିତୀୟ କିସ୍ତି ବେଳକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କହି ହିତାଧିକାରୀଙ୍କ ଜମାଖାତାକୁ ଅଚଳ କରିଦିଆଯାଏ । ଫଳରେ ହିତାଧିକାରୀ ଟଙ୍କା ଉଠାଇନପାରି ହଇରାଣ ହୁଅନ୍ତି । ପରେ ଦାବି ମୁତାବକ ଲାଞ୍ଚ ଟଙ୍କା ଦେଲେ ବ୍ୟାଙ୍କ ଖାତାକୁ ଚାଲୁ କରାଯାଏ । ଏପ୍ରକାର ଦୁର୍ନୀତି ଦିନ ଦ୍ୱି-ପହରେ ସମସ୍ତଙ୍କ ଜାଣତରେ ଚାଲୁଥିଲେ ବି କେହି ପ୍ରତିବାଦ କରନ୍ତିନାହିଁ । କାରଣ ତଳୁ ଉପରଯାଏ ଏହି ଲାଞ୍ଚ ଟଙ୍କାରେ ଭାଗ ଥାଏ । ପ୍ରଶାନ୍ତ କିଶୋର ଚାଲେଞ୍ଜ କରି କହିଛନ୍ତି କି ବ୍ୟାଙ୍କଠାରୁ ଜମାଖାତା ଚଳ-ଅଚଳ ହେବା ତଥ୍ୟରୁ ତାଙ୍କ ଅଭିଯୋଗର ସତ୍ୟତା ପ୍ରତିପାଦିତ ହୋଇପାରିବ । ଏଥରୁ ବେଶ ଅନୁମେୟ ଡି.ବି.ଟି. ମାଧ୍ୟମରେ ଟଙ୍କା ଯାଉଥିଲେ ସୁଦ୍ଧା ଦୁର୍ନୀତି ହଟିନାହିଁ ।

ଦ୍ୱିତୀୟ ଉଦାହରଣ ମନରେଗା ଯୋଜନାକୁ ନିଆଯାଇପାରେ । ଏହି ଯୋଜନାରେ ଶ୍ରମିକର ପାଉଣା ସିଧାସଳଖ ଶ୍ରମିକର ଜମାଖାତାରେ ପଇଠ ହୁଏ । କିନ୍ତୁ କାମ କରିନଥିବା ବା କମ୍ କାମ କରିଥିବା ଶ୍ରମିକଙ୍କ ଜମାଖାତାରେ ଟଙ୍କା ଜମା କରାଯାଇ, ସେଥିରୁ କିଛି ଟଙ୍କା ଶ୍ରମିକକୁ ଦେଇ ବାକି ଟଙ୍କାକୁ ବାଟମାରଣା କରାଯାଏ । ଏହା ଦେଶର ଅଧିକାଂଶ ଗାଁ ମାନଙ୍କରେ ନିତିଦିନିଆ ଘଟଣା । ସବୁ ଜାଣି ବି କେହି ପ୍ରତିବାଦ କରନ୍ତିନି । ତୃତୀୟ ଉଦାହରଣ ଏମ୍.ଏସ୍.ପି. ଦରରେ ସରକାର ଚାଷୀଙ୍କଠାରୁ ଧାନକିଣା ଘଟଣାକୁ ନିଆଯାଇପାରେ । ଏହି ଯୋଜନାରେ ଚାଷୀଙ୍କଠାରୁ ଧାନ କିଣାପରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଶସ୍ୟ ବିକ୍ରୟର ସରକାରୀ ମୂଲ୍ୟ ବାବଦକୁ ପଇସା ଆସେ । କିଛି ଦଲାଲ ଚାଷୀଙ୍କୁ ହାତକରି କୁଇଣ୍ଟାଲ ପ୍ରତି ଶହେରୁ ଦେଢ଼ଶହ ଟଙ୍କା କମିଶନ ଦେଇ ଚାଷୀଙ୍କ ନାମରେ ଧାନବିକ୍ରି କରାନ୍ତି । ବିନା ଧାନରେ କାଗଜପତ୍ରରେ ଧାନବିକ୍ରି ହୁଏ । ମିଲ ମାଲିକମାନେ ପୂର୍ବରୁ କମ୍ ପଇସାରେ କିଣିଥିବା ଧାନକୁ ଏହି କାଗଜପତ୍ରରେ ମାଧ୍ୟମରେ ସର୍ବନିମ୍ନ ସହାୟକ ଦରରେ ଧାନ କିଣାଯାଇଥିବା ଦର୍ଶାଇ ବେଶ ଦୁଇ ପଇସା ରୋଜଗାର କରନ୍ତି । ଏହି ଟଙ୍କାରେ ଉପରୁ ତଳ ସଭିଙ୍କ ଭାଗଥାଏ । ଚାଷୀ ବି ବିନା ଚାଷରେ, ବିନା ଅମଳରେ କେବଳ କାଗଜ ଚାଷ କରି କିଛି ଟଙ୍କା କମିଶନ ରୂପେ ପାଇ ଖୁସି ହୋଇଯାଏ । ଡି.ବି.ଟି. ମାଧ୍ୟମରେ ଟଙ୍କା ପଇଠ ହେଉଥିଲେ ସୁଦ୍ଧା ଖୁଲମଖୁଲ୍ଲା ଏଭଳି ବାଟମାରଣା ଚାଲିଛି । ସମସ୍ତଙ୍କୁ ଏ ବିଷୟ ଜଣା, ହେଲେ କେହି ଅଭିଯୋଗ କରନ୍ତିନି ।

ଉପରୋକ୍ତ ତିନୋଟି ଉଦାହରଣରୁ ଜଣାପଡୁଛି ଯେ ଉପରୁ ଖୁବ୍ ସ୍ୱଚ୍ଛ ଜଣାପଡୁଥିବା ଡି.ବି.ଟି. ବି ବାଟ ହୁଡିଲାଣି । ପ୍ରଧାନମନ୍ତ୍ରୀଙ୍କ ଆଉ ଏକ ମହତ୍ୱାକାଂକ୍ଷୀ ଯୋଜନା ଲକ୍ଷ୍ୟଚ୍ୟୁତ ହେବାକୁ ବସିଲାଣି । ଏଥିରେ ଆହୁରି ସ୍ୱଚ୍ଛତା ଓ ସତର୍କତା ଲୋଡା । ନଚେତ ରାଜକୋଷରୁ ସବସିଡି ନାଁରେ ଅର୍ଥ ବାଟମାରଣା ଚାଲିଥିବ ଓ ସଚ୍ଚୋଟ କରଦାତାଙ୍କ ଉପରେ କରଭାର ବଢ଼ିବଢ଼ି ଚାଲିଥିବ ।

# ମାତୃ ଓ ନବଜାତକ ସୁରକ୍ଷା ଜରୁରୀ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,
ମୋ: ୯୪୩୭୯୯୪୩୭୯

ବିଶ୍ୱ ମାତୃ ଦିବସ ସମଗ୍ର ବିଶ୍ୱରେ ପାଳିତ ହେଉଛି। ମାତୃ ଓ ନବଜାତ ଶିଶୁଙ୍କ ସୁରକ୍ଷା ପାଇଁ ବିଶ୍ୱର ସମସ୍ତ ରାଷ୍ଟ୍ର ବହୁବିଧ ଯୋଜନା କରିଛନ୍ତି। ମାତ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ), ୟୁନିସେଫ ଏବଂ ୟୁଏନଏଫପିଏ ପକ୍ଷରୁ କରାଯାଇଥିବା ପ୍ରୋଗେସ ଟ୍ରାକିଂ ରିପୋର୍ଟ ଏବଂ ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଉଦ୍‌ବେଗଜନକ ଏବଂ ଯୋଜନାଗୁଡିକର ବିଫଳତାକୁ ଦର୍ଶାଉଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଭାରତ ସମେତ ୧୦ଟି ଦେଶରେ ମାତୃ, ନବଜାତ ମୃତ୍ୟୁ ଏବଂ ମୃତ ଶିଶୁ ଜନ୍ମର ୬୦ ପ୍ରତିଶତ ଘଟୁଛି। ଏଥିରେ ଭାରତ ସର୍ବାଗ୍ରେ ରହିଛି। ୨୦୨୦-୨୧ରେ ବିଶ୍ୱରେ ମୋଟ ୪.୫ ନିୟୁତ ମାତୃ ଓ ନବଜାତକ ଶିଶୁ ଓ ମୃତ ଶିଶୁ ଜନ୍ମ ହୋଇଥିଲେ। ତହିଁରେ ମାତୃମୃତ୍ୟୁ ୦.୨୯ ନିୟୁତ ଥିବାବେଳେ ନବଜାତ ଶିଶୁ ମୃତ୍ୟୁ ୨.୩ ନିୟୁତ ଏବଂ ମୃତ ଶିଶୁ ଜନ୍ମ ୧.୯ ନିୟୁତ ଥିଲା। ସେମାନଙ୍କ ମଧ୍ୟରୁ ଭାରତରେ କେବଳ ୭ ଲକ୍ଷ ୮୮ହଜାର ମୃତ୍ୟୁ ଘଟିଥିଲା। ତେବେ ସବୁଠାରୁ ଉଦବେଗଜନକ ହେଉଛି ବିଶ୍ୱରେ ମୋଟ ଶିଶୁ ମୃତ୍ୟୁର କେବଳ ଭାରତରେ ହୋଇଛି। ଭାରତ ପରେ ଶିଶୁ ମୃତ୍ୟୁରେ ନାଇଜେରିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ତୃତୀୟ ସ୍ଥାନରେ ପାକିସ୍ଥାନ ରହିଛି। ମାତୃ ଓ ଶିଶୁ ସୁରକ୍ଷା ପାଇଁ ବହୁ ଯୋଜନା ଥିବା ସତ୍ତ୍ୱେ ବିଶ୍ୱବ୍ୟାପୀ ଗର୍ଭବତୀ ମହିଳା, ନବଜାତ ଶିଶୁ ମୃତ୍ୟୁ ହାର ବଢିଚାଲିଛି। କହିବା ବାହୁଲ୍ୟ ଯେ, ଯୋଜନା ଦ୍ୱାରା ୨୦୦୦ ମସିହାରୁ ମୃତ୍ୟୁହାର ହ୍ରାସ ପାଇଥିବାବେଳେ ୨୦୧୫ ମସିହାରୁ ଏହା ପୁଣି ଉପର ମୁହାଁ ହୋଇଛି। ତେବେ ମହାମାରୀ କରୋନା କାଳରେ ୨୦୨୦ ମସିହା ଠାରୁ ଏହା ପୁଣି ଆଶାତୀତ ଭାବେ ବୃଦ୍ଧି ପାଇଛି। ତେବେ ଏହାର କାରଣ ଯାହା କୁହାଯାଇଛି, ତାହା ମଧ୍ୟ ଚିନ୍ତାଜନକ। ଗତ ୮ବର୍ଷ ହେଲା ମାତୃ ଓ ନବଜାତ ସ୍ୱାସ୍ଥ୍ୟ ପାଇଁ ବ୍ୟୟହ୍ରାସ ଯୋଗୁଁ ଏହା ହୋଇଥିବା ରିପୋର୍ଟରେ କୁହାଯାଇଛି। କହିବା ଉଚିତ ଯେ, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନନୀ ସୁରକ୍ଷା ଯୋଜନା କରିଛନ୍ତି। ପ୍ରତିମାସରେ ୯ ତାରିଖରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦେଶରେ ପ୍ରତ୍ୟେକ ସରକାରୀ ହସପିଟାଲରେ କରାଯାଉଛି। ଏହା ବ୍ୟତୀତ ସରକାରୀ ହସପିଟାଲ୍‌ଗୁଡିକରେ ମାଗଣାରେ ପ୍ରସବ ଓ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଗର୍ଭବତୀ ମହିଳାଙ୍କୁ ମାଗଣାରେ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଯୋଗାଣ ସହ ଔଷଧ ମଧ୍ୟ ଯୋଗାଣ ହେଉଛି। ଏହା ସତ୍ତ୍ୱେ ଦେଶରେ ମାତୃ, ନବଜାତ ଶିଶୁଙ୍କ ମୃତ୍ୟୁ ଏବଂ ମୃତ ଶିଶୁ ଜନ୍ମ ବୃଦ୍ଧି ପାଇବାରେ ଲାଗିଛି। ତେବେ ସୁଖର କଥା ଆମରାଜ୍ୟରେ ମାତୃ ଓ ଶିଶୁହାର ହ୍ରାସ ପାଇଥିବା ସାମ୍ପୁଲ ରେଜିଷ୍ଟ୍ରେସନ୍ ସିଷ୍ଟମ(ଏସଆରଏସ) ରିପୋର୍ଟରୁ ଜଣାଯାଏ। ୨୦୧୫ରୁ ୨୦୧୭ ମଧ୍ୟରେ ରାଜ୍ୟରେ ମାତୃ ମୃତ୍ୟୁହାର ପ୍ରତି ୧ଲକ୍ଷରେ ୧୬୮ ଥିବାବେଳେ ୨୦୧୮ରୁ ୨୦ ମଧ୍ୟରେ ତାହା ୧୧୯କୁ ହ୍ରାସ ପାଇଥିଲା। ସେହିପରି ରାଜ୍ୟରେ ୨୦୦୧ରେ ନବଜାତ ଶିଶୁ ମୃତ୍ୟୁହାର ପ୍ରତି ହଜାରରେ ୯୦ଥିବାବେଳେ ୨୦୨୦ରେ ଏହା ୩୬କୁ ଖସି ଆସିଥିଲା। ଅନ୍ୟପକ୍ଷରେ ଜାତୀୟ ସ୍ତରରେ ମୃତ୍ୟୁ ହାର ପ୍ରତି ୨୦ ଶିଶୁରେ ୧ଥିବାବେଳେ ଗ୍ରାମାଚଂଳରେ ପ୍ରତି ୧୮ଶିଶୁ ଓ ସହରାଞ୍ଚଳରେ ପ୍ରତି ୨୯ ଶିଶୁରେ ଜଣେ ଶିଶୁର ମୃତ୍ୟୁ ଘଟୁଥିବା ରିପୋର୍ଟରେ କୁହାଯାଏ। ଏହା ବ୍ୟତୀତ ଚିକିତ୍ସା ଅଭାବରୁ ଦୁର୍ଗମ ଅଂଚଳରେ ମଧ୍ୟ ମାତୃ ଓ ଶିଶୁ ମୃତ୍ୟୁ ହାର ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଚିକିତ୍ସାରେ ଅବହେଳା, ଡାକ୍ତରଖାନାକୁ ନେବାରେ ଅସୁବିଧା ଏବଂ ପାରମ୍ପରିକ ପ୍ରସବରେ ବିଶ୍ୱାସ ଯୋଗୁଁ ଦୁର୍ଗମ ଅଂଚଳରେ ମାତୃ, ନବଜାତକ ମୃତ୍ୟୁ ଏବଂ ମୃତ ଶିଶୁ ଜନ୍ମର କାରଣ ଭାବେ ଉଭା ହୋଇଛି। ରାଜ୍ୟ ସରକାର ମାତୃ ଓ ଶିଶୁ ମୃତ୍ୟୁହାର ରୋକିବାକୁ ଜନନୀ ସୁରକ୍ଷା, ଶିଶୁ ସୁରକ୍ଷା, ମମତା ଏବଂ ବିଜୁ ସ୍ୱାସ୍ଥ୍ୟକାର୍ଡ, ଦ୍ୱାରା ମହିଳାଙ୍କୁ ବାର୍ଷିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଓ ଗର୍ଭବତୀ ମହିଳାଙ୍କ ପାଇଁ ମାଗଣାରେ ହସପିଟାଲକୁ ନେବା ଆଣିବା ଆଦି ଯୋଜନା କରିଥିବା ସତ୍ତ୍ୱେ ଏହା ଆଶାଜନକ ସଫଳତା ହାସଲ କରିପାରିନାହିଁ। ଏଥିପାଇଁ ବ୍ୟାପକ ସଚେତନତା ଲୋଡା। ସେହିପରି ଏଥିଲାଗି ବଜେଟ ବ୍ୟୟ ଅଟକଳ ବୃଦ୍ଧି କରିବା ସହ ମହିଳା ଓ ନବଜାତଙ୍କ ପ୍ରସବ ପୂର୍ବ, ଅନ୍ତଗର୍ଭାଶୟୀ ଏବଂ ପ୍ରସବ ପରବର୍ତୀ ଯନ୍ତ୍ରଣା ଓ ଜୀବନରକ୍ଷାକାରୀ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ଜରୁରୀ। ଏଥିପାଇଁ ଜରୁରୀକାଳୀନ ସ୍ଥିତିରେ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି।

# ନୀରବେ ଲେଖନୀ ଚାଳନା: ଲେଖକୀୟ ସାନ୍ନିଧ୍ୟତା



ପ୍ରଦୋଷ କୁମାର ଦାସ
ସ୍ତମ୍ଭକାର,ସା/ପୋ:- ନାଚୁଣୀ, ଜିଲ୍ଲା:- ଖୋର୍ଦ୍ଧା, ମୋ-୬୩୭୦୪୯୫୯୪୪

ନିକଟରେ ଏକ ପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସୌଭାଗ୍ୟକୁ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଏହି ଅକିଞ୍ଚନ ଲେଖକ ସ୍ତମ୍ଭକାରକୁ ଆନୁଷ୍ଠାନିକ ପତ୍ର ମାଧ୍ୟମରେ ତଥା କାର୍ଯ୍ୟାଳୟ ସୂତ୍ରରୁ ଫୋନରେ ମଧ୍ୟ ସଦୟ ଆମନ୍ତ୍ରଣ ଆସିଥିଲା। ସଂଯୋଗବଶତଃ ଉକ୍ତ ଅନୁଷ୍ଠାନ ତାର ସମ୍ପାଦକୀୟ ପୃଷ୍ଠାରେ ମୋ ରଚିତ ବିଭିନ୍ନ ଲେଖା ନିରନ୍ତର ପ୍ରକାଶ ଆସୁଥିଲା। ଫଳରେ ଏହି ଆମନ୍ତ୍ରଣ ମତେ ମହାର୍ଘ୍ୟ ଲାଗିଥିଲା। ମୋ ଭଳି ଆମନ୍ତ୍ରଣ ପାଇଥିବା ମୋର ଜଣେ ଦୂର ସ୍ଥାନୀୟ ଲେଖକ ବନ୍ଧୁ ବହୁ ପୂର୍ବରୁ ଏ ବାବଦରେ ମତେ ଫୋନରେ ସୂଚନା ଦେଇ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଅନୁରୋଧ ଜଣାଇଥିଲେ। ତାଙ୍କର ଲକ୍ଷ୍ୟ ଥିଲା ଏହା ଦ୍ୱାରା ,ଆମେ ଉଭୟ ଉଭୟଙ୍କ ସହିତ ଦେଖାସାକ୍ଷାତର ଅବକାଶ ମିଳିପାରିବ। କାଳେ ମୁଁ ଯିବିକି ନଯିବି ବୋଲି ସଂଶୟ ରଖି କଥା ପ୍ରସଙ୍ଗରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ସବୁ ଲେଖକ ସାହିତ୍ୟିକଙ୍କୁ ଉପରୋକ୍ତ କାର୍ଯ୍ୟକ୍ରମରେ କୁଆଡେ ସମ୍ବର୍ଦ୍ଧନା ଦିଆଯାଉଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଣୁ ଏହି ସୁଯୋଗକୁ ହାତଛଡ଼ା ନକରିବାକୁ ସେ ମୋ ପାଖରେ ଏକ ପ୍ରକାର ଅଳି କରିଥିଲେ । ଅବଶ୍ୟ ମୁଁ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମନରେ ସ୍ଥିର କରିସାରିଥିଲି। ହେଲେ ବନ୍ଧୁଙ୍କ କଥା ଶୁଣି ମୁଁ ମଧ୍ୟ ଉତ୍ସାହିତ ହୋଇଯାଇଥିଲି।

ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ , ସରିବା ବେଳକୁ ରାତି ହୋଇଯିବ , ଗାଡ଼ି ମିଳିବା ଅସମ୍ଭବ ବୋଲି ଚିନ୍ତା କରୁଥିଲି। ଅନୁଷ୍ଠାନର ଦୂରତା ମୋର ବାସସ୍ଥାନ ଠାରୁ ପ୍ରାୟ ୧୦୦ କିମି ଦୂର ରହିଥିଲା। ଏଣୁ ବାଇକ୍‌ରେ ଯିବାକୁ ଶ୍ରେୟ ମଣିଲି । ଖରା ଝାଞ୍ଜି ଖାଇ ଯଥା ସମୟରେ ଯଥା ସ୍ଥାନରେ ମୁଁ ପହଞ୍ଚି ଯାଇଥିଲି। କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାସ୍ଥଳ ସନ୍ନିକଟ ସାମନା କରିଡରରେ ଏହାର ପ୍ରତିଷ୍ଠାତାଙ୍କ ସୁଦୃଶ୍ୟ ପଟ୍ଟଚିତ୍ର ମତେ ଭାରି ଆପଣାର ଲାଗିଥିଲା। ପାଖରେ ଛିଡ଼ା ହୋଇ ଫଟୋ ଉଠାଇ ଏହି ସ୍ମୃତିକୁ ସାଉଁଟି ସାଦରେ ମଥାନତ ପ୍ରଣାମ କରୁ କରୁ ଏହି ଚିନ୍ତା ନାୟକ ସହାସ୍ୟ ମୁଦ୍ରାରେ ସତେ ଯେପରି ମୋ ଉପରେ ଅଯାଚିତ ଆଶିଷ ଢାଳି ଦେଉଥିଲେ। ପାରିପାର୍ଶ୍ୱିକ ମନୋରମ ପରିବେଶର ସାନ୍ନିଧ୍ୟରେ ଅନାୟସରେ ତୃପ୍ତି ଲାଭ କରୁଥିଲି। ରିସେପସନରେ ଆବଶ୍ୟକ ସୂଚନା ଦେଉଦେଉ କର୍ମକର୍ତ୍ତାମାନେ ସଭା ସ୍ଥଳକୁ ସାନନ୍ଦେ ସମ୍ଭାଷଣ ଜଣାଇ ବାଟ କଢାଇନେଇ ମତେ ଆସୀନ କରାଇ ଅଭ୍ୟର୍ଥନା ପ୍ରଦାନ କରିଥିଲେ । ନୀରବେ ସାରା ବାତାବରଣକୁ ନିରେଖି ଦେଖି ସଭାମଞ୍ଚରେ ଆସୀନ ଅତିଥି ବକ୍ତାଙ୍କ ସହିତ ସଭା ସଂଯୋଜକ ଓ ପରିଚାଳକଙ୍କ ବକ୍ତବ୍ୟ ମତେ ଉଲ୍ଲସିତ କରାଇଥିଲା । ଅନୁଷ୍ଠାନର ସ୍ୱର୍ଗତ ପ୍ରତିଷ୍ଠାତାଙ୍କ ଧର୍ମପତ୍ନୀ ତଥା ଅଧ୍ୟକ୍ଷା ବୟୋଜ୍ୟେଷ୍ଠ। ମାତୃମୟୀଙ୍କ ଉପସ୍ଥିତି ତଥା ତାଙ୍କର ଅଭିଭାଷଣ ମତେ ଅତ୍ୟନ୍ତ ହୃଦୟଗ୍ରାହୀ ଲାଗୁଥିଲା। ଏଥିରେ ଆମନ୍ତ୍ରିତ ବକ୍ତାମାନେ ନିଜର ପ୍ରଜ୍ଞା ଓ ଜ୍ଞାନ ସାହଚର୍ଯ୍ୟ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସମାଜ ସୁରକ୍ଷା ' ଶୀର୍ଷକ ଆଲୋଚନାଚକ୍ରରେ ଆନୀତ ନିଷ୍କର୍ଷ ଶ୍ରୋତା ମହଲରେ ବିଚ୍ଛୁରିତ କରାଇଥିଲେ। କ୍ରମେ ରାତି ବଢୁଥିଲା ।ସଂପାଦକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରବର୍ତ୍ତୀ ଅଧିବେଶନ ଅବସରରେ କ୍ରମାନ୍ୱୟରେ ମଞ୍ଚାସୀନ ସମସ୍ତ ଅତିଥିଗଣଙ୍କ ବକ୍ତବ୍ୟ ଚାଲିଥିବା ଅବସରରେ ସବୁଠାରୁ ଉଚ୍ଚାଟିତ ସମ୍ବର୍ଦ୍ଧନା ପର୍ବ ଦୁଇ ଦଫା ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୫୦ ଜଣ ମହିଳା ଓ ପୁରୁଷ ଲେଖକ, ଗାଳ୍ପିକ କବି, ସ୍ତମ୍ଭକାରଙ୍କୁ ଫଳକ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଉଦଘୋଷକ ଙ୍କ ପକ୍ଷରୁ ଜଣକ ପରେ ଜଣଙ୍କୁ ନାମ ଘୋଷଣା ମୁତାବକ ସଭା ମଞ୍ଚକୁ ପାଛୋଟି ଅଣାଯାଇ ମଞ୍ଚାସୀନ ଅତିଥିଙ୍କ କର କମଳରୁ ଉକ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଥିଲା। ହେଲେ ମଝିରେ ମଝିରେ ମୋର ସେହି ବନ୍ଧୁ ତାଙ୍କ ନାମ ଏଯାବତ୍ ଘୋଷଣା ହେଉ ନଥିବାରୁ ସେ ମତେ ଅନାଇ ଅସହାୟ ଜଣା ପଡୁଥିଲେ। ଶେଷରେ ଶେଷ ତଥା ସ୍ଥିରୀକୃତ ୫୦ ତମ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ନାମ ଘୋଷଣା ମଧ୍ୟ ସରିଗଲା। କାହିଁକି ତାଙ୍କ ନାମ ଘୋଷଣା ହେଲାନାହିଁ ବୋଲି ବନ୍ଧୁ ମୋର ଦୁଃଖି ଜଣା ପଡୁଥିଲେ। ଆଖିରେ ଆଖିରେ ଆଶ୍ୱାସନା ଦେବା ଭଳି ବନ୍ଧୁଙ୍କୁ ଅନାଇଲା ବେଳକୁ ସେ ମତେ ଲକ୍ଷ୍ୟ କରି କ୍ଷୋଭ ପ୍ରକାଶ କରି କହିଲେ, ' ଭାବିଥିଲି ଏଥିରେ ଅନ୍ତତଃ ଆପଣଙ୍କର ନାମ ଘୋଷଣା ହେବ ବୋଲି, ଆସିବାଟା ବୃଥା ହୋଇଗଲା ' । ବନ୍ଧୁଙ୍କ ଖେଦୋକ୍ତି ଶୁଣି ନିରାନନ୍ଦ ଲାଗିଲା। ନିରବେ ହସିଦେଲି।

କଣ କହି ବୁଝାଇବି ତାଙ୍କୁ ! କହିଲି, ' ଆଜ୍ଞା ଯେଉଁ ଯୋଗ୍ୟ ବ୍ୟକ୍ତି ବିଶେଷ ଏହି ସମ୍ବର୍ଦ୍ଧନା ପାଇଲେ ତାଙ୍କ ପୂର୍ଣ୍ଣତାକୁ ଟିକେ ଅନୁଭବ କରନ୍ତୁ। ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରାପ୍ତିରେ ଆଶା ରଖିଲେ ଆପଣା ସାରସ୍ୱତ ସମୃଦ୍ଧି ପ୍ରାପ୍ତି ଅସମ୍ଭବ । ଯେଉଁ ଅନୁଷ୍ଠାନ ଏତେ ପ୍ରଜ୍ଞାଦୀପ୍ତ ବ୍ୟକ୍ତି ବିଶେଷ ଙ୍କୁ ଏକାଠି ସମ୍ମିଳିତ କରାଇ ଆମ ପାଇଁ ପରମ ସାନ୍ନିଧ୍ୟ ପ୍ରଦାନର କାରଣ ହୋଇପାରିଲେ , ଆସନ୍ତୁ ପ୍ରଥମେ ଆମେ ସେହିଁ ନିରଳସ ସାଧକଙ୍କୁ ହୃଦୟ ପୂର୍ଣ୍ଣ କୃତଜ୍ଞତା ଜ୍ଞାପନ କରିବା।

ଆମନ୍ତ୍ରଣ ମାନେ ନିହାତି ମଞ୍ଚାସୀନ ହେବା, ସମ୍ବର୍ଦ୍ଧନା ପାଇବା ଭଳି ତୁଚ୍ଛ ଆଶା ରଖି ନିଜକୁ ଆମେ ଆମ ଭିତରେ ଛୋଟ କରିଦେବା ସମୀଚୀନ ନୁହେଁ। ଶ୍ରୋତା ହୋଇ ଶୁଣିବା, ତେବେ ଯାଇ ଅନ୍ତର୍ମନରେ ଆମେ ଆମର ସୃଜନଶୀଳତାକୁ ଋଦ୍ଧିମନ୍ତ କରିବା ସିନା ! ସମାଜ ଓ ସାମାଜିକତା ତଥା ବୌଦ୍ଧିକ ଜ୍ଞାନର ବିକାଶ ନିମନ୍ତେ ଆମେ ଆମର କଲମ ଚାଳନାକୁ ନିରନ୍ତର ଜାରି ରଖିବା ନିହାତି ଆବଶ୍ୟକ । ଏଥିରେ ପୁରସ୍କାର ସମ୍ବର୍ଦ୍ଧନା ଆଶା ରଖିବା ନିରର୍ଥକ । ଯେଉଁ ଅନୁଷ୍ଠାନ ଓ ଏହାର ସଂପାଦନା ମଣ୍ଡଳୀ ଆମର ଏକ ଲେଖାଟିକୁ ଯୋଗ୍ୟ ମନେକରି ଯେତେବେଳେ ତାଙ୍କର ସଂପାଦକୀୟ ପୃଷ୍ଠାରେ ଅବା ତାଙ୍କର ଖବରକାଗଜ ଓ ମାଗାଜିନ୍ ରେ ସ୍ଥାନୀତ କରି ପ୍ରକାଶନ କରିଥାଏ, ତାହା କେଉଁ ସମ୍ବର୍ଦ୍ଧନା ଓ ସମ୍ମାନ ତଥା ପୁରସ୍କାର ପ୍ରାପ୍ତି ଠାରୁ କୌଣସି ଗୁଣରେ କମ୍ ନୁହେଁ। ଏମିତିରେ ଆମର ଅନେକ ଲେଖା ପ୍ରକାଶ ଏହି ସାରସ୍ୱତ ଅନୁଷ୍ଠାନ ତାର ପୃଷ୍ଠା ରେ ଆମଭଳି ଅକିଞ୍ଚନ ଲେଖକଙ୍କୁ ଅନେକ ପ୍ରେରଣା ଯୋଗାଇ ଦେଇଅଛି। ମୁଁ ଭାବେ ଯେଉଁ ଦିନ ମୋର ଲେଖା ମନୋନୀତ ହୋଇ ପ୍ରକାଶ ହୁଏ, ସେହି ଦିନ ମୋ ପାଇଁ ଏକ ମହାର୍ଘ୍ୟ ଦିନ। ଯାହା ଏହି ଲେଖକକୁ ତାର ପରବର୍ତ୍ତୀ ଲେଖା ଲେଖିବା ପାଇଁ ବାସ୍ତବରେ ପ୍ରେରଣା ପ୍ରଦାନ କରିଥାଏ। 'ବନ୍ଧୁ ମୋର ଅନ୍ତରର ଅଭିବ୍ୟକ୍ତିକୁ ହୃଦୟଙ୍ଗମ କରୁଥିବା ଜାଣି ଆମକୁ ଆମନ୍ତ୍ରଣ କରି କୃତାର୍ଥ କରିଥିବା ଅନୁଷ୍ଠାନ ତଥା ଏହାର ସମ୍ମାନାସ୍ପଦ ପ୍ରତିଷ୍ଠାତା ମହୋଦୟଙ୍କ ଅଦୃଶ୍ୟ ସାନ୍ନିଧ୍ୟକୁ ଆତ୍ମାରେ ଆତ୍ମାରେ ବାରୁଥିଲି। ଅନୁଷ୍ଠାନ ସହ ସମସ୍ତଙ୍କ ଉଦ୍ଦେଶ୍ୟରେ ଆତ୍ମିକ ପ୍ରଣାମ ଜଣାଇ ଗୃହାଭିମୁଖୀ ହେଉଥିଲି। ପାଖରେ ନିର୍ବିକାର ତଥା ପ୍ରତ୍ୟାଶାହୀନ ମନଟିଏ ପ୍ରଫୁଲ୍ଲିତ ହେଉଥିଲା। ଅନ୍ତରେ ଅନ୍ତରେ ଉଲ୍ଲସିତ ତଥା ଉଚ୍ଚାଟିତ ସ୍ୱପ୍ନ ମୋର ବାସ୍ତବରେ ପରିପୂର୍ଣ୍ଣତା ଆଣି ଦେଉଥିଲା। ନୀରବ ସାଧନା ହେଉଛି ଲେଖକୀୟ ସାନ୍ନିଧ୍ୟତା। ଏହାକୁ ଆମକୁ ପ୍ରତ୍ୟାଶାହୀନ ହୃଦୟଙ୍ଗମ କରିବାକୁ ହେବ।

### କାମରେ ଆସୁନି ବସୁଧା ଯୋଜନା

## ପାଣି ପାଇଁ ଲୋକେ ହନ୍ତସନ୍ତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ବେଶ ଏହି ଉକ୍ତିର ପ୍ରାଚୁର୍ଯ୍ୟତା ପ୍ରଲକ୍ଷିତ ଜଣାପଡେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ। କୋଟି କୋଟି ସରକାରୀ ଟଙ୍କାରେ ନିର୍ମାଣ ହେଉଛି ଗାଁ ଗାଁରେ ଓଭର ହେଡ ପାଣି ଟ୍ୟାଙ୍କ। କେବଳ ଟ୍ୟାଙ୍କ ଗାଁର ଶୋଭା ବର୍ଦ୍ଧନ କରୁଛି ସତ ହେଲେ ଲୋକଙ୍କ କାମକୁ ଆସି ପାରୁନାହିଁ। ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟରୁ ବିଚ୍ଛିନ୍ନତା ଦେଖାଦେଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସେମଲା ଗ୍ରାମରେ ନିର୍ମାଣ ହୋଇଥିବା ବସୁଧା ଯୋଜନା ତା'ର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଗ୍ରାମକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ଦ୍ୱାରା ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଛି ଓଭର ହେଡ ପାଣି ଟାଙ୍କି। ଟାଙ୍କି ନିର୍ମାଣ ପରେ ଆଶା ଥିଲା ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇ ଜଳ କଷ୍ଟ ଦୂର ହେବ। ଖୁସିରେ ଫାଟିପଡିଥିଲେ ଗ୍ରାମ ଲୋକେ। ହେଲେ ଗ୍ରାମବାସୀଙ୍କ ଆଶା ଅଳ୍ପ ଦିନ ଭିତରେ ମଉଳି ଗଲା। ପାନୀୟ ଜଳ ଯୋଗାଣ ଆରମ୍ଭର ପ୍ରାୟ ୮-୧୦ଦିନ ମଧ୍ୟରେ ଅଚଳ ହୋଇ ପଡିଗଲା ଜଳ ଯୋଗାଣ। ଏପରିକି ମୁଡ୍ରାନଦୀ କୂଳରେ ନିର୍ମାଣ ହୋଇଥିବା ଇନ୍‌ଟେକ ପାଣି ଟାଙ୍କି ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ଅକାମି ହୋଇ ଠପ ପଡିଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଗାଁ'ରେ ପ୍ରାୟ ୭ଟି



ନଳକୂପ ଅଛି, ହେଲେ ପିଇବା ପାଣି ପାଇଁ ଅନୁପଯୋଗୀ ଥିବା ବେଳେ ଲୋକେ ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ହଇରାଣ ହରକତ ହେଉଥିବା ଦେଖାଯାଏ। ଏବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ସାରା ଗାଁଠୁ ସହର ହୁହୁ ଉତ୍ତାପରେ ଜଳି ଉଠୁଛି। ହେଲେ ଏଭଳି ସ୍ଥିତିରେ ବସୁଧା ଯୋଜନା କାମକୁ ଆସୁ ନ ଥିବା ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ପାନୀୟ ଜଳ ସମସ୍ୟା ଦୂର କରିବା ନିମନ୍ତେ ଗ୍ରାମରେ ଥିବା ଓଭର ହେଡ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଗ୍ରାମବାସୀ କ୍ଷୁବ୍ଧ ପ୍ରକାଶ କରନ୍ତି। ଗୋଟାଏ ପଟେ ନିମ୍ନମାନ କାମ ଅନ୍ୟପଟେ ବିଭାଗର ଅବହେଳାର ଶିକାର ସାଜିଛନ୍ତି ଗ୍ରାମବାସୀ। ଅଭିଯୋଗ ପରେ ଅଭିଯୋଗ ଉଠୁଥିଲେ ମଧ୍ୟ ଚେଇ ପାରୁନି ବିଭାଗ। ଯାହା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଉଛି। ଯୁଦ୍ଧକାଳୀନ ସ୍ଥିତିରେ ଓଭର ହେଡ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରାନଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଅନିରୁଦ୍ଧଗୋପାଳ, ରଘୁମଣି ମେହେର, କୁଶଧ୍ୱଜ ସୁନାନୀ, ବାଳକୃଷ୍ଣ ଖମାରୀ, ରାମ କିଶୋର ସୁନାନୀ ମାଧବ ପରାଭୋଇ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଧର୍ମଗଡ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ସରୋଜ କୁମାର ମାଝୀଙ୍କୁ ପଚାରିବାରୁ ଖୁବଜଲଦି ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସରକାରୀ ନର୍ସିଂ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ସେବିକା ସପ୍ତାହ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଏଠାରୁ ପ୍ରାୟ ୮ କିମି ଦୂରବର୍ତ୍ତୀ କାମଠଣାଠାରେ ଥିବା ସରକାରୀ ନର୍ସିଂ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ସେବିକା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବା ପରେ ନର୍ସିଂ ମହାବିଦ୍ୟାଳୟର ପ୍ରିନ୍ସିପାଲ ଅମିତା ଦାସଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ର ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସତ୍ୟସାଇ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ.ଉମେଶ ଚନ୍ଦ୍ର ଶତପଥି ଓ ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ନର୍ସିଂ ସୁପରିଟେଣ୍ଡେଣ୍ଟ ବସନ୍ତ ମଞ୍ଜରୀ ଦେବୀ ମଞ୍ଚରେ ଉପସ୍ଥିତ ଥିଲେ। ଜଣେ ସେବିକାର ଜୀବନ ମାନବ ସେବା ପାଇଁ ଉତ୍ସର୍ଗୀକୃତ ଜୀବନ ଓ ଏଥିପାଇଁ ସବୁବେଳେ ସେ ସେବାର ଦେବୀଟିଏ ଭଳି ପୂଜା ପାଉଥାଏ। ଅସହାୟ ରୋଗୀଟିକୁ ସହାୟତାର ସ୍ନେହଶିକ୍ତ ହାତ ବଢାଇ ସେବିକାଟିଏ ହିଁ ତା'ମୁହଁରେ ହସ ଫୁଟାଇଥାଏ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିବାସହ ଭବିଷ୍ୟତରେ ଭଲ କାମ କରି ଏହି ମହାବିଦ୍ୟାଳୟର ସୁନାମକୁ ବଜାୟ ରଖିବା ପାଇଁ ଉପସ୍ଥିତ ଅନ୍ତେବାସିନୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା ତଥା ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରେପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତୃତୀୟ ବର୍ଷର ଛାତ୍ରୀ ସୁଦୀପ୍ତା ଘଡ଼େଇ ଓଡିଶୀ ନୃତ୍ୟ ପରିବେଷଣ କରିଥିଲା ବେଳେ ଅନ୍ୟ ଛାତ୍ରଛାତ୍ରୀମାନେ ମନୋଜ୍ଞ ନୃତ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ କିଣି ନେଇଥିଲେ। ତୃତୀୟ ବର୍ଷର ଛାତ୍ରୀ ଅରୁଶ୍ରୀ ପଣ୍ଡା ସଭାକାର୍ଯ୍ୟର ସଂଯୋଜନା କରିଥିଲାବେଳେ ଲୋପାମୁଦ୍ରା ପଣ୍ଡିତ, ଅଶ୍ମ ନଳିନୀ ରାଉତ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧଅରପୁର ପଞ୍ଚାୟତ ନିକଟରେ ମାଓ ପୋଷ୍ଟର



ଧର୍ମଗଡ୍, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ୍ ଧଅରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଏକ ଗଛରେ ମାଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକଙ୍କ ଭିତରେ କକୁଆ ଭୟ ଦେଖା ଦେଇଛି। ଶୁକ୍ରବାର ଦିନ ସକାଳୁ ସକାଳୁ ଗଛରେ ପୋଷ୍ଟର ଲାଗି ରହିଥିବା ଦେଖି ଲୋକଙ୍କ ଭିଡ଼ ଜମି ରହିଥିଲା। ପୋଷ୍ଟରରେ ଖୋଲମ ଖୋଲା ଭାବେ ପଞ୍ଚାୟତ ସରପଞ୍ଚ, ସମିତି ଓ ସମିତି ସଭ୍ୟଙ୍କୁ ଚେତାବନୀ ଦିଆଯାଇଛି। ଏଥିରେ ଗରିବଙ୍କ ପାଇଁ ୯ଟି ଦାବି ଉପସ୍ଥାପନ କରାଯାଇଛି। ଏହାର ବ୍ୟତିକ୍ରମ ହେଲେ ଅଥବା ସୁପରିଚାଳନା ନ କଲେ ପରିଣାମ ଭୟାଭୟ ହେବ ତଥା ବୋଲି ପୋଷ୍ଟରରେ ଦର୍ଶା ଯାଇଛି। ପୋଷ୍ଟର ଲାଗିବା ଫଳରେ ସାଧାରଣଙ୍କ ଭିତରେ ନାନା ପ୍ରକାର ଆଲୋଚନା ହେଉଛି। ତେବେ ଏହି ପୋଷ୍ଟର ବାସ୍ତବରେ ମାଓବାଦୀଙ୍କ ଲେଖା ନା କେଉଁ ଏକ ଦୁର୍ବୃତ୍ତଙ୍କ କଳା କାରନାମା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ପୋଲିସ ଏହାର ତଦନ୍ତ କଲେ ତାର ସତ୍ୟାସତ୍ୟ ଜଣାପଡିବ ବୋଲି ଲୋକଙ୍କ ଭିତରେ ଆଲୋଚନା ହେଉଛି। ପୋଷ୍ଟର ଲାଗିଥିବା ନେଇ ସମିତି ସଭ୍ୟ ଶଙ୍କର ଜୁଏଡ଼ କୋକସରା ପୋଲିସ୍‌କୁ ଜଣାଇ ଥିବା ସୂଚନା ଦେଇଛନ୍ତି। ତେବେ ୧୧ଟା ସୁଦ୍ଧା ପୋଲିସ ପହଞ୍ଚି ନ ଥିବା ନେଇ ଭିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସ ଏହାର ସଠିକ ତଦନ୍ତ କରି ତାର ସତ୍ୟାସତ୍ୟ ଲୋକ ଲୋଚନ ଆଣିବାକୁ ପଞ୍ଚାୟତ ବାସୀଙ୍କ ଦାବି ହେଉଛି।

### ଜୀବନ ଜୀବିକା ଦୋଛକିରେ ବାଉଁଶ କାରିଗର

## ନାହିଁ ବିକ୍ରି ବ୍ୟବସ୍ଥା, ମିଳୁନି ସରକାରୀ ସହାୟତା

କୋକସରା, (ଭାସ୍କର ନ୍ୟୁଜ୍): ଆମ କୁଳ ବେଉଶା ହେଉଛି ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରିବା। ଏହି କାମକୁ ଆମେ ବାପା ଅଜା ଅମଳରୁ କରି ଆସୁଛୁ। ମୂଳ ପେସାକୁ ଛାଡ଼ି ଆମେ କୌଣସି କାମ କରି ମଧ୍ୟ ପାରୁ ନାହିଁ। ଏମିତିରେ ସରକାରୀ ପ୍ରୋତ୍ସାହନ ଅଭାବ ସହ ଉପଯୁକ୍ତ ବଜାର ବ୍ୟବସ୍ଥା ଆମର କୌଳିକ ବୃତ୍ତିରେ ପ୍ରଭାବ ପକାଇଛି ବୋଲି କଳାହାଣ୍ଡି ଜିଲ୍ଲା କୋକସର ବ୍ଲକ୍ ବରାଡଙ୍ଗା ପଞ୍ଚାୟତ ଅଧୀନ ଝୁଲେନବର ଗ୍ରାମର ବାଉଁଶ କାରିଗରମାନେ କହିଛନ୍ତି। ଏହି ଗ୍ରାମରେ ୫ଶହରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି। ହେଲେ ଗାଁ ୩୦ରୁ ଉର୍ଦ୍ଧ୍ୱ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କ କୁଳବେଉସା ବାଉଁଶରେ ଘର କରଣା ସାମଗ୍ରୀ ପ୍ରସ୍ତୁତ କରିବା। ହେଲେ ସରକାରୀ ସହାୟତା ଓ



ପ୍ରୋତ୍ସାହନ ଅଭାବ ଯୋଗୁଁ ଲୋପପାଇବାକୁ ବସିଛି ଏମାନଙ୍କ କୌଳିକବୃତ୍ତି। ଏମିତି କି ବେଉସା ବଞ୍ଚାଇବା ପାଇଁ ବାଉଁଶର ଅଭାବ ସାଙ୍ଗକୁ ଅର୍ଥ ସଜିଛି ବାଧକ। ପ୍ଲାଷ୍ଟିକର ଅତ୍ୟଧିକ ବ୍ୟବହାର ଯୋଗୁଁ ଗ୍ରାହକ ମୁହଁ ଫେରାଉ ଥିବାବେଳେ ଅଳ୍ପଦାମରେ ବିକ୍ରି କରି ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ବୋଲି ବାଉଁଶ କରିଗରମାନେ କହିଛନ୍ତି। ଏପଟେ ଉପଯୁକ୍ତ ବଜାର ବ୍ୟବସ୍ଥା ନଥିବା ଯୋଗୁଁ ବିକ୍ରୀ ବଟା ଠିକ୍ ଭାବରେ ନହେବା ଯୋଗୁଁ ପରିବାର ଚଳିବା ମଧ୍ୟ କଷ୍ଟ ହୋଇପଡିଛି। ଏମାନେ ବାଉଁଶ ପାତିଆରେ କୁଲା, ଟୋପା, ଡାଲା, ଝୁଡି ଏବଂ ଭିନ୍ନଭିନ୍ନ ଘର ସଜା ସାମଗ୍ରୀ ତିଆରୀ କରିଥାନ୍ତି। ଗୋଟିଏ କୁଲା କିମ୍ବା ଡାଲା ତିଆରି କରିବା ପାଇଁ ୨ରୁ୩ ଦିନ ସମୟ ଲାଗିଥାଏ। ହେଲେ ତାଙ୍କ ପରିଶ୍ରମ ହିସାବରେ ମଧ୍ୟ ଉପଯୁକ୍ତ ମୂଲ୍ୟ ମିଳୁ ନଥିବା କହିଛନ୍ତି। କାମଧନ୍ଦା ମିଳୁ ନଥିବା ଯୋଗୁଁ ବାପଅଜା ଅମଳରୁ କରିଆସୁଥିବା ଏହି ବାଉଁଶ କାରିଗରୀକୁ ଛାଡି ହେଉ ନଥିବାବେଳେ ଅଳ୍ପ ଟଙ୍କା ରୋଜଗାର ହେଲେବି ନିଜର କୌଳିକ ବୃତ୍ତି ବଞ୍ଚାଇବା ପାଇଁ ବାଧ ହେଉଛୁ। ତେଣୁ ସରକାର ପ୍ରୋତ୍ସାହନ ରାଶି ସାଙ୍ଗକୁ ଅତ୍ୟାଧୁନିକ ସାମଗ୍ରୀ ଯୋଗଇଦେଲେ ଅଧିକ ପ୍ରସ୍ତୁତ କରିବା ସହ ପରିବାର ପ୍ରତିପୋଷଣ କରିବାରେ ସାହାର୍ଯ୍ୟ ହୋଇ ପାରିବ ବୋଲି ସେମାନେ କହିଛନ୍ତି। ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ବଢୁଥିବାରୁ ଏହାର ପ୍ରଭାବ ବାଉଁଶ କରିଗରଙ୍କ ଉପରେ ପଡୁଛି। ଯଦି ସରକାର ଏ ଦିଗରେ ଉଚିତ ପଦକ୍ଷେପ ନିଅନ୍ତି ତେବେ ଲୁପ୍ତ ହେବାକୁ ବସିଥିବା କୁଳବେଉସା ବଞ୍ଚିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### '୫-ଟି' ସଚିବଙ୍କ ନର୍ଲା ଗସ୍ତ

## ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: କଂଗ୍ରେସ

ନର୍ଲା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ '୫-ଟି' ସଚିବ ଭିକେ ପାଣ୍ଡିଆନଙ୍କ ନର୍ଲା ଗସ୍ତ ପୂର୍ବରୁ ନର୍ଲା କଂଗ୍ରେସ ପ୍ରେସ୍ ମିଟ୍ ମାଧ୍ୟମରେ ଏହି ଗସ୍ତ କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠାଇଛି। ଆଗକୁ ନିର୍ବାଚନ ଥିବାରୁ '୫-ଟି' ସଚିବ ରାଜନୈତିକ ଉଦ୍ଦେଶ୍ୟ ନେଇ ନର୍ଲାଠାରେ ଏକ ସଭା ଆୟୋଜନ କରି ବିଜେଡିର ପ୍ରସ୍ତୁତି ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ନର୍ଲା କଂଗ୍ରେସ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପୂର୍ବରୁ '୫-ଟି' ସଚିବ ନର୍ଲା ମାଟିରେ ପାଦ ଥାପି ନ ଥିବା ବେଳେ ନର୍ଲା ଅଞ୍ଚଳର ବିକାଶ ଦିଗରେ ବିଜେଡି ବିଧାୟକଙ୍କ ଆଖି ଦୃଷ୍ଟିଆ କୌଣସି କାର୍ଯ୍ୟ ହୋଇ ନ ଥିବାର ଅଭିଯୋଗ କଂଗ୍ରେସ ଉଠାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ବିଭିନ୍ନ ପ୍ରକଳ୍ପ ସମସ୍ୟା ଉପରେ ବହୁ ଦୂରରେ ରହି ଆସିଥିବା ନର୍ଲା ଅଞ୍ଚଳର ବିକାଶ ଦିଗରେ '୫-ଟି' ସଚିବ ସମାଧାନ କଲେ ନର୍ଲା ନିର୍ବାଚନ ମଣ୍ଡଳୀ ଜନସାଧାରଣ ଉପକୃତ ହେବେ ବୋଲି କଂଗ୍ରେସ ମତପୋଷଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ନର୍ଲା ବ୍ଲକ୍ ସଭାପତି ସମୀର ଚାନ୍ଦ, ରଜନୀକାନ୍ତ କୁମାର, ଦୀପୁ ପାତ୍ର, ସୁଦାମ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କୋକସରା ବ୍ଲକ୍ ଟପ୍ପର ହେଲେ ରୋଶନ ଦାସ



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ବୁଢ଼ାରାଜା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ରୋଶନ ଦାସ ମାଧ୍ୟମିକ ଶିକ୍ଷା ପରିଷଦର ଚଳିତ ମାଟ୍ରିକ୍ ପରୀକ୍ଷାରେ ୫୪୦ ମାର୍କ (୯୦%) ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ଆମପାଣି ଗ୍ରାମର ଶିକ୍ଷକ ଚକ୍ରପାଣି ଦାସ ଓ ମା' ସୁଧାମୟି ରଥଙ୍କ ପୁଅ ରୋଶନ। ତାଙ୍କ ସଫଳତା ପାଇଁ ନିଜ ଗାଁ ଜନ୍ମମାଟି, ସ୍କୁଲର ଗୌରବକୁ ବୃଦ୍ଧି କରିଛି। ଏହା ସାଙ୍ଗକୁ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ରୋଷନଙ୍କ କୃତିତ୍ୱ ପାଇଁ ବେଶ ଖୁସି ଅଛନ୍ତି। ପାଠପଢାରେ ଦୈନିକ ୬ ଘଣ୍ଟାରୁ ଅଧିକ ପରିଶ୍ରମ ସାଙ୍ଗକୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପିତା/ମାତାଙ୍କ ଆର୍ଶୀବାଦ ତାଙ୍କ ସଫଳତାର ଶ୍ରେୟ ବୋଲି ସେ କହିଛନ୍ତି। ଭବିଷ୍ୟତରେ ରୋଶନ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଇଛା କରିଛନ୍ତି।

### ଯୌତୁକ ନିର୍ଯାତନାରେ ସ୍ତ୍ରୀ ଆତ୍ମହତ୍ୟା ମାମଲା

## ଅଭିଯୁକ୍ତ ସ୍ୱାମୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଅର୍ଏଁଲାଭଟା ଗାଁରେ ଗତ ୩୧.୧୦.୨୦୧୩ ଏକ ଅଭାବନୀୟ ଘଟଣାର ଅଭିଯୋଗ ହୋଇଥିଲା। ଯୌତୁକ ଦାବିନେଇ ସ୍ୱାମୀର ଅକଥନୀୟ ଅତ୍ୟାଚାର ସହିନପାରି ବିବାହିତା ସ୍ତ୍ରୀ କନିଅର ବିଷ ଫଳ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଜୟପାଟଣା ଡାକ୍ତରଖାନା ନିଆ ଯାଇଥିଲେ ହେଁ ଡାକ୍ତର ସେଠାରେ ପୀଡ଼ିତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜୟପାଟଣା ପୋଲିସ ଥାନା କେଶ ନମ୍ବର ୨୧୫/୨୦୧୩ ଜରିଆରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜଳନ୍ଧର କରକରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଚୁଡାନ୍ତ ଶୁଣାଣି କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ଗୁରୁବାର ଦିନ ମାନ୍ୟବର ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ବନ୍ଦନା କର ରାଏ ଶୁଣାଇଛନ୍ତି। ଅଭିଯୁକ୍ତ ସ୍ୱାମୀ ଜଳନ୍ଧର କରକରାକୁ ଭାରତୀୟ ପିଙ୍ଗଳ କୋଡ଼ ଦଫା ୩୦୪(ଖ)ରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ, ଧାରା ୪୯୮ (କ) ପାଇଁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ ସହ ଧାରା ୪ ଯୌତୁକ ନିରୋଧ ଆଇନ ବଳରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ ପାଇଁ ରାୟ ପ୍ରକାଶ କରିଛନ୍ତି। ଜୋରିମାନା ରାଶି ଅନାଦେୟ ସ୍ଥଳେ ଅତିରିକ୍ତ ଛଅ ମାସ କାରାଦଣ୍ଡ ପାଇଁ ଆଦେଶ ପ୍ରଦାନ କରିଛନ୍ତି। ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ମାମଲା ପରିଚାଳନା କରିଥିଲେ।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ଶବ ଉଦ୍ଧାର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଜୟନ୍ତପୁର ପଞ୍ଚାୟତ ରଇନଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତିଙ୍କ ଘର ନିକଟରେ ଥିବା ଗଛରେ ଏକ ଝୁଲନ୍ତା ଶବ ଠାବ ହୋଇ ଥିବା ଦେଖିବାକୁ ମିଳିଛି। ସୂଚନା ମତେ ଝୁଲନ୍ତା ଶବ ଗ୍ରାମର ଚତୁର୍ଭୁଜ ମାଝୀ (୨୧) ବୋଲି ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମତେ ଦିନ ଦ୍ୱିପହର ବେଳକୁ ଅଚାନକ ସେ ଗଛ ଉପରକୁ ଚଢିଥିଲେ। ଗଛର ଶୀର୍ଷକୁ ଯାଇ ନିଜ ଗାମୁଛା ବେକରେ ଲଗାଇ ଝୁଲିପଡିଥିଲେ। ତେବେ ପରିବାର ମଧ୍ୟରେ କିଛି ବଚସାକୁ ନେଇ ଏଭଳି ପଦକ୍ଷେପ ନେଇଥିବା ଆଲୋଚନା ହେଉଛି। ଅନ୍ୟପଟେ ଯେଉଁ ଗଛରେ ଶବ ଠାବ ହୋଇଛି ସେହିଗଛରେ ଗ୍ରାମ୍ୟ ଦେବୀଙ୍କୁ ପୂଜା କରା ଯାଉଥିବା ନେଇ ନା ନା ପ୍ରକାର ଆଲୋଚନା ସୃଷ୍ଟି ହେଉଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚ କୋକସରା ଅଗ୍ନିଶମ ବିଭାଗ ସହାୟତା ରେ ଗଛରୁ ଝୁଲନ୍ତା ଶବକୁ ଉଦ୍ଧାର କରି ଶବ ବ୍ୟଛେଦ ପାଇଁ ପଠାଇଛି। ଏନେଇ କୋକସରା ଥାନାରେ ଓଡ଼ି ୧୦ ତାରିଖ ୧୯/୫/୨୩ ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଗୋପବନ୍ଧୁ ନାଏକ ସୂଚନା ଦେଇଛନ୍ତି।

### କଳାହାଣ୍ଡିରେ ଆରମ୍ଭ ହେଲା କାଉନ୍‌ସେଲିଂ

## ଡ୍ରପ୍‌ଆଉଟ୍ ପିଲାମାନେ ପାଇବେ ମାଗଣା ଧନ୍ଦାମୂଳକ ତାଲିମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପକ୍ଷରୁ ପାଠ ଛାଡ଼ିଥିବା ୧୭ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। କୌଣସି ଅସୁବିଧା ହେତୁ ପାଠ ଅଧାରେ ଛାଡିଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଆଣି ତାଙ୍କୁ ରୋଜଗାରକ୍ଷମ କରିବାରେ ଏହା ସହାୟକ ହେବ। ସେମାନେ ନିଜର ରୁଚି ଅନୁଯାୟୀ ଟ୍ରେଡ ଚୟନ ସହ ଏହି ପ୍ରକ୍ରିୟାରେ ତାଲିମପ୍ରାପ୍ତ ହୋଇ ବୃତ୍ତିଗତ ଜୀବନ ଆରମ୍ଭ କରିପାରିବେ। ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଏହି ଧନ୍ଦାମୂଳକ ଶିକ୍ଷା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ। ତେଣୁ ନିଜର ପୁଅଝିଅଙ୍କୁ ଏଥିରେ ସାମିଲ କରିବା ସହ ସରକାରଙ୍କ ଏହି ଯୋଜନାକୁ ଫଳପ୍ରଦ କରିବାକୁ ହେବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର




ଚୋପଦାର ସ୍ଥାନୀୟ ଟାଉନହଲଠାରେ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ୧୭-୧୮ ବୟସର ଡ୍ରପ୍‌ଆଉଟ ପିଲାଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା କାଉନସିଲିଂ କାର୍ଯ୍ୟକ୍ରମରେ ମତପ୍ରକାଶ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଓସେପା ଧନ୍ଦାମୂଳକ ଶିକ୍ଷା ଡେପୁଟି-ଡାଇରେକ୍ଟର କଳ୍ପନା ହାଂସଦା, ଓସେପା ଏସ୍‌ଟି ଏସ୍‌ସି ସଂଯୋଜିକା ଚିନ୍ମୟୀ ସାହୁ, ଧନ୍ଦାମୂଳକ ଶିକ୍ଷା ସଂଯୋଜକ କପିଳାସ ଅଦାବର, ଓସେପା ଟିମ ସଦସ୍ୟ ପ୍ରଫୁଲ୍ଲ ସେନାପତି, ଜିଲ୍ଲା ନିୟୋଜନ ଅଧିକାରୀ ଅଜିତ ଉତ୍ତରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ନର୍ଲା ବିଇଓ ତପିମଣି ଜାନି, ଭବାନୀପାଟଣା ବିଇଓ ସୁନନ୍ଦା ପଣ୍ଡା, କୋକସରା ବିଇଓ ନେପାଳଚନ୍ଦ୍ର ବାଗ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ନର୍ଲା ବ୍ଲକରୁ ୩୦, ଲାଞ୍ଜିଗଡ଼ ବ୍ଲକରୁ ୧୭, ଭବାନୀପାଟଣାରୁ ୩୩, କୋକସରାରୁ ୨୧ଜଣ ଛାତ୍ରଛାତ୍ରୀ ଓ ତାଙ୍କ ପିତା ମାତା ଯୋଗ ଦେଇ କାଉନସିଲିଂରେ ଟ୍ରେଡ ଚୟନ କରିଥିଲେ। ସେମାନେ ଭୁବନେଶ୍ୱର ଯାଇ ଚୟନ କରିଥିବା ଟ୍ରେଡରେ ତାଲିମ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଜାରି ରହିବ। ତେଣୁ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଡ୍ରପ୍‌ଆଉଟ ପିଲାଙ୍କୁ ଏଥିରେ ସାମିଲ କରେଇ ସେମାନଙ୍କର ଭବିଷ୍ୟତ ଗଠନ କରିବା ପାଇଁ ଅତିଥିମାନେ ଆହ୍ୱାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟରୁ ଆସିଥିବା ଓସେପା ଧନ୍ଦାମୂଳକ ଉପ-ନିର୍ଦ୍ଦେଶିକା ଶ୍ରୀମତୀ ହାଂସଦାଙ୍କ ନେତୃତ୍ୱରେ ୪ ଜଣ ଅଧିକାରୀ କିଛିଦିନ ଧରି କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳମାନଙ୍କୁ ପରିଦର୍ଶନ କରି ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ସମସ୍ତ ଡିଇଓ ଅଫିସ, ଡିପିସି ଅଫିସର କର୍ମଚାରୀ, ବିଇଓ, ଏବିଇଓ, ସିଆର୍‌ସିସି ଓ ପିଏଫ୍‌ଇଏଲ୍ ସଦସ୍ୟ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ଲାନିଂ କୋଅର୍ଡିନେଟର ନିହାରିକା ପଣ୍ଡା ଓ ଏସ୍‌ଟି ଏସ୍‌ସି କୋଅର୍ଡିନେଟର ଶ୍ରଦ୍ଧାଞ୍ଜଳି ଦାଶ।

## ରାଶିଫଳ

**ଶନିବାର, ୨୦ ମଇ ୨୦୨୩**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ। ଆଧାତ୍ମିକ ସିଦ୍ଧି ପ୍ରାପ୍ତ କରିବା ପାଇଁ ବହୁତ ଭଲ ଯୋଗ ଅଛି।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ। ଖେଳକୁଦ ଏବଂ କଳା କ୍ଷେତ୍ରରେ କଳାକାରମାନଙ୍କୁ ନିଜର ପ୍ରତିଭା ଦର୍ଶାଇବା ପାଇଁ ମୌକା ମିଳିବ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରୀମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଭାଗ୍ୟବୃଦ୍ଧି ହେବ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ। ଧନ ଖର୍ଚ୍ଚ ହେବ। ଅନୈତିକ ପ୍ରବୃତ୍ତିଗୁଡ଼ିକର ସୃଷ୍ଟି ହେଲେ ମନକୁ ନିୟନ୍ତ୍ରଣରେ ରଖିବାପାଇଁ ଉପଦେଶ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ। ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ। ମୁଣ୍ଡବ୍ୟଥା ତଥା ପେଟ ସମ୍ବନ୍ଧୀତ ଅଭିଯୋଗ ହୋଇପାରେ।



**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନା ଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ। ଆକସ୍ମିକ ଧନ ଖର୍ଚ୍ଚ ହୋଇ ପାରେ। ଧାର୍ମିକ କାର୍ଯ୍ୟଗୁଡ଼ିକରେ ଭାଗ ନେବାର ଅବସର ଆସିବ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ରମାନଙ୍କ ସହିତ ଖୁସି ରହିବେ। ଆନନ୍ଦଦାୟକ ପର୍ଯ୍ୟଟନ ହେବ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ। ବ୍ୟାପାର ବର୍ଗଙ୍କୁ ଲାଭଦାୟକ ବ୍ୟାପାର ହେବ। ଉତ୍ତମ ବୈବାହିକ ସୁଖ ପ୍ରାପ୍ତି ହେବ। ଆନନ୍ଦଦାୟକ ପର୍ଯ୍ୟଟନ ହେବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ। ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରୀମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ। ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତିର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳି କରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମୀମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ କଣିହାଁ ବ୍ଲକ ଏନ୍‌ଟିପିସି ସ୍ଥିତ ଦୀପତରଙ୍ଗ, ପିଟିଏସ୍ (ଜଉ) ଠାରେ ଆସନ୍ତା ୨୧ତାରିଖ ରବିବାର ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଏନଟିପିସି ମହାନଦୀ କ୍ଲବଠାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ ଟୋଲକବେଡା, ବିଜିଗୋଳ ସୁରକ୍ଷା ସଂଘ, ଏସଏମଏସ ଏକାଡେମୀ, ସାନ୍ତ୍ୱନା ପରିବାର, ସେବା ପରିବାର, ଉତ୍କଳ ସାମ୍ବାଦିକ ସଂଘ କଣିହାଁଙ୍କ ସମେତ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନର ସଭ୍ୟଙ୍କ ଉପସ୍ଥିତରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହିଥିବା ବେଳେ ଏହା କିପରି ପରିପୂର୍ଣ୍ଣ ହୋଇପାରିବ। ରକ୍ତ ବିହୁନେ ଲୋକଙ୍କର ଯେପରି କୌଣସି ଅସୁବିଧା ନ ହେବ ବୈଠକରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅନେକ ରକ୍ତ ଅଭାବ ସମସ୍ୟା ରହିଥିବା ବେଳେ ଏହା କିପରି ପରିପୂର୍ଣ୍ଣ ହୋଇପାରିବ ସୁବିଧାରେ ରକ୍ତ ବିହୁନେ ଅସୁବିଧା ନ ହେବା ନେଇ ଆଲୋଚନା ହୋଇଥିଲା। ବ୍ଲକ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନ, ଏନଟିପିସି, ଟାଟା, ଏବଂ ଅନ୍ୟାନ୍ୟ ସଂଘର ମିଳିତ ସହଯୋଗରେ ତାଳଚେର ରକ୍ତ ଭଣ୍ଡାର ପକ୍ଷରୁ ଆସନ୍ତା ୨୧ତାରିଖ ଶନିବାର ଶିବିର ହେବାନେଇ ସ୍ଥିର ହୋଇଥିବା ବେଳେ ରକ୍ତଦାତାମାନେ ଯୋଗ ଦେଇ ସହଯୋଗ କରିବାକୁ ନିବେଦନ କରାଯାଇଛି।

## ଯାଜପୁର-କେନ୍ଦ୍ରାପଡ଼ା ସୀମାରେ ଚୋରାତେଲ କାରବାର ସକ୍ରିୟ



ଯାଜପୁର, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ଯାଜପୁର-କେନ୍ଦ୍ରାପଡ଼ା ଜିଲା ସୀମାନ୍ତ ଇଲାକାରେ ବ୍ୟାପକ ଚୋରା ପେଟ୍ରୋଲ, ଡିଜେଲ କାରବାର ହେଉଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲାର ଶେଷ ଭାଗ ହେଉଛି ପାରିପଲେଇ ଛକ ଓ କେନ୍ଦ୍ରାପଡ଼ା ଜିଲାର ଆରମ୍ଭ ସ୍ଥାନଟି ହେଉଛି ପଞ୍ଚୁପାଣ୍ଡବ ଛକ। ପଞ୍ଚୁପାଣ୍ଡବ ଛକଟି ଡେରାବିଶ ଥାନା ଅଧୀନରେ ରହିଥିବାବେଳେ ପାରିପଲେଇ ଅଞ୍ଚଳଟି ବାଲିଚନ୍ଦ୍ରପୁର ଥାନା ଅଧୀନରେ ରହିଛି। ପଞ୍ଚୁପାଣ୍ଡବ ଛକଠାରୁ ଲକ୍ଷ୍ମୀନାରାୟଣପୁର ପର୍ଯ୍ୟନ୍ତ ଡେରାବିଶ ଥାନା ଅଞ୍ଚଳରେ ବହୁଳମାତ୍ରାରେ ଏହି ଚୋରା ତେଲ କାରବାର ହେଉଛି। ପଞ୍ଚୁପାଣ୍ଡବ ଛକ ଉପରେ ରହିଛି ଏକ ହୋଟେଲ। ଏହି ହୋଟେଲ ପଛପଟେ ଦୈନିକ ୧୦/୨୦ ତେଲ ବୋଝେଇ ଟ୍ୟାଙ୍କର ଘଣ୍ଟାକୁ ଘଣ୍ଟା ପସୁଛନ୍ତି ବାହାରୁଛନ୍ତି। ହୋଟେଲର ନା କେବଳ ଲେଖାଯାଇଛି। ମାତ୍ର ପଛପଟେ ଟ୍ୟାଙ୍କରରୁ ବିପୁଳ ପେଟ୍ରୋଲ, ଡିଜେଲ ବାହାର କରାଯାଉଛି। ଡେରାବିଶ ପୋଲିସ ପାଟ୍ରୋଲିଂ କରୁଥିଲେ ମଧ୍ୟ ଦେଖି ନ ଦେଖିଲା ପରି ଚାଲିଯାଉଛି। ପରୋକ୍ଷରେ ପୋଲିସ ସୁରକ୍ଷା ବଳୟରେ ଏହି କାରବାର ହେଉଥିବା ପଞ୍ଚୁପାଣ୍ଡବ ଛକରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ବାଲିଚନ୍ଦ୍ରପୁର ଥାନା ଇଲାକାର ପାରିପଲେଇ ଛକ ଗୋବରୀ ନଦୀକୂଳ ନିକଟରେ ଉକ୍ତ ଗ୍ରାମର କେତେଜଣ ଯୁବକ କ୍ୟାବିନ ପକାଇ ଜଗିବସୁଛନ୍ତି ତେଲ ବୋଝେଇ ଟ୍ୟାଙ୍କରକୁ। ଯାହାର ଯେଉଁ ଗାଡ଼ି ସହିତ ଯୋଗାଯୋଗ ଅଛି ସେମାନେ ସେହି କ୍ୟାବିନ ପାଖରେ ଅଟକି ରହି ପେଟ୍ରୋଲ, ଡିଜେଲ ଦିନ ଦ୍ୱିପ୍ରହରରେ କାଢୁଥିବା ଦେଖିବାକୁ ମିଳୁଛି। କିଛି ଦିନ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଏହି କାରବାର ବନ୍ଦ ଥିବାବେଳେ ଏବେ ପୁଣି ସକ୍ରିୟ ହୋଇଉଠିଛନ୍ତି ମାଫିଆ। ଏମାନେ ଟ୍ୟାଙ୍କରରୁ ବ୍ୟାରେଲ ଯୋଗେ ତେଲ କାଢିନେଇ ନିଜ ଗାଁ ପାରିପଲେଇରେ ଗଚ୍ଛିତ ରଖୁଛନ୍ତି। ଗ୍ରାମାଞ୍ଚଳରେ ଯେଉଁଠି ତେଲର ଆବଶ୍ୟକତା ପଡ଼େ ଏହି ମାଫିଆମାନେ ସେଠାରେ ନେଇ ପହଞ୍ଚାଇଦେଇ ଆସୁଛନ୍ତି। ସେହିପରି ବାଲିଚନ୍ଦ୍ରପୁର ଥାନା କଟିକଟା ଛକ ଜାତୀୟ ରାଜପଥ କଡ଼ରେ ଏକ ବରଗଛ ମୂଳେ ଥିବା ପରିତ୍ୟକ୍ତ ଢାବାରେ ମଧ୍ୟଏହି କାରବାର ଚାଲୁଥିବା ଦେଖାଯାଉଛି। ଏମାନଙ୍କ ନିକଟରେ ଟ୍ୟାଙ୍କରୁ ତାଲା ଖୋଲିବାର ଅବିକଳ ନକଲ ଚାବି ରହିଥିବାରୁ ସହଜ ଉପାୟରେ ତେଲ କାଢିପାରୁଛନ୍ତି ବୋଲି ଶୁଣିବାକୁ ମିଳୁଛି। ଏଥିପାଇଁ ତୈଳକମ୍ପାନୀ, ଟାଙ୍କି ଓ ଟ୍ୟାଙ୍କର ମାଲିକମାନେ କ୍ଷତି ସହୁଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଓ ଡେରାବିଶ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେଣୁ ଏହି ଚୋରା ତେଲ କାରବାର ବନ୍ଦ ପାଇଁ ଉଭୟ ଜିଲ୍ଲାର ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ପଥୁରିଆରେ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ପଥୁରିଆ ଗ୍ରାମର ପୂର୍ବତନ ସଭାପତି ଜଗନ୍ନାଥ ପଣ୍ଡାଙ୍କ ସଭାପତିତ୍ୱରେ ବଜ୍ରମହାକାଳୀ ସାଂସ୍କୃତିକ ସଂସଦ ପକ୍ଷରୁ ସାଂସ୍କୃତିକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ ଉତ୍ସବରେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ ମୁଖ୍ୟ ଅତିଥି ରୂପେ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସମାଜସେବୀ ପ୍ରହଲ୍ଲାଦ ବେହେରା, ଯୁବ ସଂଗଠକ ଅରୁଣ କୁମାର ବେହେରା, ପ୍ରମୋଦ ଚରଣ ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ନମିତା ପରିଡ଼ା, ବିଶିଷ୍ଟ ହାସ୍ୟ ଅଭିନେତା ରବି ଶତପଥୀ, ପୋତାନଇ ସମିତି ସଭ୍ୟ ସତ୍ୟବାନ ମୁଦୁଲି, ନିର୍ଦ୍ଦେଶକ ବିକ୍ରମ ମହାପାତ୍ର ପ୍ରମୁଖ ଅତିଥି ରୂପେ ଗ୍ରାମରେ କଳା ଓ ସଂସ୍କୃତିର ବିକାଶ ପାଇଁ ଏତାଦୃଶ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଏବେ ବହୁ ଗ୍ରାମରେ ଆଉ ଆଗପରି ଯୁବକଙ୍କ ମଧ୍ୟରେ ସଂସ୍କୃତି, କଳା ପ୍ରତିଥିବା ନିଷ୍ଠା, ଗ୍ରାମର ଉନ୍ନତି ପାଇଁ ସାମୂହିକ ଉଦ୍ୟମ ଦେଖିବାକୁ ମିଳୁନାହିଁ ବୋଲି କହିବା ସହ ପଥୁରିଆ ବାସୀଙ୍କ ଏହି ଉଦ୍ୟମ ଅନ୍ୟଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ବଳଦେବ ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବଜ୍ରମହାକାଳୀ ସାଂସ୍କୃତିକ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା। ଏହି ଉତ୍ସବକୁ ପରିଚାଳନା କରିଥିଲେ। ଶେଷରେ ଚଳିତ ବର୍ଷର ନାଟକ 'ପ୍ରେମ ଥିଲେ ପାପ ଅଛି' ମଞ୍ଚସ୍ଥ କରାଯାଇଥିଲା।

## ବାମରା ରେଳ ଷ୍ଟେସନ୍ ଲୋକାର୍ପଣ

ବାମରା, (ଭାସ୍କର ନ୍ୟୁଜ୍): ଦକ୍ଷିଣପୂର୍ବ ରେଳପଥ ବାମରା ରେଳ ଷ୍ଟେସନ୍‌ଟି ଚକ୍ରଧରପୁର ଡିଭିଜନ ଅଧିନରେ ଗଡଜାତ ବାମଣ୍ଡା ଷ୍ଟେଟ ଅମଳରୁ ରହିଛି। ଏହି ରେଳଷ୍ଟେସନରେ ଆୟୋଜିତ ତୃତୀୟ ଲାଇନ୍ ଲୋକାର୍ପଣ କାର୍ଯ୍ୟକ୍ରମ ସମାରୋହରେ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଅପରେସନ) ଲଳିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସେହିପରି ବିଷେଶ ଅତିଥି ଭାବେ ବାମରା ବ୍ଲକ ଚେୟାରମ୍ୟାନ୍ ପିଙ୍କି ଧୁରୁଆ, ଉପାଧ୍ୟକ୍ଷ ସଂଜୟ ଦାଶ, ରଂଗିଆଟିକିରା ସରପଞ୍ଚ ସମୀର ବରିହା, ଜରାବଗା ସମିତି ସଭ୍ୟା ସୁନିଆ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ରଧର ପୁର ଡିଭିଜନ ସିନିଅର ଡିଇଇ (ରାଉରକେଲା) ପ୍ରଣେଶ କୁମାର, ଏଆର୍‌ଏମ୍ ଝାରସୁଗୁଡା ଅଜିତ ପଣ୍ଡା, ଏଇଏନ୍ ଶ୍ରେୟସ ଯାଦବ, କେରେଜ ଡିପୋ ଅଫିସର (ରାଉରକେଲା) କାର୍ତ୍ତିକେୟ ଶ୍ରୀ ବାସ୍ତବ, ଡିଭିଜନାଲ ଟ୍ରାଫିକ ଇନ୍‌ସପେକ୍ଟର ନୀଳମାଧବ ସାହୁ, ଗୋବିନ୍ଦପୁର ଥାନା ଅଧିକାରୀ ବିଧି ଭୂଷଣ ମିଶ୍ର ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଲୋକାର୍ପଣ ଉତ୍ସବର ସିଧାସଳଖ ପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାମରା ମାଟିର ଗର୍ବ ଓ ଗୌରବ ପଦ୍ମ ମିତ୍ର ଭାନୁ ଗୋଉଡିଆଙ୍କ ବିଷୟରେ ଉଲ୍ଲେଖ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଥିଲା। ତେବେ ଏହି କାର୍ଯ୍ୟକ୍ରମରେ ରେଳବାଇର ବହୁ ଉଚ୍ଚ ଅଧିକାରୀମାନେ ଯୋଗଦେଇ ଥିବାବେଳେ ବାମରା ଅଞ୍ଚଳବାସୀଙ୍କ ଉପସ୍ଥିତ ଦେଖିବାକୁ ମିଳି ନ ଥିଲା। କେବଳ ବିଜେପି ଦଳର କେତେକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ବାମରାରେ ଆଗରୁ ରହି ଆସୁଥିବା ୫ଟି ଏକ୍ସପ୍ରେସ ଟ୍ରେନ୍‌ର ରହଣୀ ଉଚ୍ଛେଦ କରାଯାଇଥିବାରୁ ବାମରାବାସୀ ଏଥିରେ ସାମିଲ ହୋଇ ନ ଥିଲେ ବୋଲି ଚର୍ଚ୍ଚା ହେଉଛି।

## ୧୬ ଦିନରେ ପହଞ୍ଚିଲା ଠାକୁରାଣୀ ଯାତ୍ରା

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ୧୬ ଦିନରେ ପହଞ୍ଚିଲା ଭଞ୍ଜନଗର ଠାକୁରାଣୀ ଯାତ୍ରା। ବୁଧବାର ମା'ଙ୍କ ଯାତ୍ରା ନେଇଥିଲେ ସହରର ପରିବା ମାର୍କେଟ ସଂଘ। ବୁଧବାର ମା'ଙ୍କ ଯାତ୍ରା ଅଧିକ ଆକର୍ଷଣୀୟ ହୋଇଥିଲା। ଏକ ବିଶାଳ ପଟୁଆରରେ ପରିବା ମାର୍କେଟ ସଂଘର କର୍ମକର୍ତ୍ତାମାନେ ମା'ଙ୍କୁ ପାଛୋଟି ନେଇଥିଲେ। ନିର୍ଦ୍ଧାରିତ ସମୟରେ ମା'ବ୍ୟାଘ୍ରଦେବୀ ଓ ମା'ଠାକୁରାଣୀ ମା'କାଳୀଙ୍କ ସହ ଗମ୍ଭୀରାରୁ ବାହାରି ମୁଖ୍ୟ ରାସ୍ତା ଅତିକ୍ରମ କରି ଥାନା ଛକ, ମହାବୀର ମନ୍ଦିର ଛକ ଦେଇ ସେଠାରୁ ପରିବା ମାର୍କେଟରେ ପହଞ୍ଚିଥିଲେ। ସେଠାରେ ମା'ଭୋଗ ଗ୍ରହଣ କରିବା ପରେ ସେଠାରେ ପରିବା ବ୍ୟବସାୟୀମାନେ ଉପସ୍ଥିତ ସମସ୍ତ ଭକ୍ତ ଜନମାନଙ୍କୁ ମା'ଙ୍କ ଭୋଗ ପ୍ରସାଦ ପ୍ରଦାନ କରିଥିଲେ। ପରେ ମା'ଙ୍କ ଯାତ୍ରା ଆଗକୁ ବଢିଥିଲା। ମା' ସାଆନ୍ତାଣୀ ନଗର ପରିକ୍ରମାରେ ଯାଇ ସ୍ଥାନୀୟ ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ୍‌ଙ୍କ ସରକାରୀ ବାସଭବନରେ ପହଞ୍ଚି ସେଠାରେ ଭୋଗ ଗ୍ରହଣ କରିଥିଲେ। ପରେ ମାଆ ରେଡକ୍ରସ ରୋଡ ଦେଇ ମୁଖ୍ୟ ରାସ୍ତାରେ ଆସି ବିଳମ୍ବିତ ରାତିରେ ଗମ୍ଭୀରାରେ ପ୍ରବେଶ କରିଥିଲେ। ଏହି ଯାତ୍ରା ପଟୁଆରରେ ସବୁଠାରୁ ଅଧିକ ଆକର୍ଷଣୀୟ ହୋଇଥିଲା ମଧ୍ୟପ୍ରଦେଶରୁ ଆସିଥିବା ଅଘୋରୀ ବାବାଙ୍କ ନୃତ୍ୟ ପ୍ରଦର୍ଶନ। ନିଆଁ ସହ ଖେଳି ଅଘୋରୀ ବାବା ଭୂମିକା ନିଭାଇଥିବା କଳାକାରମାନେ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲେ। ସେହିପରି ପାରମ୍ପରିକ ପଶୁମୁଖା ନୃତ୍ୟ ସହ ରାଧାକୃଷ୍ଣ ରାସଲୀଳା, ମହିଷାସୁର ମର୍ଦ୍ଦନୀ, ବିଭିନ୍ନ ସ୍ଥାନରୁ ଆସିଥିବା ଭିନ୍ନ ଭିନ୍ନ ଧୁମ୍ ଧଡକା, ଥାର୍ଡ ଜେଣ୍ଡରମାନଙ୍କ ଆକର୍ଷଣୀୟ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ସେହିପରି ଠାକୁରାଣୀ ଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ରଙ୍ଗମଞ୍ଚରେ ଓଡିଶା ସୁନାମଧନ୍ୟ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଓ ତାଙ୍କ ସାଥିମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଦେଖିବାକୁ ମୁଖ୍ୟ ରାସ୍ତାରେ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ତଥା ଓଡ଼ିଶାର ପୂର୍ବତନ ବାଚସ୍ପତି, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି ସଭାପତି ରାଜେନ୍ଦ୍ର ବିଶୋୟୀ, ମୁଖ୍ୟ ସଂଗଠନ ସଂପାଦକ ତଥା ନଗରପାଳ ଗୋପବନ୍ଧୁ ମହାପାତ୍ର, ସଂପାଦକ ସୁଧୀର ରଞ୍ଜନ ବେହେରା, ସଂଗଠନ ସଂପାଦକ ସୁଶାନ୍ତ ମହାପାତ୍ର, ସାଂସ୍କୃତିକ ସଂପାଦକ ଜଗଦୀଶ ପାଣିଗ୍ରାହୀ ଓ ଯୁଗ୍ମ ସଂପାଦକ ଲୋକନାଥ କର ପ୍ରମୁଖ ମଞ୍ଚାସୀନ ରହିଥିଲେ। ଗୁରୁବାର ମା'ଙ୍କ ବିଶ୍ରାମ ଦିବସ ହୋଇଥିବା ବେଳେ ସଂଧ୍ୟାରେ ସାଂସ୍କୃତିକ ମଞ୍ଚରେ ଆର୍‌ଟିଓ ଶୁଭେନ୍ଦୁ ରଞ୍ଜନ ରାୟ, ମେଡିକାଲ ଅଧୀକ୍ଷକ ଡାକ୍ତର ସିତାଂଶୁ ଶେଖର ଶତପଥୀ, ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଓଷ୍ଟା ବ୍ଲକ ସଂପାଦକ ଗୌରୀ ନନ୍ଦନ ହୋତା, ମିଲର୍ସ ଆସୋସିଏସନ୍ ପକ୍ଷରୁ ଭେଙ୍କେଟେଶ ପୃଷ୍ଟି, ଅଜିତ୍ କୁମାର ରଥ ଓ ଏ ରାମା ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯାତ୍ରା କମିଟି ପକ୍ଷରୁ ସମସ୍ତ ମଞ୍ଚାସୀନ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅଞ୍ଚଳର ଜଣାଶୁଣା ନୃତ୍ୟ ଅନୁଷ୍ଠାନ ବିଗ୍ ବଷ୍ଟର୍ ପକ୍ଷରୁ କୁନିକୁନି କଳାକାରଙ୍କମାନଙ୍କ ଦ୍ୱାରା ବହୁ ଶାସ୍ତ୍ରୀୟ ଓ ପାରମ୍ପରିକ ନୃତ୍ୟ ପରିବେଷଣ ସହ ବହୁ ଆଧୁନିକ ରୋମାଣ୍ଟିକ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହାକି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ବିଳମ୍ବିତ ରାତି ଯାଏଁ ବାନ୍ଧି ରଖିଥିଲା।

## ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଜିଲ୍ଲାନାସୀ ପଞ୍ଚାୟତ ତାଳଦଣ୍ଡାସ୍ଥିତ ସିଓର ସକସେସ୍ କୋଚିଙ୍ଗ ସେଣ୍ଟରର ୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ଅନୁଷ୍ଠାନ ତରଫରୁ ଏକ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ରବିନ୍ଦ୍ର କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସ୍ତା ସୁରକ୍ଷା ମଞ୍ଚ ରାଜ୍ୟ ସଭାପତି ଡ଼ଃ ଅରୁଣ କୁମାର ପାଣି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବଚନ୍ଦ୍ର ଦାଶ, ସାମାଜିକ କର୍ମୀ ହରପ୍ରିୟା ପଲାଇ, ଲକ୍ଷ୍ମୀଧର ପ୍ରଧାନ, ପ୍ରଗତିକା ପାଣି, ମୋନାଲି ମଧୁସ୍ମିତା ଦାସ ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଡ଼ଃ ପାଣି ପିଲାମାନଙ୍କୁ ଉପଦେଶକ୍ରମେ ପିତାମାତା ଜୀବନ୍ତ ଦେବତା ଓ ତାଙ୍କ ଆର୍ଶୀବାଦ ଥିଲେ ତୁମେମାନେ ଜଣେ ଜଣେ ବଡ଼ମଣିଷ ହୋଇପାରିବ ବୋଲି କହିଥିଲେ। ବିଦ୍ୟାଳୟ ସହ ଦେବାଳୟ ଜରୁରୀ, ଭାରତୀୟ ପରମ୍ପରାରେ ଦେବାଳୟରୁହିଁ ବିଦ୍ୟାଳୟର ଆରମ୍ଭ। ଭାରତୀୟ ପରମ୍ପରା ଓ ଆଧାତ୍ମିକ ଚେତନା ଦ୍ୱାରା ହିଁ ପିଲାର ଚାରିତ୍ରିକ ସଂସ୍କାର ସହ ଶୈକ୍ଷିକ ଅଭିବୃଦ୍ଧି ଘଟେ ବୋଲି ସେ ପ୍ରକାଶ କରିଥିଲେ।

## ଶ୍ରୀପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଶ୍ରୀପୁରୁଷୋତ୍ତମପୁର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ୫୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସେହି ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷା କର୍ମଚାରୀ ତଥା ସଂକୀର୍ତ୍ତନ ଗାୟକ ଲଳିତ କୁମାର ସାହୁଙ୍କୁ ଭାବବିହ୍ୱଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ଅତିଥି ଭାବେ ପ୍ରାକ୍ତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ, ସରପଞ୍ଚ ହିରଣ୍ମୟୀ ମହାପାତ୍ର, ଡେଲାଙ୍ଗ କଲେଜର ପୂର୍ବତନ ଅଧ୍ୟକ୍ଷ ଅଭୟ ଚରଣ ରାଉତରାୟ,ଏବିଇଓ ଲକ୍ଷ୍ମଣ ପ୍ରଧାନ, ଶିକ୍ଷାବିତ୍ ବିରଞ୍ଚିନାରାୟଣ ମହାନ୍ତି, ଆଲୁମିନ୍ ସଭାପତି ଅସିତ୍ ମିଶ୍ର, ଅକ୍ରୁର ବରାଳ, ସାହିତ୍ୟିକ ସତ୍ୟବାଦୀ ଦାଶ, ଲେଖିକା ସୁନନ୍ଦା ମହାନ୍ତି, ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବରାଳ, ନିରଞ୍ଜନ ସାହୁ, କୈଳାସ ମହାପାତ୍ର, ରଙ୍ଗନାଥ ଦାଶ, ସିଆର୍‌ସିସି ପବିତ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାରଣା, ଶିକ୍ଷକ ସନ୍ତୋଷ ପାଣି, ଅଭୟ ଚରଣ ସାହୁ, ଶିକ୍ଷୟିତ୍ରୀ ବିନୋଦିନୀ ମହାପାତ୍ର, ଗାୟକ ଶିବ ସାହୁ ପ୍ରମୁଖ ଯୋଗଦେଇ ୧୯୬୮ ମସିହାରେ ସ୍ଥାପିତ ଏହି ଗରିମାମୟ ବିଦ୍ୟାଳୟର ଐତିହାସିକ ତଥ୍ୟ, ସ୍ୱର୍ଗତ ବିଶ୍ୱନାଥ ମିଶ୍ର ଓ ଅନ୍ୟମାନଙ୍କ ଅବଦାନ, ଛାତ୍ରଛାତ୍ରୀମାନଙ୍କ ପୂର୍ଣ୍ଣାଙ୍ଗ ବିକାଶର ଧାରା ଓ ନୈତିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷା କର୍ମଚାରୀ ଲଳିତ କୁମାର ସାହୁଙ୍କ ମହତଗୁଣ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିବା ସହ ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବାସହ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ସାହୁଙ୍କୁ ମାନପତ୍ର, ଉପଢୌକନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳନ୍ଧର ବେହେରା ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ସନ୍ତୋଷ କୁଣ୍ଡୁ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ରତ୍ନାକର ଚମ୍ପତି ଓ ପ୍ରଧାନଶିକ୍ଷକ ଜଳନ୍ଧର ବେହେରା ମିଳିତ ଭାବେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସବିତା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବସନ୍ତ ପ୍ରଧାନ, ମିହିର ମିଶ୍ର, ସତ୍ୟବ୍ରତ ମିଶ୍ର, ଗୋଦାବରୀ ସ୍ୱାଇଁ ଶିକ୍ଷୟିତ୍ରୀ ପଲ୍ଲୀଶ୍ରୀ ସେଠୀ, ନନ୍ଦିତା ବେହେରା ଓ ସ୍ନେହଲତା ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ର ନିର୍ଜନେଶ୍ ଓ ଛାତ୍ରୀ ଅନୁପମା ନିଜ ନିଜର ଛାତ୍ର ଜୀବନର ଅଭୁଲା ଅନୁଭୂତି ବର୍ଣ୍ଣନା କରିଥିଲେ।

## ଲୋପ ପାଇବେ ବିଞ୍ଝାରପୁରୀ ଗାଈ !



ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ବିଞ୍ଝାରପୁରୀ ଗୋ ସମ୍ପଦକୁ ୨୦୧୦ ମେ ମାସରେ ଜାତୀୟ ମାନ୍ୟତା ମିଳିଥିଲା। ଏହାସହ ମାଲକାନଗିରି ଜିଲାର ମୋଟୁ, ଗଞ୍ଜାମ ଓ ଫୁଲବାଣୀ ଜିଲାର ଘୁମୁସୁରୀ, ନୂଆପଡ଼ା ଜିଲ୍ଲାର ଖରିଆର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଚିଲିକା ଗୋ-ସମ୍ପଦକୁ ଏହି ମାନ୍ୟତାରେ ସାମିଲ କରାଯାଇଥିଲା। ଏପରି ଜାତୀୟ ମାନ୍ୟତା ମିଳିବାର ଆଜକୁ ୧୩ ବର୍ଷ ପୁରି ଯାଇଛି। କିନ୍ତୁ ସରକାରୀ କଳର ପ୍ରୋତ୍ସାହନ ଓ ଆନ୍ତରିକତା ଅଭାବରୁ ଯାଜପୁର ଜିଲ୍ଲାର ବିଞ୍ଝାରପୁରୀ ଗୋ ସମ୍ପଦର ସଂରକ୍ଷଣ ଓ ଉନ୍ନତି ନୈରାଶ୍ୟଜନକ ହୋଇଛି। ଚାରଣଭୂମିର ସଙ୍କୋଚନ ଓ ସବୁଜ ଘାସର ଅଭାବ ଯୋଗୁ ଏହି ପ୍ରଜାତିର ଗାଈଙ୍କ ସଂଖ୍ୟା, ପ୍ରଜନନ ଓ ଦୁଗ୍ଧ ଉତ୍ପାଦନ କ୍ଷମତା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅନ୍ୟ ପ୍ରଜାତିର ଗୋ ସମ୍ପଦକୁ ଅଧିକ ପ୍ରୋତ୍ସାହନ ଦିଆଯାଉଥିବାରୁ ଏହି ଦେଶୀ ଗୋସମ୍ପଦ କ୍ରମଶଃ ଅଞ୍ଚଳରୁ ଲୋପ ପାଇଯିବ ବୋଲି ମତପ୍ରକାଶ ପାଇଛି। ଜିଲ୍ଲାର ନାଉବାଙ୍କ ଗ୍ରାମର ଚାଷୀ ଅଶୋକ ପାତ୍ରଙ୍କ କହିବା ଅନୁଯାୟୀ, ବିଞ୍ଝାରପୁରୀ ଗାଈ ସହ ଅନ୍ୟ ପ୍ରଜାତିର ଗାଈଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି। ବଂଶ ବୃଦ୍ଧ ପ୍ରକ୍ରିୟାକୁ ବେଶୀ ଗୁରୁତ୍ୱ ଦିଆଯାଉ ନାହିଁ। ଗୋଚର ଜମି କମିଛି। ଫଳରେ ଗୋ-ସମ୍ପଦଙ୍କ ପାଇଁ ଆବଶ୍ୟକ ଖାଦ୍ୟ ମିଳୁନାହିଁ। ଜରି ଗ୍ରାମର ସୁବାସ ମଲିକ କହିଛନ୍ତି, ମୋ ଗୁହାଳ ଯୋଜନାରେ ସମସ୍ତ ଚାଷୀ ଉପକୃତ ହୋଇ ପାରୁନାହାନ୍ତି। ଘାସ ଯୋଜନାରେ ସରଳୀକରଣ ଅଭାବରୁ ତା'ର ସୁଫଳ ବାସ୍ତବ ଚାଷୀ ପାଇ ପାରୁନାହାନ୍ତି। ଏଥିଯୋଗୁ ବିଞ୍ଝାରପୁରୀ ଗାଈ ସଂଖ୍ୟା ହ୍ରାସ ପାଉଛି। ଜରି ଗ୍ରାମର ଚାଷୀ ନିମାଇଁ ଦାସ କହିଛନ୍ତି, ସରକାରୀ ପ୍ରୋତ୍ସାହନ ଅଭାବରୁ ବିଞ୍ଝାରପୁରୀ ଗାଈ ସଂଖ୍ୟା ହ୍ରାସ ପାଉଛି। ଆବଶ୍ୟକ ଚିକିତ୍ସା ସୁବିଧା ମିଳୁନାହିଁ। ଯାଜପୁର ଜିଲାର ବିଞ୍ଝାରପୁର, ବରୀ, ସୁଜନପୁର, ଦଶରଥପୁର ଏବଂ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଞ୍ଝାରପୁରୀ ପ୍ରଜାତିର ଗାଈ ଅଧିକ ଦେଖାଯାନ୍ତି। ଏହି ଗୋସମ୍ପଦର ରଙ୍ଗ ବିଶେଷକରି ଧଳା ହୋଇଥିବାବେଳେ ସ୍ଥଳ ବିଶେଷରେ ଧୂଷର, ବାଦାମୀ ଓ କଳା ରଙ୍ଗର ହୋଇଥାନ୍ତି। ଜନ୍ମବେଳେ ଅଣ୍ଡିରା ବାଛୁରୀର ଓଜନ ପ୍ରାୟ ୨୦ କେଜି ଓ ମାଈ ବାଛୁରୀର ଓଜନ ପ୍ରାୟ ୧୮ କେଜି ହୋଇଥାଏ। ଶରୀର ଲମ୍ବରେ ଅଣ୍ଡିରା ଗୋରୁଙ୍କ ପ୍ରାୟ ୧୨୬ ସେଣ୍ଟିମିଟର ଓ ମାଈ ଗୋରୁଙ୍କ ପ୍ରାୟ ୧୧୫ ସେଣ୍ଟିମିଟର ଅଣ୍ଡିରା ଓ ମାଈ ଗୋରୁଙ୍କ ଉଚ୍ଚତା ଯଥାକ୍ରମେ ପ୍ରାୟ ୧୨୧ ଓ ୧୦୭ ସେଣ୍ଟିମିଟର କେବଳ ଘାସ ଖାଇ ଏହି ଗାଈ ଦୈନିକ ସାଢେ ୪ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ। ଦାନା ଖାଇଲା ପରେ ଦୁଗ୍ଧ ଉତ୍ପାଦନ ୭ ଲିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ୩୦୦ ଦିନ ପର୍ଯ୍ୟନ୍ତ ଦୁଗ୍ଧ ଉତ୍ପାଦନ କ୍ଷମତା ଥିଲେ ହେଁ ଆଜିକାଲି ପରିବେଶ ଓ ପରିସଂସ୍ଥା ସଠିକ ଭାବେ ପରିଚାଳିତ ହେଉ ନ ଥିବାରୁ ଦୁଗ୍ଧ ଦେବା ସମୟ ୨ଶହ ଦିନକୁ ହ୍ରାସ ପାଇଛି। ୨୦୧୫ ଅକ୍ଟୋବରରେ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ପରିଷଦ (ଓଏଲ୍‌ଆର୍‌ଡିଏସ୍) ପକ୍ଷରୁ ଯାଜପୁର ବ୍ଲକ୍‌ର ବେବିଲଠାରେ ବିଞ୍ଝାରପୁରୀ ଗୋ ପ୍ରୋତ୍ସାହନ ଓ ଉତ୍ପାଦନ ସମିତି ପ୍ରତିଷ୍ଠା ହୋଇଥିଲା। ସମିତି ପକ୍ଷରୁ ୫ କ୍ଲଷ୍ଟର ସହାୟତାରେ ୫ଶହ ବିଞ୍ଝାରପୁରୀ ଗାଈ ଚିହ୍ନଟ କରାଯାଇଥିଲା। ଗତ ଡିସେମ୍ବରରୁ ପ୍ରତ୍ୟେକ ଗାଈ ପିଛା ୨୦୦ ଟଙ୍କା ଲେଖାଏଁ ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା। ଏହାବାଦ୍ ଆବଶ୍ୟକ ଔଷଧ ଓ ଜୀବନବୀମା ମଧ୍ୟ କରାଯାଇଥିଲା। କିନ୍ତୁ ଉକ୍ତ ସମିତି ପ୍ରାୟ ନିଷ୍କ୍ରିୟ ହୋଇଥିବାବେଳେ ଏହିସବୁ ସରକାରୀ ପ୍ରୋତ୍ସାହାନ ଏବେ ହ୍ରାସ ପାଇଛି। ଫଳରେ ସମିତିର କାର୍ଯ୍ୟଧାରା ଧିମେଇ ଯାଇଛି। ଏ ନେଇ ସମିତି ପକ୍ଷରୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା ଓଏଲଆରଡିଏସ୍ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି ବୋଲି ଅଭିଯୋଗ ହେଉଛି। ସରକାରୀ ପ୍ରୋତ୍ସାହନ ଅଭାବରୁ ପୂର୍ବପରି ଗୋରୁ ରଖିବାର ଆଗ୍ରହ କମି ଯାଇଛି। ଗୋଚର ଜମି ଜବରଦଖଲ ଯୋଗୁ ଚାରଣଭୂମିର ଅଭାବ ସମେତ ଅବାଧ ଚୋରାଚାଲାଣ, ଗୋହତ୍ୟା, ରୋଗ ଆଦି ପ୍ରମୁଖ କାରଣ ଏହି ଦେଶୀ ଗାଈଙ୍କ ସଂଖ୍ୟା କମିବାର ପ୍ରମୁଖ କାରଣ ହୋଇଛି। ପୂର୍ବରୁ ଏହି ପ୍ରଜାତିର ଗୋସମ୍ପଦ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚୁଥିଲେ। କିନ୍ତୁ ଏବେ ତାହା ହ୍ରାସ ପାଇ ୧୫ ବର୍ଷ ବୟସକୁ ପହଞ୍ଚିଛି। ଆଗରୁ ପ୍ରତ୍ୟେକ ଗାଈ ୫ରୁ ୭ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଉଥିଲାବେଳେ ଏବେ ୩ରୁ ୫ ଲିଟର ଦେଉଛନ୍ତି ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଯାଜପୁର ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ପଦ୍ମନାଭ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ବୁଧବାର ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲକୁ ଗ୍ରହଣ କରି ନ ଥିଲେ।

## ରାଶିଫଳ

**ଶନିବାର, ୨୦ ମଇ ୨୦୨୩**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ। ଆଧ୍ୟାତ୍ମିକ ସିଦ୍ଧି ପ୍ରାପ୍ତ କରିବା ପାଇଁ ବହୁତ ଭଲ ଯୋଗ ଅଛି।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ। ଖେଳକୁଦ ଏବଂ କଳା କ୍ଷେତ୍ରରେ କଳାକାରମାନଙ୍କୁ ନିଜର ପ୍ରତିଭା ଦର୍ଶାଇବା ପାଇଁ ମୌକା ମିଳିବ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରୀମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଭାଗ୍ୟବୃଦ୍ଧି ହେବ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ। ଧନ ଖର୍ଚ୍ଚ ହେବ। ଅନୈତିକ ପ୍ରବୃତ୍ତିଗୁଡ଼ିକର ସୃଷ୍ଟି ହେଲେ ମନକୁ ନିୟନ୍ତ୍ରଣରେ ରଖିବାପାଇଁ ଉପଦେଶ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ। ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ। ମୁଣ୍ଡବ୍ୟଥା ତଥା ପେଟ ସମ୍ବନ୍ଧୀତ ଅଭିଯୋଗ ହୋଇପାରେ।



**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନା ଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ। ଆକସ୍ମିକ ଧନ ଖର୍ଚ୍ଚ ହୋଇପାରେ। ଧାର୍ମିକ କାର୍ଯ୍ୟଗୁଡ଼ିକରେ ଭାଗ ନେବାର ଅବସର ଆସିବ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ରମାନଙ୍କ ସହିତ ଖୁସି ରହିବେ। ଆନନ୍ଦଦାୟକ ପର୍ଯ୍ୟଟନ ହେବ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ। ବ୍ୟାପାର ବର୍ଗଙ୍କୁ ଲାଭଦାୟକ ବ୍ୟାପାର ହେବ। ଉତ୍ତମ ବୈବାହିକ ସୁଖ ପ୍ରାପ୍ତି ହେବ। ଆନନ୍ଦଦାୟକ ପର୍ଯ୍ୟଟନ ହେବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ। ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରୀମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ। ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତିର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳି କରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମୀମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ କରାଇବ। ମାମୁଁଘର ତରଫରୁ ଲାଭ ହେବ।



ଶ୍ରୀପତି ଆଚାର୍ଯ୍ୟ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବାଣପୁର, (ଭାସ୍କର ନ୍ୟୁଜ): ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଶୁକ୍ରବାରେ ବାଣପୁର ଅଞ୍ଚଳର ସମସ୍ତ ବଧୂ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ଏହି ଅବସରରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳର ସମସ୍ତ ମହିଳା ମାନେ ପବିତ୍ର ଜ୍ୟେଷ୍ଠ ଅମାବାସ୍ୟା ତିଥିର ବ୍ରାହ୍ମ ମୁହୂର୍ତ୍ତରେ ପୂଜାର୍ଚ୍ଚନା କରିବା ପାଇଁ ମନ୍ଦିରରେ ଭିଡ ଲଗାଇଥିଲେ । ବାଣପୁର ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ଦେବ, କପିଳେଶ୍ୱର ଦେବ, ବ୍ରହ୍ମେଶ୍ୱର ଦେବ ଓ ମା' ଟିକିରାଇ ଦେବୀ, ସନ୍ତୋଷୀ ମାଙ୍କ ମନ୍ଦିରରେ ମଧ୍ୟାହ୍ନ ୧୨ ଯାଏଁ ମହିଳାମାନେ ଧାଡ଼ିରେ ଠିଆ ହୋଇ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଥିଲା । ଏହି ବ୍ରତ ସଧବା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ସଧବାମାନେ ନୂତନ ବସ୍ତ୍ର ଶଙ୍ଖା ସିନ୍ଦୁର ଓ ଫଳ ଆଦି ପୂଜା କରି ବ୍ରତ ଉଦ୍?ଯାପନ କରିଥିଲେ । ତେବେ ବାଣପୁର ଉପକାରାଗାରର ୨ ଜଣ ମହିଳା ବିଚାରାଧିନ ବନ୍ଦୀ ନିଜ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ବ୍ରତ କରିଥିବା ଦେଖାବାକୁ ମିଳିଥିଲା । ସେମାନଙ୍କୁ କାରାଗାର ପକ୍ଷରୁ ନୂତନ ଶାଢ଼ି, ପୂଜା ସାମଗ୍ରୀ ସମେତ ବ୍ରତ ସାମଗ୍ରୀ ଓ ଫଳମୂଳ ଯୋଗାଇ ଦିଆ ଯାଇଥିବା କାରାଗାର ଅଧିକ୍ଷକ ସୂଚନା ଦେଇଛନ୍ତି । ସେହିପରି ଉମା ମହେଶ୍ୱର ଦେବଙ୍କ ପୀଠରେ କିନ୍ନର ମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ ।

### ସିମ୍‌କାର୍ଡ ପାଇଁ ଆସିଲା ଗାଇଡଲାଇନ୍

## ଫେକ୍ ସିମ୍ ପାଇଁ ଲାଗିବ ଦେଶଦ୍ରୋହ ଦଫା

କଟକ (ଭାସ୍କର ନ୍ୟୁଜ): ଫେକ୍ ସିମ କାର୍ଡ ଯୋଗୁଁ ରାଜ୍ୟରେ ସାଇବର ଅପରାଧ ବଢୁଛି । ଠକମାନେ ଫେକ ସିମକାର୍ଡ ମାଧ୍ୟମରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି । ଯେଉଁଥିପାଇଁ ଦିନକୁ ଦିନ ସାଇବର ଅପରାଧରେ ବୃଦ୍ଧି ଘଟୁଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି । ଏହି କ୍ରମରେ ଫେକ୍ ସିମ ଉପରେ ରୋକ ଲଗାଇବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ଗାଇଡଲାଇନ ଜାରି କରାଯାଇଛି । କ୍ରାଇମବ୍ରାଞ୍ଚ ଏଡିଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ସୂଚନା ଦିଆଯାଇଛି । ସ୍ଥାୟୀ ଦୋକାନ ଥିବା ଡିଲରମାନେ କେବଳ ସିମକାର୍ଡ ବିକ୍ରି କାରିପାରିବେ । କେବଳ ଆଧାର ସହ ଲିଙ୍କ ନମ୍ବରରେ କଲ କରିବେ ଟେଲି ଭେରିଫିକେସନ । ଫେକ ସିମ ସମ୍ପର୍କିତ ଅଭିଯୋଗ ଗ୍ରହଣ ପାଇଁ ବ୍ୟବସ୍ଥା କରିବେ ଟିଏସ୍‌ପି । ଅଭିଯୋଗ ଗ୍ରହଣ ଓ ଡିଆକ୍ଟିଭେଟ ବ୍ୟବସ୍ଥା କରିବେ ସର୍ଭିସ ପ୍ରୋଭାଇଡର । ସିମ ଆକ୍ଟିଭେସନ ନିୟମ ଉଲ୍ଲଂଘନକାରୀ ପିଓଏସ୍ ବ୍ଲାକଲିଷ୍ଟେଡ ହେବେ । ନିୟମିତ ରିଚାର୍ଜ ହୋଇ ସ୍ଥାଣୁ ଥିବା ସିମପ୍ରତି ନଜର ରଖି ଟିଏସ୍‌ପି । ଫେକ ସିମ ମିଳିଲେ ଟିଏସପି ଅଧିକାରୀଙ୍କୁ ପ୍ରତି କାର୍ଯ୍ୟାନୁଷ୍ଠାନ କରାଯିବା ସହ ଦେଶଦ୍ରୋହ ମାମଲା ରୁଜୁ କରାଯିବ । ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ଓଡ଼ିଶାର ସିମକାର୍ଡ ପାକିସ୍ତାନରେ ଅପରେଟ ହେଉଥିବା ମାମଲା ଲୋକଲୋଚନକୁ ଆସିଥିଲା । ଏହି ମାମଲାରେ କ୍ରାଇମବ୍ରାଞ୍ଚ ଏସଟିଏଫ୍ ୩ ଜଣଙ୍କୁ ଗିରଫ କରିଥିଲା । ଏହି ମାମଲାର ମାଷ୍ଟରମାଇଣ୍ଡ ପଠାଣୀ ଲେଙ୍କା ବିରୋଧରେ ଦେଶଦ୍ରୋହ ଲଗାଯିବ ବୋଲି ସ୍ଥିର କରାଯାଇଛି । ପାକିସ୍ତାନୀ ଏଜେଣ୍ଟଙ୍କ ସହ ସମ୍ପର୍କ ଥିବା ନେଇ ସୂଚନା ମିଳିବା ପରେ ଏହି ଦଫା ଲାଗିବ ବୋଲି ଏସଟିଏଫ ପକ୍ଷରୁ କୁହାଯାଇଛି । ତାଙ୍କୁ ରିମାଣ୍ଡରେ ନିଆଯାଇ ପଚରାଉଚରା ମଧ୍ୟ କରାଯିବ । ସେ କେବେଠାରୁ ପାକିସ୍ତାନୀ ଏଜେଣ୍ଟଙ୍କ ସହ ଲିଙ୍କରେ ରହିଛନ୍ତି ସେନେଇ ଖୋଳତାଡ଼ ଚାଲୁ ରହିଛି । ଅନ୍ୟପକ୍ଷରେ ଟେଲିକମ ପ୍ରୋଭାଇଡରଙ୍କୁ ମଧ୍ୟ ଏସଟିଏଫ ସ୍କାନରକୁ ନେଇଛି । ଟ୍ରାଞ୍ଜାକ୍ସନ ଯାଞ୍ଚ ପାଇଁ ନ୍ୟାସନାଲ ପେମେଣ୍ଟ କର୍ପୋରେସନକୁ ଚିଠି ଲେଖା ଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

### ୩ ଚିତାଙ୍କ ମୃତ୍ୟୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

## ରାଜସ୍ଥାନ ପଠାଇବାକୁ ପ୍ରସ୍ତାବ

ନୂଆଦିଲ୍ଲୀ: ଦକ୍ଷିଣ ଆଫ୍ରିକା ଓ ନାମ୍ବିଆରୁ ଭାରତ ଆସିଥିବା ଚିତା ବାଘଙ୍କୁ ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଛଡ଼ା ଯାଇଥିବା ଚିତାଙ୍କ ମଧ୍ୟରୁ ଇତିମଧ୍ୟରେ ୩ଟି ଚିତାଙ୍କ ମୃତ୍ୟୁ ଘଟିବା ଘଟଣାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ମଧ୍ୟ ପ୍ରକଟ କରିଛନ୍ତି । ଏହି ଚିତାଗୁଡ଼ିକୁ ରାଜସ୍ଥାନ ପଠାଇବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବି ଆର ଗବାଇ ଏବଂ ଜଷ୍ଟିସ ସଞ୍ଜୟ କାରଲୋଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଶେଷଜ୍ଞମାନଙ୍କ ରିପୋର୍ଟକୁ ଅନୁଧ୍ୟାନ କରି କହିଛନ୍ତି ଯେ କୁନୋ ଜାତୀୟ ଉଦ୍ୟାନର ଜଙ୍ଗଲ ପର୍ଯ୍ୟାପ୍ତ ନୁହେଁ । ତେଣୁ ଏହି ଚିତାମାନଙ୍କୁ ଅନ୍ୟ ଅଭୟାରଣ୍ୟକୁ ପଠାଇବା ପାଇଁ କେନ୍ଦ୍ର ସରକାର ଚିନ୍ତା କରିବା ଆବଶ୍ୟକ । ଖଣ୍ଡପୀଠ କହିଛନ୍ତି ଯେ ୨ ମାସ ମଧ୍ୟରେ ତିନୋଟି ଚିତାଙ୍କ ମୃତ୍ୟୁ ଘଟିବା ଏକ ଗୁରୁତର ପ୍ରସଙ୍ଗ । ଏଥିରୁ ସ୍ପଷ୍ଟ ହେଉଛି ଯେ କୁନୋ ଅଭୟାରଣ୍ୟରେ ଏତେ ସଂଖ୍ୟକ ଚିତାଙ୍କ ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ । ତେଣୁ ରାଜସ୍ଥାନରେ ଉପଯୁକ୍ତ ସ୍ଥାନ ଖୋଜିବା ପାଇଁ ସୁପ୍ରିମକୋର୍ଟ ପ୍ରସ୍ତାବ ରଖିଛନ୍ତି । ଅନ୍ୟପକ୍ଷରେ ଅତିରିକ୍ତ ସଲିସିଟର ଜେନେରାଲ କହିଛନ୍ତି ଯେ ଚିତାଗୁଡ଼ିକୁ ଅନ୍ୟ ଅଭୟାରଣ୍ୟକୁ ସ୍ଥାନାନ୍ତର କରିବା ପାଇଁ ସମ୍ଭାବ୍ୟ ଦିଗଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରାଯାଉଛି । ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୨୭ରେ ଆଶା ନାମକ ସାଢେ ୪ ବର୍ଷର ମାଈ ଚିତାର ମୃତ୍ୟୁ ଘଟିଥିବା ବେଳେ ଏପ୍ରିଲ ୨୩ରେ ଉଦୟ ଏବଂ ମେ ୯ରେ ଦାସାର ମୃତ୍ୟୁ ଘଟିଥିଲା ।

## ଜଳସମ୍ପଦ ବିଭାଗର କେନ୍ଦ୍ରୀୟ ଅତିରିକ୍ତ ସଚିବଙ୍କ ପ୍ରକଳ୍ପ ପରିଦର୍ଶନ




ବାଲିପାଟଣା, (ଭାସ୍କର ନ୍ୟୁଜ): ଆଜି ବାଲିପାଟଣା ବ୍ଲକ ଅନ୍ତର୍ଗତ ବାରିଲୋ ଓ ଅଠାନ୍ତରରେ ଥିବା ଜଳ ଜୀବନ ମିଶନ ଯୋଜନା କୁ ଭାରତ ସରକାରଙ୍କ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଭିକାସ ସେଲ ପରିଦର୍ଶନ କରିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନରେ କେନ୍ଦ୍ରୀୟ ଟିମ୍ ପ୍ରଥମେ ବାଲିପାଟଣା ନିକଟରେ ଥିବା ବାରିଲୋ ଗ୍ରାମରେ ନବ ନିର୍ମିତ ଜଳ ଜୀବନ ମିଶନକୁ ବୁଲି ଦେଖିବା ସହିତ ଏଥିରୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆ ଯାଇଥିବା ବିଷୟ ରେ ସ୍ଥାନୀୟ ଲୋକଙ୍କ ମତାମତ ନେଇଥିଲେ । ସୂଚନା ଯୋଗ୍ୟ ଯେ ଉପରୋକ୍ତ ସ୍ଥାନରୁ ଅଠାନ୍ତର ଗ୍ରାମ ପଞ୍ଚାୟତରେ ଥିବା ପ୍ରକଳ୍ପରୁ ୩୪୦ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଉକ୍ତ ମିଶନରେ ଇଆଇସି ପ୍ରମୋଦ କୁମାର ନାୟକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସର୍ବେଶ୍ୱର ମହାପାତ୍ର, ସହକାରୀ ଯନ୍ତ୍ରୀ ବିଜୟ କୁମାର କର, ଅତିରିକ୍ତ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର୍ ଘଡ଼େଇ, ଯନ୍ତ୍ରୀ ସୁଚିତ୍ରା ସେନ୍, ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କାଳବୈଶାଖୀରେ ବିପୁଳ କ୍ଷୟକ୍ଷତି



ଖଇରପୁଟ, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ଗତକାଲି ରାତ୍ରରେ ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ହେବା ଫଳରେ ବିପୁଳ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ବିସେଷ କରି ମାଲକାନଗିରି ଜିଲ୍ଲା କାଳିମେଲା ଓ ପଡିଆ ବ୍ଲକ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଏହାସହ ଜିଲ୍ଲାରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ମଧ୍ୟ ଗଛ ପଡି ରାସ୍ତା ଅବରୋଧ ହୋଇଛି । ସୂଚନା ଅନୁଯାୟୀ ଗତକାଲି ରାତିରେ ଜିଲ୍ଲାରେ ବର୍ଷା ପବନ ଯୋଗୁଁ ମାଲକାନଗିରି ଠାରୁ ଏମ୍.ଭି. ୭୯ ମୁଖ୍ୟ ରାସ୍ତା ମଧ୍ୟରେ ବହୁ ସ୍ଥାନରେ ଗଛ ଗୁଡିକ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ କାଳିମେଲା ବ୍ଲକ ଅଞ୍ଚଳରେ ପ୍ରାୟ ୧୦ଟି ଘରର ଛପର ଉଡି ଯାଇଥିବା ସୂଚନା ମିଳିଛି । ସେହିପରି ଚାରଟି ଘର ଉପରେ ଗଛ ପଡି ଘର ଛପର ଭାଙ୍ଗି ଯାଇଛି। ତେବେ ଏହି ପରିପ୍ରେ କ୍ଷୀରେ କାହାକୁ କୌଣସି କ୍ଷତି ହୋଇନଥିବା ବେଳେ ପ୍ରଶାସନ ତରଫରୁ କ୍ଷୟ କ୍ଷତି ଆକଳନକରିବା ସହ ଘର ଭାଙ୍ଗି ଯାଇଥଇବା ପରିବାର ବର୍ଗଙ୍କୁ ସୁଖିଲା ଖାଦ୍ୟ ପ୍ରଦାନ କରା ଯାଉଛି। କେତେକଙ୍କ ଘରେ ବର୍ଷା ଜଳ ପ୍ରବେଶ ହେବାରୁ ଘରେ ଥିବା ସମସ୍ତ ଧାନ ଚାଉଳ ପାଣିରେ ଭାସି ଯାଇଥିବା କେତେକ ପରିବାର ବର୍ଗ ପ୍ରକାଶ କରିଛନ୍ତି। ତେବେ ଆଜି କାଳିମେଲା ତହସିଲଦାର, ରାଜସ୍ୱ ନିରୀକ୍ଷକ ଅଧିକାରୀ କ୍ଷୟ କ୍ଷତିର ଆକଳନ କରିଥିବା ବେଳେ ଆକଳନ ପରେ କେତୋଟି ଘର ଭାଙ୍ଗିଛି ତାହା ରିପୋର୍ଟ ପ୍ରଦାନ କରି ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଦିଆ ଯିବ ବୋଲି ସୁଚନା ମିଳିଛି। ଅନ୍ୟପକ୍ଷରେ ଆଜି ସନ୍ଧ୍ୟା ସମୟରେ ମାଲକାନଗିରିରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଗୋବିନ୍ଦପାଲି ଘାଟିରେ ପବନ ବର୍ଷା ପ୍ରଭାବରେ କିଛି ଗଛ ଭାଙ୍ଗି ରାସ୍ତା ଉପରେ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଖବର ପାଇ ଦମକଳ ବାହିନୀ ରାସ୍ତା ଉପରେ ପଡିଥିବା ଗଛ ଗୁଡିକୁ କାଟି ରାସ୍ତା ଅବରୋଧ ହଟାଇଛନ୍ତି । ଏହି ଗଛ ପଡି ରାସ୍ତା ଅବରୋଧ ଯୋଗୁଁ କିଛି ସମୟ ପାଇଁ ଯାତାୟାତରେ ବାଧା ଉପୁଜିଥିବା ବେଳେ ବର୍ତ୍ତମାନ ଯାତାୟାତରେ ସୁଧାର ଆସିଛି ।

### ଏସ୍ ରାମେଶ୍ୱରୀ ନନ୍ଦ ୫୮୪ ନମ୍ବର ରଖି ଢେଙ୍କାନାଳ ଜିଲ୍ଲା ଟପ୍ପର

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଗୁରୁବାର ଦିନ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଧଳପୁର ହାଇସ୍କୁଲର ଛାତ୍ରୀ ଏସ୍ ରାମେଶ୍ୱରୀ ନନ୍ଦ ୫୮୪ ନମ୍ବର ରଖି ଢେଙ୍କାନାଳ ଜିଲାରେ ଟପ୍ପର ହୋଇଥିବା ଜଣାଯାଇଛି । ସେହିପରି କାମାକ୍ଷାନଗର ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ରାକେଶ କୁମାର ପାତ୍ର ୫୭୦ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଗଁଦିଆ ହାଇସ୍କୁଲର ଛାତ୍ରୀ ରୋଜାଲିନ ସ୍ୱାଇଁ ୫୬୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଢେଙ୍କାନାଳ ବି.ବି. ହାଇସ୍କୁଲର ପାଶ ହାର ଶତପ୍ରତିଶତ ରହିଛି । ଜିଲାରେ ମୋଟ ୨୬୮ ଟି ସ୍କୁଲର ୧୫୯୭୬ ଜଣ ଛାତ୍ରଛାତ୍ରୀ ୯୬ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୧୭ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ କରେସପଣ୍ଡେନ୍ସରେ ୨୭ ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ଏ୧ ଗ୍ରେଡରେ ୮୨ ଜଣ, ଏ୨ ରେ ୭୧୦ ଜଣ, ବି ୧ ରେ ୨୧୬୧ଜଣ, ବି ୨ ରେ ୩୩୦୪ ଜଣ, ସି ଗ୍ରେଡରେ ୩୫୮୧ ଜଣ, ଡି ଗ୍ରେଡରେ ୨୮୯୬ ଜଣ, ଇ ଗ୍ରେଡରେ ୨୪୯୬ ଜଣ, ଏଫ୍ ଗ୍ରେଡରେ ୪୨୯ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଏକ୍ସ ରେଗୁଲାରରେ ବି ୧ ରେ ଜଣେ, ବି ୨ ରେ ୮ ଜଣ, ସି ରେ ୭ ଜଣ, ଡି ରେ ୨୬ ଜଣ, ଇ ରେ ୨୯ ଜଣ, ଏଫ୍ ରେ ୨୨ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଜିଲାରେ ମୋଟ ପାସ୍ ହାର ୯୫.୩୧ ପ୍ରତିଶତ ରହିଛି । ରେଗୁଲାରରେ ୩୯ ଜଣ ପରୀକ୍ଷାର୍ଥୀ ମାଲ୍ ପ୍ରାକ୍ଟିସରେ ଧରାପଡିଥିବା ବେଳେ ଏକ୍ସ ରେଗୁଲାର ର ଜଣେ ପରୀକ୍ଷାର୍ଥୀ ଧରାପଡି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି ।

### କୂଅରେ ପଡି ବୃଦ୍ଧଙ୍କ ମୃତ୍ୟୁ

ବାଣପୁର, (ଭାସ୍କର ନ୍ୟୁଜ): ଶୁକ୍ରବାରେ କୂଅରେ ପଡ଼ି ଜଣେ ୮୦ ବର୍ଷୀୟ ବୃଦ୍ଧ ପ୍ରାଣ ହରାଇଛନ୍ତି । ବାଣପୁର ବିଜ୍ଞାପିତ ପରିଷଦ ଅଞ୍ଚଳ ଅନ୍ତର୍ଗତ ଗୋପାଳପୁର ଶାସନ ଗ୍ରାମର ହାଡିବନ୍ଧୁ ରଣା ପୂର୍ବାହ୍ନରେ ଅସାବଧାନତା ବଶତଃ ବାରିପଟ କୂଅରେ ପଡିଯାଇଥିଲେ । ଏ ନେଇ ପରିବାରବର୍ଗ ବାଣପୁର ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିବାରୁ ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସଙ୍କ ନେତୃତ୍ୱରେ ତୁରନ୍ତ ଏକ ଦଳ ହାଡିବନ୍ଧୁଙ୍କ ଘରେ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରିଥିଲେ । ତେବେ ତାଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

### ତାଣ୍ଡବ ରଚିଲା କାଳବୈଶାଖୀ

ଆସିକା, (ଭାସ୍କର ନ୍ୟୁଜ): କାଳ ବୈଶାଖୀର ତାଣ୍ଡବରେ ଆସିକାର ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ପ୍ରଭାବରେ ଗଛ ପଡିଯାଇଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ ସଂଯୋଗ ବି ବିଚ୍ୟୁତ ହୋଇଥିଲା । ଲଗାତାର ଅପରାହ୍ନ ସମୟରେ କାଳ ବୈଶାଖୀ ରଚୁଛି ତାଣ୍ଡବ । ସେହିପରି ଗତ ୧୭ତାରିଖରେ ଅପରାହ୍ନ ସମୟରେ ମଧ ଆସିକା ବ୍ଲକ ଗୁଣ୍ଠପଡ଼ା ଗ୍ରାମରେ ଅବସ୍ଥିତ ଲକ୍ଷ୍ମୀ ନୃସିଂହ ରାଇସ ମିଲର ଲକ୍ଷାଧିକ ଟଙ୍କାର ବାଉଣ୍ଡରୀ ୱାଲ ଭୁଶୁଡି ପଡିବା ସହିତ ବହୁ ଧାନ ବସ୍ତା ନଷ୍ଟ ହୋଇ ଯାଇଛି । ଏହି ରାଇସ ମିଲ ଉପରେ ଅଂଚଳର ବହୁ ଚାଷୀ ନିର୍ଭର କରୁଥିବା ବେଳେ ମାତ୍ରାଧିକ କ୍ଷୟକ୍ଷତି କାରଣରୁ ସୁଧାରିବା ପାଇଁ ସମୟ ଲାଗିବ ବୋଲି କହିଛନ୍ତି ରାଇସ ମିଲ ମାଲିକ । ଏହି ବର୍ଷ ଆସିକା ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବରେ ବହୁ କ୍ଷତି ହୋଇଥିବା ପରିଲକ୍ଷିତ ହୋଇଛି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-ECATest-23-24-04

**କାର୍ଯ୍ୟର ନାମ:** 12 (ବାର) ମାସ ସମୟାବଦ୍ଧ ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ LHB ହ୍ୱିଲ୍ ସେଟ୍‌ଗୁଡ଼ିକରେ ଏଡି କରେଣ୍ଟ ଆରେ (ECA) ପରୀକ୍ଷଣ କୌଶଳ ଦ୍ୱାରା ପୃଷ୍ଠଭାଗ ତ୍ରୁଟି ଚିହ୍ନଟ କରିବା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 27,00,096/-, EMD (ଟଙ୍କାରେ): 54,000/-, ଶେଷ ହେବା ଅବଧି: 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.23.05.2023 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.06.06.2023 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P),
PR-182/O/23-24 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର


### ପାଶି କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ

ସାଲେପୁର, (ଭାସ୍କର ନ୍ୟୁଜ): ସାଲେପୁର ବ୍ଲକ୍ ମହଣ ସ୍ଥିତ ପାଶିକଲ୍ୟାଣ ସମିତିର ୫୯ତମ ବାର୍ଷିକ ସମ୍ମିଳନୀ ସମିତି କାର୍ଯ୍ୟାଳୟ ଠାରେ ବଟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ହରିଜନ ଆଦିବାସୀ କଲ୍ୟାଣ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ବାବାଜୀ ଚରଣ ବେହେରା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏସ୍‌ପି ଭାଗ୍ୟଧର ବେହେରା, ନିଖିଳ ଉତ୍କଳ ପାଶି ସମାଜର ସଭାପତି ସୁନାକର ବେହେରା, ଶିକ୍ଷାବିତ ଗଣେଶ ବେହେରା ଯୋଗଦେଇ ଏହି ସଂପ୍ରଦାୟରେ ରହିଥିବା ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ । ସଂପାଦକ କାର୍ତ୍ତିକ ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ସହ-ସଂପାଦକ ଅନ୍ତର୍ଯ୍ୟାମୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ବାର୍ଷିକ ସମ୍ମିଳନୀରେ ସମିତିର କାର୍ଯ୍ୟକର୍ତ୍ତା, ସଭ୍ୟଙ୍କ ସହ ସରସ୍ୱତୀ ପ୍ରଗଣାର ୪୧ଜଣ କୁଳପତି ଯୋଗଦେଇଥିଲେ ।

### ବିଶ୍ୱଶାନ୍ତି ଅନନ୍ତ ମହାଯଜ୍ଞ

ସାଲେପୁର, (ଭାସ୍କର ନ୍ୟୁଜ): ସାଲେପୁର ବ୍ଲକ୍ ପିକୋଲ ପଂଚାୟତ ମନୋହରପୁର ସ୍ଥିତ ସାଧୁଗୋସେଇଙ୍କ ପୀଠ ଠାରେ ଅନନ୍ତ ଗୋପାଳଜୀୟୁଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉପଲକ୍ଷେ ତ୍ରିଦିବସୀୟ ବିଶ୍ୱଶାନ୍ତି ଅନନ୍ତ ମହାଯଜ୍ଞର ପୂର୍ଣ୍ଣାହୂତି ହୋଇଯାଇଛି । ପବିତ୍ର ଚିତ୍ରୋତ୍ପଳା ନଦୀର ବଟେଶ୍ୱର ପୀଠରୁ ପୂର୍ଣ୍ଣକୁମ୍ଭ ଶୋଭାଯାତ୍ରାରେ ଯଜ୍ଞସ୍ଥାନକୁ ଅଣାଯାଇ ସ୍ଥାପନ କରାଯାଇଥିଲା । ପ୍ରତ୍ୟେହ ମଙ୍ଗଳ ଆଳତୀ ଅନ୍ତେ ସୂର୍ଯ୍ୟପୂଜା, ଗୋ-ପୂଜା, ଦେବାଦେବୀଙ୍କ ପୂଜାର୍ଚ୍ଚନା ହେବା ସହ ସନ୍ଧ୍ୟା ଆଳତି ପରେ ଭଜନ ସନ୍ଧ୍ୟା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯଜ୍ଞରେ କର୍ତ୍ତା କର୍ତ୍ତୀ ଭାବେ ବିଜୟ କୁମାର ଖୁଣ୍ଟିଆ ଓ ତାଙ୍କ ଧର୍ମ ପତ୍ନି ପ୍ରତିମା ଖୁଣ୍ଟିଆ ଯୋଗଦେଇଥିଲେ । ବିଭିନ୍ନ ଦିବସରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜାଗାମିଶନର ଉପଦେଷ୍ଟା ଅପୂର୍ବା ଅପରୂପା, ସରପଂଚ ମାଣିକ ବେହେରା, ସମିତିସଭ୍ୟା ସୁଲୋଚନା ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆର୍ଶିବାଦ ଭିକ୍ଷା କରିଥିଲେ । ପୁରୀ ନୟାଗଡ଼ ଅଞ୍ଚଳର ବେଦଜ୍ଞ ପଣ୍ଡିତ ମାନେ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ । ମନୋହରପୁର ଗ୍ରାମବାସୀ ଓ ଅନନ୍ତ ଗୋପାଳ ଯଜ୍ଞାନୁଷ୍ଠାନ କମିଟିର ସଭ୍ୟମାନେ ପରିଚାଳନା କରିଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-Sanitation-23-24-05

**କାର୍ଯ୍ୟର ନାମ:** ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ ପ୍ରଶାସନିକ ଭବନରେ ଶୌଚାଳୟ, ସାଧାରଣ ଅଞ୍ଚଳ(Common Area), ପ୍ରକୋଷ୍ଠ ଏବଂ ଉତ୍ପାଦନଗୁଡ଼ିକର ସଫେଇ ଏବଂ କାରଖାନା ପରିସର (Workshop Complex)ରେ ଶୌଚାଳୟ,ସାଧାରଣ ଅଞ୍ଚଳ, ସିନିୟର ସେକ୍ସନ ଇଂଜିନିୟରଙ୍କ ଘର ଏବଂ ସଂଲଗ୍ନ ସାଧାରଣ ଅଞ୍ଚଳର ସଫେଇ ତଥା ବ୍ୟାୟାମଶାଳା ସହିତ ପ୍ରଶିକ୍ଷଣ କେନ୍ଦ୍ର ସହ ନିରୀକ୍ଷଣ ବଙ୍ଗଳା, ଉପ-ଅଧିନସ୍ଥ ବିଶ୍ରାମ ଗୃହ ତଥା ପରିସରର ସ୍ୱଚ୍ଛତା ଏବଂ ପହରା (Guarding) ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 60,37,081/-, EMD (ଟଙ୍କାରେ) : 1,20,700/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.23.05.2023 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.06.06.2023 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P),
PR-190/O/23-24 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର


### ସୁନା ଅଳଙ୍କାର ଚୋରି

ନିମାପଡ଼ା, (ଭାସ୍କର ନ୍ୟୁଜ): ବଳଙ୍ଗା ଥାନା ଅନ୍ତର୍ଗତ ଖିରିଖିଆ ଗ୍ରାମରେ ସ୍ୱାମୀ ନଥିବାର ସୁଯୋଗ ନେଇ ଜଣେ ଯୁବକ ମହିଳାଙ୍କ ଘରେ ପଶି ୩୦ ହଜାର ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରୀ କରି ନେଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଖିରିଖିଆ ଗ୍ରାମର ରବୀନ୍ଦ୍ର ସେଠୀଙ୍କ ପତ୍ନୀ ଅଞ୍ଜଳୀ ସେଠୀ ଗୁରୁବାର ଅପରାହ୍ନ ସମୟରେ ଅଞ୍ଜଳୀଙ୍କ ସ୍ୱାମୀ ଘରେ ନଥିବାର ସୁଯୋଗରେ ସେହି ଗ୍ରାମର ଜନୈକ ୨୦ ବର୍ଷିୟ ଯୁବକ ଅଞ୍ଜଳୀଙ୍କ ଘରେ ପଶିଥିଲା । ଅଞ୍ଜଳୀ ଏହା ଦେଖି ବାହାର ପଟୁ କବାଟ ଦେଇ ସାହି ଲୋକମାନଙ୍କୁ ଡ଼ାକ ପକାଇଥିଲେ । ସାହି ଲୋକ ଆସିବା ପୂର୍ବରୁ ଯୁବକ ଜଣକ ଘର ଭିତରେ ଥିବା ୩୦ ହଜାର ଟଙ୍କା ମୂଲ୍ୟର ସୁନା କାନଫଳକୁ ନେଇ ଆଜବେଷ୍ଟସ୍ ଭାଙ୍ଗି ଚାଲି ଯାଇଥିଲା ବୋଲି ଅଞ୍ଜଳୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି ।

### ରାତିଅଧରେ ମାଟି ଚୋରି

ନିଆଳୀ, (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ଅଧିନସ୍ଥ ଡିମିରି ପଞ୍ଚାୟତ ଗୋପାଳ ନଗର ଗ୍ରାମରେ ରାତି ଅଧରେ କଟକ ସଦର ଅଧିନସ୍ଥ ବରବରା ଅଞ୍ଚଳରୁ ମାଟି ମାଫିଆ ଜେସିବି ହାଇୱା ଆଣି ଗୋପାଳ ନଗର ଅଞ୍ଚଳର ଜଣେ ଦଲାଲ ସହାୟତାରେ ମାଟି ଚୋରୀ କରୁଥିଲା । ସ୍ଥାନୀୟ ଅଞ୍ଚଳର ଯୁବକମାନେ ଏହାକୁ ପ୍ରତିବାଦ କରିଥିଲେ । ଏହାକୁ ମାନି ନଥିଲେ ସଂପୃକ୍ତ ମାଟି ମାଫିଆ । ଖବର ପାଇ ଘଟଣା ସ୍ଥଳରେ ଗୋବିନ୍ଦପୁର ପୋଲିସ୍ ପହଞ୍ଚି ଓଡି ୦୫ ଏମ ୪୨୨୧ ମାଟି ବୋଝେଇ ହାଇୱାକୁ ଜବତକରି ଥାନାକୁ ନେଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ରାତି ହେଲେ ମାଟି ମାଫିଆ ମାନେ ସକ୍ରିୟ ହୋଇ ଉଠୁଛନ୍ତି । କଣ୍ଟାପଡା ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ମାଟି ନେଇ ବାହାର ଅଞ୍ଚଳରେ ବିକ୍ରୀ କରୁଛନ୍ତି ।


Govt. of Jharkhand Energy Department
**Jharkhand Renewable Energy Development Agency (JREDA)**
3rd Floor, S.L.D.C. Building, Kusai Colony, Doranda, Ranchi-834002.
Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com

**e-Procurement Notice**

**Tender Reference No.: 11/JREDA/CMC/SPV/OFFGRID/23-24** **Dated: 19.05.2023**

| | | |
|---|---|---|
| 1 | Name of the work | Selection of Agencies for five Years Comprehensive Maintenance Contract & Operation (CMCO) of total **68** nos. of Solar Mini/Micro grid plant installed in Chatra District of Jharkhand under DDUGJY-DDG scheme. |
| 2 | Estimated Project cost (Rs.) | **Rs 148556713.00** |
| 3 | Estimated Capacity | **1394 kWp** |
| 4 | Period of contract | **05(Five) Years** |
| 5 | Time of completion | **60 (Sixty) Days** |
| 6 | Date of publication of NIT on website: http:// jharkhandtenders.gov.in | **24.05.2023 (Wednesday)** |
| 7 | Date & time of Pre-bid meeting | **30.05.2023 (Tuesday)** at 3.00 P.M. |
| 8 | Last date & time for receipt of online bids | **14.06.2023 (Wednesday)** upto 05:00 PM |
| 9 | Submission of original copies of Bid fee & EMD (Offline) | **14.06.2023 and 15.06.2023** up to 5.00 P.M. |
| 10 | Technical Bid Opening Date | **16.06.2023 (Friday)** at 3.00 P.M. |
| 11 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 12 | Contact no. of procurement officer | 0651-2491163/61 |
| 13 | Helpline no. of e-procurement | 0651-2491163/61 |

**Any corrigendum/addendum can be seen on website: http://jharkhandtenders.gov.in** & www.jreda.com.
**Further details can be seen on website:** http://jharkhandtenders.gov.in & www.jreda.com **Sd/-**
PR 297846 Energy(23-24)D **Director,JREDA, Ranchi**


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ବନ୍ଦ ହେବ...

ତେବେ ବ୍ୟାଙ୍କଗୁଡ଼ିକ ଆବଶ୍ୟକସ୍ଥଳେ ମୋବାଇଲ ଭ୍ୟାନ୍ ଜରିଆରେ ଲୋକଙ୍କୁ ନୋଟ୍ ବିନିମୟ କରିବାରେ ସାହାଯ୍ୟ କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ବଜାରକୁ ୨ହଜାର ଟଙ୍କିଆ ନୋଟ୍ ଆସିବା ପରେ ଏହାର ନେଣଦେଣ କମିବାରେ ଲାଗିଥିଲା ଏବଂ ଅନେକ ଏଟିଏମ୍‌ରେ ମଧ୍ୟ ୨ ହଜାର ଟଙ୍କିଆ ନୋଟ୍ ଗାଏବ ହୋଇଯାଇଥିଲା ।

### ବିକାଶର ମାରାଥନ...

କଥା ହେବା ସହିତ ସମସ୍ତେ ମିଳିମିଶି ଭଲ କାମ କରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ମା'ମାନଙ୍କର ଉନ୍ନତି ହେଲେ ଓଡ଼ିଶାର ଉନ୍ନତି ହୋଇପାରିବ । ଅନ୍ୟପକ୍ଷରେ କଳାହାଣ୍ଡିସ୍ଥିତ ପେଲକଣ୍ଠି ଶିବ ମନ୍ଦିର ପରିଦର୍ଶନ କରିବା ପରେ ଏହାର ବିକାଶ ନେଇ ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀ ପାଣ୍ଡିଆନ୍ । ୧୫ ଦିନ ଭିତରେ ପ୍ଲାନ ପ୍ରସ୍ତୁତ କରି ଦାଖଲ କଲେ ମଞ୍ଜୁରୀ ମିଳିବ ବୋଲି ସେ କହିଥିଲେ । ଏହି ମନ୍ଦିରର ବିକାଶ ପାଇଁ ଯାହା ଆବଶ୍ୟକ ତାହା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ କହିଥିବା ସେ ସୂଚନା ଦେଇଥିଲେ । ମନ୍ଦିରକୁ ଯିବା ସମୟରେ ଶ୍ରୀ ପାଣ୍ଡିଆନଙ୍କୁ ସ୍ଥାନୀୟ ଜନସାଧାରଣ ଓ ମନ୍ଦିର କର୍ତ୍ତୃପକ୍ଷ ସ୍ୱାଗତ ଜଣାଇଥିଲେ । ଲୋକଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଲୋକମାନେ ଖୁସିପ୍ରକଟ ମଧ୍ୟ କରିଥିଲେ । ଅନ୍ୟପକ୍ଷରେ ଶ୍ରୀ ପାଣ୍ଡିଆନ ଉତ୍କେଳା ବିମାନଘାଟିର ବିକାଶ କାମ ଅନୁଧ୍ୟାନ କରିଥିଲେ । ଏହାର ରନ୍‌ୱେର ସମ୍ପ୍ରସାରଣ କାମ ଡିସେମ୍ବର ୨୩ ସୁଦ୍ଧା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କାମ ସେ ବୁଲି ଦେଖିବା ସହ ଆମ ହସ୍ପିଟାଲ କାମ ଆସନ୍ତା ୬ ମାସ ମଧ୍ୟରେ ଶେଷ କରିବାକୁ ପରାମର୍ଶ ଦେଇଥିଲେ । ଭବାନୀପାଟଣାରେ ୫-ଟି ସଚିବ ପୋଲିସ ହାଇସ୍କୁଲ ଯାଇ ଶିକ୍ଷକ ଓ ପିଲାମାନଙ୍କ ସହ ରୂପାନ୍ତର ସୁବିଧା ବିଷୟରେ ଆଲୋଚନା କରିଥିଲେ । ଏହି ହାଇସ୍କୁଲ ତୃତୀୟ ପର୍ଯ୍ୟାୟ ରୂପାନ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଛି । ଏହାପରେ ସେ ଆଶାସାଗର ବୁଲି ଦେଖିଥିଲେ ଏବଂ ଏହାର ପୁନଃ ଉନ୍ନୟନ କାମ ପାଇଁ ୩୦ ଦିନ ଭିତରେ ଡିପିଆର ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀ ପାଣ୍ଡିଆନ ୩ ଦିନିଆ କଳାହାଣ୍ଡି ଓ ନୂଆପଡ଼ା ଗସ୍ତରେ ଯାଇଛନ୍ତି ।

### କୁଆପଥର ବର୍ଷା: ଲକ୍ଷ୍ମୀପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଶୁକ୍ରବାର ଅପରାହ୍ନ ଚାରିଟାରେ ଲକ୍ଷ୍ମୀପୁର ବ୍ଲକରେ ପ୍ରବଳ ପବନ ବର୍ଷା ହୋଇଥିଲା । ବର୍ଷା ହେବାର କିଛି ସମୟ ପରେ ମୁସଳ ଧାରରେ ବର୍ଷିଥିଲା କୁଆପଥର । ଫଳରେ ବ୍ଲକର ଅଧିକାଂସ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୁଚନା ମିଳିଛି । ଓଡିଆପେଣ୍ଠ ପଞ୍ଚାୟତରେ ସହେରୁ ଉର୍ଦ୍ଧ ଘରର ଆଜବେଷ୍ଟ ଭାଙ୍ଗି ଜାଇଥିବା ବେଳେ ଘରେ ଘରେ ପାଣି ପସି ଅନେକ ଲୋକଙ୍କ ଜିନିଷ ପତ୍ର ନଷ୍ଟ ହୋଇ ଜାଇଥିବା ଖବର ମିଳିଛି । ସିଙ୍ଗାରମ ଗ୍ରାମର ୭୧ଟି ଘର, କୁମ୍ଭାରଗୁଡା ଗ୍ରାମର ୭ଟି ଘର, ଭାଲୁଯୋଡି ଗ୍ରାମର ୧୧ଟି ଘର, ନୂଆଗାଁର ୨୨ଟି ଘର, କେନ୍ଦୁଆଡାର ୩ଟି ଘର, ସାନ ଓଡିଆପେଣ୍ଡର ୨୨ଟି ଘରର ଆଜବେଷ୍ଟ ଭାଙ୍ଗିଚି । ଏନେଇ ଓଡିଆପେଣ୍ଠ ସରପଞ୍ଚ ବଂସିଧର ମାଣ୍ଡିଙ୍ଗା ରାଜସ୍ୱ ନିରିକ୍ଷକ ଗୁପ୍ତପ୍ରସାଦ ନାୟକଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ । ଘଟଣା ସ୍ଥଳରେ ଶ୍ରୀଯୁକ୍ତ ନାୟକ ପହଁଚି କ୍ଷୟକ୍ଷତିର ଆକଳନ କରି ଫେରି ଆସିଛନ୍ତି । ଏଥିସହ ପିପଲପଦର ପଞ୍ଚାୟତର କେନ୍ଦୁପାଇ ଗ୍ରାମର ମିଶ୍ର ମାଣ୍ଡିଙ୍ଗା, ଦିନୁ ମାଣ୍ଡିଙ୍ଗା ଓ ସୋବାଇ ମାଣ୍ଡିଙ୍ଗାଙ୍କ ଘର ଆଜବେଷ୍ଟ ଉଡି ଜାଇ ଜିନିଷ ପତ୍ର ସବୁ ନଷ୍ଟ ହୋଇ ଜାଇଥିବା ଜଣା ପଡିଛି । ସେଇ ଭଳି ବନ୍ଦିକାର ଗ୍ରାମର ଉମାଶଙ୍କର ମିଣିଆକାଙ୍କ ଘର ଉପରେ ପାଖରେ ଥିବା ଏକ ସୌର ଚାଳିତ ପାନିୟଜଳ ପ୍ରକଳପର ସୋଲାର୍ ପ୍ଲେଟ୍ ଉଡି ଜାଇ ଘରେ ଉପରେ ପଡିବାରୁ ସାମନା ପଟ ଆଜବେଷ୍ଟ ଭାଙ୍ଗି ଜାଇଛି । ଭାଗ୍ୟ ବସତଃ ସୋଲାର୍ ପ୍ଲେଟ୍ ପଡିବା ସମୟରେ ଘର ମାଲିକ ଅଳ୍ପକେ ବର୍ତି ଜାଇଛନ୍ତି । ଏସବୁ ଅଞ୍ଚଳ ଦାଇତ୍ୱରେ ଥିବା ରାଜସ୍ୱ ନିରିକ୍ଷକ ମାନେ ଘଟଣା ସ୍ଥଳକୁ ଜାଇ କିଛି ଲୋକଙ୍କୁ ପଲିଥିନ୍ ବାଣ୍ଟିଥିବା ବେଳେ ଆସନ୍ତା କାଲି ସମସ୍ତ ତଥ୍ୟ ଜଣା ପଡିବ ବୋଲି ତହସିଲଦାର୍ କହିଛନ୍ତି ।

### ୪ର୍ଥ ପର୍ଯ୍ୟାୟରେ ୯ଟି ସ୍କୁଲ ୫-ଟିରେ ରୂପାନ୍ତରିତ

ରଘୁନାଥପୁର, (ଭାସ୍କର ନ୍ୟୁଜ): ୪ର୍ଥ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକର ୯ଟି ହାଇସ୍କୁଲ ରାଜ୍ୟ ସରକାରଙ୍କ ୫ଟି ରୂପାନ୍ତରିକରଣ କାର୍ଯ୍ୟ ପାଇଁ ମନୋନୀତ ହୋଇଛି । ବିଡିଓ ତପନ କୁମାର ସେନାପତି ଓ ଟିସି ରାଜଲକ୍ଷ୍ମୀ ସ୍ୱାଇଁ ବିଭିନ୍ନ ସ୍କୁଲ ପରିଦର୍ଶନ କରି ରୂପାନ୍ତରିକରଣ କାର୍ଯ୍ୟ ପାଇଁ ଆବଶ୍ୟକ ଥିବା ଶ୍ରେଣୀଗୃହ, ଖେଳାପଡ଼ିଆ ଓ ଶୌଚାଳୟ ଗୁଡିକର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହାଛଡା ସ୍କୁଲର ପ୍ରଧାନଶିକ୍ଷକ, ଆଲମିନି ଓ ପରିଚାଳନା କମିଟିର ସଦସ୍ୟଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନକୁ ଗୁରୁତ୍ୱ ପ୍ରଦାନ, କାର୍ଯ୍ୟର ଗୁଣାବତ୍ତା ଓ ଏହାର ତତ୍ତ୍ୱବଧାନ ଏବଂ ସର୍ବପରେ ଗାଇଡଲାଇନ ଅନୁଯାଇ କାର୍ଯ୍ୟ କରାଯିବା ସମ୍ପର୍କରେ ଅଧିକାରୀ ସୂଚାଇ ଦେଇଥିଲେ । ଏମକେସି ହାଇସ୍କୁଲ ଅଡେଇକୁଳ, ପଲ୍ଲୀପ୍ରଭା ହାଇସ୍କୁଲ ବରାଗୋଳ, ନରେନ୍ଦ୍ର ବିଦ୍ୟାମନ୍ଦିର ଗୋଠିଣା, ମା ଶାରଳା ହାଇସ୍କୁଲ ଛପଡା, କୁତାମଚଣ୍ଡୀ ବିଦ୍ୟାମନ୍ଦିର ଧରାଧାରପୁର, ରାମେଶ୍ୱର ହାଇସ୍କୁଲ ଏରଡଙ୍ଗା, ସ୍ୱପନେଶ୍ୱର ବିଦ୍ୟାମନ୍ଦିର ଜଗନାଥପୁର, ଅନ୍ୱଦ୍ୱୟ ହାଇସ୍କୁଲ ପୁରୁଣାବସନ୍ତ ଓ ରାଜଙ୍ଗ ହାଇସ୍କୁଲ ୫ଟି କାର୍ଯ୍ୟ ପାଇଁ ସ୍ଥିର ହୋଇଛି । ୫୦ ରୁ କମ ଉପସ୍ଥାନ ଥିବା ରଘୁନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ଛାଡି ବ୍ଲକର ସମସ୍ତ ହାଇସ୍କୁଲ ୫ଟି ଅନ୍ତର୍ଭୁକ୍ତ ହୋଇଥିବା ଟିସି ସ୍ୱାଇଁ ପ୍ରକାଶ କରିଛନ୍ତି


## ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମ-୨୦୨୨-୨୩

## ଇସ୍ତାହାର

ଏତଦ୍ୱାରା ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପରିସୀମା ଅନ୍ତର୍ଗତ ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ଅନୁରୋଧ ପୂର୍ବକ ଜଣାଇ ଦିଆଯାଉଅଛି ଯେ ଚଳିତ ରବି ଋତୁ ୨୦୨୨-୨୩ରେ ନିଜର କଷ୍ଟୋପାର୍ଜିତ **FAQ** ମାନର ଧାନକୁ ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ଅଧୀନସ୍ଥ ସଂପୃକ୍ତ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଅସ୍ଥାୟୀ ଧାନ କ୍ରୟକେନ୍ଦ୍ର ଏବଂ ସେବା ସମବାୟ ସମିତି **(PACS)** ଦ୍ୱାରା ସ୍ଥାପିତ ଓ ପରିଚାଳିତ ଧାନକ୍ରୟ କେନ୍ଦ୍ରମାନଙ୍କରେ ସରକାରୀ ସର୍ବନିମ୍ନ ସହାୟକ ଦରରେ ବିକ୍ରୟ କରି ଲାଭବାନ ହୁଅନ୍ତୁ ।

ସରକାରୀ ସହାୟକ ମୂଲ୍ୟ ପାଇବା ପାଇଁ ଧାନକୁ ଶୁଷ୍କ, ପରିଷ୍କାର, ପରିଚ୍ଛନ୍ନ କରି ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରକୁ ଆଣିବାକୁ ଚାଷୀ ଭାଇ-ଭଉଣୀମାନଙ୍କୁ ଅନୁରୋଧ ।

**ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ଦର MSP**

| ଧାନର କିସମ | କ୍ୱିଣ୍ଟାଲ ପ୍ରତି ଦର (FAQ) |
|---|---|
| ୧. ସାଧାରଣ ଧାନ | ଟ.୨୦୪୦/- |
| ୨. କ' ଶ୍ରେଣୀ ଧାନ | ଟ. ୨୦୬୦/- |

ଚଳିତ ରବି ଋତୁ ୨୦୨୨-୨୩ ବର୍ଷରେ ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ଓ ବିଭିନ୍ନ ସେବା ସମବାୟ ସମିତି ଦ୍ୱାରା ସ୍ଥାପିତ ଓ ପରିଚାଳିତ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଅସ୍ଥାୟୀ ଧାନ କ୍ରୟ କେନ୍ଦ୍ର ।

ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଅସ୍ଥାୟୀ ଧାନ କ୍ରୟକେନ୍ଦ୍ରମାନଙ୍କରେ ଉପଲବ୍ଧ ବ୍ୟବସ୍ଥା ଯଥା- ଓଜନ ମାପ ଯନ୍ତ୍ର, ଧାନର ଆର୍ଦ୍ରତା ମାପ ଯନ୍ତ୍ର, ଗୋଦାମ ଗୃହ, ପାନୀୟ ଜଳ, ଚାଷୀ ବିଶ୍ରାମ ଗୃହ ଆଦି ଆନୁସଙ୍ଗିକ ସୁବିଧାର ସଦ୍ ବିନିଯୋଗ କରିବା ପାଇଁ ଅନୁରୋଧ ।

ନିୟନ୍ତ୍ରିତ ବଜାର କମିଟି
ବରଗଡ଼



ବାଣପୁର, (ଭାସ୍କର ନ୍ୟୁଜ୍): ମା’ ଭଗବତୀ ପାଳିଲେ ସାବିତ୍ରୀ ବ୍ରତ। ଦକ୍ଷ କନ୍ୟା ସତୀ, ଦେବ ଦେବ ମହାଦେବଙ୍କୁ ପତି ଭାବରେ ବରଣ କରି ନିଜକୁ ଧନ୍ୟ ମନେ କରିଛନ୍ତି। ନିଜ ପତିଙ୍କ ପ୍ରତି ପିତାଙ୍କ ତାଚ୍ଛଲ୍ୟ, କଟୁକ୍ତିସହ୍ୟ କରି ନ ପାରି ଯଜ୍ଞକୁଣ୍ଡରେ ନିଜକୁ ଝାସ ଦେଇଥିଲେ। ସେହି ମା’ ଭଗବତୀ ପାର୍ବତୀ ରୂପରେ ଜନ୍ମ ନେଇ ପୁଣି ଦେବ ଦେବ ମହାଦେବଙ୍କୁ ପତି ଭାବରେ ପାଇବା ପାଇଁ ହିମାଳୟରେ କଠୋର ତପସ୍ୟା କରି ବରପ୍ରାପ୍ତ ହୋଇଥିଲେ। ପୌରାଣିକ ଉପାଖ୍ୟାନରେ ବର୍ଣ୍ଣିତ ଦେବୀ ଭଗବତୀ ଯିଏ ସମସ୍ତଙ୍କର ଆରାଧ୍ୟା ଦେବୀ ସେ ସତୀ ଏବଂ ସେ ପାର୍ବତୀ ବୋଲି ବିଶ୍ୱାସ ଅଛି। କିନ୍ତୁ କଳି ଯୁଗରେ ମା’ ମାନବୀୟ ଲୀଳାର ପ୍ରତୀକ ଭାବରେ ଦେବ ଦେବ ମହାଦେବଙ୍କ ଶୁଭ ମନାସି ସେ ନିଜେ ପାଳନ୍ତି ସାବିତ୍ରୀ ବ୍ରତ। କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ଏହି ନୀତିକାନ୍ତି ଓଡିଶାର ସମସ୍ତ ଶକ୍ତିପୀଠ ଠାରୁ ଅନନ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶୁକ୍ରବାର ପ୍ରତ୍ୟୁଷରୁ ଅଙ୍ଗରାଗ ମାଜଣା, ଅଂଳା ହଳଦୀ ଅଗୁରୁ ଚନ୍ଦନ କର୍ପୁର ମିଶ୍ରିତ ସୁବାଷିତ ଜଳରେ ମହାସ୍ନାନ, ବେଶ, ମହାପ୍ରସାଦ ସେବନ ,ବଲ୍ଲଭ ଆଳତୀ ପରେ ସର୍ବ ସାଧାରଣ ଦର୍ଶନ ବଢିଥିଲା। ପିତ୍ରାଳୟ ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଦଣ୍ଡସେଣା ନେଇଥିଲେ ସାବିତ୍ରୀ ଭାର । ନୂଆ ଶାଢୀ, ଚୂଡ଼ି, ଅଳତା, ସିନ୍ଦୁର କଜ୍ୱଳ, ପାନିଆ,ଦର୍ପଣ, ସହ ମୁଗ, ଆମ୍ବ, ପଣସ, ନଡ଼ିଆ, ତାଳ ଖଜୁର ଇତ୍ୟାଦି ଫଳ ମୂଳ। ପାଳିଆ ମାଳି ମଧ୍ୟାହ୍ନରେ ପୁଣି ମା’ଙ୍କୁ ନୂଆ ଶାଢିରେ ବେଶ କରାଇ ସିନ୍ଦୁର କଜ୍ୱଳ ଓ ଚୁଡ଼ି ଆଦି ସମର୍ପଣ କରି ସୁନ୍ଦର ଭାବରେ ବେଶ କରିଥିଲେ। ପରିଛା ସାଆନ୍ତେ ବ୍ରତ ବିଧି ବଢାଇ ଆଳତୀ ବନ୍ଦାପନା ପରେ ଶଙ୍କୁଡ଼ି ଧୂପ ଲାଗି ହୋଇଥିଲା। ଘଣ୍ଟଘଣ୍ଟା କାହାଳୀ ବାଦ୍ୟହୁଳହୁଳି ଧ୍ୱନୀରେ ମନ୍ଦିର ବେଢା ଉଚ୍ଛୁଳି ପଡିଥିଲା।

# କୋଲମ୍ୟୁଜିୟମ୍ ନିର୍ମାଣ କାର୍ଯ୍ୟ ସରିବ କେବେ ?






ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ସହରର ଉନ୍ନତି କରଣ ଯୋଜନା ଅନ୍ତର୍ଗତ କୋଇଲା ସଂଗ୍ରାହଳୟ, ଅତ୍ୟାଧୁନିକ ପାଠାଗାର ଏବଂ ଜ୍ଞାନକେନ୍ଦ୍ରର ନିର୍ମାଣ ଭୂମିପୂଜନ ଉତ୍ସବ ତା ୧୦/୦୯/୨୦୨୧ରିଖରେ ତାଳଚେର ଟାଉନ ବସଷ୍ଟାଣ୍ଡ ନିକଟରେ ଏକ ବିସ୍ତିର୍ଣ୍ଣ ଅଂଚଳରେ ମୁଖ୍ୟ ଅତିଥି ତାଳଚେର ମାଟିର ସୁଯୋଗ୍ୟ ସନ୍ତାନ ତଥା ଢ଼େଙ୍କାନାଳ ସାଂସଦ ମହେଶ ସାହୁ ଓ ଅନ୍ୟତମ ଅତିଥି ତାଳଚେର ଲୋକପ୍ରିୟ ନେତା ବିଧାୟକ ବ୍ରଜକିଶୋର ପ୍ରଧାନ ଓ କୁହାଯାଉଥିବା ତାଳଚେର ଉତ୍ତମ ପ୍ରଶାସକ ତଥା ତାଳଚେର ଉପଜିଲ୍ଲାପାଳ ବିଶ୍ୱରଞ୍ଜନ ରଥ ପ୍ରମୁଖ ଏହାର ଭିତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ କରିଥିଲେ। ଭିତିପ୍ରସ୍ତର ଠାରୁ ଅଦ୍ୟାବଧି ୨ବର୍ଷ ପୁରିବାକୁ ବସିଥିଲେ ମଧ ଏହି ତାଳଚେର କୋଲମ୍ୟୁଜିୟମର ନିର୍ମାଣ କାର୍ଯ୍ୟ ଯେଉଁଭଳି ଭାବେ କଚ୍ଛପ ଗତିରେ କାର୍ଯ୍ୟ ଚାଲୁଛି ଏହାର ନିର୍ମାଣ କାର୍ଯ୍ୟ କେତେ ବର୍ଷ ଲାଗିବ ତାହା ଆଗାମୀ ଦିନରେ ସମୟ ହିଁ କହିବ । ତାଳଚେର ଅଂଚଳରେ ବର୍ତମାନ ସୁଦ୍ଧା ଭୂତଳ ଓ ଖୋଲା ପୋଖରୀଆ କୋଇଲା ଖଣି ୧୦ଟି ରହିଥିବା ବେଳେ ଏଥିରୁ ହଜାର ହଜାର କୋଟିଟଙ୍କା ରାଜସ୍ୱ ଉଭୟ ସରକାର ନେଇଥାନ୍ତି । ଏହି ଖଣିଖାଦାନ ପାଇଁ ଲୋକେ ଘରଦ୍ୱାରା ଜମିବାଡ଼ି ହରାଇ ବିସ୍ଥାପିତ ହୋଇଥାନ୍ତି ଏଥି ମଧ୍ୟରୁ କେହି ଆରପୁର ଚାଲିଯାଇଥିବା ବେଳେ ଆଉ କେହି ପ୍ରଦ୍ୟୁଷଣରେ ଜର୍ଜରିତ ହୋଇ ଜୀବନ ସହ ସଂଗ୍ରାମ ଚଳାଇଛନ୍ତି । ତାଳଚେରର ଭୌଗଳିକ ପରିସ୍ଥିତି, ଇତିହାସ ଓ କୋଇଲା ଖଣିର ସର୍ବିଶେଷ ତଥ୍ୟ ପରବର୍ତି ପିଢ଼ୀଙ୍କ ଉଦ୍ଦେଶ୍ୟରେ ଏହି ମ୍ୟୁଜିୟମରେ ସଂରକ୍ଷିତ ରଖାଯିବା ନେଇ ଏହାର ମୁଖ୍ୟଲକ୍ଷ୍ୟ ରହିଛି । ଏଥିନେଇ ଆବଶ୍ୟକ ଅର୍ଥ ଜିଲ୍ଲା ଖଣିଜପାଣ୍ଠିରୁ ଖର୍ଚ୍ଚ କରାଯିବ ବୋଲି କୁହାଯାଉଛି। ମାତ୍ର ପରିତାପର ବିଷୟ ଅନୁଗୋଳ ଜିଲ୍ଲାରେ କୋଲମ୍ୟୁଜିୟମ ନିର୍ମାଣ ସରି କୁଆଡ଼େ ବିଦ୍ୟୁତ୍ ବିଲ୍ ୪ଲକ୍ଷ ଟଙ୍କା ଆସିଥିବା ବେଳେ ତାଳଚେରରେ ଏହାର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରିପାରି ନାହିଁ। ତାଳଚେର ରାଜନେତା ଅନୁଗୋଳ ଏହି ମ୍ୟୁଜିୟମକୁ ଫିତା କାଟୁଥିବା ବେଳେ ତାଳଚେର ଅଂଚଳରେ ନୂତନଭାବେ ଗଢ଼ି ଉଠିଥିବା କୋଲମ୍ୟୁଜିୟମ ସରିବା କେବେ ଓ ଏହାର ଶୁଭଉଦଘାଟନ ହେବ କେବେ ନେଇ ତାଳଚେର ଅଂଚଳରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଦେଶର ପ୍ରଗତି ପାଇଁ ତାଳଚେର ତାର ଅସ୍ତିତିତ୍ୱ ହରାଇ ଦେଶକୁ ବିକଶିତ କରୁଥିବା ବେଳେ ଆଜି ତାଳଚେରର ଦୀପତଳ ଅନ୍ଧାର ସଦୃଶ୍ୟ ହୋଇଛି ଏହାକୁ ସବୁକ୍ଷେତ୍ରରେ ଅଣଦେଖା କରାଯାଉଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି।

## ଅସହାୟ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ କୋଇଲୋ ଗ୍ରାମର ଜଣେ ଅସହାୟା ମହିଳାଙ୍କୁ ଗଣ ଦୁଷ୍କର୍ମ କରାଯିବା ଘଟଣାର ଆଜି ସାଇଂଟିଫିକ୍ ଟିମ ଦ୍ୱାରା ତଦନ୍ତ କରାଯାଇଛି। ଏହି ଘଟଣାଟି ଏଠାରେ ଗଭୀର ଆଲୋଡନ ସୃଷ୍ଟି କରିଛି। କୋଇଲୋ ଗ୍ରାମର ଜଣେ ସ୍ୱାମୀ ପରିତ୍ୟକ୍ତ ଅସହାୟା ମହିଳାଙ୍କର ମୁଣ୍ଡ ଗୁଞ୍ଜିବା ନିମନ୍ତେ କୌଣସି ଘର ଦ୍ୱାରା ନାହିଁ । ଦୀର୍ଘ ଦିନ ହେଲା ସମ୍ପୃକ୍ତା ମହିଳା ସ୍ଥାନୀୟ ଅସୁରେଶ୍ୱର ବଜାରରେ ବିଭିନ୍ନ ଲୋକଙ୍କର କାମଧନ୍ଦା କରି ନିଜର ପେଟ ପୋଷି ଆସୁଥିଲେ। ଆଶ୍ରୟ ନେବା ନିମନ୍ତେ କୌଣସି ବାସଗୃହ ନଥିବା କାରଣରୁ ବହୁ ସମୟରେ ମହିଳା ଜଣଙ୍କ ହାଟ ବଜାର ଓ ବିଭିନ୍ନ ଲୋକଙ୍କ ବାରଣ୍ଡାରେ ଆଶ୍ରୟ ନେଇଥାନ୍ତି। ଗତ ୧୬ ତାରିଖ ରାତ୍ରରେ ମହିଳା ଜଣଙ୍କ ଅସୁରେଶ୍ୱର ବଜାରରେ ଥିବା କଟିକଟା ଗ୍ରାମ୍ୟବ୍ୟାଙ୍କ ଶାଖାର ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଦୁଇ ଜଣ ଅଚିହ୍ନା ଯୁବକ ଏକ ବାଇକ୍ ଯୋଗେ ଆସି ମହିଳାଙ୍କ ନିକଟରେ ପହଂଚିଥିଲେ। ସମ୍ପୃକ୍ତ ମହିଳା ଜଣଙ୍କ ଏକୁଟିଆ ଥିବାର ସୁଯୋଗ ନେଇ ସମ୍ପୃକ୍ତ କାମାନ୍ଧ ବ୍ୟକ୍ତି ଦ୍ୱୟ ତାଙ୍କୁ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଭିତରକୁ ଜୋର ଜବରଦସ୍ତ ଉଠାଇ ନେଇଥିଲେ। ସମ୍ପୃକ୍ତ କାମାନ୍ଧମାନେ ଅତ୍ୟନ୍ତ ଅମାନୁଷିକ ଭାବେ ମହିଳାଙ୍କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏପରିକି ମହିଳାଙ୍କୁ ମାଡ ମାରିଥିଲେ। ନିଜର କାମନା ବାସନା ସାରି ସମ୍ପୃକ୍ତ ବ୍ୟକ୍ତି ଦ୍ୱୟ ମହିଳାଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ଘଟଣାସ୍ଥଳରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ। ସକାଳହେବା କ୍ଷଣି ମହିଳା ଜଣଙ୍କ ଘଟଣାସମ୍ପର୍କରେ ସ୍ଥାନୀୟ ଅଂଚଳର ମୁରବୀ ଶ୍ରେଣୀୟ ବ୍ୟକ୍ତି ବିଶେଷ ସର୍ବୋପରି ସ୍ଥାନୀୟ ବଜାର ବ୍ୟବସାୟୀ ସଙ୍ଘ କାର୍ଯ୍ୟକର୍ତାଙ୍କୁ ଜଣାଇଥିଲେ। କିନ୍ତୁ ଏହି ଘଟଣା ଉପରେ କେହି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଅବଶେଷରେ ନ୍ୟାୟ ପାଇବା ନିମନ୍ତେ ମହିଳା ଜଣଙ୍କ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ନିଶ୍ଚିନ୍ତକୋଇଲି ଥାନାରେ ୯୨/୨୦୨୩ ରେ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଚାଲିଥିବାର ଆଇଆଇସି ଚିନ୍ମୟୀ ସାହୁଙ୍କ ସୂତ୍ରରୁ ପ୍ରକାଶ। ପୋଲିସ ମହିଳାଙ୍କୁ ଡାକ୍ତରୀ ମାଇନା କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଆଇଆଇସି ଆମ ପ୍ରତିନିଧିଙ୍କୁ କହିଛନ୍ତି। ଅପରପକ୍ଷରେ ଆଜି ଏକ ସାଇଂଟିଫିକ ଦଳ ଘଟଣାସ୍ଥଳରେ ପହଂଚି ମହିଳାଙ୍କ ଠାରୁ ସମସ୍ତ ବୟାନ କରିବା ସହ ତାଙ୍କର ପୋଷାକ ଓ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ଗୁଡିକୁ ଜବତ କରି ପରୀକ୍ଷା ନିରୀକ୍ଷା ନିମନ୍ତେ ପଠାଇଥିବାର ଜଣାଯାଇଛି। ଅପରପକ୍ଷରେ ଅସୁରେଶ୍ୱର ଅଂଚଳରେ ଅବାଧରେ ମଦ ଗଞ୍ଜେଇ ବିକ୍ରୟ କାରଣରୁ ଆଇନ ଶୃଙ୍ଖଳାର ଚରମ ଅଧୋଗତି ଘଟିଛି । ଅପରାଧ ଚରମ ସୀମାରେ ପହଂଚିଛି। ପୋଲିସ ପ୍ରଶାସନ ତରଫରୁ ତୁରନ୍ତ ଏଠାରେ ରାତ୍ରୀ ପେଟ୍ରୋଲିଂ ବ୍ୟବସ୍ଥା କରାଯିବା ନିମନ୍ତେ ସାଧାରଣରେ ଦାବି ହେଉଛି। ସେହିପରି ଭାବେ ଅସୁରେଶ୍ୱର ଅଂଚଳଟି କଟକ ଓ କେନ୍ଦ୍ରାପଡା ଜିଲ୍ଲାର ସୀମାନ୍ତରେ ଅବସ୍ଥିତ ହେତୁ ଅପରାଧିମାନେ ଅପରାଧ ଘଟାଇ ଅନାୟାସରେ ଖସିଯିବାକୁ ସକ୍ଷମ ହେଉଥିବାର ଜଣାଯାଇଛି।

## ବାପା ଟଙ୍କା ନ ଦେବାରୁ ପୁଅର ଆତ୍ମହତ୍ୟା

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାପା ଟଙ୍କା ନଦେବାରୁ ପୁଅ ବିଷ ପିଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ସତକାବାଦ ଗ୍ରାମର ଉଗ୍ରସେନ ସ୍ୱାଇଁଙ୍କ ପୁଅ ଗାଣ୍ଡୁ ସ୍ୱାଇଁ (୨୨) ରଙ୍ଗ ମିସ୍ତ୍ରୀ କାମ କରୁଥିଲେ। କିଛି ବର୍ଷ ହେବ ସେ ଧଳା ଜହର ନିଶା କବଳରେ ପଡି ରୋଜଗାର ଟଙ୍କା କୁ ନିଶା ଖାଇ ଉଡାଇ ଦେଉଥିଲେ ଏବଂ ପାଖରୁ ପଇସା ସରିବା ପରେ ମଝିରେ ମଝିରେ ଘରୁ ଟଙ୍କା ନେଉଥିଲା। ସୋମବାର ଗାଣ୍ଡୁ ବାପାଙ୍କୁ ଟଙ୍କା ମାଗିଥିଲା କିନ୍ତୁ ଟଙ୍କା ଦେବାକୁ ବାପା ମନା କରିବା ପରେ ବାଇଗଣ ଫସଲରେ ପଡିବାକୁ ଘରେ ଥିବା ଔଷଧ ପିଇ ଦେଇଥିଲା। ଗୁରୁତର ହୋଇ ରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି। ସୂଚନାଯୋଗ୍ୟ ଯେ ପୁଲିସର ନିୟନ୍ତ୍ରଣ ଅଭାବରୁ ବାଲିପାଟଣା ରେ ଧଳା ଜହର ଓ ବିଭିନ୍ନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି ଫଳରେ ନିଶା କବଳରେ ପଡି ଅନେକ ଜୀବନ ହାନୀ ଘଟିବା ସହିତ ପରିବାର ଛାରଖାର ହେଉଛି।

## ଦୋଳିରୁ ପଡ଼ି ଶିଶୁ ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ଥାନା ଅନ୍ତର୍ଗତ ମୋବାରକପୁର ଗ୍ରାମର ଚକ୍ରଧର ବେହେରାଙ୍କ ୧୩ ବର୍ଷୀୟ ପୁତ୍ର କାହ୍ନା ଶୁକ୍ରବାର ଦିନ ପ୍ରା ୧.୪୫ ସମୟରେ ଦାଣ୍ଡରେ ଦୋଳିରୁ ପଡି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଘରେ ସାବିତ୍ରୀ ବ୍ରତ ପାଳନରେ ପରିବାର ଲୋକେ ବ୍ୟସ୍ତ ଥିବା ବେଳେ କାହ୍ନା ଦାଣ୍ଡରେ ଦୋଳି ଖେଳୁଥିଲା। କିଛି ସମୟ ପରେ କାହ୍ନା ତଳେ ପଡିଥିବା ଘରଲୋକେ ଦେଖିଥିଲେ। କାହ୍ନାକୁ ଭଣ୍ଡାରିପୋଖରୀ ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

## ଗ୍ୟାସ୍ ଲିକ୍‌ରୁ ଘର ପୋଡ଼ିଗଲା

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଜରିପଡ଼ା ପଞ୍ଚାୟତ ରସିକ ନଗର ଗ୍ରାମରେ ଆଜି ସକାଳ ୮ ସମୟ ରେ ଗ୍ୟାସ୍ ଲିକ ହୋଇ ନିଆଁ ଲାଗିଥିଲା। ଘର ର ସମସ୍ତ ଆସାବାବ ପତ୍ର ଜଳି ପୋଡ଼ି ପାଉଁଶ ହେବା ସହିତ ଘରଟି ପୁରା ଜଳି ଯାଇଛି। ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ସହାୟତା ରେ ନିଆଁ କୁ ଆୟତ କରାଯିବା ସହିତ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ କୁ ଆୟତ କରିଥିଲେ। ଘଟଣା ସ୍ଥଳରେ ସୁଷମା ନାୟକ ଯିଏ କି ୬୨ ବର୍ଷୀୟ ବୃଦ୍ଧା ଅଗ୍ନିର ସଂସ୍ପର୍ଶରେ ଆସି ତାଙ୍କ ଶରୀରର କିଛି ଅଂଶରେ ଆଘାତ ହୋଇଛି। ପରିବାର ଲୋକ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ କଟକ ବଡ ମେଡିକାଲକୁ ପଠାଇ ଚିକିତ୍ସା ଜାରି ରହିଛି।

## ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ବ୍ଲକ୍ ତୁଳସୀପୁର ପଞ୍ଚାୟତରେ ଜରେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିଲେ ମଧ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରିନାହିଁ । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଥାନା କୁସୁମାଠେଙ୍ଗ ଗ୍ରାମର ଜଣେ ମହିଳା ତାଙ୍କ ଛୋଟପୁଅକୁ ଧରି ରାତ୍ରରେ ଇଥିବା ବେଳେ ଘରର କବାଟ ଖୋଲା ଥିଳା। ମହିଳାଙ୍କ ସ୍ୱାମୀ ଓ ଦିଅର ଗ୍ରାମରେ ଚାଲିଥିବା ବୈଠକକ ଯାଇଥିଲେ । ଏହାର ସୁଯୋଗ ନେଇ କୁସୁମାଠେଙ୍ଗ ଗ୍ରାମର ଜୈନିକ ବିବାହିତ ଯୁବକ ଘରେ ପଶି ମହିଳାଙ୍କୁ ମାଡିବସିଥିଲା। ମହିଳା ଚିତ୍କାର କରିବାରୁ ଶାଶୁ ଶ୍ୱଶୁର ଉଠିପଡି ହା ହଲ୍ଲା କରିବାରୁ ସଂପୃକ୍ତ ଯୁବକ ମହିଳା ଶୋଇଥିବା ଖଟତଳେ ଲୁଚିଯାଇଥିଲା। ମହିଳାଙ୍କ ପରିବାର ଖୋଜଖବର କରି ସଂପଅକ୍ତ ଯୁବକକୁ ଖଟତଳୁ ଘୋଷାଡି ଆଣିବା ସମୟରେ ଯୁବକ ଧକ୍କାମାରି ସେଠାରୁ ଖସି ପଳାଇଥିଲା। ପରେ ମହିଳଙ୍କ ପରିବାର ଏ ସଂପର୍କରେ ଗ୍ରାମ ମୁରବୀଙ୍କୁ ଜଣାଇବାରେ ଗ୍ରାମାରେ କଥା ବୁଝାହେବ କହି ମୁରବି ମାନେ ଧରାଛୁଆଁ ନଦେବାରୁ ମହିଳା ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରିନାହିଁ ।

## ବିବାହ ପାଇଁ ମନା କରିବାରୁ ପ୍ରେମିକାର ଆପତ୍ତିଜନକ ଫଟୋ ଭାଇରାଲ କଲା ପ୍ରେମିକ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋକୁ ତାଙ୍କ ପ୍ରେମିକ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିଥିବା ନେଇ ଶୁକ୍ରବାର ଦିନ ଥାନାରେ ଅଭିଯୋଗ ହୋଇଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ୮୪/୨୩ରେ ସାଇବର ଅପରାଧରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ବ୍ୟକ୍ତି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ୨୦ ବର୍ଷିୟା ଝିଅକୁ ବଳରାମ ସାମଲ ନାମକ ଜଣେ ଯୁବକ ଫୋନ୍ ଯୋଗେ କଥା ହେବା ଭିତରେ ଝିଅର ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ରେକର୍ଡ଼ କରି ଭାଇରାଲ୍ କରିବା ନେଇ ବାରମ୍ବାର ଧମକ ଦେଉଥିଲା । ଗୁରୁବାର ଦିନ ବଳରାମ ଉକ୍ତ ଯୁବତୀକୁ ବିବାହ କରିବାକୁ ବାଧ କରିଥିଲା ବେଳେ ଯୁବତୀ ବିବାହ ପାଇଁ ମନା କରି ଦେବାରୁ ବଳରାମ ତା’ର ଇନଷ୍ଟାଗ୍ରାମ୍ ଆଇଡ଼ିରେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସହ ଭିଡ଼ିଓକୁ ପୋଷ୍ଟ କରି ଦେଇଥିଲା ବୋଲି ଯୁବତୀଙ୍କ ବାପା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

## ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ଡେଲାଙ୍ଗ ଥାନା ଆଇଆଇସି

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଥାନାରେ ସମ୍ପ୍ରତି ଆଇଆଇସି ଭାବେ କାର୍ଯ୍ୟରତ ଅନିଲ କୁମାର ମହାନ୍ତିଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି ମିଳିଛି। ଏ ସଂକ୍ରାନ୍ତରେ ବୁଧବାର ରାଜ୍ୟ ସରକାରଙ୍କ ଘରୋଇ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା-୨୦୮୬୪/ଏସପିଏସ ଅନୁଯାୟୀ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।ମିଳିଥିବା ସୂଚନା ଅନୁଯାୟୀ,ଉକ୍ତ ବିଜ୍ଞପ୍ତିର କ୍ରମିକ ସଂଖ୍ୟା-୧୩ରେ ଶ୍ରୀ ମହାନ୍ତିଙ୍କ ପଦୋନ୍ନତି ମିଳିଥିବା ନେଇ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବାବେଳେ ରାଜ୍ୟର ସମୁଦାୟ ୫୭ଜଣ ଆରକ୍ଷୀ ନୀରିକ୍ଷକଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି ମିଳିଥିବା ନେଇ ଏହି ଘରୋଇ ବିଭାଗ ପତ୍ରରୁ ସୂଚନା ମିଳିଛି ।ତେବେ ଥାନାଧିକାରୀ ଶ୍ରୀ ମହାନ୍ତିଙ୍କ ଡେଲାଙ୍ଗରେ ଅବସ୍ଥାନ କାଳରେ ୨୦୨୨ ପଞ୍ଚାୟତ ନିର୍ବାଚନ ଓ ପିପିଲି ବିଧାନସଭା ଉପ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ଡେଲାଙ୍ଗ ଅଞ୍ଚଳବାସୀ ଆଇଆଇସି ଶ୍ରୀ ମହାନ୍ତିଙ୍କ କାର୍ଯ୍ୟଦକ୍ଷତାର ଉଚ୍ଚ ପ୍ରଶଂସା କରିଛନ୍ତି ।ମାତ୍ର ଡେଲାଙ୍ଗ ଥାନା ଅଞ୍ଚଳରୁ ବେଆଇନ୍, ଅବାଧ ନିଶା କାରବାର ବନ୍ଦ୍ କରିବା ଦିଗରେ ଚରମ ବିଫଳତା,ଅନେକ ମାମଲାରେ ଆଦୌ ଘଟଣାସ୍ଥଳ ତଦନ୍ତ ନ କରି ପ୍ରତିପକ୍ଷଙ୍କ ନାମରେ ଅଯଥାରେ ମନୋମୁଖୀ ଭାବେ ମାମଲା ରୁଜୁ କରିବା,ଅଧିକାଂଶ ମାମଲାରେ ଅପରପକ୍ଷକୁ କାଉଣ୍ଟର କେସ୍ କରିବାକୁ ପ୍ରୋତ୍ସାହିତ କରିବା,ଏକ ନିର୍ଦ୍ଦିଷ୍ଟ ଅଭିଯୋଗର ସତ୍ୟତା ଥିଲେ ସୁଦ୍ଧା ସେ କ୍ଷେତ୍ରରେ ଥାନାରେ ମାମଲା ରୁଜୁ ନ କରି ଅଭିଯୋଗକାରୀଙ୍କୁ ହଇରାଣ ହରକତ କରି ଅଯଥାରେ କୋର୍ଟ କଚେରୀରେ ଖର୍ଚ୍ଚାନ୍ତ କରାଇବା, ଏକାଧିକ ମାମଲାରେ ସଂପୃକ୍ତ ଥିବା ଅଭିଯୁକ୍ତକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଗିରଫ ନ କରି ଅଧିକ ଅପରାଧ କରିବାକୁ ପ୍ରୋତ୍ସାହିତ କରିବା,ସର୍ବୋପରି ଏକ ବିପୁଳ ପରିମାଣର ଚୋରା ଗଞ୍ଜେଇ ଧରପଗଡ ମାମଲାରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭୁଆଁ ବୁଲାଇ ମିଥ୍ୟା ତଥା କପୋଳକଳ୍ପିତ ପ୍ରେସ୍ ରିଲିଜ୍ ଜାରି କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବା ଆଦି ନକାରାତ୍ମକ କାର୍ଯ୍ୟକଳାପ ତଥା ପକ୍ଷପାତିତା ନୀତିକୁ ଡେଲାଙ୍ଗ ଅଞ୍ଚଳର ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି ।ତେବେ ସେ ଯାହା ହେଉନା କାହିଁକି, ଡେଲାଙ୍ଗ ବ୍ଲକ୍,ତହସିଲ୍ ଓ ଥାନାରେ ଅତୀତରେ ଦାୟିତ୍ୱ ନିର୍ବାହ କରିଥିବା ଅଧିକାଂଶ ଅଧିକାରୀଙ୍କ କେବଳ ଏହିଠାରୁ ହିଁ ପଦୋନ୍ନତି ମିଳିଥିବାର ନଜିର ଥିବାରୁ ସମଗ୍ର ଡେଲାଙ୍ଗ ବ୍ଲକ୍ ଅଞ୍ଚଳ ସରକାରୀ ଅଧିକାରୀଙ୍କ ପାଇଁ ପଞ୍ଚମରେ ବୃହସ୍ପତି ସ୍ଥାନ ଭାବେ ସାବ୍ୟସ୍ତ ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ୫ ଲକ୍ଷ ଟଙ୍କାର ଧଳାଜହର ଜବତ, ଅଭିଯୁକ୍ତ ଗିରଫ



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ପାଲଟିଛି ଧଳାଜହର ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ। ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର ଜହର କାରବାର ହେଉଥିବା ବେଳେ ବଡ ବଡ ବ୍ୟବସାୟୀମାନେ ପ୍ରଶାସନ ଆଖିରେ ଧୂଳି ଦେଇ ଖସି ଯାଉଛନ୍ତି । କାଁଭାଁ ପୋଲିସ ଓ ଅବକାରୀ ବିଭାଗ ହାତରେ ପଡୁଥିବା ବେଳେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଚତୁ କରି ଜଣେ ଧଳଜହର ବ୍ୟବସାୟୀକୁ ଗିରଫ କରିବା ସହ ତା ନିକଟରୁ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଜହର ଜବତ କରିବାରେ ସଫଳ ହୋଇଛନ୍ତି । ଆଜି ଏ ସଂପର୍କରେ ଥାନା ପରିସରରେ ଏକ ପ୍ରେସମିଟ କରି ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ ଗଣମ୍ମାମକୁ ସୂଚନା ଦେଇଥିବା ବେଳେ ହେଡକ୍ୱାଟରର ସାମ୍ବିଦକଙ୍କୁ ଥାନା ସଂପର୍କରେ ଅଧକାରୀ ସୂଚନା ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । କଣ ପାଇଁ ଥାନା ଅଧିକାରୀ ଏପରି କରୁଛନ୍ତି, ତାହା ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡଃ କନୱାର ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡା ପୋଲିସ ଉପଖଣ୍ଡ ଅଧିକାରୀ ଦେବାଶୀଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନତୃତ୍ୱରେ ଏକ ପୋଲିସ ଟିମ କଳାପାଞ୍ଚଣ ଛକରେ ଜଣେ ବ୍ରାଉନସୁଗାର ବିକୁଥିବା ଜଣେ ବ୍ୟକ୍ତିଙ୍କ ନିକଟରୁ ୫ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିଛନ୍ତି । ବ୍ୟବସାୟୀ ହେଲେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଶ୍ରୀରାମପୁର ମଠସାହିର ପ୍ରତାପ କୁମାର ରାଉତ(୨୪) ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢଉରେ ଏଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ×ଆଇ ପ୍ରକାଶ ମହାନ୍ତି, ପ୍ରମୋଦ ପୃଷ୍ଟି, ପ୍ରକାଶ ନାୟକ ପ୍ରମୁଖ ଚଢଉ କରିଥିଲେ। ସଂପୃକ୍ତ ଅଭିଯୁକ୍ତ ନାମରେ ଅବକାରୀ ଧାରାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନମଂଜୁର ପରେ ସଂପୃକ୍ତ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡିଛି।

## ସରସ୍ୱତୀ ଶିଶୁ ମନ୍ଦିରର ୧୪ ଛାତ୍ରଛାତ୍ରୀ ଏ-୧ରେ ପାସ୍

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭୧ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ଶତପ୍ରତିଶତ ପାସହାର ହୋଇଥିବା ବେଳେ ଏ-୧ରେ ୧୪ , ଏ-୨ରେ ୩୮,ବି-୧ରେ ୪୭, ବି-୨ରେ ୪୬, ସି ଗ୍ରେଡ଼ରେ ୧୯, ଡ଼ି ଗ୍ରେଡ଼ରେ ୭ଜଣ ରହିଛନ୍ତି। ପୂର୍ବକଚ୍ଛ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏ-୧ରେ ୬ଜଣ, ରାଇସୁଙ୍ଗୁଡ଼ା ଏକ୍ରାମ ରସୁଲ ହାଇସ୍କୁଲରେ ଏ-୧ ଜଣେ, ଗୋପିନାଥପୁର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠରେ ଏ-୧ରେ ୩ ଜଣ, ଗୋପିନାଥପୁର ସରକାରୀ ହାଇସ୍କୁଲରେ ଏ-୧ରେ ଜଣେ, ସାଲେପୁର ହାଇସ୍କୁଲରେ ୧୮୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଏ-୧ରେ ଦୁଇ ଜଣ ପାସ କରିଛନ୍ତି । କଲ୍ୟାଣପୁର ଗାଲର୍ସ ହାଇସ୍କୁଲରେ ଏ-୧ରେ ୩ଜଣ, ମା’ କାଳୀ ବିଦ୍ୟାପୀଠରୁ ଏ-୧ରେ ଜଣେ ରହିଛନ୍ତି। ସାଲେପୁରରେ ବେସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କର ପରୀକ୍ଷାଫଳ ଭଲ ହୋଇଥିବା ଜଣାପଡ଼ିଛି ।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ଶିକ୍ଷାମଣ୍ଡଳ ଅଧିକ ଜପକୁଦ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ପରିଚାଳନା ସମିତି ସଭାପତି ବିନତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପାଠ ପଢ଼ି ବଡ଼ ମଣିଷ ନହୋଇ ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ଉପସଭାପତି ଚନ୍ଦ୍ରମଣି ଭୂୟାଁଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାଲେପୁର ବିଇଓ ଜଗବନ୍ଧୁ ଶତପଥୀ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଦିଲ୍ଲିପ ଦାଶ, ଯୁବ ସମାଜସେବୀ ନାରାୟଣ ପତି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସଂପାଦକ ସୁଧିର କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁଦେଷ୍ଣା ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। କଟରପା ପଂଚାୟତର ସରପଂଚ ରଂଜନ କୁମାର ରାଉତ, ସମିତିସଭ୍ୟ ଗୟାଧର ମଲ୍ଲିକ, ପରିଚାଳନା କମିଟିର ସଭ୍ୟ କେଶବ ଚନ୍ଦ୍ର ମିଶ୍ର, କ୍ଷୀରୋଦ ସାମଲ, ବିଚିତ୍ର କୁମାର ପ୍ରହରାଜ, କ୍ଷୀରୋଦ ଚନ୍ଦ୍ର ଶତପଥୀ, ଅଜୟ କୁମାର ସେନାପତି ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରାକ୍ତନ ଛାତ୍ରୀ ଦିବ୍ୟାଦତା ଦାଶ, ଚିନ୍ମୟୀ ରାଉତରାୟ, ଆଶୁତୋଷ ସାହୁ, କଲ୍ୟାଣୀ ପ୍ରଧାନଙ୍କୁ ସମ୍ମାନୀତ କରାଯାଇଥିଲା। ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା କଲ୍ୟାଣୀ ପ୍ରଭା ନନ୍ଦ, ଧରିତ୍ରୀ ମିଶ୍ର, ଜ୍ୟୋସ୍ନାରାଣୀ ପରିଡ଼ା, ଶୁଭସ୍ମିତା ମିଶ୍ର, ସୁଭେନ୍ଦୁ ମିଶ୍ର, ସତ୍ୟବ୍ରତ ସ୍ୱାଇଁ, କେଶବ ପାତ୍ର, ବ୍ରଜବନ୍ଧୁ ମଲ୍ଲିକ, ପ୍ରଭାବତୀ ଓଝା, ଅଜୟ ପରିଜା, ବେଙ୍ଗ ଗୋଛାୟତ ପ୍ରମୁଖ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

## ଅବସର ବିନୋଦନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମର ବର ଗଛ ଠାରେ ବିନୋଦନ କେନ୍ଦ୍ରର ମାନ୍ୟବର ସାଂସଦ ଢେଙ୍କାନାଳ ମହେଶ ସାହୁଙ୍କ ଅନୁଦାନ ପାଣ୍ଠିରୁ ତାଙ୍କ ପରାମର୍ଶ କ୍ରମେ କଙ୍କଡ଼ାହାଡ଼ ବ୍ଲକ ଉପାଧକ୍ଷା ଦିପା ସାହୁ ଶୁଭ ଉଦ୍ଘାଟନ କରି ଥିଲେ। ଏଥିରେ କଙ୍କଡ଼ାହାଡ଼ ବ୍ଲକ ପୂର୍ବତନ ଅଧକ୍ଷ କାର୍ତ୍ତିକ ସାହୁ, କଙ୍କଡ଼ାହାଡ଼ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିମଳ କୁମାର ସାହୁ, ଗ୍ରାମ ସଭାପତି ପ୍ରକାଶ ବିଶ୍ୱାଳ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଭଗବାନ ସିଂହ, ବରିଷ୍ଠ ସାମ୍ବାଦିକ ପାଣ୍ଡବ ଚରଣ ଦାସ, ରାମେଶ୍ୱର ମହାଦେବ ମନ୍ଦିର ସଭାପତି କମଳ ଲୋଚନ ଦାସ, ପୂର୍ବତନ ସରପଂଚ ଭରତ ଚନ୍ଦ୍ର ସାହୁ, ଶମ୍ଭୁନାଥ ସିଂହ, ଗ୍ରାମ ସମ୍ପାଦକ ତ୍ରିଲୋଚନ ପଣ୍ଡା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ନଡ଼ିଆ ଭାଙ୍ଗି ଶୁଭ ଉଦ୍ଘାଟନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କୁ ଗ୍ରାମବାସୀ ସାଧୁବାଦ୍ ଜଣାଇଛନ୍ତି।

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳିଲେ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସଙ୍ଖା, ସିନ୍ଦୁର ଶାଢ଼ୀ ସହ ହାତରେ ଫଳ ଭର୍ତି ପାତ୍ର। ପ୍ରଭୁଙ୍କ ନିକଟରେ ନୈବେଦ୍ୟ ସମର୍ପି ସ୍ୱାମୀଙ୍କ ଦୀର୍ଘ ଜୀବନ ପାଇଁ ପ୍ରାଥନା କରିବାକୁ ମନରେ ଇଚ୍ଛା ନେଇ ସକାଳୁ ସକାଳୁ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ଲମ୍ବା ଲାଇନି ଲଗାଇଥିଲେ ବିବାହିତ ମହିଳା। ଏ ପବିତ୍ର ବ୍ରତ ଲାଗି କିଏ ଦେବାଳୟ ଆଉ କିଏ ସାବିତ୍ରୀ ମନ୍ଦିରରେ ଜମାଇଥିଲେ ଭକ୍ତିର ଆସର.ପୁରୀ ଜିଲ୍ଲା ଅସ୍ତରଙ୍ଗ ସରିପୁର ପଂଚାୟତ ମୁଦୁଗଲ ଗ୍ରାମରେ ଥିବା ବାବା ଶୀଧେଶ୍ୱର ପିଠ ପରିସରରେ ସତ୍ୟବାନସାବିତ୍ରୀଙ୍କ ନିକଟରେ ଶତାଧିକଙ୍କ ମହିଳାଙ୍କ ବେଶ ଭିଡ଼ ଜମିଥିଲା। ଓଡ଼ିଆ ହିନ୍ଦୁ ପରିବାର ସାବିତ୍ରୀ ପର୍ବ ମୁଖ୍ୟ ବ୍ରତ ଭାବେ ପାଳନ କରାଯାଏ। ପ୍ରତ୍ୟେକ ହିନ୍ଦୁ ଓଡ଼ିଆ ନାରୀ ନିଜ ସ୍ୱାମୀଙ୍କ ମଙ୍ଗଳ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ଏହି ଦିନ ଦେବୀ ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମ ରାଜାଙ୍କ ନିକଟରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ତେଣୁ ପ୍ରତିଟି ଓଡ଼ିଆ ସଧବା ନାରୀଙ୍କ ପାଇଁ ସାବିତ୍ରୀ ବ୍ରତ ଅନେକ ମହତ୍ୱ ରହିଛି। ସାବିତ୍ରୀ ବ୍ରତକୁ ସ୍ୱାମୀଙ୍କ ଦୀର୍ଘାୟୁ ସୁଖ ସମୃଦ୍ଧି ଅଖଣ୍ଡ ସୌଭାଗ୍ୟ ଲାଭ କରିବା ପାଇଁ ପାଳନ କରାଯାଇଥାଏ। ସାବିତ୍ରୀ ବ୍ରତ ପାଇଁ ଅସ୍ତରଙ୍ଗ ବ୍ଲକର ନଗର ଗ୍ରାମର ପଶ୍ଚିମେଶ୍ୱର, ଆଳସାହି ଐଶାନେଶ୍ୱର, ଅସ୍ତରଙ୍ଗ ଗ୍ରାମେଶ୍ୱର ସହ ବିଭିନ୍ନ ମନ୍ଦିରରେ ମହିଳାଙ୍କ ଭିଡ଼ ଜମିଥିଲା। ସାବିତ୍ରୀ ବ୍ରତ ପାଇଁ ଅଞ୍ଚଳରେ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା।

### ବାଲିପାଟଣା

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଆଜି ପାଳନ ହେଇଯାଇଛି ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡିଆ ଘର ର ସମସ୍ତ ସଧବା ନାରୀମାନେ ଏହି ଦିନ ଭକ୍ତି ଓ ନିଷ୍ଠା ର ସହିତ ନିଜ ସ୍ୱାମୀ ଙ୍କ ଦୀର୍ଘଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ପ୍ରାତଃ ରୁ ସ୍ନାନ କରି ଗ୍ରାମଦେବତୀ ଙ୍କ ନିକଟରେ ନୂଆ ଲୁଗା, ସିନ୍ଦୁର, ଅଳତା, ଫଳମୂଳ ଭୋଗ ଲାଗି କରିଥିଲେ। ଠାକୁରାଣୀ ଙ୍କ ନିକଟରେ ପୂଜା ହୋଇଥିବା ଲୁଗା ଓ ନବବସ୍ତ୍ରପିନ୍ଧିବା ସହିତ ଅଳତା, ସିନ୍ଦୁରପିନ୍ଧି ନିଜ ନିଜ ସ୍ୱାମୀ ଙ୍କୁ ପ୍ରଣାମ କରିଥିଲେ। ଠାକୁର ମାନଙ୍କ ନିକଟରେ ଭୋଗ ଲାଗି ହୋଇଥିବା ଫଳ ମୂଳ ଖାଇ ଓଷା ପାଳନ କରିଛନ୍ତି। ନିଜ ନିଜ ସ୍ୱାମୀ ଙ୍କ ଦୀର୍ଘାୟୁ କାମନା କରି ସଧବା ମହିଳା ମାନେ ଏହି ବ୍ରତ/ଓଷା ପାଳନ କରିଥାନ୍ତି। କିମ୍ବଦନ୍ତୀ ରହିଛି ଯେ, ସାବିତ୍ରୀ ନିଜ ସ୍ୱାମୀ ଭକ୍ତି,ବାକପଟୁତା, ଚତୁରତା କାରଣରୁ ମୃତ୍ୟୁ ର ଦେବତା ଯମ ଙ୍କୁ ସନ୍ତୁଷ୍ଟ କରି ନିଜ ସ୍ୱାମୀ ସତ୍ୟବାନ ଙ୍କୁ ପୁନଃ ଜୀବନ ଦେବା ସହିତ ଶଶୁର ଙ୍କ ଅନ୍ଧତ୍ୱ ଦୂର କରିଥିଲେ ଓ ଶଶୁର, ସ୍ୱାମୀଙ୍କୁ ହାରିଯାଇଥିବା ରାଜ୍ୟ ଫେରସ୍ତ ଆଣି ଦେଇ ପାରିଥିଲେ। ଏଣୁ ସାବିତ୍ରୀ ଙ୍କୁ ମହାସତୀର ଆଖ୍ୟାଦିଆଯାଇଅଛି। ଜ୍ୟେଷ୍ଠ ଅମାବାସ୍ୟାଦିନ ସଧବା ମହିଳା ମାନେ ସାବିତ୍ରୀଓଷା/ବ୍ରତ ପାଳନ କରି ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିବା ସହିତ ନିଜ ପରିବାରର ମଙ୍ଗଳ କାମନା କରିଥାନ୍ତି।

### ଆସିକା

ଆସିକା, (ଭାସ୍କର ନ୍ୟୁଜ୍): ଶୁକ୍ରବାର ସକାଳୁ ମହିଳା ମାନେ ନୂଆଁ ଶାଢ଼ୀ ଓ ଅଳଙ୍କାର ପିନ୍ଧି ଅଳତା ସିନ୍ଦୁର ଓ ଶଙ୍ଖା ପିନ୍ଧି ହାତରେ ଭଳିକି ଭଳି ପାଚିଲା ଫଳ, ନଡ଼ିଆ, କଦଳୀ ଧରି ପୂଜା କରିବା ପାଇଁ ବିଭିନ୍ନ ମନ୍ଦିରକୁ ଯାଉଥିବାର ନଜିର ରହିଛି। ଆଜି ଆସିକାର ବଜାର ସାହିର ତ୍ରିବେଣୀଶ୍ୱର, ଜଗନ୍ନାଥ ମନ୍ଦିର ପୁତୁଗେଶ୍ୱର ପଲ୍ଲୀ ପୁତୁଗେଶ୍ୱର ମନ୍ଦିର, ସତ୍ୟନାରାୟଣ ମନ୍ଦିର,ଖମ୍ବେଶ୍ୱରୀ ପାଟଣା ଗୋପୀନାଥ ମନ୍ଦିର,ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର, ରଘୁନାଥ ମନ୍ଦିର ଆଦି ବିଭିନ୍ନ ମନ୍ଦିରରେ ଶହ ଶହ ମହିଳା ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି।



### ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକର ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ଶୁକ୍ରବାର ଦିନ ପାଳନ ହୋଇଛି। ବ୍ରତଧାରୀମାନେ ବିଭିନ୍ନ ଗ୍ରାମର ଗ୍ରାମଦେବତୀ, ଭୂତିଆ ଗ୍ରାମଦେବତୀ ପୀଠ, ବହାଦଲପୁର ମା ଚେକାସାଆନ୍ତାଣି, ଅଗେଇବେହେରା ମନ୍ଦିର ଜଗନ୍ନାଥପ୍ରସାଦ ମା’ ଖଡ୍ଗଧାରିଣୀ ମନ୍ଦିର, ବାରିକପୁର ମା କାଳିତ୍ରାପୀଠ, ଆଖୁଆପଦା ହରପାର୍ବତୀମନ୍ଦିର, ବୟାବନାପୁର ମା ବୁଢ଼ିଜାଗୁଳାଇ ପୀଠରେ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ସ୍ଥାନରେ ମହିଳାମାନେ ବୃନ୍ଦାବତୀଙ୍କ ନିକଟରେ ଓ ବଟବୃକ୍ଷମୂଳରେ ବ୍ରତ ପାଳନ କରି ପୂଜାର୍ଚ୍ଚନା କରୁଥିବା ପରିଲକ୍ଷିତ ହୋଇଥିଲା। ଶିଳପୁଆକୁ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ସାବିତ୍ରୀ ଦେୀ ଭାବେ ସଜିତ କରି ସଧବା ନାରୀମାନେ ପୂଜାର୍ଚ୍ଚନା କରିଥିଲେ। ସ୍ୱାମୀମାନଙ୍କର ଦୀର୍ଘ ନିରାମୟ ଜୀବନ ମନାସୀ ପତ୍ନୀମାନେ ନୂତନ ଶାଢ଼ି ପରିଧାନ କରି ଶଙ୍ଖା, ସିନ୍ଦୁର, ବ୍ରତ ସହ ନଡିଆ ଆଦି ନାନା ପ୍ରକାରର ଫଳମୂଳ ଭୋଗଲାଗି କରାଯାଇଥିଲା। ସାବତ୍ରୀ ବ୍ରତ ପାଳନର ସୁଯୋଗ ନେଇ ଦୁଇପଇସା ରୋଜଗାର କରିବା ଲକ୍ଷ୍ୟରେ ବ୍ୟବସାୟୀମାନେ ବିଭିନ୍ନ ଫଳର ଅହେତୁକ ଦରବୃଦ୍ଧି ଘଟାଇଥିଲେ।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ସିଦ୍ଧରମେୟାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେନି। ତାଙ୍କ ସ୍ଥାନରେ ଟିଏମସି ନେତ୍ରୀ ତଥା ଲୋକସଭା ସାଂସଦ କାକୋଳି ଘୋଷ ଦସ୍ତିଦାର ଏହି କାର୍ଯ୍ୟକ୍ରମରେ ଭାଗ ନେବେ। ତୃଣମୂଳ କଂଗ୍ରେସ୍ ନେତା ଏବଂ ରାଜ୍ୟ ସଭା ସାଂସଦ ଡେରେକ୍ ଓ ବ୍ରାୟନ୍ ଏନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଟ୍ୱିଟରେ କହିଛନ୍ତି ଯେ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ସିଦ୍ଧରମେୟା ଓ ତାଙ୍କର ଅନ୍ୟ ସାଥୀମାନେ ମମତା ବାନାର୍ଜୀଙ୍କୁ ଆସନ୍ତାକାଲି ହେବାକୁ ଥିବା ଶପଥ ଗ୍ରହଣ ସମାରୋହ ପାଇଁ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଥିଲେ। ମମତା ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଲୋକ ସଭାରେ ତୃଣମୂଳ କଂଗ୍ରେସର ଉପନେତା କୋକିଳା ଘୋଷ ଦସ୍ତିଦାରଙ୍କୁ ଏହି ସମାରୋହରେ ଯୋଗ ଦେବା ପାଇଁ କହିଛନ୍ତି''। ସିଦ୍ଧରମେୟାଙ୍କ ଶପଥ ଗ୍ରହଣ ସମାରୋହରେ ମମତାଙ୍କ ଉପସ୍ଥିତି ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଥିଲା।

## ଜ୍ଞାନବ୍ୟାପୀ ମସ୍‌ଜିଦ୍ ପରିସରରେ ଥିବା ଶିବଲିଙ୍ଗର ବୈଜ୍ଞାନିକ ସର୍ଭେ ଉପରେ ରୋକ୍ ଲଗାଇଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ବାରାଣସୀସ୍ଥିତ ଜ୍ଞାନବ୍ୟାପି ମସଜିଦର ବୈଜ୍ଞାନିକ ସର୍ଭେ କରିବା ପାଇଁ ଆହ୍ଲାବାଦ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମ୍‌କୋର୍ଟରେ କରାଯାଇଥିବା ଆବେଦନ ଉପରେ ଶୁକ୍ରବାର ଶୁଣାଣି ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମସଜିଦର ବୈଜ୍ଞାନିକ ସର୍ଭେ ଓ ଏହା ପରିସରରେ ଥିବା ଶିବଲିଙ୍ଗର ସମୟ ନିର୍ଦ୍ଧାରଣ ଲାଗି ହେବାକୁ ଥିବା କାର୍ବନ୍ ଡେଟିଂ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ହୁଫେଜା ଅହମଦି ମାମଲାର ଜରୁରୀ ଶୁଣାଣି କରିବାକୁ ଆବେଦନ କରିଥିଲେ। ମେ ୨୨ ତାରିଖରେ ଏଏସ୍‌ଆଇ ପକ୍ଷରୁ ମସଜିଦର ସର୍ବେକ୍ଷଣ ଆରମ୍ଭ କରାଯିବାକୁ ଥିବା ବେଳେ ଏହାର ଜରୁରୀ ଶୁଣାଣି ଆବଶ୍ୟକ ବୋଲି ସେ ଯୁକ୍ତି



ବାଢ଼ିଥିଲେ। ହିନ୍ଦୁପକ୍ଷ ମସଜିଦ୍ ପରିସରରେ ଏକ ଶିବଲିଙ୍ଗ ରହିଛି ବୋଲି ଦାବି କରୁଥିବା ବେଳେ ଏହା ଏକ ଜଳଫୁଆରା ବୋଲି ଯୁକ୍ତି ବାଢ଼ୁଛନ୍ତି ମସଜିଦ୍ କର୍ତ୍ତୃପକ୍ଷ। ଏହି ମାମଲାରେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ସଲିସିଟର ଜେନେରାଲ୍ ତୁଷାର ମେହେଟା ଶୀର୍ଷ ଅଦାଲତଙ୍କୁ ଜଣାଇଥିଲେ। ବିଭିନ୍ନ ପକ୍ଷର ଶୁଣାଣି ପରେ ସର୍ବୋଚ୍ଚ ଅଦାଲତ ବୈଜ୍ଞାନିକ ସର୍ଭେକୁ ସ୍ଥଗିତ ରଖିବା ସହ ରାଜ୍ୟ ସରକାର ଆର୍କୋଲଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ସହ ପରାମର୍ଶ କରିବାକୁ କହିଥିଲେ। ମସଜିଦରେ ଥିବା ଶିବଲିଙ୍ଗର ସମୟ ନିର୍ଦ୍ଧାରଣ କାର୍ବନ୍ ଡେଟିଂ ବ୍ୟତୀତ ଅନ୍ୟ କେଉଁ ବିକଳ୍ପ ପଦ୍ଧତିରେ ହୋଇ ପାରିବ କି ନାହିଁ ତାହା ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାରାଣାସୀର ବିବାଦୀୟ ଜ୍ଞାନବ୍ୟାପି ମାମଲାରେ ଆହ୍ଲାବାଦ ହାଇକୋର୍ଟରୁ ହିନ୍ଦୁ ପକ୍ଷକୁ ବଡ଼ ବିଜୟ ମିଳିଥିଲା। ଆହ୍ଲାବାଦ ହାଇକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ମସଜିଦ ମଧ୍ୟରେ ଥିବା ଶିବଲିଙ୍ଗର କାର୍ବନ ଡେଟିଂ କରିବାକୁ ଅନୁମତି ଦେଇଥିଲେ। କାର୍ବନ ଡେଟିଂ ମାଧ୍ୟମରେ କଥିତ ଶିବଲିଙ୍ଗର ବୈଜ୍ଞାନିକ ସର୍ବେକ୍ଷଣ ପାଇଁ ଆହ୍ଲାବାଦ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଥିଲା। ଆହ୍ଲାବାଦ ହାଇକୋର୍ଟ କହିଥିଲେ ଯେ ଏଏସ୍‌ଆଇକୁ ଶିବଲିଙ୍ଗକୁ କ୍ଷତି ନପହଞ୍ଚାଇ ଏହି ସର୍ଭେ କରିବାକୁ ପଡ଼ିବ। ବୈଜ୍ଞାନିକ ସର୍ବେକ୍ଷଣ ଜରିଆରେ ଯାହାକୁ ଶିବଲିଙ୍ଗ ବୋଲି ଦାବି କରାଯାଉଛି ତାହା ବାସ୍ତବରେ ଶିବଲିଙ୍ଗ ନା ଅନ୍ୟ କିଛି ତାହା ସହଜରେ ଜଣାପଡ଼ିବ।

## ଛଅ 'ଆତଙ୍କବାଦୀ'ଙ୍କୁ କାବୁ କଲା ପୋଲିସ

ନୂଆଦିଲ୍ଲୀ : ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଲାହୋର ସ୍ଥିତ ଜମାନ ପାର୍କ ସ୍ଥିତ ବାସଭବନରୁ ଖସି ଯିବାକୁ ଚେଷ୍ଟା କରୁଥିବା ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଧରିଛି ପୁଲିସ। ଏହି ଆତଙ୍କବାଦୀମାନେ ଇମ୍ରାନଙ୍କ ଘରେ ଲୁଚି ରହିଥିଲେ। ଏହି ଆତଙ୍କବାଦୀମାନେ କୋର କମାଣ୍ଡରଙ୍କ ଘରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିବା ଘଟଣାରେ ସାମିଲ ଥିଲେ। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଉକ୍ତ ହିଂସା ଘଟଣାରେ ମୋଟ ୧୪ ଜଣଙ୍କୁ ଗିରଫ କରାଯାଇ ସାରିଲାଣି ବୋଲି ପୁଲିସ କହିଛି। ଇମ୍ରାନ ଖାନଙ୍କ ଘରେ ୩୦ରୁ ୪୦ ଜଣ ଆତଙ୍କବାଦୀ ଲୁଚି ରହିଥିବା ପ୍ରଥମେ ସୁରକ୍ଷାକର୍ମୀମାନେ ଦାବି କରିଥିଲେ। ସେମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ହସ୍ତାନ୍ତର କରିବାକୁ ଇମ୍ରାନ ଖାନଙ୍କୁ ମହଲତ ଦିଆଯାଇଥିଲା। ଏଥିପାଇଁ ତାଙ୍କ ଘର ଚାରିପାଖରେ ବିପୁଳ ସଂଖ୍ୟାରେ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

## ଆଦାନି-ହିଣ୍ଡେନବର୍ଗ ବିବାଦ: କୌଣସି ନିୟମର ଉଲ୍ଲଙ୍ଘନ ହୋଇ ନଥିବା କହିଲେ ତଦନ୍ତ ପ୍ୟାନେଲ୍

ନୂଆଦିଲ୍ଲୀ : ଆଦାନି ଗ୍ରୁପ୍ ଷ୍ଟକର ମୂଲ୍ୟକୁ କୌଣସି ପ୍ରକାରର ଅତିରଞ୍ଜିତ କରାଯାଇନି। କୃତ୍ରିମ ଟ୍ରେଡିଂ ମଧ୍ୟ ଗ୍ରୁପ୍ ସହ ଜଡ଼ିତ ନାହିଁ। ଆଦାନି ଗ୍ରୁପ୍ କୌଣସି ପ୍ରକାରର ନିୟମର ଉଲ୍ଲଙ୍ଘନ କରି ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ହିଣ୍ଡେନବର୍ଗ ବିବାଦ ଘଟଣାରେ ଗଠିତ ସୁପ୍ରିମକୋର୍ଟ ପ୍ୟାନେଲ ଏପରି ରିପୋର୍ଟ ଦେଇଛି। ପ୍ୟାନେଲ ତା'ର ତଦନ୍ତ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଥିବା ବେଳେ ପ୍ରାଥମିକ ଅବସ୍ଥାରେ ଆଦାନି ଗ୍ରୁପରେ କୌଣସି ପ୍ରକାରର ହେରଫେର ହୋଇ ନଥିବା କହିଛି। ସେହିପରି ସେବି ପକ୍ଷରୁ ମଧ୍ୟ କୌଣସି ପ୍ରକାରର ନିୟମର ଉଲ୍ଲଙ୍ଘନ କରାଯାଇନି ବୋଲି ରିପୋର୍ଟରେ କୁହାଯାଇଛି। ସୁପ୍ରିମକୋର୍ଟ ନିଯୁକ୍ତ ପ୍ୟାନେଲ ତା' ରିପୋର୍ଟରେ କହିଛି ଯେ ଆଦାନି ଗ୍ରୁପ୍ ପକ୍ଷରୁ ଶେୟାର ମୂଲ୍ୟରେ କୌଣସି ପ୍ରକାରର ହେରଫେର କରାଯାଇନି। ରିପୋର୍ଟରେ କୁହାଯାଇଛି ଯେ ସେବି ୨୦୨୦ରୁ ବିଦେଶର ୧୩ଟି ସଂସ୍ଥାର ତଦନ୍ତ କରୁଥିଲେ ହେଁ ଏଯାଏ ସେମାନଙ୍କ ମାଲିକାନା ସମ୍ପର୍କରେ



ଜାଣିପାରିନାହିଁ। ଆଦାନି ଗ୍ରୁପରେ ବେଆଇନ ନିବେଶର କୌଣସି ପ୍ରକାରର ପ୍ରମାଣ ମିଳିନି। ଗ୍ରୁପରେ ପୁଞ୍ଜିନିବେଶ କରି ଲାଭବାନ ହୋଇଥିବା ମାଲିକମାନଙ୍କ ନାଁ ଆଦାନି ଗ୍ରୁପ ସାର୍ବଜନୀନ କରିଛି। ଆଦାନି ଗ୍ରୁପ୍‌ରୁ ସେବି ପାଇଥିବା ତଥ୍ୟକୁ ଭୁଲ ବୋଲି କହିନାହିଁ। ସର୍ବନିମ୍ନ ପବ୍ଲିକ ଶେୟାର ହୋଲ୍ଡିଂକୁ ନେଇ ମଧ୍ୟ ସବୁ ପ୍ରକାରର ନିୟମକୁ ପାଳନ କରାଯାଇଛି। ହିଣ୍ଡେନବର୍ଗ ରିପୋର୍ଟ ପରେ ଆଦାନି ଗ୍ରୁପରେ ରିଟେଲ ନିବେଶର ଭାଗ ବଢ଼ିଛି। ହିଣ୍ଡେନବର୍ଗ ରିପୋର୍ଟ ପରେ ଶର୍ଟସେଲରମାନେ ଲାଭ ପାଇଛନ୍ତି। ଏହାର ତଦନ୍ତ କରାଯାଉ। ତେବେ ପ୍ୟାନେଲ ଦେଉଥିବା ରିପୋର୍ଟ ଚୂଡ଼ାନ୍ତ ନୁହେଁ।

## ହିରୋସୀମାରେ ମୋଦୀଙ୍କୁ ଭେଟିବେ ଜେଲେନସ୍କି

ହିରୋସିମା: ଜାପାନର ହିରୋସିମାଠାରେ ଚାଲିଥିବା ଜି-୭ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନର



ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଭେଟିବାର ସମ୍ଭାବନା ରହିଛି। ୟୁକ୍ରେନରେ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଦୁଇ ନେତା ପରସ୍ପରକୁ ଭେଟିବେ। ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ ଏବଂ ଶନିବାର ହିରୋସିମାରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ୟୁକ୍ରେନର ଉପବୈଦେଶିକ ମନ୍ତ୍ରୀ ଏମିନ ଜାପାରୋଭା ନୂଆଦିଲ୍ଲୀ ଗସ୍ତ କରି ୟୁକ୍ରେନର ଶାନ୍ତି ଯୋଜନାକୁ ସମର୍ଥନ କରିବାକୁ ଭାରତକୁ ଅନୁରୋଧ କରିଥିଲେ। ଏହା ସହିତ ଭାରତରେ ହେବାକୁ ଥିବା ଜି-୨୦ ବୈଠକରେ ଯୋଗ ଦେବାକୁ ଜେଲେନସ୍କିଙ୍କୁ ଆମନ୍ତ୍ରଣ କରିବାକୁ ସେ ଅନୁରୋଧ କରିଥିଲେ। ୟୁକ୍ରେନରେ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଥରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିଛନ୍ତି। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ କହିଥିଲେ ଯେ ଏହା ଯୁଦ୍ଧର ଯୁଗ ନୁହେଁ। ମୋଦୀଙ୍କ ଏହି ବୟାନକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହୋଇଥିଲା।

### ସିବିଆଇର ବଡ଼ ଖୁଲାସା

## ପ୍ରମାଣ ନଷ୍ଟ କରିବାକୁ ଫୋନ୍ ଭାଙ୍ଗିଥିଲେ ସିସୋଦିଆ

ନୂଆଦିଲ୍ଲୀ: ମଦ ନୀତି ଦୁର୍ନୀତି ମାମଲାରେ ଜେଲ୍‌ରେ ଥିବା ମନୀଷ ସିସୋଦିଆଙ୍କ ବିରୋଧରେ ବଡ଼ ଖୁଲାସା କରିଛି ସିବିଆଇ। ପ୍ରମାଣ ନଷ୍ଟ କରିବାକୁ ସିସୋଦିଆ ତାଙ୍କର ଦୁଇଟି ଫୋନ୍‌କୁ ଭାଙ୍ଗି ଦେଇଥିବା ସେ ସ୍ୱୀକାର କରିଛନ୍ତି ବୋଲି ସିବିଆଇ କହିଛି। ମଦ ଦୁର୍ନୀତି ମାମଲାରେ ସିସୋଦିଆଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି



ସିବିଆଇ। ଦଳକୁ ଆର୍ଥିକ ଲାଭ ପହଞ୍ଚାଇବା ପାଇଁ ଚେଷ୍ଟା କରିବା ସହ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିବା ଅଭିଯୋଗରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ସିବିଆଇର ସୂଚନା ଅନୁସାରେ, ୨୦୨୦ ଜାନୁଆରୀରୁ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ମନୀଷ ୩ଟି ମୋବାଇଲ୍ ଫୋନ୍ ବ୍ୟବହାର କରିଥିଲେ। ସିବିଆଇ ତାଙ୍କ ଘରେ ଚଢ଼ାଉ କରିବା ପରେ ୨୦୨୨ ଅଗଷ୍ଟ ୧୯ ତାରିଖରେ ତାଙ୍କର ଶେଷ ଫୋନ୍ ଜବତ କରିଥିଲା। ସିସୋଦିଆ ଜବତ ଫୋନ୍‌କୁ ୨୦୨୨ ଜୁଲାଇ ୨୨ ପର୍ଯ୍ୟନ୍ତ ବ୍ୟବହାର କରିଥିଲେ। ଜୁଲାଇ ୨୨ ତାରିଖରେ ଦିଲ୍ଲୀ ଉପରାଜ୍ୟପାଳ ମାମଲାର ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସିସୋଦିଆଙ୍କୁ ସିବିଆଇ ତଦନ୍ତ ଖବର ମିଳିବା ପରେ ସେ ତାଙ୍କ ପୁରୁଣା ଫୋନ୍ ଭାଙ୍ଗି ନୂଆ ଫୋନ୍ ବ୍ୟବହାର କରିଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ଏବେ ପଚରାଉଚରା ବେଳେ ପୁରୁଣା ଫୋନ୍ ଭାଙ୍ଗିଥିଲେ ବୋଲି ସିସୋଦିଆ ସ୍ୱୀକାର କରିଥିବା ସିବିଆଇ

## ରାଜୀବ ଯୁବା ମିତାନ କ୍ଲବ୍‌କୁ ୭.୭୧କୋଟିର ସହାୟତା

ରାୟପୁର : ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ୧୩ଜିଲ୍ଲାର ୩୦୮୫ ରାଜୀବ ଯୁବା ମିତାନ କ୍ଲବ୍‌କୁ ୭କୋଟି ୭୧ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦେଇଛନ୍ତି। ଏ ନେଇ ଗତ ୨୧ତାରିଖରେ ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ପୁଣ୍ୟତିଥି ଅବସରରେ ଆୟୋଜିତ ଭରସା ମେଳାରେ ଶ୍ରୀ ବାଘେଲ ଏହି ଘୋଷଣା କରିଥିଲେ। ଯୁବବର୍ଗଙ୍କୁ ରଚନାତ୍ମକ କାର୍ଯ୍ୟରେ



ସାମିଲ କରିବା ଉଦ୍ଦେଶ୍ୟରେ ଏହି ରାଜୀବ ଯୁବା ନିତାନ କ୍ଲବ୍ ଗଠନ କରାଯାଇଛି। ଛତିଶଗଡର ବିଭିନ୍ନ ଜିଲ୍ଲାରେ ୧୩,୨୪୨ଟି କ୍ଲବ ଗଠନ କରାଯାଇ ସଫଳତା ପୂର୍ବକ କାର୍ଯ୍ୟକାରି କରାଯାଉଛି। ଏହି କ୍ଲବ୍ ଗୁଡିକ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

## କେନ୍ଦ୍ର ସରକାରଙ୍କୁ ୮୭,୪୧୬ କୋଟି ଦେବ ଆର୍‌ବିଆଇ

ମୁମ୍ବାଇ: ମାଲାମାଲ୍ ହେବେ କେନ୍ଦ୍ରର ମୋଦୀ ସରକାର। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) କେନ୍ଦ୍ର ସରକାରଙ୍କୁ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଡିଭିଡେଣ୍ଡ ଫଣ୍ଡ ଭାବେ ୮୭,୪୧୬ କୋଟି ଟଙ୍କା ଦେବା ପ୍ରସ୍ତାବକୁ ଶୁକ୍ରବାର ମଞ୍ଜୁରୀ ଦେଇଛନ୍ତି। ଗତବର୍ଷର ଡିଭିଡେଣ୍ଡ ଫଣ୍ଡ ତୁଳନାରେ ଏଥର ୨ ଗୁଣ ଅଧିକ ରହିଛି। କେନ୍ଦ୍ରୀୟ ବ୍ୟାଙ୍କ ଏତେ ଅର୍ଥ ଦେବେ ବୋଲି ମୋଦୀ ସରକାର ଭାବି ବି ନଥିଲେ। ଆର୍ଥିକ ବର୍ଷ ୨୦୨୧-୨୨ରେ ଆରବିଆଇ ଡିଭିଡେଣ୍ଡ ଫଣ୍ଡ ବାବଦରେ କେନ୍ଦ୍ର ସରକାରଙ୍କୁ ୩୦,୩୦୭ କୋଟି ଟଙ୍କା ପ୍ରଦାନ କରିଥିଲା। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆରବିଆଇର କେନ୍ଦ୍ରୀୟ ନିର୍ଦ୍ଦେଶକ ମଣ୍ଡଳର ୬୦୨ତମ ବୈଠକରେ ଡିଭିଡେଣ୍ଡ ଫଣ୍ଡକୁ ନେଇ ଆଜି ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ନିଜ ବିବୃତିରେ କହିଛନ୍ତି, ନିର୍ଦ୍ଦେଶକ



ମଣ୍ଡଳୀ କୌଣସି ପ୍ରକାରର ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ 'କଣ୍ଟିନଜେନ୍ସି ରିସ୍କ ବଫର'କୁ ୬ ପ୍ରତିଶତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ବଳକା ଭାବେ ୮୭,୪୧୬ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବାକୁ ମଞ୍ଜୁରୀ ଦେଇଛି। ନିର୍ଦ୍ଦେଶକ ମଣ୍ଡଳୀ ବୈଶ୍ୱିକ ସହ ଘରୋଇ ଆର୍ଥିକ ଏବଂ ଏହା ସଂପର୍କିତ ସ୍ଥିତିର ସମୀକ୍ଷା ମଧ୍ୟ କରିଛନ୍ତି। ଏଥିସହ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ବାର୍ଷିକ ରିପୋର୍ଟକୁ ମଣ୍ଡଳୀ ମଞ୍ଜୁରୀ ଦେଇଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: ଦୁଇଚକିଆ ଇଲେକ୍ଟ୍ରିକ୍ ଯାନ (ଇଭି) ଉପର ଦିଆଯାଉଥିବା ସବ୍‌ସିଡି ରାଶିକୁ କେନ୍ଦ୍ର ସରକାର ହ୍ରାସ କରିଛି। ଯାହାଫଳରେ ଇଲେକ୍ଟ୍ରିକ୍ ସ୍କୁଟର ମହଙ୍ଗା ହେବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରତି କିଲୋୱାଟ୍ ଆୱାର ପିଛା ଦିଆଯାଉଥିବା ୧୫ ହଜାର ଟଙ୍କା ସବ୍‌ସିଡିକୁ ୧୦ ହଜାର ଟଙ୍କାକୁ ହ୍ରାସ କରାଯାଇଛି। ଇଭି ନିର୍ମାଣ କରୁଥିବା କଂପାନିଗୁଡ଼ିକୁ ୧୭ ହଜାର ଟଙ୍କାରୁ ୬୬ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦିଆଯାଉଛି। ନୂଆ ନିୟମ ପରେ ଏହି ରାଶି ୧୫-୨୦ ହଜାର ଟଙ୍କାକୁ ହ୍ରାସ ପାଇବ। ଇଭିର ବଜାର ପ୍ରବେଶ ସମୟରେ ଫେମ୍-୨ ମାଧ୍ୟମରେ କିଲୋୱାଟ୍ ଆୱାର ପିଛା ୧୦ ହଜାର ଟଙ୍କାର ସବ୍‌ସିଡି ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତାହା ୧୫ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ଏବେ ପୁଣି ତାହା ୧୦ ହଜାର ଟଙ୍କାକୁ ଖସିଆସିଛି। ଦେଶରେ ଦୁଇଚକିଆ ଇଭିର ଗ୍ରହଣୀୟତା ବଢ଼ାଇବା ଲାଗି ୨୦୧୯ ଏପ୍ରିଲରେ ପାଞ୍ଚ ବର୍ଷିଆ ଯୋଜନା ଫେମ୍-୨ ଆରମ୍ଭ କରାଯାଇଥିଲା।

## ମାଲାବାର ଗୋଲ୍ଡ ଏବଂ ହୀରା ଭାରତର ପ୍ରଥମ ଅଳଙ୍କାର ଗୋଷ୍ଠୀ

କୋଜିକୋଡେ: ଦେଶର ବୃହତ୍ତମ ସୁନା ଏବଂ ହୀରା ଖୁଚୁରା ଚେନ୍ ମଧ୍ୟରୁ ମାଲାବାର ସୁନା ଏବଂ ହୀରା, ଭାରତର ପ୍ରଥମ ଅଳଙ୍କାର ଗୋଷ୍ଠୀ ଭାବରେ ବିଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକଙ୍କ ଠାରୁ ଶୁଳ୍କ ହାର କୋଟା ଲାଇସେନ୍ସ ହାସଲ କଲା) ଯେଉଁଥିରେ ସେମାନେ ଇଣ୍ଡିଆ ଇଣ୍ଟରନ୍ୟାସନାଲ ବୁଲିଅନ୍ ଏକ୍ସଚେଞ୍ଜ ମାଧ୍ୟମରେ ସୁନା ଆମଦାନି କରିପାରିବେ। ମାଲବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ହେଉଛି ପ୍ରଥମ ଯୋଗ୍ୟ ଅଳଙ୍କାର ଯିଏକି ଆଇଆଇବିଏକ୍ସ ମାଧ୍ୟମରେ ଭାରତ-ୟୁଏଇ ସିଇପିଏ ଅଧୀନରେ ଆଇଆଇବିଏକ୍ସ ଉପରେ ସୁନା କିଣିବା ପାଇଁ ବାଣିଜ୍ୟ କରିଥିଲେ। ଗୁଜୁରାଟ ଇଣ୍ଟରନ୍ୟାସନାଲ ଫାଇନାନ୍ସ ଟେକ୍ ସିଟି (ଜିଆଇଏଫ୍‌ଟି ସିଟି) ଏସ୍‌ଇଜେଡ୍‌ରେ ଭାରତୀୟ କଷ୍ଟମ୍ସ ଇଲେକ୍ଟ୍ରୋନିକ୍ ଡାଟା ଇଣ୍ଟରଚେଞ୍ଜ ଗେଟୱେ ସକ୍ଷମ ହେବା ସହିତ ଏହା ସମ୍ଭବ ହୋଇପାରିଛି। ମାଲାବାର ଗ୍ରୁପସାଇଡ, ଚେୟାରମ୍ୟାନ୍ ଏମ୍.ପି. ଆମେ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ ଯେଉଁମାନେ ଏହି କାରବାର ସମ୍ଭବ କରିଛନ୍ତି। ଏହା ଆମର ମିଶନକୁ ଆହୁରି ମଜବୁତ କରିବ 'ମେକ୍ ଇନ୍ ଇଣ୍ଡିଆ ମାର୍କେଟ ଟୁ ୱାର୍ଲ୍ଡ'। ଟିଆରକ୍ୟୁ ଲାଇସେନ୍ସ ମଧ୍ୟ ଆମ ପାଇଁ ବିଶ୍ୱର ଏକ ନମ୍ବର ଅଳଙ୍କାର ଗୋଷ୍ଠୀ ହେବା ପାଇଁ ବାଟ ଖୋଲିବ। ମାଲାବାର ଗୋଲ୍ଡ ଏବଂ ହୀରା ଭାରତର ପ୍ରଥମ ଅଳଙ୍କାର ଯାହାକି ଶତପ୍ରତିଶତ ଏଚ୍‌ୟୁଆଇଡି ହଲମାର୍କିଂ ଅଳଙ୍କାର ଆଣିଛି। ବର୍ତ୍ତମାନ ୧୦ ଟି ଦେଶରେ ୩୧୫ ଶୋ'ରୁମ୍ ଏବଂ ୧୪ ଟି ଅଳଙ୍କାର ଉତ୍ପାଦନ କାରଖାନା ଅଛି। ମାଲାବାର ଗ୍ରୁପ୍ ଇଜିଏସ୍ (ପରିବେଶ ସାମାଜିକ ଶାସନ) ମାନଦଣ୍ଡକୁ କଠୋର ଭାବେ ପାଳନ କରେ ଏବଂ ପରିବେଶ ଏବଂ ସାମାଜିକ ପ୍ରତିବଦ୍ଧତା ପୂରଣ ଦିଗରେ କାର୍ଯ୍ୟ କରୁଛି।

## ଗେମିଂ ସର୍ବାଧିକ ଉଲଂଘନକାରୀ କ୍ଷେତ୍ର ଭାବେ ଉଭା ହୋଇଛି : ଏଏସ୍‌ସିଆଇ

ମୁମ୍ବାଇ : ଭାରତୀୟ ବିଜ୍ଞାପନ ମାନକ ପରିଷଦ(ଏଏସସିଆଇ) ପକ୍ଷରୁ ୨୦୨୨-୨୩ ବର୍ଷ ପାଇଁ ଏହାର ବାର୍ଷିକ ଅଭିଯୋଗ ରିପୋର୍ଟ ଜାରି କରାଯାଇଛି। ଏଥିରେ ବିଶେଷ କରି ଡିଜିଟାଲ କ୍ଷେତ୍ର ସହ ଜଡ଼ିତ ବିଜ୍ଞାପନ ସମ୍ବନ୍ଧୀୟ ଅନେକ ଆଶ୍ଚର୍ଯ୍ୟଜନକ ପର୍ଯ୍ୟବେକ୍ଷଣ ସାମିଲ ରହିଛି। ଏହି ଅବଧିରେ ଏଏସସିଆଇ ପ୍ରିଣ୍ଟ, ଡିଜିଟାଲ ଏବଂ ଟେଲିଭିଜନ ସମେତ ବିଭିନ୍ନ ମିଡିଆର ୭,୯୨୮ଟି ବିଜ୍ଞାପନର ସମୀକ୍ଷା କରିଥିଲା। ଗତ ଦୁଇବର୍ଷ ମଧ୍ୟରେ ଏଏସସିଆଇ ବିଜ୍ଞାପନ ଯାଞ୍ଚକୁ ପ୍ରାୟ ୨ଗୁଣା ବୃଦ୍ଧି କରିଛି। ଟିଭି ଏବଂ ପ୍ରିଂଟ ବିଜ୍ଞାପନଦାତାମାନେ ୯୪% ଅନୁପାଳନ କରିଥିବାବେଳେ ଡିଜିଟାଲ ହେତୁ ସାମଗ୍ରିକ ଅନୁପାଳନ ୮୧% କମ ଥିଲା। ତେଣୁ ଡିଜିଟାଲ ସ୍ପେସରୁ ଆସିଥିବା ୭୫% ବିଜ୍ଞାପନ ପ୍ରକ୍ରିୟାକରଣରେ ଡିଜିଟାଲ ବିଜ୍ଞାପନ କେବଳ ଏକ ପ୍ରମୁଖ ଉଲଂଘନକାରୀ ଭାବେ ଉଭା ହୋଇନଥିଲା ବରଂ ସର୍ବନିମ୍ନ ଅନୁପାଳନ ମଧ୍ୟ ହୋଇଥିଲା। ଅନ୍‌ଲାଇନ ସ୍ପେସରେ ଗ୍ରାହକଙ୍କ ସୁରକ୍ଷାକୁ ନେଇ ଏହା ଗମ୍ଭୀର ଚିନ୍ତା ବଢ଼ାଉଛି। ରିପୋର୍ଟ ଅନୁଯାୟୀ ପଞ୍ଚମ ସ୍ଥାନରୁ ପ୍ରଥମ ସ୍ଥାନକୁ ଉଠିଆସିଥିବା ପ୍ରକୃତ-ଟଙ୍କା ଗେମିଙ୍ଗ ଉଦ୍ୟୋଗ ଶିକ୍ଷା କ୍ଷେତ୍ରକୁ ଅତିକ୍ରମ କରି ସର୍ବାଧିକ ଉଲଂଘନକାରୀ କ୍ଷେତ୍ର ଭାବେ ଉଭା ହୋଇଥିଲା। ଏହି ରିପୋର୍ଟରେ ବିଭ୍ରାନ୍ତିକର ବିଜ୍ଞାପନରେ ସେଲିବ୍ରିଟିଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଥିବା ପ୍ରକାଶିତ ହୋଇଥିଲା। ଗ୍ରାହକ ସୁରକ୍ଷା ଅଧିନିୟମ ଅନୁଯାୟୀ ଅନିବାର୍ଯ୍ୟ ଅଧ୍ୟବସାୟ ପ୍ରମାଣ ପ୍ରଦାନ କରିବାରେ ସେଲିବ୍ରିଟିମାନେ ୯୭% ବିଜ୍ଞାପନରେ ବିଫଳ ହୋଇଥିଲେ। ଏହା ପୁଣି ଏକ ଗମ୍ଭୀର ବିଷୟ କାରଣ ସେଲିବ୍ରିଟିଙ୍କ ଦ୍ୱାରା ବିଜ୍ଞାପନଗୁଡ଼ିକ ଗ୍ରାହକଙ୍କ ଉପରେ ଅଧିକ ପ୍ରଭାବ ପକାଇଥାଏ। ଏସମ୍ପର୍କରେ ଏଏସସିଆଇ ଅଧ୍ୟକ୍ଷ ଏନଏସ ରାଜନ କହିଛନ୍ତି ଯେ, "ଡିଜିଟାଲ ବିଜ୍ଞାପନ ପରିଦୃଶ୍ୟ ଆମ ସମସ୍ତଙ୍କୁ ବାସ୍ତବରେ ଆହ୍ୱାନ ଦେଉଛି ଏବଂ ଏଏସସିଆଇ ଏହାର ବ୍ୟତିକ୍ରମ ନୁହେଁ। ସେହିଭଳି ଏଏସସିଆଇ ସିଇଓ ତଥା ସେକ୍ରେଟାରୀ ଜେନେରାଲ ମନୀଷା କପୁର କହିଛନ୍ତି ଯେ, "୨୦୨୨-୨୩ ଅଭିଯୋଗ ବିଶ୍ଳେଷଣ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଉଲଂଘନକାରୀ ବିଜ୍ଞାପନ ଦୃଷ୍ଟିରୁ ଡିଜିଟାଲ ମଧ୍ୟ ଆଗରେ ରହିଛି।

## କ୍ଲାଉଡ ଭିତ୍ତିଭୂମି କ୍ଷେତ୍ରରେ ୧,୦୫,୬୦୦ କୋଟି ନିବେଶ କରିବ ଏଡବ୍ଲ୍ୟୁଏସ୍

ନୂଆଦିଲ୍ଲୀ : ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହା ଭାରତରେ କ୍ଲାଉଡ୍ ସେବା ପାଇଁ ବଢ଼ୁଥିବା ଗ୍ରାହକ ଚାହିଦାକୁ ପୂରଣ କରିବା ଲାଗି ୨୦୩୦ ସୁଦ୍ଧା ଦେଶରେ କ୍ଲାଉଡ୍ ଭିତିଭୂମି କ୍ଷେତ୍ରରେ ୧୦୫,୬୦୦ କୋଟି ଟଙ୍କା(୧୨.୭ ବିଲିୟନ ଡଲାର) ନିବେଶ କରିବାକୁ ଯୋଜନା ରଖିଛି। ଏହି ନିବେଶ ୨୦୩୦ ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୧୯୪,୭୦୦ କୋଟି ଟଙ୍କା (୨୩.୩ ବିଲିୟନ ଡଲାର)ର ଯୋଗଦାନ ଦେବ ବୋଲି ଆକଳନ କରାଯାଇଛି। ଭାରତରେ ଡାଟା ସେଣ୍ଟର ଭିତିଭୂମିରେ ଏହି ଯୋଜନାଗତ ନିବେଶ ପ୍ରତିବର୍ଷ ଭାରତୀୟ ବ୍ୟବସାୟଗୁଡିକରେ ହାରାହାରି ୧୩୧,୭୦୦ ପୂର୍ଣ୍ଣକାଳିନ ନିଯୁକ୍ତି (ଏଫ୍‌ଟିଇ)କୁ ସମର୍ଥନ କରିବ। କନଷ୍ଟ୍ରକ୍‌ଶନ, ଫ୍ୟାସିଲିଟି ମେଣ୍ଟେନାନ୍ସ, ଇଞ୍ଜିନିୟରିଂ, ଟେଲିକମ୍ୟୁନିକେଶନ୍ସ ଓ ଅନ୍ୟାନ୍ୟ ନିଯୁକ୍ତି ସମେତ ଏହି ପଦବୀଗୁଡିକ ଭାରତରେ ଡାଟା ସେଣ୍ଟର ଯୋଗାଣ ଶୃଙ୍ଖଳାର ଅଂଶ ଅଟେ। ଏହା ୨୦୧୬-୨୦୨୨ ମଧ୍ୟରେ ଏଡବ୍ଲ୍ୟୁଏସର ୩୦,୯୦୦ କୋଟି ଟଙ୍କା (୩.୭ ବିଲିୟନ ଡଲାର)ର ନିବେଶକୁ ଅନୁସରଣ କରୁଛି ଯାହା ଭାରତରେ ଏଡବ୍ଲ୍ୟୁଏସର ମୋଟ ନିବେଶକୁ ୨୦୩୦ ସୁଦ୍ଧା ୧୩୬,୫୦୦ କୋଟି ଟଙ୍କା (୧୬.୪ ବିଲିୟନ ଡଲାର)ରେ ପହଞ୍ଚାଇବ। ଏ ସମ୍ପର୍କରେ ଭାରତର ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି। ସେହିପରି ଏଡବ୍ଲ୍ୟୁଏସ୍ ଇଣ୍ଡିଆ ଓ ସାଉଥ୍ ଏସିଆ (ଆମାଜନ ୱେବ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)ର ବାଣିଜ୍ୟିକ ବ୍ୟବସାୟ ବିଭାଗର ଅଧ୍ୟକ୍ଷ ପୁନିତ୍ ଚନ୍ଦୋକ୍ କହିଛନ୍ତି, 'ଡିଜିଟାଲ ରୂପାନ୍ତରଣ ପାଇଁ କ୍ଲାଉଡ୍‌ର ବ୍ୟବହାର କ୍ଷେତ୍ରରେ ଆମେ ଦେଖିଥିବା ଉଲ୍ଲେଖନୀୟ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ୨୦୧୬ ପରଠାରୁ ଏଡବ୍ଲ୍ୟୁଏସ୍ ଭାରତରେ କ୍ଲାଉଡ୍ ଭିତିଭୂମି କ୍ଷେତ୍ରରେ କୋଟି କୋଟି ଡଲାର ନିବେଶ କରିଛି। ଏଡବ୍ଲ୍ୟୁଏସ୍ ଭାରତରେ ସକାରାତ୍ମକ ସାମାଜିକ ଓ ଅର୍ଥନୈତିକ ପ୍ରଭାବକୁ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ରହିଛି।

## ଏୟାରଟେଲ୍ ପେମେଣ୍ଟସ୍ ବ୍ୟାଙ୍କର ୧୨୯୧ କୋଟିର ରାଜସ୍ୱ ଲାଭ

ନୂଆଦିଲ୍ଲୀ : ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ, ୨୦୨୨-୨୩ ଆର୍ଥିକ ଆର୍ଥିକ ବର୍ଷ ପାଇଁ ବ୍ୟାଙ୍କ ୩୭% ବୃଦ୍ଧି ସହ ୧୨୯୧ କୋଟି ଟଙ୍କାର ରାଜସ୍ୱ ଅଭିବୃଦ୍ଧି ରେକର୍ଡ କରିଛି, ଏଥିସହିତ ୧୪୧% ବୃଦ୍ଧି ସହିତ ବ୍ୟାଙ୍କର ଲାଭ ୨୧.୭ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ନୂଆ ଉପଭୋକ୍ତାଙ୍କ ଯୋଗ ଦ୍ୱାରା ପରିଚାଳିତ ବ୍ୟାଙ୍କର ଗ୍ରାହକ ଜମା ବାର୍ଷିକ ଆଧାରରେ ୫୯% ବୃଦ୍ଧି ହୋଇ ୧୮୬୦ କୋଟି ଟଙ୍କା ରହିଛି। ବ୍ୟାଙ୍କରେ ବର୍ତ୍ତମାନ ୫୪.୭ ମିଲିୟନରୁ ଅଧିକ ମାସିକ ଟ୍ରାକ୍ଟିଙ୍ଗ ୟୁଜର୍ ଏବଂ ୨୦୧୫ ବିଲିୟନ ଟଙ୍କାରୁ ଅଧିକ ଗ୍ରସ୍ ମର୍ଚ୍ଚାଣ୍ଡାଇଜ୍ ଭାଲ୍ୟୁ (ଜିଏମ୍‌ଭି) ରହିଛି। ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ୨୦୨୨-୨୩ ଆର୍ଥିକ ବର୍ଷର ରାଜସ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୈମାସିକ ଅଭିବୃଦ୍ଧି ପଞ୍ଜିକୃତ କରିଛି, ଏହାମଧ୍ୟରୁ ୪ର୍ଥ ତ୍ରୈମାସ ୩୭୯ କୋଟି ଟଙ୍କାର ରାଜସ୍ୱ ସହିତ ସବୁଠାରୁ ଶକ୍ତିଶାଳୀ ଥିଲା ଯାହାକି ଏହା ପୂର୍ବ ତ୍ରୈମାସ ତୁଳନାରେ ୧୯%ର କ୍ରମାଗତ ବୃଦ୍ଧି ଅଟେ। ବ୍ୟାଙ୍କ ଏହାର ବହୁମୁଖୀ ଉତ୍ପାଦ ଅଫରିଙ୍ଗ ଯେପରିକି ଡିଜିଟାଲ ପେମେଣ୍ଟ, ଅର୍ଥ ହସ୍ତାନ୍ତର, ବୀମା, ରେଫେରାଲ କ୍ରେଡିଟ୍ ଆଦି ପାଇଁ ଏକ ମଜଭୁତ ଗ୍ରହଣୀୟତା ପଞ୍ଜୀକୃତ କରିଛି। ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ ବର୍ତ୍ତମାନ ଏହାର ପ୍ଲାଟ୍‌ଫର୍ମରେ ବାର୍ଷିକ ୭୦୦ କୋଟି ଟ୍ରାନ୍‌ଜେକ୍ସନ ପ୍ରୋସେସ କରୁଛି ଯାହା ଏହାକୁ ଦ୍ରୁତ-ଅଭିବୃଦ୍ଧିଶୀଳ ଡିଜିଟାଲ ବ୍ୟାଙ୍କରେ ପରିଣତ କରୁଛି। ଏସମ୍ପର୍କରେ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି, ଚଳିତ ବର୍ଷ ଆମର ଅଭିବୃଦ୍ଧି ଯାତ୍ରାରେ ଏକ ଚମତ୍କାର ବର୍ଷ ଅଟେ। ଆମର ବିଶ୍ୱସନୀୟ ବ୍ରାଣ୍ଡ ଓ ଅଭିନବ ଉତ୍ପାଦଗୁଡିକ ଆମକୁ ଆମର ଅଭିବୃଦ୍ଧିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସୁବ୍ୟବସ୍ଥିତ କରିଛି।

## ନୂଆ ରିଅଲ୍‌ମି ନାର୍‌ଜୋ ଏନ୍‌୫୩ ଉନ୍ମୋଚିତ

ମୁମ୍ବାଇ : ଭାରତର ସବୁଠାରୁ ବିଶ୍ୱସନୀୟ ଟେକ୍ନୋଲୋଜି ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଏହାର ନୂଆ ସ୍ମାର୍ଟଫୋନ୍ ରିଅଲ୍‌ମି ନାରଜୋ ଏନ୍‌୫୩ର ଶୁଭାରମ୍ଭ ହୋଇଯାଇଛି। ଯେଉଁଥିରେ ଏକ ପତଳା ଫର୍ମ ଫ୍ୟାକ୍ଟର ଓ ପରବର୍ତ୍ତୀ ପିଢିର ଉପଭୋକ୍ତାଙ୍କ ପାଇଁ ଅତ୍ୟାଧୁନିକ ଫିଚର ରହିଛି। ଏହି ସ୍ମାର୍ଟଫୋନ୍ ହେଉଛି ରିଅଲ୍‌ମି ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସବୁଠାରୁ ପତଳା ସ୍ମାର୍ଟଫୋନ ଏବଂ ଏହା ୩୩ୱାଟ୍ ଫାଷ୍ଟ ଚାର୍ଜିଙ୍ଗ ଟେକ୍ନୋଲୋଜି ଓ ଏକ ଶିଳ୍ପ-ଅଗ୍ରଣୀ ୫୦ଏମ୍‌ପି ଏଆଇ କ୍ୟାମେରା ସହ ସୁସଜ୍ଜିତ ରହିଛି। ଏହାବ୍ୟତୀତ ଏଥିରେ ଏକ ୮ଏମ୍‌ପି ସେଲ୍‌ଫି କ୍ୟାମେରା ଓ ଏକାଧିକ ଫଟୋଗ୍ରାଫି ଫଙ୍କସନ ସମେତ ନାଇଟ ମୋଡ୍, ଏଆଇ ସିନ୍ ରେକଗ୍ନିଶନ, ବୁକେ ଇଫେକ୍ଟ କଣ୍ଟ୍ରୋଲ ଆଦି ରୋଚକପୂର୍ଣ୍ଣ ଫଟୋଗ୍ରାଫି ବିକଳ୍ପ ରହିଛି। ଏକ ଦୀର୍ଘସ୍ଥାୟୀ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ସହିତ ରିଅଲ୍‌ମି ନାରଜୋ ଏନ୍‌୫୩ ମିନି କ୍ୟାପ୍‌ସୁଲ ସହ ସୁସଜ୍ଜିତ ହୋଇଆସୁଛି ଯାହା ଉପଭୋକ୍ତାଙ୍କୁ ୩ଟି ଅତ୍ୟାବଶ୍ୟକ ଫିଚର ପ୍ରଦାନ କରୁଛି। ଏହି ଫୋନ୍ ୟୁନିସକ୍ ଟି୬୧୨ ଚିପ୍‌ସେଟ୍ ଦ୍ୱାରା



ପରିଚାଳିତ। ଏହା ୧୨୮ଜିବି ପର୍ଯ୍ୟନ୍ତ ଡାଇନାମିକ୍ ରାମ୍ ଓ ଏକ ୯୦ଏଚ୍‌ଜେଡ୍ ଡିସ୍‌ପ୍ଲେ ସହ ଆସୁଛି। ରିଅଲ୍‌ମି ନାରଜୋ ଏନ୍‌୫୩ ଦୁଇଟି ଆକର୍ଷଣୀୟ ରଙ୍ଗ- ଫିଦର ଗୋଲ୍ଡ ଓ ଫିଦର ବ୍ଲାକରେ, ଦୁଇଟି ଭାରିଆଣ୍ଟ ୪ଜିବି+୬୪ଜିବି ଓ ୬ଜିବି+୧୨୮ଜିବିରେ ଉପଲବ୍ଧ ହେବ ଯାହାର ମୂଲ୍ୟ ଯଥାକ୍ରମେ ୮୯୯୯ ଟଙ୍କା ଓ ୧୦୯୯୯ ଟଙ୍କା ରହିଛି। ଏହାର ସ୍ୱତନ୍ତ୍ର ସେଲ୍ ଆସନ୍ତା ମେ' ୨୨ ତାରିଖ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ଲାଇଭ୍ ରହିବ ଏବଂ ଏହାର ପ୍ରଥମ ସେଲ୍ ଆସନ୍ତା ମେ' ୨୪ ତାରିଖ ଦିନ ୧୨ଟାରୁ ଆମାଜନ ଡଟ୍ ଇନ୍ ଓ ରିଅଲ୍‌ମି ଡଟ୍ କମ୍‌ରେ ଆରମ୍ଭ ହେବ ଯେଉଁଠାରେ ଗ୍ରାହକମାନେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ରିଅଲ୍‌ମି ନାରଜୋ ଏନ୍‌୫୩ର ଉନ୍ମୋଚନ ଅବସରରେ ରିଅଲ୍‌ମି ନାରଜୋର ବିଜନେସ ଡେଭ୍‌ଲପମେଣ୍ଟ ମ୍ୟାନେଜର ମନିଷ କୁମାର ମିଶ୍ର କହିଛନ୍ତି, 'ରିଅଲ୍‌ମିରେ ଆମେ ଏହି ସ୍ମାର୍ଟଫୋନ୍‌କୁ ବିକଶିତ କରିବାରେ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିବା ପାଇଁ ଆମାଜନ ସହ ମିଶି କାର୍ଯ୍ୟ କରିଛୁ ଯାହା ଅତ୍ୟାଧୁନିକ ଫିଚର ସହିତ ଷ୍ଟାଇଲ ଓ ଫଙ୍କଶନାଲିଟିକୁ ସମ୍ମିଶ୍ରଣ କରୁଛି।




ରାଉରକେଲା: ସ୍ଥାନୀୟ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମରେ ୧୩ତମ ଉପକନିଷ୍ଠ ବାଳକ ଜାତୀୟ ହକି ଟୁର୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ଦଳ ଚମତ୍କାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଆଜି ଓଡିଶା ତା'ର ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ସମ୍ପୂର୍ଣ୍ଣ ଏକତରଫାଭାବେ ୧୮-୦ ଗୋଲରେ ପରାସ୍ତ କରିଛି। ମ୍ୟାଚ୍‌ର ତୃତୀୟ ମିନିଟରେ ଓଡ଼ିଶାର ଇରେଙ୍ଗବାମ ରୋହିତ ସିଂହ ପ୍ରଥମ ଗୋଲ ଦେଇ ଦଳକୁ ୧- ୦ରେ ଆଗୁଆ କରିଥିଲେ। ଏହାପରେ ଓଡ଼ିଶାର ଖେଳାଳିମାନେ ଗୋଟିଏ ପରେ ଗୋଟିଏ ଗୋଲ ଦେଇ ଚାଲିଥିଲେ। ପରେ ରୋହିତଙ୍କ ଆଉ ଏକ ଗୋଲ (୨୮ମିନିଟ୍) ସମେତ ଦେଓନାଥ ନାନଓ୍ୱାରଙ୍କ ସର୍ବାଧିକ ୫ ଗୋଲ୍ (୧୬, ୩୫, ୩୬, ୪୦, ୪୯ ମିନିଟ୍), ଦୀପକ ପ୍ରଧାନଙ୍କ ୪ ଟି ଗୋଲ (୧୪, ୧୯, ୨୫, ୪୪ ମିନିଟ୍), ଯୋଜିନ ମିଞ୍ଜଙ୍କ ୩ଟି ଗୋଲ (୧୧, ୨୬, ୩୩ ମିନିଟ୍) ଏବଂ ସୁଦର୍ଶନ ଗୌଡ଼(୧୩ ମିନିଟ୍), ୟୁମଖାମ୍ ବିଦ୍ୟାନନ୍ଦ ସିଂହ (୪୩ ମିନିଟ୍), ପ୍ରଦୀପ ମଣ୍ଡଳ (୫୭ମିନିଟ୍), ବିକନ୍ ଓରାମ (୧୮ମିନିଟ୍)ଙ୍କ ଗୋଟିଏ ଲେଖାଏଁ ଗୋଲ ବଳରେ ମୋଟ୍ ୧୮ଟି ଗୋଲ ଦେଇଥିଲା।

### ଆଇପିଏଲ୍‌ର ପ୍ଲେଅଫ୍ ରେସ୍

## ଶେଷ ୫ ଲିଗ୍ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ: ଚଳିତ ଆଇପିଏଲ ସିଜିନ ଚଳିତ ମେ ମାସ ୨୮ ତାରିଖ ଦିନ ସମାପ୍ତ ହେବ। ତେବେ ଆସନ୍ତା ୨୧ ତାରିଖ ଦିନ ଲିଗ ପର୍ଯ୍ୟାୟ ମୁକାବିଲା ଶେଷ ହେବାକୁ ଥିବା ବେଳେ ଗୁଜରାଟ ଟାଇଟନ୍ସ ସହିତ ଅନ୍ୟ କେଉଁ ତିନି ଦଳ ପ୍ଲେଅଫ ଖେଳିବେ ତାହା ନିର୍ଣ୍ଣୟ ହେବ। ଗତ ବର୍ଷର ଚାମ୍ପିଅନ ଗୁଜରାଟ ଲିଗ ପର୍ଯ୍ୟାୟର ୯ ମ୍ୟାଚରେ ବିଜୟୀ ହୋଇ ସର୍ବାଧିକ ୧୮ ପଏଣ୍ଟ ସହିତ ଶୀର୍ଷ ସ୍ଥାନରେ ରହିଛି। ଶେଷ ଲିଗ ମ୍ୟାଚରେ ଗୁଜରାଟ ସଫଳ ହେଲେ ଗତ ବର୍ଷର ସଫଳ ରେକର୍ଡ ଦୋହରାଇ ପାରିବ। କାରଣ ୨୦୨୨ ଆଇପିଏଲ ସିଜିନରେ ଗୁଜରାଟ ଲିଗ ପର୍ଯ୍ୟାୟରେ ୧୦ ମ୍ୟାଚ ଜିତି ପ୍ଲେଅଫ୍‌ରେ ପ୍ରବେଶ କରିଥିଲା। ତେଣୁ ଶେଷ ଲିଗ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇ ପାରିଲେ ପୂର୍ବ ରେକର୍ଡ ବଜାୟ ରଖି ପାରିବ। ତେବେ ଗୁଜରାଟ ପରେ ଚେନ୍ନାଇ ସୁପର କିଙ୍ଗସ ଓ ଲକ୍ଷ୍ନୌ ସୁପର ଜିଆଣ୍ଟସ ପ୍ରତ୍ୟେକ ୧୫ ପଏଣ୍ଟ ଲେଖାଏଁ ପାଇଁ ବର୍ତ୍ତମାନ ଭଲ ସ୍ଥିତିରେ ଅଛନ୍ତି। ଉଭୟ ଶେଷ ଲିଗ ମ୍ୟାଚରେ ସଫଳ ହେଲେ ପ୍ଲେଅଫ ଖେଳିବା ନିଶ୍ଚିତ କରି ପାରିବେ। ସେହିପରି ଶେଷ ଚାରି ଦଳ ମଧ୍ୟରେ ସାମିଲ ହେବା ଲକ୍ଷ୍ୟରେ ଥିବା ବାଙ୍ଗାଲୋର ପାଇଁ ମଧ୍ୟ ବଡ ଚାଲେଞ୍ଜ ରହିଛି। କାରଣ ଶେଷ ଲିଗ ମ୍ୟାଚରେ ଶକ୍ତିଶାଳୀ ଗୁଜରାଟକୁ ପରାସ୍ତ କରିବା କଷ୍ଟକର ହୋଇ ପାରେ ବୋଲି ଅନୁମାନ। ତେବେ ଲିଗ ପର୍ଯ୍ୟାୟର ଶେଷ ୫ ମ୍ୟାଚ ପ୍ଲେଅଫ ଖେଳିବା ପାଇଁ ଆଶାୟୀ ଥିବା ଦଳ ଗୁଡିକ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ବର୍ତ୍ତମାନ ସୁଦ୍ଧା କେବଳ ଗୋଟିଏ ଦଳ (ଗୁଜରାଟ) ପ୍ଲେଅଫ୍ ଖେଳିବା ନିଶ୍ଚିତ କରିଥିବା ବେଳେ ଅନ୍ୟ ଦୁଇ(ଚେନ୍ନାଇ ଓ ଲକ୍ଷ୍ନୌ) ଦଳ ମଧ୍ୟ ନିକଟତର ହୋଇଛନ୍ତି। ସେହିପରି ଅନ୍ୟ ଦୁଇ ଦଳ (ମୁମ୍ବାଇ ଓ ବାଙ୍ଗାଲୋର) ଶେଷ ପର୍ଯ୍ୟାୟ ମୁକାବିଲାରେ ପ୍ରବେଶ ପାଇଁ



ଦାବିଦାର ଅଛନ୍ତି। ସେହିପରି ପଏଣ୍ଟ ତାଲିକାର ୬,୭,୮ ସ୍ଥାନରେ ଥିବା ତିନି ଦଳ ସେମାନଙ୍କର ସଂଗ୍ରାମ ଜାରି ରଖିଥିବା ବେଳେ ଅନ୍ୟ ଦଳର ବିପର୍ଯ୍ୟୟ ଓ ବ୍ୟତିକ୍ରମ ଫଳାଫଳକୁ ଅପେକ୍ଷା କରି ରହିଛନ୍ତି। ବର୍ତ୍ତମାନର ଆକଳନ ଅନୁଯାୟୀ ୧୫ ପଏଣ୍ଟ ଲେଖାଏଁ ପାଇଥିବା ଚେନ୍ନାଇ ଓ ଲକ୍ଷ୍ନୌ ଯଦି ସେମାନଙ୍କ ଶେଷ ଲିଗ ମ୍ୟାଚରେ ବିଜୟୀ ହେବେ ,ତେବେ କୌଣସି ସମସ୍ୟା ରହିବ ନାହିଁ। ମାତ୍ର ହାରିଗଲେ ଅନ୍ୟ ଦଳ ପାଇଁ ନିଶ୍ଚିତ ସୁଯୋଗ ସୃଷ୍ଟି ହେବ। ମୁଖ୍ୟତଃ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଫାଇଦା ଉଠାଇବା ସମ୍ଭାବନା ରହିଛି। ତେବେ ଏହି ସବୁ ଆଲେଚନା ଓ ଚର୍ଚ୍ଚା ମଧ୍ୟରେ କୋଲକାତା ନାଇଟ ରାଇଡର୍ସ ମଧ୍ୟ ସୁଯୋଗ ଅପେକ୍ଷାରେ ରହିଛି। ଅବଶ୍ୟ ମୁମ୍ବାଇ ଓ ବାଙ୍ଗାଲୋର ଶେଷ ଲିଗ ମ୍ୟାଚରେ ବିଜୟୀ ହେଲେ ପରିସ୍ଥିତି ଭିନ୍ନ ଦିଗକୁ ଗତି କରିବ। ଏହି ଦୁଇ ଦଳ ହାରିଲେ କୋଲକାତା ପାଇଁ ସୁଯୋଗ ଆସିବ ବୋଲି ଆଶା ରଖିଛି। ମାତ୍ର ଏହି ସବୁ କଳ୍ପନା ଜଳ୍ପନା ମଧ୍ୟରେ ଚେନ୍ନାଇ ଓ ଲକ୍ଷ୍ନୌ ସେମାନଙ୍କର ଅନ୍ତିମ ଲିଗ ମ୍ୟାଚରେ ସଫଳ ହେଲେ ଦ୍ୱିତୀୟ ,ତୃତୀୟ ଦଳ ଭାବେ ପ୍ଲେଅଫ ଖେଳିବେ। ତେବେ ଶେଷ ୫ ମ୍ୟାଚ ଫଳାଫଳକୁ ସମସ୍ତଙ୍କର ଅପେକ୍ଷା ରହିଛି।

## ବ୍ରିଜଭୂଷଣଙ୍କ ଟିପ୍ପଣୀକୁ ନେଇ ରେସଲର ଖପ୍ପା

ନୂଆଦିଲ୍ଲୀ: ସଂପ୍ରତି ରେସଲରଙ୍କ ରୋଷର ଶୀକାର ହୋଇଥିବା ଭାରତୀୟ କୁସ୍ତି ମହାସଂଘର ସଭାପତି ବ୍ରିଜଭୂଷଣ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଆନ୍ଦୋଳନକାରୀ ରେସଲର ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରେସଲର ବଜରଙ୍ଗ ପୁନିଆ କହିଛନ୍ତି ଯେ ପଦକ ଓ ପୁରସ୍କାରର ମୂଲ୍ୟ ବୁଝି ନ ପାରି ବ୍ରିଜଭୂଷଣ ଆପତ୍ତି ଜନକ ଟିପ୍ପଣୀ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଦେଶର ଅଲିମ୍ପିକ ଓ ବିଶ୍ୱ ସ୍ତରୀୟ ପ୍ରତିଯୋଗିତାରେ ଭାରତ ପାଇଁ ପଦକ ଜିତିଥିବା ପୁରୁଷ ଓ ମହିଳା ରେସଲର ମାନେ ବ୍ରିଜଭୂଷଣଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣି ତାଙ୍କୁ ଗିରଫ ଦାବି କରି ଦ୍ୱିତୀୟ ଥର ପାଇଁ ଆନ୍ଦୋଳନ ଚଳାଇଛନ୍ତି। ଏହା ୨୭ ଦିନରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ସେମାନଙ୍କର ଦାବି ନେଇ କେନ୍ଦ୍ର କ୍ରୀଡାମନ୍ତ୍ରାଳୟ କୌଣସି ବିଚାର କଲ ନାହିଁ। ତେଣୁ ଆନ୍ଦୋଳନକାରୀ ରେସଲର ମାନେ ଅସନ୍ତୋଷ ଜାହିର କରିବା ସହିତ ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ଜିଦରେ ଅଟଳ ରହିଛନ୍ତି। ସେହିପରି ସେମାନଙ୍କର ଦାବି ପୂରଣ କରିବାରେ ସରକାର କୌଣସି ପଦକ୍ଷେପ ନ ନେଲେ ସେମାନେ ବିଭିନ୍ନ ବିଶ୍ୱ ସ୍ତରୀୟ



ପ୍ରତିଯୋଗିତା ଓ ଅଲିମ୍ପିକ୍ସରେ ପାଇଥିବା ପଦକ ସରକାରଙ୍କୁ ଫେରାଇ ଦେବେ ବୋଲି ଧମକ ଦେଇଥିଲେ। ଏହି ମନ୍ତବ୍ୟ ଉପରେ ଟିପ୍ପଣୀ ଦେଇ ବ୍ରିଜଭୂଷଣ ଶୁକ୍ରବାର ଏକ ଭିଡିଓ ସାକ୍ଷାତକାରରେ କହିଛନ୍ତି ଯେ କେବଳ ପଦକ ନୁହେଁ, ବରଂ ତାଲିମ ବାବଦରେ ସରକାର ବ୍ୟୟ କରିଥିବା ସମସ୍ତ ଅର୍ଥ ମଧ୍ୟ ଫେରାଇବାକୁ ପଡିବ। ତେବେ ଏଥିରେ ପ୍ରତିକ୍ରିୟା ଜଣାଇ ରେସଲର ବଜରଙ୍ଗ ପୁନିଆ କହିଛନ୍ତି ଯେ ଆମେ ନିଜର ରକ୍ତ ଓ ଝାଳ ଦେଇ ଭାରତ ପାଇଁ ପଦକ ଜିତିଛୁ। ତେଣୁ ଆମର ସଫଳତା ପ୍ରତି ତାଙ୍କର କୌଣସି ସମ୍ମାନ ନ ଥିବାରୁ ବ୍ରିଜଭୂଷଣ ଏପରି ମନ୍ତବ୍ୟ ଦେଇଛନ୍ତି। ଅନ୍ୟ ପକ୍ଷରେ ରାଜସ୍ଥାନର କଂଗ୍ରେସ ନେତା ସଚିନ ପାଇଲଟ ଆଜି ଜନ୍ତରମନ୍ତର ଠାରେ ଆନ୍ଦୋଳନକାରୀ ରେସଲରଙ୍କୁ ଭେଟି ସମର୍ଥନ ଜଣାଇବା ସହିତ ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବା ଉଚିତ।

## ପଞ୍ଜାବକୁ ପରାସ୍ତ କଲା ରାଜସ୍ଥାନ

ଧର୍ମଶାଳା: ସ୍ଥାନୀୟ ହିମାଚଳପ୍ରଦେଶ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଚଳିତ ଆଇପିଏଲରେ ଗୁରୁତ୍ୱପୂର୍ଣ୍ଣ ଶେଷ ପର୍ଯ୍ୟାୟ ଲିଗ୍ ମ୍ୟାଚରେ ପଞ୍ଜାବ କିଙ୍ଗସକୁ ୪ ୱିକେଟରେ ପରାସ୍ତ କରିଛି ରାଜସ୍ଥାନ ରୟାଲ୍ସ। ପଞ୍ଜାବ ୧୮୮ ରନ ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ପଛରେ ବ୍ୟାଟିଂ କରି ରାଜସ୍ଥାନ ୧୯.୪ ଓଭରରେ ୬ ୱିକେଟ ହରାଇ ୧୮୯ ରନ ସଂଗ୍ରହ ସହିତ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଓପନର ଜଶସ୍ୱୀ ଜୟସ୍ୱାଲ ୩୬ ବଲରୁ ୫୦, ଦେବଦତ୍ତ ପାଡ଼ିକଲ ୫୧, ସିମରନ ହେଟମେୟର ୪୬ ରନ କରି ରାଜସ୍ଥାନ ବିଜୟ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହିତ



ରାଜସ୍ଥାନ ଲିଗ୍ ପର୍ଯ୍ୟାୟ ମୁକାବିଲା ଶେଷ କରିଥିବା ବେଳେ ୧୪ ମ୍ୟାଚରୁ ୧୪ ପଏଣ୍ଟ ହାସଲ କରିଛି। ତେବେ ଅନ୍ୟାନ୍ୟ ଏକାଧିକ ଦଳ ପ୍ଲେ ଅଫ୍ ଦୌଡ଼ରେ ସାମିଲ ହୋଇଥିବାରୁ ଅବଶିଷ୍ଟ ୪ ମ୍ୟାଚ ଶେଷ ହେବା ପରେ ରାଜସ୍ଥାନର ପ୍ଲେ ଅଫ୍ ଖେଳିବା ଭାଗ୍ୟ ନିର୍ଦ୍ଧାରଣ ହେବ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ୫ ୱିକେଟ ବିନିମୟରେ କରିଥିଲା ୧୮୭ ରନ। ଦଳ ପକ୍ଷରୁ ସାମ କରନ ସର୍ବାଧିକ ୪୯ ଓ ଜିତେଶ ଶର୍ମା ୪୪ ଏବଂ ଶାହାରୁଖ ଖାନ ୪୧ ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ନବଦୀପ ସାଇନ ସଫଳ ବୋଲରଭାବେ ୩ ୱିକେଟ ହାସଲ କରିଥିଲେ।

## ୨୭ରେ ବିସିସିଆଇର ସ୍ୱତନ୍ତ୍ର ସାଧାରଣ ବୈଠକ

ମୁମ୍ବାଇ: ଚଳିତ ଆଇପିଏଲ ସମାପ୍ତ ହେବାର ପୂର୍ବଦିନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ଭାରତ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଦିନିକିଆ ବିଶ୍ୱକପ ଆୟୋଜନ କରିବା ପାଇଁ ଥିବା ବେଳେ ଆଜି ପର୍ଯ୍ୟନ୍ତ କାର୍ଯ୍ୟସୂଚୀ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଚୂଡାନ୍ତ ହୋଇ ପାରି ନାହିଁ। ତେଣୁ ଆସନ୍ତା ୨୭ ତାରିଖ ଦିନ ଅହମଦାବାଦରେ ଅନୁଷ୍ଠିତ ହେବାକୁ ଥିବା ବିସିସିଆଇର ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହି ପ୍ରସଙ୍ଗ ସହିତ ମହିଳା ପ୍ରିମିୟର ଲିଗ କମିଟି ଗଠନ ଓ ଯୌନ ଶୋଷଣ ନୀତିରେ ସଂଶୋଧନ ବିଷୟ ଉପରେ ମଧ୍ୟ ବିଶେଷ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଏଣୁ ଗୁରୁବାର ବିସିସିଆଇର ସମ୍ପାଦକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଗାମୀ ବୈଠକ ନେଇ ସମସ୍ତ ସ୍ୱିକୃତି ପ୍ରାପ୍ତ ୟୁନିଟକୁ ନୋଟିସ ପଠା ଯାଇଛି। ସେହିପରି ଭିତିଭୂମି ବିକାଶ ଓ ସବସିଡି କମିଟି, ଷ୍ଟେଟ ଟିମ ପାଇଁ ଫିଜିଓଥେରାପିଷ୍ଟ ଓ ଟ୍ରେନର ନିଯୁକ୍ତି, ଆଇସିସି ବିଶ୍ୱକପ ପାଇଁ ୱାର୍କିଂ ଗ୍ରୁପ ଗଠନ, ମହିଳା ପ୍ରିମିୟର ଲିଗ ପାଇଁ କମିଟି ଗଠନ ଓ ଯୌନ ଶୋଷଣ ନୀତିରେ ସଂଶୋଧନ ସମ୍ପର୍କିତ ପ୍ରସଙ୍ଗ ନେଇ ବୈଠକରେ ବିଶେଷ ଚର୍ଚ୍ଚା ହେବ। ପ୍ରଥମତଃ ଆଗାମୀ ଦିନିକିଆ ବିଶ୍ୱକପ ପାଇଁ ୱାର୍କିଂ ଗ୍ରୁପ ସମସ୍ତ ମ୍ୟାଚ ସ୍ଥାନ ନିରୂପଣ ଓ ବିଶ୍ୱକପକୁ କିପରି ଶୃଙ୍ଖଳାର ସହିତ ଆୟୋଜନ କରାଯିବ ସେହି ଦାୟିତ୍ୱ ନ୍ୟସ୍ତ କରାଯିବ। କାରଣ ଦିନିକିଆ ବିଶ୍ୱକପ ଆସନ୍ତା ଅକ୍ଟୋବର ୫ ତାରିଖରୁ ଅନୁଷ୍ଠିତ ହେବା ପାଇଁ ଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଫଇସଲା କରିବାରେ ଯଥେଷ୍ଟ ବିଳମ୍ବ ହୋଇ ଥିବାରୁ ବିସିସିଆଇ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକ ଆହ୍ୱାନ କରିଛି।

### ଅଷ୍ଟ୍ରେଲିଆ ବିପକ୍ଷ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ

## ଭାରତ ସମସ୍ୟା ଦେଇ ଗତି କରିବ: ପଣ୍ଟିଂ

ନୂଆଦିଲ୍ଲୀ: ଆସନ୍ତା ଜୁନ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡର ଲଣ୍ଡନ ସ୍ଥିତ୍ ଓଭାଲ ଗ୍ରାଉଣ୍ଡରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବ ଦ୍ୱିତୀୟ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚ। ଦୁଇ ବର୍ଷ ତଳେ ଇଂଲଣ୍ଡରେ ଅନୁଷ୍ଠିତ ପ୍ରଥମ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ ନ୍ୟୁଜିଲାଣ୍ଡ ଠାରୁ ଭାରତ ହାରି ଯାଇଥିଲା। ପୁଣି ଭାରତ ଆଉ ଏକ ଫାଇନାଲ ଖେଳିବା ସୁଯୋଗ ପାଇଛି। ତେବେ ଓଭାଲ ଗ୍ରାଉଣ୍ଡରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିରୋଧରେ କିପରି ଲଢ଼େଇ କରିବେ ତାହା ଅପେକ୍ଷାର ବିଷୟ। ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ଫାଇନାଲ ଖେଳିବା ପାଇଁ ଥିବାରୁ ଏଥିରେ ଜିତାପଟ ମାରିବା ଲକ୍ଷ୍ୟ ରଖିଛି। ସେହିପରି ଭାରତ ପାଇଥିବା ଦ୍ୱିତୀୟ ସୁଯୋଗକୁ ସାକାର କରିବା ମଧ୍ୟ ଅନ୍ୟତମ ଚାଲେଞ୍ଜ। ତେବେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଏହି ମ୍ୟାଚ ସମ୍ପର୍କରେ କହିଛନ୍ତି ଯେ ଓଭାଲ ଗ୍ରାଉଣ୍ଡ ଭାରତ ଅପେକ୍ଷା ଅଷ୍ଟ୍ରେଲିଆ ଦଳକୁ ଅଧିକ ସୁହାଇବ। କାରଣ ଅଷ୍ଟ୍ରେଲିଆ କ୍ରିକେଟ ଓ ଓଭାଲ ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ରହିଛି। ତେଣୁ ଅଷ୍ଟ୍ରେଲିଆ ଦଳ ସେମାନଙ୍କର ଘରୋଇ ଅଭିଜ୍ଞତାକୁ ଓଭାଲରେ ବିନିଯୋଗ କରି ପାରିଲେ ନିଶ୍ଚିତ ବିଜୟ ଲାଭ କରିବେ। ଦ୍ୱିତୀୟତଃ ଏହି ଟେଷ୍ଟ ମ୍ୟାଚରେ ଇଂଲଣ୍ଡର ଡ୍ୟୁକ୍ ବଲ ପରିବର୍ତ୍ତେ ଅଷ୍ଟ୍ରେଲିଆରେ ତିଆରି କୋକାବୁରା ଟେଷ୍ଟ ବଲରେ ଖେଳାଯିବ। ତେଣୁ ଏହା ଅଷ୍ଟ୍ରେଲିଆ ଦଳ ପାଇଁ ଏକ ବଡ ସୁଯୋଗ।



ଭାରତୀୟ ଦଳ ନିଶ୍ଚିତ ସମସ୍ୟାରେ ପଡିବେ। ସେହିପରି ଅଷ୍ଟ୍ରେଲିଆର ଶକ୍ତିଶାଳୀ ଫାଷ୍ଟ ବୋଲିଂକୁ ଭାରତର ଟପ୍ ଅର୍ଡର ବ୍ୟାଟର ମାନେ ମୁକାବିଲା କରିବା କଷ୍ଟକର ହୋଇ ପଡିବ। ତେବେ ଭାରତୀୟ ସ୍ପିନର ଓ ଅଷ୍ଟ୍ରେଲିଆ ବ୍ୟାଟରଙ୍କ ମଧ୍ୟରେ ବଡ ମୁକାବିଲା ହେବ ବୋଲି ଅନୁମାନ କରା ଯାଉଥିଲେ ହେଁ ଅଷ୍ଟ୍ରେଲିଆ ଉପରେ ବିଶେଷ ପ୍ରଭାବ ପଡିବ ନାହିଁ। ଅବଶ୍ୟ ମ୍ୟାଚର ଗତିଧାରା ଆଗେଇ ଚାଲିବା ସହିତ ସ୍ପିନର ମାନେ କିଛି ଫାଇଦା ଉଠାଇ ପାରିବେ ବୋଲି ଅନୁମାନ। ଏହା ବ୍ୟତିତ ରିଷଭ ପନ୍ତ,କେଏଲ ରାହୁଲ, ଶ୍ରେୟସ ଆୟାର,ଯଶପ୍ରୀତ ବୁମ୍ରା ପ୍ରମୁଖ ଆଗ ଧାଡିର ଖେଳାଳି ସଂପ୍ରତି ଆହତ ଅବସ୍ଥାରେ ଥିବାରୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିରୋଧରେ ମୁକାବିଲା କରି କଦାପି ସଫଳ ହୋଇ ପାରିବେ ନାହିଁ।

### ● ତ୍ରିଲୋଚନପୁର ପ୍ରିମିୟର୍ ଲିଗ୍ କ୍ରିକେଟ୍‌ର ୮ମ ଦିବସ

## ଗୋପିନାଥ ଓ ସଂଗ୍ରାମ ଏକାଦଶ ବିଜୟୀ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗୋପିନାଥ ଖେଳପଡିଆ ଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚର ୮ମ ଦିନର ୨ଟି ମାଚ୍ୟରେ ଯଥାକ୍ରମେ ତ୍ରିଲୋପୁରର ଗୋପିନାଥ ଏକାଦଶ ଓ କଣାସର ସଂଗ୍ରାମ ଏକାଦଶ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ତ୍ରିଲୋଚନପୁର ଗୋପିନାଥ ଏକାଦଶ ଡାକପଡା ବ୍ଲାକଡାଇମଣ୍ଡ ଦଳ ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଙ୍ଗ କରି ଗୋପିନାଥ ଏକାଦଶ ୯୭ରନ୍ ସଂଗ୍ରହ କରିଥିଲେ । ୯୮ରନ୍‌ର ବିଜୟ ଲକ୍ଷକୁ ପିଛାକରି ବ୍ଲାକଡାଇମଣ୍ଡ ଦଳ ବ୍ୟାଟିଙ୍ଗ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮୧ରନ୍‌ରେ ସମସ୍ତ ଉଇକେଟ୍ ହରାଇ ୧୬ରନ୍‌ରେ ପରାଜୟବରଣ କରିଥିଲା। ଗୋପିନାଥ ଏକାଦଶ ଦଳର ବାପି ପ୍ରଧାନ ବିପକ୍ଷଦଳ ୪ଟି ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଆଜିର ଦ୍ୱିତୀୟ ମ୍ୟାଚରେ ସଂଗ୍ରାମ ଏକାଦଶ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ଓଭରରେ ୯ଟି ଉଇକେଟ୍‌ହରାଇ ୧୦୨ରନ୍ ସଂଗ୍ରହକରି ଟୁର୍ଣ୍ଣାମେଣ୍ଟର ଅପରାଜୟ ଦଳ ଇଲେଭେନ୍ ଷ୍ଟାରକୁ ୧୦୩ରନ୍ ବିଜୟଲକ୍ଷ ଦେଇଥିଲା। କିନ୍ତୁ ନିର୍ଦ୍ଧାରିତ ୧୨ ଓଭରରେ ଇଲେଭନ୍ ଷ୍ଟାର ଦଳ ୭ଟି ଉଇକେଟ୍ ହରାଇ ୧୦୦ରନ୍ ସଂଗ୍ରହ କରି ୨ପରାଜୟ ବରଣ କରିଥିଲେ। ସଂଗ୍ରାମ ଏକାଦଶର ବାମହାତୀ ବୋଲର ଆର୍ଶିବାଦ ମିଶ୍ରଙ୍କ ସୁନ୍ଦର ବୁଲିଙ୍ଗ ଓ ସଜିତ୍ ବେହେରାଙ୍କ ମୂଲ୍ୟବାନ ୩୫ରନ୍ ବିଜୟରେ ମୁଖ୍ୟ ଭୂମିକାଗ୍ରହଣ କରିଥିଲା। ଏହି ମ୍ୟାଚରେ ସଜିତ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅତିଥି ରୂପେ ସୁଧିର ତ୍ରିପାଠୀ ଓ ପରମାନନ୍ଦ ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗଣେଶ୍ୱର ସ୍ୱାଇଁ, ସୁନିଲ୍ ତ୍ରିପାଠୀ ଅମ୍ପେୟାର ରୂପେ ଖେଳ ପରିଚାଳନା କରିଥିଲେ।

## ଅତ୍ୟଧିକ ପରିବର୍ତ୍ତନ ଅନାବଶ୍ୟକ: ଉଥାପ୍ପା



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ରବିନ ଉଥାପ୍ପା କହିଛନ୍ତି ଯେ ଆଉ ୪ ମାସ ପରେ ଭାରତରେ ଅନୁଷ୍ଠିତ ହେବ ଦିନିକିଆ କ୍ରିକେଟ ବିଶ୍ୱକପ। ତେଣୁ ଭାରତୀୟ ପରିବେଶ ଓ ପିଚକୁ ଲକ୍ଷ୍ୟ କରି ଦିନିକିଆ ଦଳ ଗଠନ କରାଯିବା ଉଚିତ। ସମସ୍ତ ଫର୍ମାଟରେ ଭଲ ପ୍ରଦର୍ଶନ କରି ଆସୁଥିବା ଓପନର ଶୁବମନ ଗିଲ ଓ ରୁତୁରାଜ ଗାଏକ୍ୱାଡ ଇନିଂସ ଓପନିଂ ପାଇଁ ସମ୍ପୂର୍ଣ୍ଣ ଫିଟ ଅଛନ୍ତି। ରୋହିତ ଶର୍ମା ସଂପ୍ରତି ଭଲ ଫର୍ମରେ ନ ଥିବାରୁ ତାଙ୍କ ସ୍ଥାନରେ ଗିଲ ଓ ଗାଏକ୍ୱାଡ ଖେଳି ପାରିବେ। ଗିଲ୍ ବର୍ତ୍ତମାନ ଅତି ଭଲ ଫର୍ମରେ ଅଛନ୍ତି। ଆଇପିଏଲ ପୂର୍ବରୁ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଗିଲ ପୂର୍ଣ୍ଣ ମାତ୍ରାରେ ସଫଳ ହୋଇଥିବା ବେଳେ ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସର ଅଧିନାୟକ ଫାଫ୍ ଡୁ ପ୍ଲେସିସଙ୍କ ପରେ ସର୍ବାଧିକ ରନ ସଂଗ୍ରହକାରୀ ଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତେବେ ଦିନିକିଆ ବିଶ୍ୱକପ ପାଇଁ ଦଳ ଗଠନ ବେଳେ ପୁରୁଣା ଓ ନୂଆ ଖେଳାଳିଙ୍କ ଉପରେ ନଜର ରଖିବା ଉଚିତ। କାରଣ ପୁରୁଖା ଖେଳାଳିଙ୍କୁ ସମ୍ପୂର୍ଣ୍ଣ ବାଦ ଦେଇ କେବଳ ନୂଆ ଖେଳାଳିଙ୍କୁ ନେବା ଠିକ ହୋଇ ନ ପାରେ। ଅବଶ୍ୟ କୋହଲି ଓ ତେନ୍ଦୁଲକରଙ୍କ ପରି ବ୍ୟାଟିଂରେ ବିଶେଷ ପରିପକ୍ୱତା ଆଣି ଥିବା ଗିଲ ଆଗାମୀ ଦିନିକିଆ ବିଶ୍ୱକପରେ ଭାରତ ପାଇଁ ବଡ ଭୂମିକା ଗ୍ରହଣ କରି ପାରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି। ସେହିପରି ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଭାରତର ବ୍ୟାଟିଂ ଲାଇନକୁ ଅଧିକ ମଜଭୂତ କରିବା ଦିଗରେ ସଫଳ ହେବା ପୂର୍ଣ୍ଣ ସମ୍ଭାବନା ରହିଛି ବୋଲି ଉଥାପ୍ପା କହିଛନ୍ତି।

## ବାହ୍ୟ ସମାଲୋଚନାକୁ ଖାତିରି କରେନି: କୋହଲି

ନୂଆଦିଲ୍ଲୀ: ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜର ପୂର୍ବତନ ଅଧିନାୟକ ବିରାଟ କୋହଲି ଆଇପିଏଲ ଇତିହାସରେ ଦ୍ୱିତୀୟ ବ୍ୟାଟର ଭାବେ ୬ ଶତକ ଅର୍ଜନ କରିଛନ୍ତି। ପୂର୍ବରୁ ପାଞ୍ଚ ଶତକ ହାସଲ କରିଥିବା କୋହଲି ଗୁରୁବାର ଅନୁଷ୍ଠିତ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଷଷ୍ଠ ଶତକ ପୂରଣ କରି ପୂର୍ବତନ ଆଇପିଏଲ ତାରକା କ୍ରିସ୍ ଗେଲଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଏହି ମ୍ୟାଚରେ କୋହଲି ୧୨ ଚୌକା ଓ ୪ ଛକା ସହାୟତାରେ ୬୩ ବଲରୁ ୧୦୦ ରନ କରିବା ପ୍ରଥମ ୱିକେଟ ଯୋଡିରେ ଅଧିନାୟକ ଫାଫ୍ ଡୁ ପ୍ଲେସିସ(୭୧)ଙ୍କ ସହିତ ୧୭୨ ରନ ଯୋଗ କରିବା ଫଳରେ ସନରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ଧାର୍ଯ୍ୟ କରିଥିବା ୧୮୭ ରନ ବିଜୟ ଟାର୍ଗେଟକୁ ବାଙ୍ଗାଲୋର ୨ ୱିକେଟ ହରାଇ ୧୯.୨ ଓଭରରେ ହାସଲ କରି ନେଇଥିଲା। ସୂଚନା ଯୋଗ୍ୟ ଯେ କୋହଲି ୨୦୧୬ ଆଇପିଏଲ ସିଜିନରେ ବିଭିନ୍ନ ଫ୍ରାଞ୍ଚାଇଜ ବିପକ୍ଷରେ ୪ ଶତକ ଅର୍ଜନ କରିଥିଲେ। ଉକ୍ତ ବର୍ଷ ଆଇପିଏଲ ସିଜିନର ଏପ୍ରିଲ ୨୪ ତାରିଖ ଦିନ ଅନୁଷ୍ଠିତ ଗୁଜରାଟ ଲାୟନ୍ସ ବିପକ୍ଷ ମ୍ୟାଚରେ କୋହଲି ଆଇପିଏଲ ଜୀବନର ପ୍ରଥମ ଶତକ ଅର୍ଜନ କରିଥିଲେ। ସେହି ମ୍ୟାଚରେ ମଧ୍ୟ କୋହଲି ୬୩ ବଲ ଖେଳି ଅପରାଜିତ ୧୦୦ ରନ ସ୍କୋର କରିଥିଲେ।



ଦ୍ୱିତୀୟ ଶତକ (୫୮ ବଲରୁ ଅପରାଜିତ ୧୦୦) ୨୦୧୬ ମେ ୭ ତାରିଖ ଦିନ ପୂର୍ବତନ ଆଇପିଏଲ ଫ୍ରାଞ୍ଚାଇଜ ରାଇଜିଂ ପୁଣେ ସୁପର ଜିଆଣ୍ଟସ ବିପକ୍ଷରେ ହାସଲ କରିଥିବା ବେଳେ ୨୦୧୬, ମେ ୧୪ ତାରିଖରେ ବେଙ୍ଗାଲୁରରେ ଅନୁଷ୍ଠିତ ଗୁଜରାଟ ଲୟନ୍ସ ବିପକ୍ଷ ମ୍ୟାଚରେ ୫୫ ବଲ ଖେଳି ୧୦୯ ରନ ସଂଗ୍ରହ ସହିତ ତୃତୀୟ ଆଇପିଏଲ ଶତକ ଅର୍ଜନ କରିଥିଲେ। ସେହିପରି ମେ ୧୮ ତାରିଖ ୨୦୧୬ରେ କିଙ୍ଗସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚରେ ହାସଲ କରିଥିଲେ ଚତୁର୍ଥ ଶତକ(୫୦ ବଲରୁ ୧୧୩ ରନ) ଓ ଏହାର ତିନି ବର୍ଷ ପରେ ୧୯ ଏପ୍ରିଲ ୨୦୧୯ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ୫୮ ବଲରୁ ୧୦୦ ରନ ଯୋଗ କରିବା ସହିତ ଆଇପିଏଲ ଜୀବନର ପଞ୍ଚମ ଶତକ ଅର୍ଜନ କରିଥିଲେ। ପୁଣି ଚାରି ବର୍ଷ ଅନ୍ତରରେ ଆଉ ଏକ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି କୋହଲି। ତେବେ ଚଳିତ ଆଇପିଏଲରେ ଷଷ୍ଠ ଶତକ ହାସଲ କରିଥିବା କୋହଲି କହିଛନ୍ତି ଯେ ମୋର ଷ୍ଟ୍ରାଇକ ରେଟକୁ ନେଇ ଅନେକ ସମାଲୋଚନା କରୁଛନ୍ତି। ମାତ୍ର ଏଥିପ୍ରତି ମୋର ଖାତିରି ନାହିଁ। କାରଣ ମୁଁ ନିଜର ଚିରାଚରିତ ଢ଼ଙ୍ଗରେ ବ୍ୟାଟିଂ କରିବାକୁ ଚେଷ୍ଟା କରିଥାଏ। ଦଳର ଅଧିନାୟକ ଫାଫ୍ ଡୁ ପ୍ଲେସିସଙ୍କ ସହିତ ଇନିଂସ ଓପନିଂ କରି ମୁଁ ବ୍ୟାଟିଂକୁ ଉପଭୋଗ କରି ଆସୁଛି। କୌଣସି ଏକ ବଡ ମ୍ୟାଚରେ ପ୍ରାରମ୍ଭରୁ ଭଲ ରନ ସଂଗ୍ରହ କରିବା ଦ୍ୱାରା ନିଜ ଭିତରେ ଦୃଢ଼ ଆତ୍ମ ବିଶ୍ୱାସ ସୃଷ୍ଟି ହେଉଛି। ଚଳିତ ଆଇପିଏଲ ସିଜିନରେ ଡୁ ପ୍ଲେସିସଙ୍କ ସହିତ ଓପନିଂ ପାର୍ଟନରଶିପରେ ୯୦୦ ରନ ସଂଗ୍ରହ କରିବା ଅତି ଖୁସିର ବିଷୟ। ତେବେ ଲିଗ ପର୍ଯ୍ୟାୟର ଶେଷ ମ୍ୟାଚରେ ଆମ ଦୁହିଁଙ୍କର ସଫଳତା ଜାରି ରହିଲେ ପ୍ଲେ ଅଫ ଖେଳିବା ପାଇଁ ସୁଯୋଗ ସୃଷ୍ଟି କରି ପାରିବୁ ବୋଲି ଦୃଢ଼ ବିଶ୍ୱାସ ରହିଛି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
आन्ध्रा Andhra कार्पोरेशन Corporation

ଷ୍ଟ୍ରେସଡ ଆସେଟସ ମ୍ୟାନେଜମେଣ୍ଟ ବ୍ରାଞ୍ଚ: ୧୦୪, ଗ୍ରାଉଣ୍ଡଫ୍ଲୋର, ଭାରତ ହାଉସ, ମୁମ୍ବାଇ ସମାଚାର ମାର୍ଗ, ଫଟ, ମୁମ୍ବାଇ-୪୦୦୦୨୩, ମହାରାଷ୍ଟ୍ର
ଇ-ମେଲ୍: samvmumbai@unionbankofindia, bank

**ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରି ପାଇଁ ମେଗା ଇ-ନିଲାମ**

ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟସ ଓ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟ ଇଣ୍ଟରେଷ୍ଟ ଆଇନ, ୨୦୦୨ ସିକ୍ୟୁରିଟ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ,୨୦୦୨ର ରୁଲ ୮(୬) ଅଧିନରେ ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରି ପାଇଁ ଇ-ନିଲାମ ବିକ୍ରି ନୋଟିସ୍।
ଏତଦଦ୍ୱାରା ସର୍ବସାଧାରଣ ଓ ମୁଖ୍ୟତଃ ଋଣଗ୍ରହୀତା (ଏସ୍) ଓ ଗ୍ୟାରେଣ୍ଟର (ଏସ୍) ୧୫ ଦିନିଆ ନୋଟିସ ଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତି ସିକ୍ୟୁର୍ଡ କ୍ରେଡିଟରଙ୍କୁ ବନ୍ଧକ/ଚାର୍ଜ ଦିଆଯାଇଛି। ତେଣୁ କନଷ୍ଟ୍ରକଟିଭ/ପୋଜେସନ ସମ୍ପତ୍ତି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକୃତ ଅଧିକାରୀଙ୍କ ଦ୍ୱାରା (ସିକ୍ୟୁର୍ଡ କ୍ରେଡିଟର୍ସ) ନିଜ ଅଧିନକୁ ନେଇ ସାରିଛନ୍ତି। ତେଣୁ ଏହା 'ଯେଉଁଠାରେ, 'ଯାହା' ଓ 'ଯେପରି' ପରିସ୍ଥିତିରେ ଅଛି ତାହା ନିମ୍ନଲିଖିତ ଋଣଗ୍ରହୀତା (ଏସ୍) ଓ ଗ୍ୟାରେଣ୍ଟର (ଏସ୍)ଙ୍କ ଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇବାକୁ ଥିବା ଅର୍ଥ ପୁନରୁଦ୍ଧାର କରିବା ପାଇଁ ବିକ୍ରି କରାଯିବ। ରିଜର୍ଭ ପ୍ରାଇସ ଓ ୟର୍ଣ୍ଣେଷ୍ଟ ମନି ଜମା ପାଇଁ ନିମ୍ନରେ ଉଲ୍ଲେଖ କରାଯାଇଛି।

**ସମସ୍ତ ସମ୍ପତ୍ତିର ଇ-ନିଲାମ ପାଇଁ ତାରିଖ ଓ ସମୟ**
**: ୦୫.୦୬.୨୦୨୩, ସମୟ: ପୂର୍ବାହ୍ନ ୧୧.୦୦ରୁ ଅପରାହ୍ନ ୦୧.୦୦**

| | |
|---|---|
| ଋଣ ଗ୍ରହୀତା, ସହ-ଆପ୍ଲିକାଣ୍ଟ ଓ ଗ୍ୟାରେଣ୍ଟରଙ୍କ ନାମ<br>୧. ଲକ୍ଷ୍ମୀପତି ବାଲାଜୀ ସୁଗାର ଓ ଡିଷ୍ଟ୍ରିଲେରିଜ ପ୍ରାଇଭେଟ ଲିମିଟେଡ, ୨. ଶ୍ରୀ ଗୌରବ କୁମାର, ୩. ଶ୍ରୀ ସୌରଭ କୁମାର, ୪, ଗୌରବ କୁମାର, ସ୍ୱର୍ଗତ ଲଳିତ ବାବୁ ଓ ଶ୍ରୀମତୀ ମଧୁ ଜିନ୍ଦଲଙ୍କ ଉତ୍ତରାଧିକାରୀ, ୫. ଶ୍ରୀ ସୌରଭ କୁମାର, ସ୍ୱର୍ଗତ ଲଳିତ ବାବୁ ଓ ଶ୍ରୀମତୀ ମଧୁ ଜିନ୍ଦଲଙ୍କ ଉତ୍ତରାଧିକାରୀ, ୬. ଲକ୍ଷ୍ମୀପତି ବାଲାଜୀ ସୁଗାର ଓ ଡିଷ୍ଟ୍ରିଲେରିଜ ପ୍ରାଇଭେଟ ଲିମିଟେଡ | ପାଇବାକୁ ଥିବା ପରିମାଣ<br>ଟଙ୍କା ୨୮୬୪୨୮୬୯୭୫.୧୪, ତା. ୨୮.୦୨.୨୦୧୫ ରିଖ ସୁଦ୍ଧା + ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ ସହିତ |

ସମ୍ପତ୍ତି ନମ୍ବର ୧: ପ୍ଲାଣ୍ଟ ଓ ମେସିନେରୀର ସମସ୍ତ ଅଂଶବିଶେଷ ଅବସ୍ଥିତ ମୌଜା ସୁନାପାଲ ଓ ଦେଉଳି, ଥାନା-ବଡ଼ମ୍ବା, ଥାନା ନମ୍ବର ୪୩, ତହସିଲ-ବଡ଼ମ୍ବା, ଜିଲ୍ଲା-କଟକ, ଓଡ଼ିଶା ଲକ୍ଷ୍ମୀପତି ବାଲାଜୀ ସୁଗାର ଓ ଡିଷ୍ଟ୍ରିଲେରିଜ ପ୍ରାଇଭେଟ ଲିମିଟେଡଙ୍କ ନାମରେ ରହିଛି। ରିଜର୍ଭ ପ୍ରାଇସ.: ଟଙ୍କା ୧୯୭୫୦୦୦୦୦/-, ଜମା ପାଇଁ ଅର୍ଣ୍ଣେଷ୍ଟ ମନି: ଟଙ୍କା ୧୯୭୫୦୦୦୦/-, ଡିମାଣ୍ଡ ନୋଟିସର ତାରିଖ: ୩୦.୦୩.୨୦୧୫, ପୋଜେସନ ନୋଟିସର ତାରିଖ: ୨୬.୦୭.୨୦୨୨ **(ସିମ୍ବଲିକ ପୋଜେସନ ଅଧୀନରେ)**

ବିକ୍ରିର ସବିଶେଷ ଟର୍ମସ ଓ କଣ୍ଡିସନ ପାଇଁ, ଦୟାକରି ଯୋଗାଇ ଦିଆଯାଇଥିବା ଲିଙ୍କ
https://www.iba p i.in କିମ୍ବା www.mstcecommerce.com
କିମ୍ବା www.unionbankofindia.co.in

**ସମସ୍ତ ସମ୍ପତ୍ତିର ଇ-ନିଲାମ ପାଇଁ ତାରିଖ ଓ ସମୟ**
**: ୦୫.୦୬.୨୦୨୩, ସମୟ: ପୂର୍ବାହ୍ନ ୧୧.୦୦ରୁ ଅପରାହ୍ନ ୦୧.୦୦**

**ସମସ୍ତ ସମ୍ପତ୍ତିର ପରିଦର୍ଶନ ତାରିଖ**
**୦୨.୦୬.୨୦୨୩ (ପ୍ରିଅର ଆପଏଣ୍ଟମେଣ୍ଟ ସହିତ)**

**ପଞ୍ଜିକରଣ ଓ ଲଗଇନ୍ ଏବଂ ବିଡିଂ ରୁଲ୍ସ ପାଇଁ ଦେଖନ୍ତୁ**
**https://www.mstcecommerce.com/auctionhome/ibapi/index.jsp**

ପରବର୍ତ୍ତୀ ସବିଶେଷ ପାଇଁ ଯୋଗାଯୋଗ:
**ଶ୍ରୀମତୀ ସାଧନା ସନପ**
**ମୋବାଇଲ: ୦୯୭୬୯୧୯୭୮୨୨ (ଅଫିସ ସମୟ ମଧ୍ୟରେ)**

**ତାରିଖ: ୧୯.୦୫.୨୦୨୩**
**ସ୍ଥାନ: ମୁମ୍ବାଇ**

**ସ୍ୱା/-**
**ଅଧିକୃତ ଅଧିକାରୀ,**
**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆମ ଦେଶରେ ପ୍ରାୟତଃ ମଧୁମେହ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୁଇ ପ୍ରକାର ମଧୁମେହ ରୋଗୀ ଥାନ୍ତି। । ଟାଇପ୍-୧ ମଧୁମେହ ଅଟୋଇମ୍ୟୁନ୍ ପ୍ରତିକ୍ରିୟାରୁ ହେଉଥିବା ବେଳେ ଟାଇପ୍-୨ ମଧୁମେହ ଖରାପ ଜୀବନଶୈଳୀ ଓ ବଦାଭ୍ୟାସରୁ ହୋଇଥାଏ । ରକ୍ତରେ ଶର୍କରାସ୍ତର ବଢିଲେ ମଧୁମେହ ହୋଇଥାଏ । ପାନ୍‌କ୍ରିୟାଜ୍ ପର୍ଯ୍ୟାପ୍ତ ମାତ୍ରାରେ ଇନ୍‌ସୁଲିନ୍ ଉତ୍ପାଦନ କରିପାରି ନଥାଏ କିମ୍ବା ଇନ୍‌ସୁଲିନ୍‌ର ପୁରା ଉପଯୋଗ ହୋଇପାରି ନଥାଏ । ଫଳରେ ରକ୍ତରେ ଶର୍କରା ମାତ୍ରା ବଢିଯାଇଥାଏ । ମଧୁମେହ ରୋଗୀଙ୍କୁ ଫଳ ନ ଖାଇବାକୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ବିଶେଷଜ୍ଞଙ୍କ ମତରେ ମଧୁମେହ ରୋଗୀ ଆମ୍ବକୁ ନିୟନ୍ତ୍ରିତ ମାତ୍ରାରେ ଖାଇପାରିବେ । କାରଣ ଏହାର ବହୁ ଫାଇଦା ମଧ ରହିଛି । କମ୍ ଆମ୍ବ ଖାଇଲେ ରକ୍ତରେ ଶର୍କରା ସ୍ତର ବଢି ନଥାଏ । ପୋଷକ ତତ୍ତ୍ୱରେ ଭରା ଆମ୍ବରେ ବହୁତ ଶର୍କରା ରହିଛି । କମ୍ କାର୍ବୋହାଇଡ୍ରେଡ୍ ରହିଥିବା ବେଳେ ଶରୀର ପାଇଁ ଆବଶ୍ୟକ ବହୁ ଭିଟାମିନ୍ ଓ ମିନେରାଲ୍ସ ମଧ ରହିଛି । ସେହିପରି ଭିଟାମିନ୍-ଇ, କେ ଓ ବି କମ୍ପ୍ଲେକ୍ସ ମଧ ରହିଛି । ଏହାବ୍ୟତୀତ ହାଇ-ଫାଇଭର, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ କପର ଆଦି ଭରପୂର ରହିଥାଏ । ଯାହା ଶରୀର ପାଇଁ ବହୁତ ଲାଭଦାୟକ । ରକ୍ତରେ ଶର୍କରେ ସ୍ତର ନ ବଢାଇବା ପାଇଁ ଏକାଥରକେ ବହୁ ଆମ୍ବ ନ ଖାଇବା ଉଚିତ୍ ।





## ଦାଉଦ୍ ଲିଙ୍କ ପାଇଁ ବରବାଦ ହୋଇଥିଲା ମନ୍ଦାକିନୀଙ୍କ କ୍ୟାରିୟର

ରାମ ତେରୀ ଗଙ୍ଗା ମେଲି'ର ଅଭିନେତ୍ରୀ ମନ୍ଦାକିନି ୯୦ ଦଶକରେ ଖୁବ୍ ଚର୍ଚ୍ଚାରେ ଥିଲେ। ସେ ରାମ ତେରୀ ଗଙ୍ଗା ମେଲିରେ କ୍ୟାରିଅର୍ ଆରମ୍ଭ କରିଥିଲେ । ଏହା ପରେ ସେ ପ୍ରାୟ ୪୫ ଟି ଚଳଚ୍ଚିତ୍ରରେ କାମ କରିଥିଲେ । ସେ ରାଜୀବ କପୁରଙ୍କ ସହ ଏହି ଚଳଚ୍ଚିତ୍ରରୁ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ନୀଳ ଆଖି ପାଇଁ ସମସ୍ତେ ତାଙ୍କ ପ୍ରତି ଆକର୍ଷିତ ଥିଲେ। କେହି କେହି ବି ନୀଳନୟନା ବୋଲି ଡାକୁଥିଲେ। ରାଜ କପୁରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଏକ ବ୍ଲକବଷ୍ଟର ବୋଲି ପ୍ରମାଣିତ ହୋଇଥିଲା । ଏହି ଚଳଚ୍ଚିତ୍ରରେ ଧଳା ଶାଢ଼ୀ ପିନ୍ଧି ଝରଣାରେ ସ୍ନାନ କରୁଥିବା ଦୃଶ୍ୟ ତାଙ୍କୁ ଚର୍ଚ୍ଚାକୁ ଆଣିଥିଲା। ମନ୍ଦାକିନୀଙ୍କ କ୍ୟାରିୟର ବହୁତ ଭଲ ଭାବରେ ଅଗ୍ରଗତି କରୁଥିଲା। କିନ୍ତୁ ଦିନେ କ୍ରିକେଟ୍ ମ୍ୟାଚ୍ ସମୟରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମଙ୍କ ସହ ଫଟୋ ଲୋକଙ୍କ ସାମ୍ନାକୁ ଆସିଥିଲା। ଏହା ପରେ ନିର୍ମାତାମାନେ ତାଙ୍କୁ ତାଙ୍କ ଚଳଚ୍ଚିତ୍ରରେ ନେବାକୁ ରାଜି ହୋଇନଥିଲେ। ସେ ମଧ ଦାଉଦଙ୍କ ସହିତ ଲିଙ୍କ୍ ଥିବା ଅଭିଯୋଗ ହୋଇଥିଲା। ଖରାପ ଦିନ ପଳାଇଯାଇଛି ବର୍ତ୍ତମାନ ମନ୍ଦାକିନୀ ନିଜ ପରିବାର ସହିତ ଖୁସିରେ ଜୀବନ ଅତିବାହିତ କରୁଛନ୍ତି । ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ଏହି ସପ୍ତାହ ଶେଷରେ ତାଙ୍କୁ ଦି କପିଲ ଶର୍ମା ସୋ'ରେ ଦେଖିବାକୁ ମିଳିବ। ତାଙ୍କ ବ୍ୟତୀତ ସଙ୍ଗୀତା ବିଜଲାନି ଏବଂ ବର୍ଷା ଉସଗାଁକର ମଧ ଏହି ଶୋ'ରେ ନଜର ଆସିବେ। ଏବେ ବି ମନ୍ଦାକିନୀ ୫୯ ବର୍ଷ ବୟସରେ ମଧ୍ୟ ବହୁତ ସୁନ୍ଦର ଦେଖାଯାଉଛନ୍ତି ।



## 'କାନ୍ସ-୨୦୨୩'ରେ ଐଶ୍ୱର୍ଯ୍ୟାଙ୍କ ଜଲୱା

ବିଶ୍ୱ ପ୍ରସିଦ୍ଧ କାନ୍ସ ଫିଲ୍ମ ଫେଷ୍ଟିଭଲ୍ ୨୦୨୩ ମେ' ୧୬ରେ ଆରମ୍ଭ ହୋଇଛି। ଏହି ଉତ୍ସବ ୧୧ ଦିନ ଧରି ଚାଲିବ। ରେଡ କାର୍ପେଟରେ ବିଶ୍ୱର ବିଭିନ୍ନ ସ୍ଥାନରୁ ସେଲିବ୍ରେଟି ଆସି ନିଜର ଗ୍ଲାମର ଲୁକ୍ ପ୍ରଦର୍ଶନ କରୁଛନ୍ତି। ଉତ୍ସବର ତୃତୀୟଦିନରେ ବଲିଉଡ ଅଭିନେତ୍ରୀ ତଥା ପୂର୍ବତନ ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ବଚନ ରେଡ୍ କାର୍ପେଟରେ ଜଲୱା ଦେଖାଯାଇଛନ୍ତି। ଐଶ୍ୱର୍ଯ୍ୟା ସିଲଭର ଓ ବ୍ଲାକ୍ ଗାଉନରେ ନଜର ଆସିଥିଲେ। ଏହି ଲୁକ୍ ସମସ୍ତଙ୍କ ପସନ୍ଦ ଆସିଥିଲା। ରେଡ୍ କାର୍ପେଟ୍ ଲୁକ୍ ପୂର୍ବରୁ ଐଶ୍ୱର୍ଯ୍ୟା ଗ୍ରୀନ୍ ଡ୍ରେସ୍‌ରେ ଦେଖିବାକୁ ମିଳିଥିଲେ। ଗ୍ରୀନ୍ କଲର ଭାଲେଣ୍ଟିନୋ ଡ୍ରେସ ପିନ୍ଧି ବହୁତ ସୁନ୍ଦର ଦେଖାଯାଉଥିଲେ । ଏହି ଗ୍ରୀନ୍ ଡ୍ରେସରେ ଅଭିନେତ୍ରୀ ଅନୁପମା ଚୋପ୍ରାଙ୍କ ସହ ପୋଜ୍ ନେଉଥିବା ଦେଖିବାକୁ ମିଳିଥିଲା। କହିବାକୁ ଗଲେ ଐଶ୍ୱର୍ଯ୍ୟାରାୟଙ୍କୁ ଶେଷ ଥର ପାଇଁ ପିଏସ୍-୨ରେ ଦେଖିବାକୁ ମିଳିଥିଲା। ଯେଉଁଥିରେ ସେ ତ୍ରିଶା କୃଷ୍ଣନ୍ ଏବଂ ଚିଆନ୍ ବିକ୍ରମଙ୍କ ପରି ତାରକାଙ୍କ ସହ ସ୍କ୍ରିନ୍ ସେୟାର କରିଥିଲେ। କିଛି ଦିନ ପୂର୍ବରୁ ଏହି ଚଳଚ୍ଚିତ୍ର ସାରା ବିଶ୍ୱରେ ୩୦୦ କୋଟିରୁ ଅଧିକ ଆୟ କରିଛି।



## ବିବାହିତ ରାଜନେତାଙ୍କ ପ୍ରେମରେ ପଡିଥିଲେ ସୋନାଲି



ବି-ଟାଉନ୍‌ର ଅଭିନେତ୍ରୀ ସୋନାଲି ବେନ୍ଦ୍ରେଙ୍କ ଗ୍ଲାମର ଲୁକ୍ ସହିତ ଅଭିନୟ ମାଧ୍ୟମରେ ପ୍ରଶଂସକଙ୍କ ହୃଦୟକୁ ଜିତିଥାନ୍ତି। ଫିଲ୍ମ 'ଆଗ'ରେ ବଲିଉଡରେ ପ୍ରବେଶ କରିଥିବା ସୁନ୍ଦରୀ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ବର୍ତ୍ତମାନ ଚଳଚ୍ଚିତ୍ର ଠାରୁ ଦୂରରେ ଅଛନ୍ତି। କିନ୍ତୁ ଅଭିନେତ୍ରୀ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ପ୍ରଶଂସକଙ୍କ ସହ ଜଡିତ ରହିଛନ୍ତି। ଆଜି ବି ପ୍ରଶଂସକମାନେ ତାଙ୍କୁ ମନେ ପକାଉଛନ୍ତି। ଆମେ ଆପଣଙ୍କୁ କହିବାକୁ ଯାଉଛୁ ତାଙ୍କ ପ୍ରେମ ଜୀବନୀ ବିଷୟରେ। ତାଙ୍କ ପ୍ରେମରେ ଏମିତି ଏକ ମୋଡ ନେଇଥିଲା ଯେ ସେ ସେଥିରେ ସଫଳ ହୋଇପାରିନଥିଲେ। ତାଙ୍କର ପ୍ରେମ ଅସଂପୂର୍ଣ୍ଣ ହୋଇରହିଯାଇଥିଲା। ୯୦ ଦଶକରେ ସୋନାଲି ବେନ୍ଦ୍ରେଙ୍କର ସୁନ୍ଦର ଅଭିନୟ ଏବଂ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଏହି ସମୟରେ ମହାରାଷ୍ଟ୍ରର ଜଣେ ରାଜନେତା ମଧ ଅଭିନେତ୍ରୀଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ସେ ରାଜନେତା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ରାଜ ଠାକରେ। ଯିଏ ସୋନାଲିଙ୍କୁ ବହୁତ ଭଲ ପାଉଥିଲେ ଏବଂ ଅଭିନେତ୍ରୀ ମଧ ତାଙ୍କ ପ୍ରେମରେ ପାଗଳ ଥିଲେ । କୁହାଯାଇଥିଲା ଯେ ଦୁହେଁ ପରସ୍ପରକୁ ଏତେ ଭଲ ପାଉଥିଲେ ଯେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ଦମ୍ପତିଙ୍କ ପ୍ରେମ କାହାଣୀ ଅସମ୍ପୂର୍ଣ୍ଣ ରହିଗଲା। ଯେତେବେଳେ ବାଲ ଠାକରେ ଏହି ବିଷୟରେ ଜାଣିଲେ । ସେ ଏ ଦୁହିଁଙ୍କ ପ୍ରେମକୁ ଆଦୌ ଅନୁମିତ ଦେଇନଥିଲେ। ସୋନାଲିଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। କାରଣ ରାଜ ଠାକରେ ପୂର୍ବରୁ ବିବାହିତ ଥିଲେ। ଏଭଳି ପରିସ୍ଥିତିରେ ବାଲ ଠାକରେ ତାଙ୍କୁ କହିଥିଲେ ଯେ ଯଦି ସେ ଦ୍ୱିତୀୟ ବିବାହ କରନ୍ତି ତେବେ ତାଙ୍କର ଭାବମୂର୍ତ୍ତି ନଷ୍ଟ ହୋଇଯିବ। ବାଲ ଠାକରେଙ୍କ ଠାରୁ ଏହା ଶୁଣିବା ପରେ ରାଜଙ୍କ ମନ ବଦଳିଯାଇଥିଲା। ସେ ଧୀରେ ଧୀରେ ସୋନାଲି ବେନ୍ଦ୍ରେଙ୍କ ଠାରୁ ଦୂରେଇ ଗଲେ। ଯେଉଁଥିପାଇଁ ସୋନାଲି ଗୋଲଡି ବେହଲଙ୍କୁ ବିବାହ କଲେ ।

## ମା' ହେବେ ଦିଶା ପରମାର




ମା' ହେବାକୁ ଯାଉଛନ୍ତିଟେଲି ଅଭିନେତ୍ରୀ ଦିଶା ପରମାର। ଅଭିନେତ୍ରୀ ଦିଶା ପରମାର ତାଙ୍କ ପ୍ରଶଂସକଙ୍କୁ ଏହି ଖୁସି ଖବର ଦେଇଛନ୍ତି। ସେ ଗର୍ଭବତୀ ଥିବା ପ୍ରକାଶ କରିଛନ୍ତି। ସେ ଇନଷ୍ଟାଗ୍ରାମରେ ସ୍ୱାମୀ ରାହୁଲଙ୍କ ସହ ସୁନ୍ଦର ଫଟୋ ଏବଂ ଭିଡିଓ ସେୟାର କରିଛନ୍ତି। ଦିଶା ତାଙ୍କର ଗୋଟିଏ ପରେ ଗୋଟିଏ ଫଟୋ ସେୟାର କରିଛନ୍ତି। ପ୍ରଥମ ଫଟୋରେ ଦୁହେଁ ଏକ ଛୋଟ ବୋର୍ଡ ସହିତ ଛିଡା ହୋଇଛନ୍ତି ଯେଉଁଥିରେ ମମି ଏବଂ ପାପା ଲେଖାଯାଇଛି । ଦ୍ୱିତୀୟ ଫଟୋ ହେଉଛି ଅଲଟ୍ରାସାଉଣ୍ଡର ଏବଂ ତୃତୀୟ ସ୍ଲାଇଡ୍‌ରେ ଅଲଟ୍ରାସାଉଣ୍ଡର ଏକ ଭିଡିଓ ପୋଷ୍ଟ କରାଯାଇଛି । ପ୍ରଥମ ଫଟୋରେ, କଳା ରଙ୍ଗର ପୋଷାକ ପିନ୍ଧିଥିବା ଅଭିନେତ୍ରୀଙ୍କ ବେବି ବମ୍ପ ମଧ ସ୍ପଷ୍ଟ ଦେଖାଯାଉଛି। ଏଠାରେ ଦିଶା ଏବଂ ରାହୁଲଙ୍କ ମୁହଁରେ ଏକ ସୁନ୍ଦର ହସ ଦୃଶ୍ୟମାନ ହେଉଛି । ଏହି ଫଟୋ ସେୟାର କରିବାବେଳେ ଦିଶା କ୍ୟାପସନରେ ଲେଖିଥିଲେ, ' ହେଲୋ ମମି-ଡାଡି ବେବି ତରଫରୁ।' ଏହି ଘୋଷଣା ପରଠାରୁ ଦିଶା ଏବଂ ରାହୁଲଙ୍କୁ ସୋସିଆଲ ମିଡିଆରେ ଅନେକ ଶୁଭେଚ୍ଛା ଆସିଛି। ଫ୍ୟାନ୍ସଙ୍କ ବ୍ୟତୀତ ସେଲିବ୍ରେଟୀମାନେ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଦିଶା ୨୦୧୨ ରେ ଅଭିନୟ ଆରମ୍ଭ କରିଥିଲେ। ପ୍ୟାର କା ଦର୍ଦ ହେ, ମିଠା ମିଠା ପ୍ୟାରା ପ୍ୟାରାରେ ଅଭିନୟ କରି ଘରେ ଘରେ ପରିଚିତ ହୋଇଥିଲେ। ସେ ବେଡେ ଅଚ୍ଛେ ଲଗ୍‌ତେ ହେଁରେ ବି ଅଭିନୟର ଯାଦୁ ଦେଖାଇଥିଲେ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

# ରାଜ୍ୟ ଖବର



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପ୍ରସାଦ ଗ୍ରାମରେ ଗତ କିଛିଦିନ ତଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୧୪ଟି ପରିବାରର ଘର ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଥିଲା । ଖବର ପାଇ ସାଂସଦ ମହେଶ ସାହୁ ପୂର୍ବରୁ ବିପନ୍ନ ପରିବାରଙ୍କୁ ଟାଟା ଷ୍ଟିଲ୍ ମେରାମୁଣ୍ଡଳୀର ସହାୟତାରେ ସୁଖିଲା ଖାଦ୍ୟ ଓ ଘରୋଇ ଚଳଣୀ ଆସବାବପତ୍ର ବଂଟନ କରିଥିଲେ । ଶୁକ୍ରବାର ଦିନ ସାଂସଦ ଶ୍ରୀ ସାହୁ ଗୋବିନ୍ଦପ୍ରସାଦ ଗ୍ରାମରେ ପହଁଚି ରୁଙ୍ଗଟା କଂପାନୀ ସହାୟତାରେ ୧୪ ବିପନ୍ନ ପରିବାରକୁ ୪ହଜାର ଟଙ୍କା ଲେଖାଏଁ ୫୬ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଏହି ସମୟରେ ସାଂସଦଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଲିଆକତ୍ ଅଲ୍ଲି ଖାଁ, ସ୍ଥାନୀୟ ସରପଂଚ ରେଖା ଦଳେଇ, ସମାଜସେବୀ ଆର୍ଜେନ୍ଦୁ ଜେନା, ବିଜୟ ଦଳେଇ, ବିଜେଡି ନେତା ଅର୍ଜୁନ ସାହୁ, ସାମ୍ବାଦିକ ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି, ସୁମନ୍ତ ସ୍ୱାଇଁ ସମେତ ଅଗ୍ନିକାଣ୍ଡ ବିପନ୍ନ ପରିବାର ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ଓଆଇଏ ପକ୍ଷରୁ ଓଡ଼ିଶାରେ ଏମ୍ଏସ୍ଏମ୍ଇର ସ୍ଥିତି ସଂକ୍ରାନ୍ତୀୟ କର୍ମଶାଳା

## ସମସ୍ୟା ଏଡ଼ାଇବାକୁ ଉପଯୁକ୍ତ ଫୋରମରେ ଦାବି ଉପସ୍ଥାପନ ହେବ: ପ୍ରମୁଖ ସଚିବ

କଟକ, (ଭାସ୍କର ନ୍ୟୁଜ୍): ସୌଭାଗ୍ୟ ହେଉ ବା ଦୁର୍ଭାଗ୍ୟ ଏସଏସଏମଇ ଆପଣମାନଙ୍କ ସହ ଯୋଡ଼ି ହୋଇଛି । ଆପଣମାନଙ୍କ ବିଭିନ୍ନ ସମସ୍ୟାକୁ ଉପଯୁକ୍ତ ଫୋରମରେ ପହଞ୍ଚାଇ ତୁରନ୍ତ ସମାଧାନ କରିବାକୁ ବିଭାଗ ସବୁବେଳେ ଚେଷ୍ଟା କରିଥାଏ । ଯେଉଁଠି ଏହି କାର୍ଯ୍ୟ ବିଳମ୍ବିତ ହୋଇଥାଏ ସେହି ସବୁ ଫୋରମରେ କିଭଳି ଏହାର ସମାଧାନ ହୋଇପାରିବ ସେ ସଂକ୍ରାନ୍ତରେ ଉପଯୁକ୍ତ ଅଧିକାରୀଙ୍କୁ ବୁଝାଇ ସୁଝାଇ ସମସ୍ୟା ସମାଧାନର ସୂତ୍ର ବାହାର କରିଥାଏ ବୋଲି ଓଡ଼ିଶା ଇଣ୍ଡଷ୍ଟି ଆସୋସିଏସନ ପକ୍ଷରୁ ଜଗତପୁର ଠାରେ ଓଡ଼ିଶାରେ ଏମଏସଏମଇର ସ୍ଥିତି ସଂକ୍ରାନ୍ତୀୟ କର୍ମଶାଳାରେ ଯୋଗଦେଇ କହିଛନ୍ତି ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର । ଏହି ପରିପ୍ରେକ୍ଷୀରେ ଓଆଇଏ ପକ୍ଷରୁ କରାଯାଇଥିବା ବିଭିନ୍ନ ସମସ୍ୟା ସଂକ୍ରାନ୍ତୀୟ ଦାବି ପୂରଣ କରିବାକୁ ସଚିବ ପ୍ରତିଶ୍ରୁତି ଦେଇଥିଲେ । ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଭିତ୍ତିଭୂମିକର ବିକାଶ, ଜମି ପାଇଁ ଇଡ଼କୋର ୱାନ ଟାଇମ ଏନଓସି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଫାୟାର ଲାଇସେନ୍ସ ପାଇଁ ସ୍ୱତନ୍ତ୍ର ନୀତି, ଗ୍ରାଉଣ୍ଡ ରେଣ୍ଟକୁ କମ କରିବା ଏବଂ ମହିଳାମାନଙ୍କ ପାଇଁ କାର୍ଯ୍ୟରତ ସରକାରୀ ହଷ୍ଟେଲ ଭଳି




ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ ସରକାରଙ୍କ ନିକଟରେ ପ୍ରମୁଖ ସଚିବ ଉପସ୍ଥାପନ କରିବେ ବୋଲି ଶ୍ରୀ ମିଶ୍ର ଉଦ୍ୟୋଗପତି ମାନଙ୍କୁ କହିଥିଲେ । ଓଡ଼ିଶା ଇଣ୍ଡଷ୍ଟ୍ରି ଆସୋସିଏସନ ସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାରେ ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ ଅବନୀ କାନୁନ ଗୋ ସ୍ୱାଗତ ଭାଷଣ ଦେଇଥିଲେ । ଓଆଇଓର ବରିଷ୍ଠ ସଦସ୍ୟ ରାଜେଶ କାନୁନଗୋ, ବିନୋଦ ହୁଡୋ, ଭବାନୀ ପଣ୍ଡିତ, ମାନସ ବାବୁ, ଦେବେନ ରାୟ, କିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ଇଣ୍ଡଷ୍ଟ୍ରିର ବିଭିନ୍ନ ସମସ୍ୟା ସମ୍ପର୍କିତ ପ୍ରମୁଖ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାଧାରଣ ସମ୍ପାଦକ ଗୌର ଗୋପାଳ ସେନ ସଚିବଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଙ୍ଗଠନ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକ୍ସ୍ତରୀୟ ବଳରାମ ଯୋଜନା କର୍ମଶାଳା ଉଦ୍‌ଘାଟିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ କୃଷି କାର୍ଯ୍ୟାଳୟ ଆନୁକୂଲ୍ୟରେ ଓ ସହକାରୀ କୃଷି ଅଧି କାରୀ ସୁଶାନ୍ତ ଦାସଙ୍କ ଆବାହକତ୍ୱରେ ବ୍ଲକସ୍ତରୀୟ ବଳରାମ ଯୋଜନା କର୍ମଶାଳା ଆତ୍ମାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା. !ଏହି କର୍ମଶକ୍ଷଳକ୍ଷରେ ବୋଲଗଡ଼ ବ୍ଲକ ଉଦ୍ୟାନବିତ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ, ସମସ୍ତ ଜାତୀୟ କରଣ ବ୍ୟାଙ୍କ ଅଧିକାରୀ, ସମସ୍ତ ସମବାୟ ସମିତି ବ୍ୟାଙ୍କ ଅଧିକାରୀ, ସମସ୍ତ କୃଷକ ସାଥି, ସମସ୍ତ ଗ୍ରାମ୍ୟ କୃଷି ସେବକ, ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ମିଶନ ଶକ୍ତିର ଅଧିକାରିଣୀମାନେ ଯୋଗଦେଇଥଲେ. !ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ. !କର୍ମଶାଳାର ପ୍ରାରମ୍ଭରେ ମୁଖ୍ୟ ଅତିଥି ଶ୍ରୀ ସାହୁ ଜଗତରନାଥ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ଫୁଲ, ଚନ୍ଦନ, ଧୂପ ଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ. !ଏହି କର୍ମଶାଳାରେ ୬୨ଜଣ ସରକାରୀ ପଞ୍ଜିକରଣ ଭୂମିହୀନ ଚାଷୀମାନେ ଯୋଗଦେଇଥିଲେ. !ଏହି କର୍ମଶାଳାରେ ଭୂମିହୀନ ତଥା ମଧ୍ୟବିତ୍ତ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପକରେ ଆଲୋଚନା କରାଯାଇଥିଲା. !ଚାଷ ଓ ଚାଷୀର ବିକାଶ ପାଇଁ ରାଜ୍ୟସରକାର ଓ କେନ୍ଦ୍ରସରକାର ବିଭିନ୍ନ ଜନକଲ୍ୟାଣ କୃଷି ଯୋଜନା ପ୍ରଣୟନ କରି ବିନା ସୁଧରେ ଚାଷୀ ଋଣ ଟଙ୍କା, ରିହାତି ଦରରେ କୃଷି ଯନ୍ତ୍ରପାତି, ସାର, ବିହନ ଓ କୃଷି ପରାମର୍ଶ ଯୋଗାଇ ଦେଉଥିଲେ ମଧ୍ୟ ବୋଲଗଡ଼ କୃଷି ଅଧିକାରୀ ଓ କୃଷି ଗ୍ରାମସେବକମାନଙ୍କର ଉଦାସୀନତା ଯୋଗୁଁ ବିଫଳ ଘଟୁଅଛି ବୋଲି ମୁଖ୍ୟ ଅତିଥି ରମେଶ ଚନ୍ଦ୍ର ସାହୁ କ୍ଷୋଭ ପ୍ରକାଶ କରିଥିଲେ. !ବୋଲଗଡ଼ କୃଷି ବ୍ଲକରେ ୬ଜଣ କୃଷି ଗ୍ରାମସେବକ ମଧ୍ୟରୁ ୨ଜଣ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଗଲେଣି. ! ୪ଜଣ କୃଷି ଗ୍ରାମସେବକ ବୋଲଗଡ଼ ବ୍ଲକ ଅଞ୍ଚଳରେ ଉପସ୍ଥିତ ନ ରହି ରାଜଧାନୀ ଭୁବନେଶ୍ୱରରେ ରହି ବିଳାସମୟ ଜୀବନ ଯାପନ କରୁଥିବାରୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଚାଷ ଓ ଚାଷୀର ବିକାଶ ହୋଇପାରୁନାହିଁ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ଗଣମାଧ୍ୟମକୁ କହି ଅଛନ୍ତି !ରାଜ୍ୟ ସରକାରଙ୍କ କୃଷି ବିଭାଗ ବୋଲଗଡ଼ କୃଷି ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ ମାଗଣାରେ ସାର, ବିଭିନ୍ନ କିସମର ବିହନ ଓ କୀଟନାଶକ ଔଷଧ ମାଗଣାରେ ଯୋଗାଇ ଦେଉଥିଲେ ମଧ୍ୟ ଚାଷୀମାନେ ତାହା ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ. !ଏଠାରେ କୃଷି ପରାମର୍ଶ ପାଇଁ ଖାଲିପଡିଥିବା କୃଷି ଗ୍ରାମସେବକ ପଦବୀଗୁଡିକ ଶୀଘ୍ର ପୂରଣ କରିବାକୁ ମୁଖ୍ୟ ଅତିଥି ଶ୍ରୀ ସାହୁ ପରାମର୍ଶ ଦେଇଥିଲେ. !ପରିଶେଷରେ ସହକାରୀ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମଳ ସମୟରେ ମିଳିଲାନି ପାଣି



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ଅଞ୍ଚଳର ଚିତ୍ର । ମାନ୍ୟମକୋଣ୍ଡା ଗ୍ରାମ ପଞ୍ଚାୟତର, ଏମପିଭି ୪୧, ଏମଭି ୭୫, ଏମପିଭି ୪୨, ବିଲ୍ଲିଗୁଡ଼ା, ପିଣ୍ଡିକୋଣ୍ଡା, କାଲୁଗୁଡ଼ା ସହିତ ଦୋଗୁଣ୍ଡା ଗ୍ରାମ ର ଚାଷୀମାନେ ୨ଶହ ରୁ ଅଧିକ ଏକର ଜମିରେ ଚିନାବାଦାମ ଚାଷ କରିଛନ୍ତି । ପାଣି ପାଇଁ ପ୍ରତି ବର୍ଷ ସଂଘର୍ଷ କରିବାକୁ ପଡ଼ିଥାଏ । ଏମଭି ୭୯ ଠାରେ ଥିବା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ଚାଷ କରିବା ପୂର୍ବରୁ କେନାଲରେ ପାଣି ଛଡ଼ାଯିବା ସମ୍ବନ୍ଧରେ ପଚାରି ବୁଝିଥିଲେ ଚାଷୀ । ଯନ୍ତ୍ରୀ ହଁ କହିବାରୁ ଚାଷରେ ଓହୋରିଥିଲେ ଚାଷୀ, ଚାଷ ଆରମ୍ଭ ରେ ପୋଟେରୁ ଜଳସେଚନ ବିଭାଗ କିନ୍ତୁ ଠିକ୍ ଠାକ୍ ପାଣି ଛାଡ଼ିଥିଲେ । କିନ୍ତୁ ବାଦାମ ଉଠାଇବା ସମୟରେ, ଚାଷୀଙ୍କୁ ପାଣି ଯୋଗାଇ ଦେଲେ ନାହିଁ । ଯାହା ଦ୍ୱାରା ଚାଷୀଙ୍କ ଦୁର୍ଦ୍ଦଶା ଏବେ କହିଲେ ନସରେ । ପାଣି ନପାଇବା ଫଳରେ ମାଟି ତଳେ ରହିଯାଉଛି ବାଦାମ । ଉପରୋକ୍ତ ଗ୍ରାମ ର ଚାଷୀ ମାନେ ପାଣି ସମସ୍ୟା ନେଇ ବାରମ୍ବାର ପଟେରୁ ଜଳସେଚନ ବିଭାଗର ଅଧିକାର ଙ୍କୁ, ନିବେଦନ କଲେ ମଧ୍ୟ । ଜଳସେଚନ ବିଭାଗର ଅଧିକାରୀ କିନ୍ତୁ କୌଣସି କଥା ଶୁଣିଲେ ନାହିଁ । ଶେଷରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଡ଼ି ଙ୍କୁ ଜଣାଇବା ପରେ, ବିଧାୟକ ନିଜେ ବାଲିମେଲା ଠାରେ ଚାଷୀଙ୍କ ପାଣି ସମସ୍ୟାର ସମାଧାନ କରିବା ପାଇଁ ପହଞ୍ଚିଲେ । ଏଥି ସହିତ ଜିଲ୍ଲା ର ଚାଷୀଙ୍କ ପାଣି ସମସ୍ୟା ସେ ବିଧାନସଭାରେ ଉପସ୍ଥାପନ କରିବେ ବୋଲି କହିଛନ୍ତି ।

### ପଶ୍ଚିମବଙ୍ଗ ବାଣ ବିସ୍ଫୋରଣ ଘଟଣା

## ମୁଖ୍ୟ ଅଭିଯୁକ୍ତର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

କଟକ(ଭାସ୍କର ନ୍ୟୁଜ୍): ପଶ୍ଚିମବଙ୍ଗ ବାଣ ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଭାନୁ ବାଗଙ୍କୁ ଗତକାଲି କଟକରୁ ଗିରଫ କରାଯାଇଥିବାବେଳେ ଆଜି ତାର ମୃତ୍ୟୁ ଘଟିଛି । କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଭାନୁ ବାଗଙ୍କ ମୃତ୍ୟୁ ସହିତ ଏହି ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୦ରେ ପହଁଚିଛି । ମଙ୍ଗଳବାର ବାଣ ବିସ୍ଫୋରଣବେଳେ ସେ ବି ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ବିସ୍ଫୋରଣ ଯୋଗୁଁ ତାଙ୍କ ଶରୀରର ୮୦ପ୍ରତିଶତ ପୋଡ଼ି ଯାଇଥିଲା । ପଶ୍ଚିମବଙ୍ଗରେ କୌଣସି ଡାକ୍ତରଖାନାରେ ଭର୍ତ୍ତି ହେଲେ ପୋଲିସ ହାତରେ ଧରାପଡ଼ିଯିବା ଭୟରେ ସେ ଓ ତାଙ୍କ ପୁଅ ଏବଂ ଅନ୍ୟ ଜଣେ ସମ୍ପର୍କୀୟଙ୍କ ସହିତ କଟକ ପଳାଇ ଆସିଥିଲେ । ଭାନୁ ବାଗ ଓଡ଼ିଶା ପଳାଇ ଆସିଥିବା ନେଇ ପଶ୍ଚିମବଙ୍ଗ ପୋଲିସ ସନ୍ଦେହ କରିଥିଲା । ଏନେଇ କଟକ କମିଶନରେଟ ପୋଲିସକୁ ଜଣାଇଥିଲା । କଟକ ପୋଲିସ ପକ୍ଷରୁ ଏନେଇ ଖୋଳତାଡ଼ କରାଯାଇଥିଲା । କଟକ ପୋଲିସ ସହାୟତାରେ ପଶ୍ଚିମବଙ୍ଗ ପୁଲିସ ଗତକାଲି ଭାନୁ ବାଗଙ୍କୁ କଟକର ଏକ ଘରୋଇ ହସ୍ପିଟାଲରୁ ଗିରଫ କରାଯାଇଥିଲା । ମାତ୍ର ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାରୁ ପଶ୍ଚିମବଙ୍ଗ ପୁଲିସ ତାଙ୍କୁ ସାଙ୍ଗରେ ନେଇ ପାରି ନଥିଲା । ତେବେ ସେହି ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଆଜି ତାଙ୍କର ମୃତ୍ୟୁ ଘଟିଛି । ଗତ ମଙ୍ଗଳବାର ପଶ୍ଚିମବଙ୍ଗର ପୂର୍ବ ମେଦିନପୁର ଜିଲ୍ଲାର ଏଗ୍ରା ଗାଁରେ ଏହି ଅଘଟଣ ଘଟିଥିଲା । ଏହି ବାଣ କାରଖାନାଟି ଏକ ଆବାସିକ ଘରେ ବେଆଇନ ଭାବେ ଚାଲୁଥିଲା । ଭାନୁ ବାଗ ଓ ତାଙ୍କ ପୁଅ ଏହାକୁ ଚଳାଉଥିଲେ । ବେଆଇନ ଭାବେ ବାଣ କାରଖାନା ଚଳାଇବା ଅଭିଯୋଗରେ ଭାନୁ ବାଗ ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିଲେ । ତେବେ ଜାମିନରେ ଆସିବା ପରେ ମଧ୍ୟ ପୁଣି ଏହି କାମରେ ଲାଗିଥିଲେ । ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗର ରାଜନୀତି ମଧ୍ୟ ସରଗରମ ହୋଇ ଉଠିଥିଲା । ଅଭିଯୁକ୍ତ ଭାନୁ ବାଗ ତୃଣମୂଳ କଂଗ୍ରେସ (ଟିଏମ୍ସି)ର ଜଣେ କାର୍ଯ୍ୟକର୍ତ୍ତା । ସେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କ ଦଳ ପାଇଁ ବୋମା ତିଆରି କରୁଥିଲେ ବୋଲି ପଶ୍ଚିମବଙ୍ଗ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏହା ସହିତ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଦ୍ୱାରା କରାଇବାକୁ ଦଳ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିଥିଲା । ଅନ୍ୟପକ୍ଷରେ ବିଜେପିର ଅଭିଯୋଗକୁ ଟିଏମ୍ସି ଖଣ୍ଡନ କରିଥିଲା ।

## ସହରଠାରୁ ପୁରପଲୀ ପର୍ଯ୍ୟନ୍ତ ଶ୍ରଦ୍ଧା-ଭକ୍ତିର ସହ ସାବିତ୍ରୀ ବ୍ରତ ପାଳିତ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ସାମ୍ପ୍ରତିକ ସମାଜରେ ଅତ୍ୟାଧୁନିକ ପାଶ୍ଚାତ୍ୟ ଜୀବନ ଶୈଳୀ ପ୍ରତି ଲୋକେ ଯେତେ ଆକର୍ଷିତ ହେଲେ ନିଜ ପରମ୍ପରାକୁ ଯେ ଭୁଲି ନାହାନ୍ତି, ତାହା ଶୁକ୍ରବାର ପାଳିତ ହୋଇଥିବା ମହାସାବିତ୍ରୀ ବ୍ରତରୁ ବେଶ ପରିଲକ୍ଷିତ ହୋଇଛି । ଉତ୍କଳୀୟ ସଂସ୍କୃତିର ଅନନ୍ୟ ପର୍ବ 'ସାବିତ୍ରୀ ବ୍ରତ'କୁ ବାଲେଶ୍ୱର ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ବିବାହିତ ମହିଳାମାନେ ବେଶ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରିଥିବା ଦେଖିବାକୁ ମିଳିଛି । ସହରର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳୀମନ୍ଦିର, ଝାଡ଼େଶ୍ୱର ମହାଦେବ ମନ୍ଦିର, ରାଜାବଗିଚା ରାଧାକୃଷ୍ଣ ମନ୍ଦିର, ବାଲିଘାଟସ୍ଥିତ ତାରିଣୀ ମନ୍ଦିର, ଓଟିରୋଡ଼ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ସମେତ ଅନ୍ୟାନ୍ୟ ବିଭିନ୍ନ ଶୈବପୀଠ ଓ ଶକ୍ତିପୀଠରେ ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମହିଳାଙ୍କର ଭିଡ଼ ହୋଇଥିବା ଲକ୍ଷ୍ୟ କରାଯାଇଛି । ମନ୍ଦିରର ଦେବାଦବୀଙ୍କ ନିକଟରେ ଶୋଡ଼ଷ ଉପଚାର ପୂଜା ସାଙ୍ଗକୁ ଭକ୍ତିପୂତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ବ୍ରତଧାରୀମାନେ । ସ୍ୱାମୀଙ୍କ ଦୀର୍ଘ ଜୀବନ ସାଙ୍ଗକୁ ପରିବାରର ମଙ୍ଗଳ କାମନା କରିଥିଲେ ସମସ୍ତେ । ତେବେ ଜୀବନର ପ୍ରଥମଥର ପାଇଁ ସାବିତ୍ରୀ ବ୍ରତ ପାଳନ କରୁଥିବା ନବବିବାହିତାଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଲକ୍ଷ୍ୟ କରାଯାଇଥିଲା । ମହିଳାମାନେ ଅନ୍ୟ ସମୟରେ ଯେତେ ବି ଆଧୁନିକତାକୁ ଗ୍ରହଣ କରିଥିଲେ ବି ଅନ୍ତତଃପକ୍ଷେ ସାବିତ୍ରୀ ବ୍ରତ ପାଳନ ଅବସରରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଗୃହିଣୀ ପରି ସମସ୍ତ ଉତ୍କଳୀୟ ପରମ୍ପରାକୁ ଗ୍ରହଣ ଦେଖିବାକୁ ମିଳିଥିଲା । ପରମ୍ପରା ଅନୁସାରେ ବିବାହିତ ଝିଅମାନଙ୍କ ପାଇଁ ବାପଘରୁ ସାବିତ୍ରୀ ଭାର ଆଜି ଆସିଥାଏ । ଅନ୍ୟପକ୍ଷରେ ବଜାରର ଫଳଦର ଆକଶଛୁଆଁ ହୋଇଥିଲେ ମଧ୍ୟ ସ୍ୱାମୀମାନେ ସେଥିପ୍ରତି ଭ୍ରୂକ୍ଷେପ ନକରି ପତିବ୍ରତା ପତ୍ନୀଙ୍କୁ ଖୁସି କରିବାକୁ ହାତଖୋଲା ଖର୍ଚ୍ଚ କରୁଛନ୍ତି । ସାବ୍ରିତ୍ରୀ ବ୍ରତରେ ଫଳ ଦୋକାନଠାରୁ ଆରମ୍ଭ କରି ଲୁଗାପଟା ଓ ଜଳଖିଆ ଦୋକାନରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଛି । ପତିଭକ୍ତିର ନିଦର୍ଶନ ଭାବେ ନାରୀର ଗାରିମାକୁ ଦୃଷ୍ଟିରେ ରଖି ଭାରତୀୟ ସଂସ୍କୃତି ସାବିତ୍ରୀ ବ୍ରତର ମହାନତା ଯୁଗେ ଯୁଗେ ପ୍ରତିପାଦିତ କରି ଆସିଛି । ପୌରାଣିକ କଥାବସ୍ତୁ ଆଧାରରେ ସତୀ ସାବିତ୍ରୀଙ୍କ ପତିଭକ୍ତି ସ୍ୱାମୀ ସତ୍ୟବାନଙ୍କୁ ନୂଆ ଜୀବନ ପ୍ରଦାନ କରିଥିବା ବେଳେ ଏହା ଭାରତୀୟ ସଂସ୍କୃତି ପାଇଁ ଆଦର୍ଶ ହୋଇ ରହିଯାଇଛି । ଅନୁରୂପ ଭାବେ ଓଡ଼ିଆ ଘରର ବିବାହିତ ମହିଳାମାନେ ଆଜି ଏହାକୁ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରୁଥିବା ଦେଖିବାକୁ ମିଳିଛି । ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ପାଳିତ ହେଉଥିବା ଏହି ସାବିତ୍ରୀ ବ୍ରତରେ ଓଡିଶାର ପ୍ରତ୍ୟେକ ବିବାହିତ ନାରୀ ସ୍ୱାମୀଙ୍କର ଦୀର୍ଘ ଆୟୁ ସାଙ୍ଗକୁ ନିରାମୟ ଜୀବନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ କାମନା ପୂର୍ବକ ପୂଜାର୍ଚ୍ଚନା କରିଥିଲେ ।

## ଧରା ପଡିଲା ଗୋ ଚାଲାଣ, ବୃଷଭକୁ ବି ଛାଡ଼ିଲେନି ଗୋ ମାଫିଆ



ପାରାଦୀପ,( ଭାସ୍କର ନ୍ୟୁଜ): ରାତି ଅଧିଆ ଗୋ ଚାଲାଣ, ନମ୍ବର ବିହୀନ ପିକଅପ ଗାଡ଼ିରେ ଚାଲୁଥିଲା ଗୋ ଚାଲାଣ, ଗାଇ ବାଛୁରୀ ସହ ଷଣ୍ଢକୁ ବି ଛାଡିଲେନୀ ଗୋ ମାଫିଆ, ବଜରଙ୍ଗ ଦଳ ହାତରେ ଧରା ପଡିଲେ ଗୋ ଚାଲାଣ କାରି ଗତ ଗୁରୁବାର ବିଳମ୍ବିତ ରାତିରେ ପରାଦୀପ ଏଫକୋ ଛକ ନିକଟ ଭିମାନସୀ ଗାଁ ରେ ଏକ ନମ୍ବର ବିହୀନ ପିକଅପ ଗାଡିରେ ଗୋ-ଚାଲାଣ ହେଉଥିବା ଖବର ପାଇ ବଜରଙ୍ଗ ଦଳର କର୍ମୀ ମାନେ ପହଞ୍ଚି ଗାଡିଟିକୁ ଅଟକ ରଖିବା ସହିତ ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପାରାଦ୍ୱୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗାଡିଟିକୁ ଜବତ କରିଥିଲେ । ପରେ ବଜରଙ୍ଗ ଦଳ ସହାୟତାରେ ୨ ଟି ଷଣ୍ଢ ଗୋଟେ ଗାଇ ଓ ବାଛୁରୀକୁ ଉଦ୍ଧାର କରି ତାରିଣୀ ଗଡା ସ୍ଥିତ ମା'ଶାରଳା ଗୋ-ଶାଳାକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଥିଲେ । ତେବେ ଗିରଫହୋଇ ଥିବା ୨ ଅଭିଯୁକ୍ତ କେନ୍ଦ୍ରାପଡା ଜିଲ୍ଲା ଗୋପ ଅଞ୍ଚଳର କାଲୁ ମିଆଁ ବୋଲି ଜଣା ପଡିଛି । ଅନ୍ୟ ପଟେ ଦୀର୍ଘ ଦିନ ଧରି ପାରାଦପ ତଥା ଜିଲ୍ଲାର ବିଭିର୍ନ ଅଞ୍ଚଳରୁ ଗାଇ ଗୋରୁ ରାତି ଅଧିଆ ଉଭାନ ହୋଇ ଯାଉଥିବା ବେଳେ ପାରାଦ୍ୱୀପ ଷଣ୍ଡକୁଦ ବସ୍ତିରୁ ଗାଇ ଚୋରୀକୁ ନେଇ ଥାନାରେ ଏତଲା ହୋଇଥିବା ନଜିର ଆସିଛି । ଗାଇ ମାଲିକଙ୍କ ଅଭିଯୋଗ ଅନୁଯାଇ ସଣ୍ଡକୁଦରେ ରହି ଆସୁଥିବା ଅଶୋକ ବେହେରା ଏହି ଗୋ ମାଫିଆମାନଙ୍କୁ ଗୋ ଚାଲାଣ କରିବାରେ ସହଯୋଜ କରୁ ଥିଲା । ତେଣୁ ବିଶେଷ କରି ପାରାଦ୍ୱୀପର ସଣ୍ଡକୁଦ ଅଞ୍ଚଳରେ ଅତ୍ୟାଧିକ ଗୋ ପାଳନ ହେଉ ଥିବା ବେଳେ ଗୋ ମାଫିଆମାନେ ଷଣ୍ଡକୁଦକୁ ଟାର୍ଗେଟକରୁ ଥିବା ସେମାନେ କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଦୀର୍ଘ ଦିନ ଧରି କିପରି ନମ୍ବର ବିହୀନ ଗାଡ଼ିରେ ପାରାଦୀପର ମୁଖ୍ୟ ରାସ୍ତା ଦେଇ କେନ୍ଦ୍ରାପଡ଼ାକୁ ଗୋ ଚାଲାଣ ହେଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

## ୪୦ବର୍ଷ ପରେ ରାସ୍ତା ମରାମତି: ଗ୍ରାମବାସୀ ଖୁସି

ରଘୁନାଥପୁର:(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ନୂଆପଡା ଓମ୍ଫେଡ୍ ପ୍ଲାଣ୍ଟ ପାଖ ୯ନଂ ୱାର୍ଡ ଦଳିତସାହି ରାସ୍ତାରେ ଦୀର୍ଘ ୪୦ ବର୍ଷ ପରେ ମାଟି ପକାଯାଇ ଯାତାୟତ ଉପଯୋଗୀ କରାଯାଉଛି । ସରପଞ୍ଚ ସାହେଦା ତବସୁମଙ୍କ ପକ୍ଷରୁ ଏନଆରଇଜିଏସ ଅନୁଦାନରେ ଉକ୍ତ ରାସ୍ତାରେ ମାଟି ପକାଯାଇ ଉଚ୍ଚା କରାଯାଉଛି । ଏହି କାର୍ଯ୍ୟରେ ସ୍ଥାନୀୟ ଦଳିତସାହିର ମହିଳା ଓ ପୁରୁଷମାନେ ନିୟୋଜିତ ଅଛନ୍ତି । ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିବାରୁ ଦଳିତସାହିର ପ୍ରତ୍ୟେକ ଜବକାର୍ଡଧାରୀ ଉତ୍ସାହର ସହ ନିଜ ଗାଁ ରାସ୍ତା କରିବା ପାଇଁ ଆଗେଇ ଆସିଛନ୍ତି । ସରକାରଙ୍କ ଗାଇଡଲାଇନ ଅନୁଯାଇ ଯେତିକି ପାରିଶ୍ରମିକ ମିଳୁଛି ସେମାନେ ସନ୍ତୁଷ୍ଟ ବୋଲି ଶକୁନ୍ତଳା



ଦାସ ଓ ଉତ୍ତମ ଦାସ କହିଛନ୍ତି । ପୂର୍ବରୁ ଥିବା ପାଦଚଲା ରାସ୍ତାରେ ଗ୍ରାମବାସୀ ଯାତାୟତ କରୁଥିଲେ । ବର୍ଷକୁ ୬ମାସ ଲୋକେ ପାଣିକାଦୁଅରେ ପଶି ଯିବାଆସିବା କରିବାକୁ ବାଧ ହେଉଥିଲେ । ଏପରିକି ରୋଗୀଙ୍କୁ ଖଟିଆରେ ଟେକି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯିବାକୁ ପଡୁଥିଲା । ପିଲାମାନେ ସ୍କୁଲ ଯିବାକୁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ରାସ୍ତାର ସ୍ଥାନେ ସ୍ଥାନେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବାରୁ ଲୋକେ କଟକିଦଳ ପକେଇ ଉକ୍ତ ଜାଗାକୁ ଉଚ୍ଚା କରୁଥିଲେ । ସରପଞ୍ଚ ତବସୁମ ପ୍ରତିଶ୍ରୁତି ରକ୍ଷା କରି ରାସ୍ତା କାର୍ଯ୍ୟ ଆରମ୍ଭ କରିଛନ୍ତି । ଜାଗା ଦ୍ୱାରା ଗ୍ରାମବାସୀ ଉପକୃତ ହେବା ସହ ପରୋକ୍ଷରେ କାର୍ଯ୍ୟ କରୁଥିବା ବ୍ୟକ୍ତି ମଜୁରୀ ପାଇ ଜୀବିକା ନିର୍ବାହ କରିପାରୁଛନ୍ତି ବୋଲି ମନରମା ଦାସ ଓ ନିରୂପମା ଦାସ କହିଛନ୍ତି । ଉକ୍ତ ଦଳିତସାହି ବସ୍ତିର ତିନି ପାର୍ଶ୍ୱରେ ଚାଷଜମି ଓ ଏହା ଲୋଲ୍ୟାଣ୍ଡ ହୋଇଥିବାରୁ ରାସ୍ତାକୁ ପ୍ରଥମେ ମାଟି ପକେଇ ଉଚ୍ଚା କରାଯିବା ପରେ ବାଲିମରମ ପକାଯାଇ ଯାତାୟତ ଉପଯୋଗୀ କରାଜୀବ ବୋଲି ସରପଞ୍ଚ ତବସୁମ କହିଛନ୍ତି । ଏହା ଛଡା ରାସ୍ତାର ୨/୩ ଗୋଟି ସ୍ଥାନରେ ପାଣି ନିଷ୍କାସନ ପାଇଁ ହୋମ ପାଇପ ପକାଯିବା ସହ ଲୋକେ ବିଶୁଦ୍ଧ ପାନୀୟଜଳ ପାଇବା ପାଇଁ ନଳକୂପର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଗାଁକୁ ରାସ୍ତା ଓ ଗ୍ରାମବାସୀଙ୍କ ପାଇଁ ଶ୍ରମଦିବସ ସୃଷ୍ଟି କରି ସରପଞ୍ଚ ତବସୁମ ପ୍ରଶଂସିତ ହୋଇଛନ୍ତି ।

### କୋଟିଆର ଅଣସେର୍ଭେ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ ପ୍ରକ୍ରିୟା ଆରମ୍ଭ

## ରଣାସିଙ୍ଗ ଗାଁରେ ସ୍ୱତନ୍ତ୍ର ପଲ୍ଲୀସଭା

କୋରାପୁଟ ,(ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ପଡୋଶୀ ଆନ୍ଧ୍ର ପ୍ରଦେଶକୁ ଲାଗି ରହିଥିବା କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ଗୁଡିକ ସର୍ଭେ ନହୋଇ ରହଛି । ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋଟିଆ ପଞ୍ଚାୟତର ସୀମାନ୍ତ ଗାଁ ଗୁଡିକରେ ସର୍ଭେ କାର୍ଯ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନା ଅନୁଯାଇ, ଉକ୍ତ ପଞ୍ଚାୟତରେ ଥିବା ୩୪ଟି ଗ୍ରାମ ମଧ୍ୟରୁ ୨୧ଟି ଗ୍ରାମ ଅଣସର୍ଭେ ହୋଇ ପଡିରହିଥିବା ବେଳେ ଏକ ପ୍ରକାର ସରକାରୀ ରେକଡର୍ରେ ସ୍ଥାନ ନପାଇ ବିବାଦୀୟ ଘରରେ ରହିଛି । ଏଥିଯୋଗୁଁ ଏହାର ଫାଇଦା ପଡୋଶୀ ଆନ୍ଧ୍ର ସରକାର ଉଠାଇ ବିଭିନ୍ନ ସମୟରେ ଅଞ୍ଚଳରେ ଅନୁପ୍ରବେଶ କରି ନିଜ ସରକାରୀ ଯୋଜନା ବିଷୟରେ କହି ଲୋକଙ୍କୁ ପ୍ରଲୋଭିତ କରିବା ସହିତ ନିଜ ଆଡ଼କୁ ଆକୃଷ୍ଟ କରୁଥିବା ନଜର ରହିଛି । ଏହି ଭଳି



ସ୍ଥିତିରେ ରାଜ୍ୟ ତଥା କୋରାପୁଟ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ଅଧ୍ୟକ୍ଷତାରେ ପ୍ରଥମ ଦିନ କୋଟିଆ ପଞ୍ଚୟତର ରଣାସିଙ୍ଗ ଗ୍ରାମରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଅବସରରେ ଗାଁ ବିଦ୍ୟାଳୟରେ ଗ୍ରାମବାସୀଙ୍କୁ ନେଇ ସ୍ୱତନ୍ତ୍ର ପଲ୍ଲୀସଭା ଅୟୋଜନ କରାଯାଇଥିଲା । ଏଥିରେ ଗ୍ରାମବାସୀଙ୍କୁ ଏହି ସର୍ଭେର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନତା କରାଯାଇଥିଲା । ଏହି ସମୟରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ କୁମାର ସେଠୀ, ଫରେଷ୍ଟର ସୁଶାନ୍ତ କୁମାର ସେଠୀ, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ ଓ ଏଫ୍ଆର୍ଏ ସଂଯୋଜକ କୈଳାସ ବାଣୁଆ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ନିୟମ ସମ୍ପର୍କରେ ବୁଝାଇଥିଲେ । କୋଟିଆ ପଞ୍ଚାୟତର ୨୧ଟି ଅଣସର୍ଭେ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଗଲେ ଗ୍ରାମବାସୀ ସରକାରଙ୍କ ଯୋଜନାରେ ସାମିଲ ହେବା ସହିତ ସୀମାନ୍ତ ଅଞ୍ଚଳରେ ହେଉଥିବା ପଡୁଚାଷକୁ ରୋକାଯାଇ ପାରିବ ବୋଲି ତହସିଲଦାର ଶ୍ରୀ ଧାରୁଆ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଓ ଏଫ୍ଇଏସ୍ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ବ୍ଲକ କଂଗ୍ରେସ ସଭାପତିଙ୍କ ପିତୃ ବିୟୋଗ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଧୁତ ସ୍ୱାଇଁ ଙ୍କ ର ପିତୃ ଶ୍ୟାମ ସୁନ୍ଦର ସ୍ୱାଇଁ (୮୦) ଙ୍କର ଗତ ମଙ୍ଗଳବାର ଦିନ ନିଜ ବାସଭବନ (ମୁତଣିଆ) ଗ୍ରାମରେରେ ବିୟୋଗ ହୋଇଯାଇଛି କ୍ଷସେ କଲିକତା ରେ ଚାକିରୀ କରିଥିବା ବେଳେ ଚାକିରୀ ସରିବା ପରେ ଘରେ ରହୁଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସମାଜ ସେବୀ ଥିବା ବେଳେ ଗ୍ରାମ ଓ ଆଖ ପାଖ ଅଞ୍ଚଳରେ ବିଭିନ୍ନ ଧର୍ମାନୁଷ୍ଠାନ ମାନଙ୍କରେ ଜଡିତ ଥିଲେ । ତାଙ୍କ ମୃତ୍ୟୁ ନିକଟରେ ପୁତ୍ର ଅନନ୍ତ, ଅବଧୁତ,ପୁତ୍ରବଧୂ ଶୈଳବାଳା ଉପସ୍ଥିତ ।

## ଯାଞ୍ଚ ନାହିଁ କି କାର୍ଯ୍ୟାନୁଷ୍ଠାନ ନାହିଁ,ନକଲି ସାଟିଫିକେଟରେ ଶିକ୍ଷକ ଚାକିରି

କାକଟପୁର (ଭାସ୍କର ନ୍ୟୁଜ୍): (ପୂର୍ଣ୍ଣଚନ୍ଦ୍ର ପଣ୍ଡା) ପୁରୀ ଜିଲ୍ଲା କାକଟପୁର ବ୍ଲକ ଶିକ୍ଷାବିଭାଗ ଅଧିନରେ ମାଲ ମାଲ ନକଲି ସାଟିଫିକେଟଧାରୀ ଜାଲ ସିଟି, ବିଇଡି, ଜାତିଗତ ଓ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଶିକ୍ଷକ ଶିକ୍ଷୟତ୍ରୀ ଚାକିରି କରିଆସୁଛନ୍ତି । ଏମିତିକି କେତେକ ହାଇସ୍କୁଲର ଖେଳ ଶିକ୍ଷକ ମଧ୍ୟ ଜାଲ ସାଟିଫିକେଟ ମାଧ୍ୟମରେ ବର୍ଷ ବର୍ଷ ଧରି ଚାକେରି କରି ସରକାରୀ ଅର୍ଥକୁ ଚଲୁ କରିଚାଲିଛନ୍ତି । ଏମାନଙ୍କ ସାଟିଫିକେଟ ଯାଞ୍ଚ ହେଉ ନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ବିଭାଗୀୟ ଅଧିକାରୀମାନେ ଏସବୁ ବେଆଇନ କାର୍ଯ୍ୟ ଓ ନିଯୁକ୍ତି ସମ୍ପର୍କରେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ଜାତିଗତ, ଶିକ୍ଷାଗତ ପ୍ରମାଣପତ୍ର ସହିତ ଓଟିଇଟି ପରୀକ୍ଷାରେ ପ୍ରାପ୍ତ ନମ୍ବରକୁ ମଧ୍ୟ ନକଲି ସାଟିଫିକେଟଧାରୀମାନେ ଜାଲିଆତି କରିଥିବା ଚର୍ଚ୍ଚା ହେଉଛି । ଜଣେ ଜଣେ ପ୍ରାର୍ଥୀ ଜାଲ ମାର୍କସିଟ ପାଇବା ସହିତ ଶିକ୍ଷକ ଚାକିରିରେ ନିଯୁକ୍ତି ପାଇବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଥିବା ଶୁଣିବାକୁ ମିଳୁଛି । ନକଲି ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରସହ ପ୍ରାର୍ଥୀମାନେ ସକ୍ଷମ ଥାଇ ମଧ୍ୟ ଶିକ୍ଷକ ଚାକେରି ପାଇବା ଆଶାରେ ଚକ୍ଷୁ , ଶ୍ରବଣ ଶକ୍ତି , କର୍ଣ୍ଣ , ନାସା, ଗଳା ଓ ହାତ ଗୋଡ଼ରେ ଅକ୍ଷମତା ଥିବା ଆଦି ଦର୍ଶାଇ ବିଭିନ୍ନ ସ୍ଥାନରୁ ମୋଟା ଅଙ୍କର ଅର୍ଥ ଦେଇ ଭିନ୍ନକ୍ଷମ ସାଟିଫିକେଟ ହାତେଇ ଥିବା ଚର୍ଚ୍ଚା ହେଉଛି । ଯଦି ବର୍ତ୍ତମାନ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଡାକ୍ତରୀ ଟିମ (ଦ୍ୱାରା ) ଭିନ୍ନକ୍ଷମ ସାଟିଫିକେଟ ଦେଇ ଚାକେରି କରିଥିବା ଶିକ୍ଷକମାନଙ୍କର ଚକ୍ଷୁ, ଅସ୍ଥିଶଲ୍ୟ , ଗଳା , ନାସା , କର୍ଣ୍ଣ (ସ୍ୱାସ୍ଥ୍ୟ )ଆଦି ପରୀକ୍ଷା କରାଯାଆନ୍ତା ତେବେ ସେମାନେ ପ୍ରକୃତରେ ଭିନ୍ନକ୍ଷମ ନା ସକ୍ଷମ ଜଣାପଡିଯାଆନ୍ତା ବୋଲି ବହୁ ଅଭିଭାବକ ମତ ଦେଇଛନ୍ତି । ନକଲି ପ୍ରମାଣ ପତ୍ରରେ ଶିକ୍ଷକ ଚାକେରି କରିଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ଜାଲ ମାଟ୍ରିକ ଓ ସଂସ୍କୃତ ଟୋଲ ସାଟିଫିକେଟ ସହିତ ସୁଦୂର ଜାମୁକାଶ୍ମୀର, ଗୁଲବର୍ଗ, ଆନ୍ଧ୍ର, ନାଗାର୍ଜୁନ, କୁରୁକ୍ଷେତ୍ର ଆଦି( ବିଶ୍ୱବିଦ୍ୟାଳୟ) ସହିତ ରାଜ୍ୟ ତଥା ରାଜ୍ୟ ବାହାରର କିଛି ଅଥରାଇଜେସନ ପାଇନଥିବା ସଂସ୍ଥାନରୁ ବିଇଡି, ସିଟି ସାଟିଫିକେଟ ଆଣି ନିଯୁକ୍ତି ସମୟରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିଥିବା ଅଭିଯୋଗ ହେଉଛି । ସାଟିଫିକେଟ ଗୁଡ଼ିକ ଯଦି ସଂପୃକ୍ତ ସଂସ୍ଥା ସହିତ ଉକ୍ତ ବର୍ଷର ନାମଲେଖା ଓ ଛାତ୍ର ଉପସ୍ଥାନ ଖାତାକୁ ବିଧିବଦ୍ଧ ଭାବେ ଯାଞ୍ଚ କରାଯାଆନ୍ତା ତେବେ ପ୍ରକୃତରେ ଏମାନଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ମଧ୍ୟ ମିଳିପାରନ୍ତା । ଜାଲ ସାଟିଫିକେଟରେ ଶିକ୍ଷକ ଚାକିରି କାକଟପୁର ବ୍ଲକରେ କିଛି ନୂଆ କଥା ନୁହେଁ ପୂର୍ବରୁ କିଛି ଥିଲେ ଚାକେରିରୁ ଅବସର ନେଇଗଲାଣି ଆଉ ଏବେ କିଛି ନକଲି ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି ବୋଲି ବିଭିନ୍ନ ମହଲରେ ଅଭିଯାଗ ହେଉଛି । ପୁରୀ ଜିଲ୍ଲା ଶିକ୍ଷାବିଭାଗ ଏଭଳି ବେଆଇନ କାର୍ଯ୍ୟ ଓ ନକଲି ସାଟିଫିକେଟଧାରୀଙ୍କୁ ଠାବ କରିବା ସହିତ ସେମାନଙ୍କ ପ୍ରମାଣପତ୍ରକୁ ଯାଞ୍ଚ କରି ତଥ୍ୟକୁ ସ୍ୱର୍ବଜନୀନ କରିବା ପରିବର୍ତ୍ତେ ଚପାଇ ଦେଉଥିବା ଅଭିଯୋଗ ହୋଇଆସୁଛି । ଏହା ( ଦ୍ୱାରା) ବହୁ ପ୍ରତିଭାଧାରୀ ଛାତ୍ରଛାତ୍ରୀ ଶିକ୍ଷକ ଚାକିରି ଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।